ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୭/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, April 7/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ**
ଆଇପିଏଲ୍‌ର-୧୫ରେ ନିଜର ପ୍ରଥମ ମ୍ୟାଚରେ ବୁଧବାର ଅର୍ଦ୍ଧଶତକ ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ। ୧୬

୧୦ **‘ଆର୍‌କେ ହାଉସ୍’ରେ ବାହାଘର**
ଆସନ୍ତା ୧୫ରେ ଚେମ୍ବୁରସ୍ଥିତ ‘ଆର୍‌କେ ହାଉସ୍’ରେ ବାହାହେବେ ବଲିଉଡ୍ ଷ୍ଟାର୍ ରଣବୀର ଓ ଆଲିଆ।



# କାଶୀରେ ଗୋଟେ, ଲିଙ୍ଗରାଜ ପାଇଁ ଆଉ ଗୋଟେ





GOVERNOR'S SECRETARIAT, ODISHA
RAJ BHAVAN, BHUBANESWAR-751 008

No.CN/91/2020/ 2167 /SG, Dated: 31·3·2022

From

Shri H. N. Pattnaik,
Personal Secretary to the Governor, Odisha

To

The Chief Secretary,
Government of Odisha,
Bhubaneswar.

Sub: Shri Lingaraj Temple Ordinance, 2020.

Sir,

I am directed to forward herewith a copy of letter No.14/01/2021-Judl.&PP dated 23.03.2022 of the Deputy Secretary to Government of India, Ministry of Home Affairs along with the enclosures, wherein, the Ministry has requested to provide the requisite comments / clarifications of the Government of Odisha in order to process the Ordinance further.

I would, therefore, request to kindly take necessary steps to expedite the matter to provide the required comments / clarification of the Government of Odisha directly to the Ministry of Home Affairs under intimation to this Secretariat for kind perusal of Hon'ble Governor at the earliest.

Yours faithfully,

Personal Secretary to the Governor, Odisha

Memo No. 2168 /SG, Dated 31-3-2022

Copy forwarded to Shri Suresh Chandra Tamta, Deputy Secretary to Government of India, Ministry of Home Affairs (J&PP Section), Room No.17, 2nd Floor, Major Dhyan Chand National Stadium, New Delhi-110002 for kind information with reference to his letter dated 23.03.2022.

Personal Secretary to the Governor, Odisha

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟପାଳ ଗଣେଶୀ ଲାଲଙ୍କ ଚିଠିର ନକଲ।
**(ସ୍ୱରାଷ୍ଟ୍ର ଓ ସଂସ୍କୃତି ମନ୍ତ୍ରଣାଳୟର ଚିଠିର ନକଲ ପୃଷ୍ଠା-୩ରେ)**

**ଭୁବନେଶ୍ୱର,୬।୪(ବ୍ୟୁରୋ)**

ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଭଳି ସ୍ୱତନ୍ତ୍ର ଆଇନ ଆଣିବା ସକାଶେ ରାଜ୍ୟ ସରକାର ୨୦୨୦ରେ ଅଧ୍ୟାଦେଶ ଆଣିଛନ୍ତି। ତେବେ ଏହା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରୋକ ଲଗାଇ ସ୍ପଷ୍ଟୀକରଣ ଦେବା ନିମନ୍ତେ ରାଜ୍ୟପାଳଙ୍କ ନିକଟକୁ ଚିଠି କରିଛି। କେନ୍ଦ୍ର ସରକାର ନିଜ ଆଇନ ଥୋପି ରାଜ୍ୟର ଏହି ପୁରାତନ କୀର୍ତ୍ତିରାଜିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାକୁ ସମସ୍ତ ଷଡ଼ଯନ୍ତ୍ର କରିଛନ୍ତି ବୋଲି ଓଡ଼ିଶାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ରର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା ପ୍ରଶ୍ନ କରିଛନ୍ତି ଯେ କାଶୀ ବିଶ୍ୱନାଥ, ସୋମନାଥ ଓ କେଦାରନାଥ ମନ୍ଦିର ପାଇଁ କେନ୍ଦ୍ର ସରକାରଙ୍କ ଗୋଟେ ଏବଂ ଲିଙ୍ଗରାଜ ମନ୍ଦିର ପାଇଁ ଆଉ ଗୋଟେ ମାପକାଠି କାହିଁକି?

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି ଅନୁଯାୟୀ ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଉପରେ କେତେକ ସ୍ପଷ୍ଟୀକରଣ କେନ୍ଦ୍ର ସରକାରଙ୍କୁ ଦେବା ପାଇଁ ରାଜଭବନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗତ ମାର୍ଚ୍ଚ ୩୧ରେ ଅବଗତ କରାଯାଇଛି। ଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଆଇନ ଅଧ୍ୟାଦେଶ ଉପରେ ଆପତ୍ତି ଉଠାଇ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏକାଦଶ ଶତାବ୍ଦୀରେ ନିର୍ମିତ ଲିଙ୍ଗରାଜ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱରେ ଥିବା ୮ ମନ୍ଦିରକୁ ଏକ ସ୍ୱତନ୍ତ୍ର ଆଇନ ଅଧୀନକୁ ଆଣିବା ଓଡ଼ିଶା ବିଧାନସଭାର କ୍ଷମତା ନାହିଁ। ଏହା ଆନ୍ସିଏଣ୍ଟ ମନୁମେଣ୍ଟ୍ସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ(ଏଏମ୍ଏଏସ୍ଆର୍) ଆକ୍ଟ-୧୯୫୮ର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ଏଥିରେ ଥିବା ଅନେକ ଧାରା ଏଏମ୍ଏଏସ୍ଆର୍ ଆଇନର ବିରୋଧ କରୁଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଲିଙ୍ଗରାଜ ମନ୍ଦିର ଚାରିପଟେ ଆଧୁନିକ ଢାଞ୍ଚା ନିର୍ମାଣ କରି ଉକ୍ତ ଆଇନର ଉଲ୍ଲଂଘନ କରିଥିବା ସଂସ୍କୃତି ମନ୍ତ୍ରଣାଳୟ ଉଲ୍ଲେଖ କରିଛି। କେନ୍ଦ୍ରୀୟ ତତ୍ତ୍ୱାବଧାନରେ ଥିବା ଲିଙ୍ଗରାଜ ମନ୍ଦିର ସମେତ ୧୨ଟି ଐତିହ୍ୟ ଏବଂ ୩ ପୋଖରୀକୁ ଉକ୍ତ ଅଧ୍ୟାଦେଶ ଅଧୀନକୁ ଆଣିବା ରାଜ୍ୟ ବିଧାନସଭାର କ୍ଷମତା ବହିର୍ଭୂତ ବୋଲି ଦର୍ଶାଇ ସଂସ୍କୃତି ମନ୍ତ୍ରଣାଳୟ ଆପତ୍ତି ଉଠାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚିଠିରେ ଉଲ୍ଲେଖ କରିଛି। କେନ୍ଦ୍ରୀୟ ତତ୍ତ୍ୱାବଧାନରେ ଥିବା ଐତିହ୍ୟଗୁଡ଼ିକ ଆନ୍ସିଏଣ୍ଟ ମନୁମେଣ୍ଟ୍ସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ ଆକ୍ଟ, ୧୯୫୮(ଏଏମ୍ଏଏସ୍ଆର୍) ଦ୍ୱାରା ପରିଚାଳିତ। ଉକ୍ତ ଆଇନ ଅନୁସାରେ ନିଷିଦ୍ଧାଞ୍ଚଳ (ସୁରକ୍ଷାରେ ଥିବା ଐତିହ୍ୟର ୧୦୦ ମିଟର)ରେ କୌଣସି ନୂଆ ନିର୍ମାଣକୁ ଅନୁମତି ଦିଆଯାଇ ନ ଥାଏ। ସେହିପରି ନିଷିଦ୍ଧାଞ୍ଚଳର ୨୦୦ ମିଟର ବାହାରେ ଥିବା ଜାଗାକୁ ନିୟନ୍ତ୍ରିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥାଏ। ଏଭଳି ସ୍ଥାନରେ ମରାମତି ଓ ନୂଆ ନିର୍ମାଣ ସମ୍ପର୍କିତ କାର୍ଯ୍ୟ କରିବାକୁ ହେଲେ ଜାତୀୟ ଐତିହ୍ୟ ପ୍ରାଧିକରଣଙ୍କ ସୁପାରିସ କ୍ରମେ ଯୋଗ୍ୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆବଶ୍ୟକ। କେନ୍ଦ୍ରୀୟ ତତ୍ତ୍ୱାବଧାନରେ ଥିବା ଏହି ୧୨ ଐତିହ୍ୟର ସଂରକ୍ଷଣ ଓ ସୁରକ୍ଷା ଦାୟିତ୍ୱ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ହାତରେ ନ୍ୟସ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଅଧ୍ୟାଦେଶରେ ଥିବା କେତେକ ନିର୍ଦ୍ଦିଷ୍ଟ ନିୟମ ମଧ୍ୟ ମନ୍ଦିର/ପୋଖରୀ ସଂରକ୍ଷଣ ଓ ମରାମତି ସହ ଜଡ଼ିତ। ଏଭଳି ଦ୍ୱନ୍ଦ୍ୱ କେନ୍ଦ୍ରୀୟ ତତ୍ତ୍ୱାବଧାନରେ ଥିବା ଏହି କୀର୍ତ୍ତିରାଜିଗୁଡ଼ିକର ପରିଚଳାନା ପାଇଁ ଅନୁକୂଳ ନୁହେଁ। ଦ୍ୱୈତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ନେଇ କାର୍ଯ୍ୟ କରାଗଲେ ବିବାଦ ସୃଷ୍ଟି ହେବ। କୌଣସି ପରିସ୍ଥିତିରେ କୀର୍ତ୍ତିରାଜୀଗୁଡିକର ☞ପୃଷ୍ଠା-୩

## ‘ଚୁଲି ଭାଙ୍ଗିଛି, କହିଲେ ଗଢ଼ିଦେବି’



ଗିରଫ ଅଭିଯୁକ୍ତ ଜଗନ ମହାପାତ୍ର

**ଶ୍ରୀମନ୍ଦିର ଚୁଲି ଭଙ୍ଗା ଘଟଣା**

- ଜେଲ୍ ଗଲେ ଅଭିଯୁକ୍ତ
- ଖୋର୍ଦ୍ଧାର ଦେଉଳି ଗାଁରୁ ଧରାପଡ଼ିଲେ

**ପୁରୀ ଅଫିସ,୬।୪**

‘ଶ୍ରୀମନ୍ଦିର ରୋଷଘରେ ମୁଁ ଚୁଲି ଭାଙ୍ଗିଛି। ଯଦି କହିବେ ତାହାହେଲେ ତିଆରି କରିଦେବି।’ ଏଭଳି ସ୍ୱୀକାରୋକ୍ତି କରିଛନ୍ତି ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ଘଟଣାର ଅଭିଯୁକ୍ତ ଜଗନ ମହାପାତ୍ର (୩୦)। ପୋଲିସ ତାଙ୍କୁ ତାଙ୍କ ଗ୍ରାମ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମରୁ ଗିରଫ କରିବା ପରେ ବୁଧବାର ସେ ଗଣମାଧ୍ୟମ ସମ୍ମୁଖରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ☞ପୃଷ୍ଠା-୪

## ଭାରତରେ ପ୍ରଥମ ଏକ୍ସଇ ଭାରିଆଣ୍ଟ

**ନୂଆଦିଲ୍ଲୀ,୬।୪**

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଏକ୍ସଇ ବୁଧବାର ମୁମ୍ବାଇରେ ଚିହ୍ନଟ ହୋଇଥିବା ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଏହା ଭାରତରେ ପ୍ରଥମ ଏକ୍ସଇ ମାମଲା। ସେହିପରି କାପ୍ପା ଭାରିଆଣ୍ଟର ଗୋଟିଏ ମାମଲା ମଧ୍ୟ ଚିହ୍ନଟ ହୋଇଛି। ତେବେ ନୂଆ ଭାରିଆଣ୍ଟ ସଂକ୍ରମିତଙ୍କଠାରେ କୌଣସି ଗୁରୁତର ଲକ୍ଷଣ ଦେଖାଯାଇ ନାହିଁ। ମୁମ୍ବାଇର ମୋଟ ୨୩୦ କୋଭିଡ୍ ରୋଗୀଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିବାବେଳେ ସେଥିରୁ ୨୨୮ ଜଣଙ୍କଠାରେ ଓମିକ୍ରନ୍, ଜଣକଠାରେ କାପ୍ପା ଏବଂ ଜଣେ ଏକ୍ସଇରେ ସଂକ୍ରମିତ ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୨୧ ଜଣଙ୍କ ମଧ୍ୟରୁ ୧୨ ଜଣ ଟିକା ନେଇ ନ ଥିବା ☞ପୃଷ୍ଠା-୪

## ହୀରାକୁଦରେ ହାଇ ଲେଭଲ୍ ବ୍ରିଜ୍ ନିର୍ମାଣକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ,୬।୪**

ହୀରାକୁଦରେ ଏକ ହାଇଲେଭଲ ବ୍ରିଜ୍ ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ସୂଚନା ଦେଇଛନ୍ତି। ଉକ୍ତ ବ୍ରିଜ୍ ପାଇଁ ୨୭୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଉକ୍ତ ହାଇଲେଭଲ ବ୍ରିଜ୍ ଝାରସୁଗୁଡ଼ାର ଲଖନପୁର ବ୍ଲକ ଅନ୍ତର୍ଗତ ଭିକାମପାଲି ଅଞ୍ଚଳରେ ଥିବା ଡଙ୍ଗାଘାଟକୁ ବରଗଡ଼ ଜିଲା ଅମ୍ବାଭୋନା ଅଞ୍ଚଳରେ ଥିବା ଜରିମୁଲି ଘାଟ ସହ ସଂଯୋଗ କରିବ। ଏହା ବ୍ୟତୀତ କେନ୍ଦ୍ର ସରକାର ପାଟଣାଗଡ଼-ପଦ୍ମପୁର ରୋଡ୍‌ର ୨୧/୧୬୦ ☞ପୃଷ୍ଠା-୪

## ପେଟ୍ରୋଲ ୮୬ ଓ ଡିଜେଲ ୮୫ ପଇସା ବୃଦ୍ଧି

**ଭୁବନେଶ୍ୱର,୬।୪**

ଭାରତ ବଜାରରେ ଉଭୟ ପେଟ୍ରୋଲ ଓ ଡିଜେଲର ଦର ଉଚ୍ଚ ପରିମାଣରେ ବୃଦ୍ଧି ପାଉଛି। ଏପରିକି ଗତ ୧୬ଦିନ ମଧ୍ୟରେ ୧୪ ଥର ତେଲ ଦର ବୃଦ୍ଧି ଘଟିଲାଣି। ସେହିଭଳି କ୍ରମାଗତ ୫ମ ଦିନ ଲାଗି ସାରା ଦେଶରେ ତୈଳ ଦର ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ବୁଧବାର ଭୁବନେଶ୍ୱରରେ ପେଟ୍ରୋଲ ୮୬ ଏବଂ ଡିଜେଲ ୮୫ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୧୨.୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ୧୦୨.୨୪ ଟଙ୍କାରେ କାରବାର ହେଉଛି। ଏହି ୩ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ଉଭୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଇତିହାସର ଗତି ଓ ୟୁକ୍ରେନ ଯୁଦ୍ଧ**






ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୭ ଏପ୍ରିଲ, ୨୦୨୨

**ଅର୍ଡିନାନ୍ସ ଫ୍ୟାକ୍ଟ୍ରିର ତ୍ରୁଟିଯୁକ୍ତ ଉପକରଣ ଯୋଗୁ ୫୮୪ ଦୁର୍ଘଟଣା**

ଗୋଳାବାରୁଦ ଫ୍ୟାକ୍ଟ୍ରିର ତ୍ରୁଟିଯୁକ୍ତ ଉପକରଣ ଯୋଗୁ ଦେଶରେ ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ୫୮୪ ଦୁର୍ଘଟଣା ଘଟିଛି। ପାର୍ଲାମେଣ୍ଟରେ ବୁଧବାର ଉପସ୍ଥାପିତ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହି ବିଷୟ ସାମ୍ନାକୁ ଆସିଛି।



## ସଂକ୍ଷେପରେ

### ଆପରାଧିକ ପ୍ରକ୍ରିୟା ପରିଚୟ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୬।୪(ପି.ଟି.):** ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ବୁଧବାର ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଏହା ବଳରେ ପୋଲିସ ତଥା ତଦନ୍ତକାରୀ ଅଧିକାରୀ ଅପରାଧୀ ଏବଂ ଅଭିଯୁକ୍ତମାନଙ୍କ ଶାରୀରିକ ଓ ଜୈବିକ ନମୁନା ସଂଗ୍ରହ କରିବାକୁ କ୍ଷମତା ପାଇବେ। ସୋମବାର ଲୋକ ସଭାରେ ଉକ୍ତ ବିଲ୍ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ଧ୍ୱନିମତରେ ପାରିତ ହୋଇଛି। ବିରୋଧୀ ଦଳଗୁଡ଼ିକ ବିଲ୍‌କୁ ଅସାମ୍ବିଧାନିକ ଓ ମାନବାଧିକାର ବିରୋଧୀ ବୋଲି କହିଥିଲେ। ଏହି ବିଲ୍ ପୋଲିସ ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ଅପରାଧୀଙ୍କଠାରୁ ଦୁଇପାଦ ଆଗରେ ରଖିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ବିଲ୍ ଆଇନରେ ପରିଣତ ହେଲେ ଏହା ବନ୍ଦୀ ଆଇନ, ୧୯୨୦ ସ୍ଥାନରେ କାର୍ଯ୍ୟକାରୀ ହେବ। ତେବେ ଆନ୍ଦୋଳନ ବେଳେ ଗିରଫ ହେଉଥିବା ରାଜନେତାଙ୍କ ବାୟୋମେଟ୍ରିକ ତଥ୍ୟ ସଂଗ୍ରହ କରାଯିବ ନାହିଁ ବୋଲି ଶାହା କହିଥିଲେ। ଏହା ବ୍ୟତୀତ ଅପରାଧୀମାନଙ୍କ ସମସ୍ତ ତଥ୍ୟକୁ ସରକାର ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବେ ଏବଂ କାହାର ବ୍ୟକ୍ତି ସ୍ୱାଧୀନତା ଓ ମାନବାଧିକାର ଉଲ୍ଲଂଘନ ହେବାକୁ ଦିଆଯିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

### ଗାଦି ଛାଡ଼ିବେନି ଗୋଟାବାୟା

**କଲମ୍ବୋ, ୬।୪:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ସପ୍ତାହେ ହେଲା ସରକାରୀ ବିରୋଧୀ ଆନ୍ଦୋଳନ ଏବଂ ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠତା ହରାଇବା ସତ୍ତ୍ୱେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ କ୍ଷମତାରୁ ହଟିବେ ନାହିଁ ବୋଲି ବୁଧବାର କହିଛନ୍ତି। ଗୋଟାବାୟାଙ୍କ ଦଳର ମୁଖ୍ୟ ସଚେତକ ତଥା ରାଜପଥ ମନ୍ତ୍ରୀ ଜନ୍‌ଷ୍ଟୋନ୍ ଫର୍ଣ୍ଣାଣ୍ଡୋ ପାର୍ଲାମେଣ୍ଟରେ ଏହି ସୂଚନା ଦେଇଛନ୍ତି। ଗୋଟାବାୟାଙ୍କ ଇସ୍ତଫା ନେଇ ବିରୋଧୀ ପାର୍ଲାମେଣ୍ଟରେ ଦାବି ଉଠାଇଥିବାବେଳେ ରାଷ୍ଟ୍ରପତି କ୍ଷମତାରେ ରହି ଏହି ସମସ୍ୟାକୁ ସାମ୍ନା କରିବେ ବୋଲି ଫର୍ଣ୍ଣାଣ୍ଡୋ କହିଛନ୍ତି। ଘୋର ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ମୁଦ୍ରାସ୍ଫୀତି ବହୁମାତ୍ରାରେ ବୃଦ୍ଧି ପାଇଛି। ସରକାରଙ୍କ ବିରୋଧରେ ଲୋକେ ରାଜରାସ୍ତାରେ ଆନ୍ଦୋଳନ ଚଳାଇଛନ୍ତି। ଅନ୍ୟପକ୍ଷରେ ଏପ୍ରିଲ ୧ରୁ ଦେଶରେ ଜାରି ହୋଇଥିବା ଜରୁରୀକାଳୀନସ୍ଥିତିକୁ ଶ୍ରୀଲଙ୍କା ସରକାର ମଙ୍ଗଳବାର ରାତିରେ ହଟାଇ ଦେଇଛନ୍ତି।

### ହିଜାବ ବିବାଦରେ ଏକାଠି ହୁଅନ୍ତୁ ମୁସଲମାନ: ଅଲ୍-କାଏଦା ମୁଖ୍ୟ

**ନୂଆଦିଲ୍ଲୀ,୬।୪:** କର୍ନାଟକରେ ନିକଟରେ ଦେଖାଦେଇଥିବା ହିଜାବ ବିବାଦକୁ ନେଇ ଅଲ୍‌କାଏଦା ମୁଖ୍ୟ ଆଏମାନ୍ ଅଲ୍-ଜୱାହିରି ଭାରତର ଗଣତନ୍ତ୍ରକୁ ଟାର୍ଗେଟ କରିଛନ୍ତି। ହିଜାବ ବିବାଦରେ ମୁସଲମାନମାନେ ଏକାଠି ହେବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଭାରତର ନାସ୍ତିକ ଗଣତନ୍ତ୍ର ଧୋକା ଦେଉଥିବା ସେ ଅଭିଯୋଗ କରିଛନ୍ତି। ଆତଙ୍କବାଦୀ ସଂଗଠନ ଅନ୍‌ଲାଇନରେ ୮.୪୩ ମିନିଟର ଭିଡିଓ କ୍ଲିପ୍ ଜାରି କରିଛି, ଯେଉଁଥିରେ ଜୱାହିରି କର୍ନାଟକ କଲେଜ ଛାତ୍ରୀ ମୁସ୍କାନ୍ ଖାନ୍‌ଙ୍କୁ ପ୍ରଶଂସା କରୁଥିବା ଦେଖାଯାଇଛି। ଗତ ଫେବୃୟାରୀରେ କର୍ନାଟକର ବିଭିନ୍ନ କଲେଜରେ ହିଜାବକୁ ବିରୋଧ କରାଯାଇଥିଲା। ବିରୋଧ ପ୍ରଦର୍ଶନ କରୁଥିବା ଏକ ଛାତ୍ର ଗୋଷ୍ଠୀ ସହ ମୁସ୍କାନ୍‌ଙ୍କର ମୁହାଁମୁହିଁ ହୋଇଥିଲା ଓ ସେ ଆଲ୍ଲା ହୋ ଆକବର ନାରା ସ୍ଲୋଗାନ ଦେଇଥିଲେ। ଜୱାହିରିଙ୍କ ଏହି ଭିଡ଼ିଓ ମୁସ୍କାନଙ୍କ ବାପା ବିରୋଧ କରିଛନ୍ତି। ତାଙ୍କ ଝିଅକୁ ପ୍ରଶଂସା କରିବାକୁ ସେ କିଏ ବୋଲି ମୁସ୍କାନଙ୍କ ବାପା ପ୍ରଶ୍ନ କରିଛନ୍ତି।

### ତିଳକ ଲଗାଇଥିବାରୁ ଛାତ୍ରୀଙ୍କୁ ପିଟିଲେ ଶିକ୍ଷକ

**ଶ୍ରୀନଗର, ୬।୪:** ଜମ୍ମୁ-କଶ୍ମୀରର ରଜୌରି ଜିଲାରେ ଜଣେ ଛାତ୍ରୀ ମୁଣ୍ଡରେ ତିଳକ ଲଗାଇ ସ୍କୁଲ ଯାଇଥିବାରୁ ସେଠାରେ ଜଣେ ଶିକ୍ଷକ ତାଙ୍କୁ ମାଡ଼ ମାରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ପରେ ରଜୌରି ଡେପୁଟି କମିଶନର ଶିକ୍ଷକ ନିସାର ଅହମ୍ମଦ୍‌ଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ନିସାର ଦୁଇ ଛାତ୍ରୀଙ୍କୁ ପିଟୁଥିବାର ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

# ‘କୁ’ରେ ସେଲ୍ଫ-ଭେରିଫିକେଶନ

ମାଇକ୍ରୋବ୍ଲଗିଂ ତଥା ସୋସିଆଲ ନେଟୱର୍କ ଆପ୍ଲିକେଶନ ‘କୁ’ ସେଲ୍ଫ ଭେରିଫିକେଶନ ଫିଚର ଆଣିଛି। କୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏହି ସୁବିଧା ଆଣିବାରେ ‘କୁ’ ପ୍ରଥମ। ସରକାରଙ୍କ ଦ୍ୱାରା ଅନୁମୋଦିତ ପରିଚୟପତ୍ର ଯଥା ଆଧାର କାର୍ଡର ବ୍ୟବହାର ଦ୍ୱାରା ଯେ କୌଣସି ବ୍ୟକ୍ତି ‘କୁ’ରେ ସେମାନଙ୍କ ପ୍ରୋଫାଇଲ୍‌କୁ ନିଜେ ଭେରିଫାଏ କରିପାରିବେ। ମାତ୍ର ୩୦ ସେକେଣ୍ଡରେ ୟୁଜର୍ସଙ୍କ ଆକାଉଣ୍ଟ ଭେରିଫାଏ ହୋଇପାରିବ ବୋଲି ‘କୁ’ ପକ୍ଷରୁ କୁହାଯାଇଛି। ଏହାପରେ ‘କୁ’ ୟୁଜର୍ସଙ୍କ ପ୍ରୋଫାଇଲରେ ବ୍ଲୁ ଟିକ୍ ମାର୍କ ଦେଖିବାକୁ ମିଳିବ। ଭେରିଫିକେଶନ ସହ ଜଡ଼ିତ ୟୁଜର୍ସଙ୍କ କୌଣସି ତଥ୍ୟକୁ ‘କୁ’ ଷ୍ଟୋର କରିବ ନାହିଁ ବୋଲି କୁହାଯାଇଛି।


# ଇଭାଙ୍କା ଟ୍ରମ୍ପ୍‌ଙ୍କୁ ଜେରା



ଗତବର୍ଷ ଜାନୁୟାରୀ ୬ କ୍ୟାପିଟୋଲ ହିଂସା ଘଟଣାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଝିଅ ଇଭାଙ୍କା ଟ୍ରମ୍ପ୍‌ଙ୍କୁ ତଦନ୍ତକାରୀ କମିଟି ଜେରା କରିଛି। ସଂସଦୀୟ କମିଟି ଆଗରେ ମଙ୍ଗଳବାର ଇଭାଙ୍କା ହାଜର ହେବା ପରେ ତାଙ୍କୁ ୮ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ଏହା ପୂର୍ବରୁ ଉକ୍ତ କମିଟି ତାଙ୍କ ସ୍ୱାମୀ ଜାରେଡ୍ କୁଶ୍‌ନରଙ୍କ ବୟାନ ରେକର୍ଡ କରିଥିଲା। ଘଟଣା ସମୟରେ ଇଭାଙ୍କା ଏବଂ ଜାରେଡ୍ ହ୍ୱାଇଟ୍ ହାଉସ୍‌ର ପରାମର୍ଶଦାତା ଥିଲେ। କ୍ୟାପିଟୋଲ ଦଙ୍ଗାବେଳେ ଉଭୟେ ହିଂସାକାରୀଙ୍କୁ ରୋକିବାକୁ ଟ୍ରମ୍ପ୍‌ଙ୍କୁ କହିଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏ ପର୍ଯ୍ୟନ୍ତ ଏହି କମିଟି ଶତାଧିକ ଲୋକଙ୍କୁ ଜେରା କରି ବହୁ ଦସ୍ତାବିଜ୍ ଏକାଠି କରିଛି।

**ରୁଷିଆ ଉପରେ ନୂଆ କଟକଣା**

# ଟାର୍ଗେଟରେ ପୁଟିନ୍‌ଙ୍କ ପରିବାର



ମାରିୟା ପୁଟିନା



କ୍ୟାଟେରିନା ଟିଖୋନୋଭା

**ୱାଶିଂଟନ୍, ୬।୪**

ୟୁକ୍ରେନ୍‌ରେ ଯୁଦ୍ଧ ଅପରାଧ ଏବଂ ବୁଚା ଗଣହତ୍ୟା ପାଇଁ ରୁଷିଆକୁ ଦାୟୀ କରି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୁଇ ଝିଅ ଓ ରୁଷୀୟ ବ୍ୟାଙ୍କଗୁଡ଼ିକ ଉପରେ ଆମେରିକା କଟକଣା ସହ ଜରିମାନା ଲଗାଇଛି। ରୁଷିଆର ଦୁଇ ପ୍ରମୁଖ ବ୍ୟାଙ୍କ ସବରବ୍ୟାଙ୍କ ଏବଂ ଆଲ୍‌ଫା ବ୍ୟାଙ୍କରୁ ଅର୍ଥ ଆମେରିକା ଫାଇନାନ୍ସିଆଲ ସିଷ୍ଟମ ଦେଇ କାରବାର ହେବା ଉପରେ କଟକଣା ଲଗାଯାଇଛି। ଏଥିସହ ଏହି ଦୁଇ ବ୍ୟାଙ୍କ୍ ସହ ଆମେରିକା ବ୍ୟବସାୟୀମାନେ କାରବାର କରିପାରିବେ ନାହିଁ ବୋଲି ଜୋ ବାଇଡେନ୍‌ଙ୍କ ସରକାର ଘୋଷଣା କରିଛନ୍ତି।

ପୁଟିନ୍‌ଙ୍କ ଝିଅ ମାରିୟା ପୁଟିନା ଏବଂ କ୍ୟାଟେରିନା ଟିଖୋନୋଭାଙ୍କ ସମେତ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ ମିଶୁଷ୍ଟିନ୍, ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍‌ଙ୍କ ପରିବାର, ରୁଷିଆ ସୁରକ୍ଷା ପରିଷଦର ସଦସ୍ୟଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ଡିମିଟ୍ରି ମେଡ୍‌ଭେଡେଭ୍‌ଙ୍କ ଉପରେ ମଧ୍ୟ ଆମେରିକା କଟକଣା ଲଗାଇଛି। ଏହାଦ୍ୱାରା ପୁଟିନ୍‌ଙ୍କ ପରିବାର ଏବଂ ଅନ୍ୟମାନେ ସମ୍ପୂର୍ଣ୍ଣ ଭାବେ ଆମେରିକାର ଫାଇନାନ୍ସିଆଲ ସିଷ୍ଟମରୁ ବାଦ୍ ପଡ଼ିବେ। ଏଥିସହ ଆମେରିକାରେ ଥିବା ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ବୁଚା ଗଣହତ୍ୟା ରୁଷିଆକୁ ମହଙ୍ଗା ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି।

# ୟୁକ୍ରେନ୍ ଫେରନ୍ତା ପିଲାଙ୍କ କ୍ରୋକ୍ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,୬।୪**

- ପାଠପଢ଼ା ଜାରି ରଖିବା ଲାଗି ପଡୋଶୀ ଦେଶଙ୍କ ପ୍ରତିଶ୍ରୁତି
- ବୁଚା ହତ୍ୟାକାଣ୍ଡକୁ ଭାରତର ନିନ୍ଦା

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ଭାରତ ଦୃଢ଼ ବିରୋଧ କରୁଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବୁଧବାର ପାର୍ଲାମେଣ୍ଟରେ କହିଛନ୍ତି। ନୂଆଦିଲ୍ଲୀ ଶାନ୍ତି ପକ୍ଷ ନେବା ସହ ତୁରନ୍ତ ହିଂସା ବନ୍ଦ ହେବା ଚାହେଁ। ରକ୍ତପାତ ଏବଂ ନିରୀହ ଲୋକଙ୍କ ଜୀବନ ନେବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। ବୁଚା ସହରରେ ନିରୀହ ଲୋକଙ୍କୁ ହତ୍ୟା ଘଟଣାକୁ ଭାରତ ଦୃଢ଼ ନିନ୍ଦା କରୁଛି ବୋଲି ଜୟଶଙ୍କର କହିଥିଲେ।

ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ରୁ ଫେରାଇ ଅଣାଯାଇଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଜାରି ରଖିବା ଲାଗି କେନ୍ଦ୍ର ସରକାର ୟୁକ୍ରେନ୍‌ର ପଡୋଶୀ ହଙ୍ଗେରି, ରୋମାନିଆ, କାଜାକିସ୍ତାନ ଓ ପୋଲାଣ୍ଡ ସହ କଥାବାର୍ତ୍ତା ଜାରି ରଖିଛି। ଲୋକ ସଭାରେ ୟୁକ୍ରେନ୍ ସ୍ଥିତି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଜୟଶଙ୍କର କହିଥିଲେ, ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପରବର୍ତ୍ତୀ ଶିକ୍ଷାବର୍ଷ ଲାଗି ବାଧ୍ୟତାମୂଳକ କ୍ରୋକ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଷଷ୍ଠ ବର୍ଷ ସେମାନଙ୍କୁ କ୍ରୋକ୍-୨ ପରୀକ୍ଷା ବିନା ଡିଗ୍ରୀ ପ୍ରଦାନ କରାଯିବ ବୋଲି ୟୁକ୍ରେନ୍ ସରକାର ନିଷ୍ପତ୍ତି ନେଇଥିବା ଜୟଶଙ୍କର ଗୃହକୁ କହିଛନ୍ତି। ୟୁକ୍ରେନ୍ ଫେରନ୍ତା ଭାରତୀୟ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପୂର୍ଣ୍ଣ କରାଇବା ଲାଗି ହଙ୍ଗେରି ଏହାର ବିଶ୍ୱବିଦ୍ୟାଳୟରେ ସୁଯୋଗ ଦେବ ବୋଲି କହିଛି। ସେହିପରି ରୋମାନିଆ, ପୋଲାଣ୍ଡ, କାଜାକିସ୍ତାନ ମଧ୍ୟ ଅନୁରୂପ ପ୍ରତିଶ୍ରୁତି ଦେଇଛନ୍ତି। ଏହିସବୁ ଦେଶରେ ସମାନ ଶିକ୍ଷାବ୍ୟବସ୍ଥା ରହିଥିବା ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

# ବଳାତ୍କାରର ପୌରାଣିକ ଉଦାହରଣ ଦେଇ ଏଏମ୍‌ୟୁ ପ୍ରଫେସର ନିଲମ୍ବିତ

**ଆଲିଗଡ଼,୬।୪**

ହିନ୍ଦୁ ଧର୍ମର ପୁରାଣଶାସ୍ତ୍ରରେ ବଳାତ୍କାରର ଉଦାହରଣ ରହିଥିବା କହି ଆଲିଗଡ ମୁସ୍‌ଲିମ ୟୁନିଭର୍ସିଟି (ଏଏମ୍‌ୟୁ)ର ଜଣେ ପ୍ରଫେସର ବୁଧବାର ନିଲମ୍ବିତ ହୋଇଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର ଡ. ଜିତେନ୍ଦ୍ର କୁମାର ଜବାହରଲାଲ୍ ନେହେରୁ ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କୁ ଫୋରେନ୍‌ସିକ୍ ସାଇନ୍ସ ବିଷୟ ପଢ଼ାଉଥିବାବେଳେ ହିନ୍ଦୁ ଦେବଦେବୀ ବଳାତ୍କାରରେ ସମ୍ପୃକ୍ତ ଥିବା କଥା କହିଥିଲେ। ଏହା ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗ କରି ଉତ୍ତେଜନା ଦେଖାଦେବାରୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ତାଙ୍କ ବିରୋଧରେ କ’ଣ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ୨୪ ଘଣ୍ଟା ମଧ୍ୟରେ ଜବାବ ଦେବା ଲାଗି ଜିତେନ୍ଦ୍ରଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିଲା। ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୁଇ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ। ତେବେ କମିଟି ରିପୋର୍ଟ ଦେବା ପୂର୍ବରୁ ଘଟଣାର ଗମ୍ଭୀରତା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି। ନୋଟିସ ପାଇବା ପରେ ପ୍ରଫେସର ଜଣକ କ୍ଷମା ମାଗିଥିଲେ। ସେ ଏଏମ୍‌ୟୁ କୁଳପତି ତାରିକ୍ ମନ୍‌ସୁରଙ୍କୁ ପତ୍ର ଲେଖି କୌଣସି ନିର୍ଦ୍ଦିଷ୍ଟ ଧର୍ମର ଧର୍ମୀୟ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି କହିଛନ୍ତି।

# ଖୋଳିଥିବା ସିନ୍ଧିରେ ଫସିଲେ ଚୋର

**ଶ୍ରୀକାକୁଲମ,୬।୪**

**ଉଦ୍ଧାର କଲେ ଗ୍ରାମବାସୀ**

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ଥିବା ଜାମି ୟେଲାମ୍ମା ମନ୍ଦିରରୁ ଅଳଙ୍କାର ଚୋରି କରିବା ଲାଗି ଚୋର କାନ୍ଥରେ କରିଥିବା ସିନ୍ଧିରେ ନିଜେ ଫସିଯାଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରିବା ପରେ ପୋଲିସ ଜିମା ଦେଇଛନ୍ତି। ଏହା କର୍ମର ତତ୍କାଳ ଫଳର ସବୁଠୁ ଭଲ ଉଦାହରଣ ବୋଲି କୁହାଯାଇପାରେ। ପାପା ରାଓ (୩୦) ନାମକ ଚୋର ଖୋଳିଥିବା ଗର୍ତ୍ତ ଦେଇ ମନ୍ଦିର ଭିତରେ ପ୍ରବେଶ କରିବା ପରେ ଅଳଙ୍କାର ଚୋରି କରିଥିଲେ। କିନ୍ତୁ ସେହି ସିନ୍ଧି ଦେଇ ମନ୍ଦିରରୁ ବାହାରିବା ସମ୍ଭବ ହେଲା ନାହିଁ। ଗାତରୁ ବାହାରି ନ ପାରି ଚୋର ଜଣକ ନିଜକୁ ବଞ୍ଚାଇବା ପାଇଁ ଚିତ୍କାର କରିବାରୁ ଲୋକେ ପହଞ୍ଚି ତାଙ୍କୁ ଧରିଥିଲେ। ପରେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା।



# ଜାତିସଂଘ ଅପାରଗ: ପୋପ୍

**ଭାଟିକାନ୍ ସିଟି, ୬।୪**

ୟୁକ୍ରେନ୍‌ରେ ଯୁଦ୍ଧ ରୋକିବାରେ ଜାତିସଂଘର ଅପାରଗତା ପଦାକୁ ଆସିଛି ବୋଲି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ବୁଧବାର କହିଛନ୍ତି। ଏଥିସହ ବୁଚା ଗଣହତ୍ୟାକୁ ନିନ୍ଦା କରିବା ସହ ସେହି ସହରରୁ ଯାଇଥିବା ୟୁକ୍ରେନ୍‌ର ଏକ ଜାତୀୟ ପତାକାକୁ ପୋପ୍ ଚୁମ୍ବନ ଦେଇ ପ୍ରାର୍ଥନା କରିଛନ୍ତି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଶାନ୍ତି ସ୍ଥାପନର ଖବର ଆସିବା ପରିବର୍ତ୍ତେ ବୁଚା ନରସଂହାର ଭଳି ଘଟଣା ବିବ୍ରତ କରିଛି ବୋଲି ପୋପ୍ ଭାଟିକାନ୍ ଅଡିଟୋରିୟମରେ ସମ୍ବୋଧନବେଳେ କହିଛନ୍ତି। ଅସ୍ତ୍ରକୁ ନୀରବ ରଖି ଯୁଦ୍ଧ ବନ୍ଦ କର ଏବଂ ଧ୍ୱଂସଲୀଳାକୁ ଶେଷ କର ବୋଲି ପୋପ୍ ଆହ୍ୱାନ ଦେଇଛନ୍ତି।



ବୁଚା ସହରରୁ ଯାଇଥିବା ୟୁକ୍ରେନ୍‌ର ଜାତୀୟ ପତାକାକୁ ପୋପ୍ ଫ୍ରାନ୍ସିସ୍ ଧରିଛନ୍ତି।

# ଅନାସ୍ଥା ପଛରେ ଆମେରିକାର ଷଡ଼ଯନ୍ତ୍ର ନାହିଁ

**ଇସ୍‌ଲାମାବାଦ, ୬।୪**

**୬୪% ପାକିସ୍ତାନୀଙ୍କ ମତ**



ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପଛରେ ଆମେରିକାର ହାତ ନାହିଁ ବୋଲି ଅଧିକାଂଶ ପାକିସ୍ତାନୀ ନାଗରିକଙ୍କ ମତ। ଏ ନେଇ ଗ୍ୟାଲ୍‌ଅପ୍ ପାକିସ୍ତାନ ସର୍ଭେ ପକ୍ଷରୁ ହୋଇଥିବା ସର୍ବେକ୍ଷଣ ରିପୋର୍ଟରୁ ଜଣାପଡ଼ିଛି। ସର୍ଭେ ଅନୁସାରେ ଇମ୍ରାନଙ୍କୁ ଶାସନରୁ ହଟାଇବା ପଛରେ ଆମେରିକାର ଷଡ଼ଯନ୍ତ୍ର ନ ଥିବା ୬୪ ପ୍ରତିଶତ ପାକିସ୍ତାନୀ ବିଶ୍ୱାସ କରନ୍ତି। ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି, ଶାସନରେ ବିଫଳତା ହିଁ ଅନାସ୍ଥା ପ୍ରସ୍ତାବ ପଛର ମୁଖ୍ୟ କାରଣ ବୋଲି ସେମାନେ ମତ ରଖିଛନ୍ତି। ତେବେ ଇମ୍ରାନଙ୍କ ପିଟିଆଇ ସରକାରକୁ ହଟାଇବା ପାଇଁ ଆମେରିକା ଚକ୍ରାନ୍ତ କରିଥିବା ୩୬ ପ୍ରତିଶତ ପାକିସ୍ତାନୀ ବିଶ୍ୱାସ କରନ୍ତି। ଏପ୍ରିଲ ୩ରୁ ୪ ମଧ୍ୟରେ ପ୍ରାୟ ୮୦୦ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା।

ସର୍ଭେ ଅନୁସାରେ, ୬୪% ଲୋକ ବିରୋଧୀଙ୍କ ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ୩୬% ଇମ୍ରାନଙ୍କ ସପକ୍ଷରେ ରହି ବିରୋଧୀ ଦଳର କାର୍ଯ୍ୟକୁ ସମର୍ଥନ ଦେଇନାହାନ୍ତି। କେବଳ ପଞ୍ଜାବ ଏବଂ ଖାଇବର ପାଖ୍‌ତୁନଖ୍ୱା ପ୍ରଦେଶର ଯଥାକ୍ରମେ ୬୨ ଓ ୫୧% ଲୋକ ମୁଦ୍ରାସ୍ଫୀତି ବୃଦ୍ଧି ପାଇଁ ଇମ୍ରାନ୍‌ଙ୍କ ସରକାରକୁ ଦାୟୀ କରିଛନ୍ତି। ମୋଟ ଉପରେ ୫୪% ପାକିସ୍ତାନୀ ଇମ୍ରାନ୍‌ଙ୍କ ଶାସନ ପ୍ରକ୍ରିୟାକୁ ବିରୋଧ କରୁଥିବାବେଳେ ୪୬% ଲୋକଙ୍କ ସମର୍ଥନ ପିଟିଆଇ ସରକାରଙ୍କ ସହ ରହିଛି। ଅପରପକ୍ଷେ ଇମ୍ରାନଙ୍କ ପୁନଃ ନିର୍ବାଚନ ନିଷ୍ପତ୍ତିକୁ ୬୮%ଙ୍କ ସମର୍ଥନ ମିଳିଛି। ଆମେରିକାର ୭୨% ପାକିସ୍ତାନୀ ଶତ୍ରୁ ବିବେଚନା କରୁଥିବାବେଳେ ମାତ୍ର ୨୮% ବନ୍ଧୁ ରାଷ୍ଟ୍ର ବୋଲି ମନେ କରୁଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

## ଇମ୍ରାନ୍‌ଙ୍କ ବିରୋଧରେ ବେଆଇନ ଫଣ୍ଡିଂ ମାମଲା

ପିଟିଆଇ ନେତା ଇମ୍ରାନ ଖାନ୍‌ଙ୍କ ବିରୋଧରେ ଆମେରିକାରେ ବେଆଇନ ଅର୍ଥ କାରବାର ମାମଲା ଚାଲିଥିବା ବିରୋଧୀ ପିଏମ୍‌ଏଲ୍-ଏନ୍ ନେତା ଏହସାନ୍ ଇକ୍‌ବାଲ ଦାବି କରିଛନ୍ତି। ଏହି କାରଣରୁ ଇମ୍ରାନ ଆମେରିକା ବିରୋଧୀ ଆଭିମୁଖ୍ୟ ରଖି ଅନାସ୍ଥା ପ୍ରସ୍ତାବ ବିଦେଶୀ ଶକ୍ତି ପ୍ରାୟୋଜିତ ବୋଲି କହୁଛନ୍ତି। ଏପରିକି ଉପସାଗରୀୟ ରାଷ୍ଟ୍ରଗୁଡ଼ିକରୁ ମିଳିଥିବା ଉପହାରକୁ ଇମ୍ରାନ ବଜାରରେ ବିକ୍ରି କରିଥିବା ମଧ୍ୟ ଇକ୍‌ବାଲ ଅଭିଯୋଗ ଆଣିଛନ୍ତି।

ଇସ୍‌ଲାମାବାଦରେ ଗଣମାଧ୍ୟମକୁ ସୂଚନା ଦେଇ ଇକ୍‌ବାଲ କହିଛନ୍ତି, ଇମ୍ରାନ୍ ଆମେରିକାରେ ବେଆଇନ କାର୍ଯ୍ୟକଳାପ ଏବଂ ପାଣ୍ଠି କାରବାରରେ ଜଡ଼ିତ। ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହେବାକୁ ଯାଉଛି। ସହଯୋଗୀ ମେଣ୍ଟରୁ ଓହରିଯିବା ଏବଂ ଆମେରିକାରେ ତାଙ୍କ ବିରୋଧରେ ତଦନ୍ତ ହେବାକୁ ଯାଉଥିବା ଜାଣିବା ପରେ ହଠାତ୍ ଇମ୍ରାନ୍ ଅନାସ୍ଥା ପ୍ରସ୍ତାବ ପଛରେ ବିଦେଶୀ ଷଡ଼ଯନ୍ତ୍ର କରାଯାଉଥିବାର କାହାଣୀ ରଚିଥିଲେ ବୋଲି ଇକ୍‌ବାଲ କହିଛନ୍ତି।

# ଶବ୍ଦ ପ୍ରଦୂଷଣ ନିୟମ ପାଳନ କର

**ବେଙ୍ଗାଲୁରୁ,୬।୪(ପି.ଟି.)**

**ଆଜାନ ପ୍ରସଙ୍ଗରେ ମସ୍‌ଜିଦଗୁଡ଼ିକୁ ନିର୍ଦ୍ଦେଶ**


ମସ୍‌ଜିଦରେ ଡାକବାଜି ଯନ୍ତ୍ରର ଉତ୍କଟ ଶବ୍ଦକୁ ବିରୋଧ କରି କେତେକ ହିନ୍ଦୁ ସଂଗଠନ ଏହାକୁ ବନ୍ଦ କରିବା ଲାଗି ଦାବି କରିଥିଲେ। ଅନୁମୋଦିତ ଡେସିବେଲ୍ ସ୍ତରରେ ଡାକବାଜି ଯନ୍ତ୍ରର ଶବ୍ଦକୁ ସୀମିତ ରଖିବା ଲାଗି କର୍ନାଟକର ମସ୍‌ଜିଦଗୁଡ଼ିକୁ ପୋଲିସ ନୋଟିସ ପଠାଇଛି।

କର୍ନାଟକର ମସ୍‌ଜିଦଗୁଡ଼ିକରୁ ଅତି ଉଚ୍ଚ ଶବ୍ଦରେ ଆଜାନ ପଢ଼ାଯାଉଥିବାରୁ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକେ ଅତିଷ୍ଠ ହୋଇପଡ଼ିଲେଣି। କେତେକ ମସ୍‌ଜିଦ ନିକଟରେ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି। ଡାକବାଜି ଯନ୍ତ୍ର ବନ୍ଦ କରିବା ଲାଗି କେତେକ ହିନ୍ଦୁ ସଂଗଠନ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। କେବଳ ବେଙ୍ଗାଲୁରୁରେ ପ୍ରାୟ ୨୫୦ ମସ୍‌ଜିଦ ରହିଛି। ନୋଟିସ ପାଇବା ପରେ ମସ୍‌ଜିଦ କର୍ତ୍ତୃପକ୍ଷ ଶବ୍ଦକୁ ନିର୍ଦ୍ଦିଷ୍ଟ ସ୍ତର ମଧ୍ୟରେ ସୀମିତ ରଖିବା ଲାଗି ଉପକରଣ ଲଗାଇବା ଆରମ୍ଭ କରିଛନ୍ତି। ଧର୍ମୀୟ ସଂଗଠନ, ପବ୍, ନାଇଟ୍ କ୍ଲବ ଓ ଅନ୍ୟ ଅନୁଷ୍ଠାନ ତଥା ବିଭିନ୍ନ ଉତ୍ସବରେ ଶବ୍ଦ ପ୍ରଦୂଷଣ ନିୟମ ପାଳନ ହେଉଛି କି ନାହିଁ ତାହା ଯାଞ୍ଚ କରିବା ଲାଗି କର୍ନାଟକ ପୋଲିସ ମହାନିର୍ଦ୍ଦେଶକ ପ୍ରବୀଣ ସୁଦ୍ ସମସ୍ତ ପୋଲିସ କମିଶନର, ଆଇଜି ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମସ୍‌ଜିଦରେ ଡାକବାଜି ଯନ୍ତ୍ରର ଅପବ୍ୟବହାର ରୋକିବା ଲାଗି ମଙ୍ଗଳବାର ବିଭିନ୍ନ ଥାନାକୁ ସ୍ମାରକପତ୍ର ଦିଆଯାଇଥିଲା। ଡିଜିପିଙ୍କ ନିର୍ଦ୍ଦେଶ ପରେ ବେଙ୍ଗାଲୁରୁ ପୋଲିସ ବିଭିନ୍ନ ମସ୍‌ଜିଦକୁ ନୋଟିସ ଜାରି କରିଛି। ଡାକବାଜି ଯନ୍ତ୍ର ଶବ୍ଦକୁ ନିୟନ୍ତ୍ରଣ କରିବା ଲାଗି ଉପକରଣ ଲଗାଯାଉଛି ବୋଲି ବେଙ୍ଗାଲୁରୁ ଜାମା ମସ୍‌ଜିଦର ଖାତିମ୍-ଓ-ଇମାମ ମକ୍‌ସୁଦ୍ ଇମ୍ରାନ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୪୫,୦୪,୭୧୨ | ୬୧,୮୫,୧୧୪ | ୪୩,୦୦,୨୬,୦୬୭ |
| ଭାରତ | ୪,୩୦,୩୦,୯୨୫ | ୫,୨୧,୫୧୮ | ୪,୨୪,୯୭,୫୬୭ |
| ଓଡ଼ିଶା | ୧୨,୮୭,୭୭୩ | ୯୧୨୧(+୫୩) | ୧୨,୭୮,୪୧୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


C.R.No. 2068231/2021

File No T-19011/2/2021-O/o SA(MONU.)
Government of India
Ministry of Culture
ASI Section

First Floor, CSL Building,
Shastri Bhawan, New Delhi
Dated: 14th June, 2021

OFFICE MEMORANDUM

Subject: Shri Lingaraj Temple Ordinance, 2020 - regarding

The undersigned is directed to refer to Judicial and PP Section, Judicial Wing, Ministry of Home Affairs OM No 14/01/2021-Judl.&PP dated 19.01.2021 on the subject cited above and to say that the ordinance titled 'Shri Lingaraj Temple Ordinance, 2020' has been examined in the Ministry in consultation with the Archeological Survey of India (ASI). The comments of this Ministry on Shri Lingaraj Temple Ordinance, 2020 are enclosed herewith.

2. This issues with the approval of Competent Authority.

(Arnab Aich)
Under Secretary to the Government of India

Encl: A/A

To,

Shri V.K Patnayak
(email: usjpp-mha@gov.in)
Under Secretary, Judicial & PP Section,
2nd Floor, Ministry of Home Affairs,
North Block, New Delhi -110001

The clause 17(3) of the Ordinance refers to lease or sale of movable or immovable property. Movable property may include archaeological or artistic object (means antiquity) and in that case it will be in conflict with the AMASR Act, 1958 or AAT Act, 1972.

Clause 22(2d) of the Ordinance provides certain powers to the Temple Committee to undertake repairs by them. Archaeological Survey of India is responsible for conservation and preservation of all Centrally Protected Monuments. Therefore, this clause is in contradiction with the provision of the AMASR Act, 1958.

Clause 22(3) of the Ordinance refers to special Darshan on payment of fee. This clause is against provision of existing agreement executed between ASI and Temple Management;

Annexure-I

Template for Examination by the Line Ministries

While examining the Ordinance, the Ministry/Department concerned will examine the Ordinance in respect of the following: (Comments of the Ministry/Department should be objective and not subjective. There is no space for personal views having no legal or statutory backing.)

1. Whether the proposed legislation is Constitutionally valid: Yes

-No Comments-

2. Whether there is any conflict with an existing Central Law ? : Yes

(iv) Reasons due to which this conflict cannot be permitted consciously.

1. The conflict would always remain while taking up Conservation and Preservation work of the 12 Centrally Protected Monuments and also to maintain them in its

Article 14.05 "Priority should be given to interventions that employ the reuse of ancillary or secondary portions of a monument or complex. Whilst the main monument should not be subjected to any reuse, ancillary or secondary structures within these monument complexes may be considered for "sympathetic and compatible" reuse subject to restrictions as prescribed in Articles 3.06, 14.02 and 14.03."

ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଉପରେ ଆପତ୍ତି ଉଠାଇଥିବା ସଂସ୍କୃତି ମନ୍ତ୍ରଣାଳୟର ମେମୋରାଣ୍ଡମ୍‌ର ନକଲ।


## କାଶୀରେ ଗୋଟେ, ଲିଙ୍ଗରାଜ ପାଇଁ...

ପ୍ରଥମ ପୃଷ୍ଠାରୁ...

ମୂଳ ଢାଞ୍ଚାରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ୨/୩ଥର ସ୍ପଷ୍ଟୀକରଣ ମାଗିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଜବାବ ଦିଆଯାଇଛି। ଅଧ୍ୟାଦେଶ ଉପରେ ରୋକ ଲଗାଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଗତ ପଦକ୍ଷେପ ଉପରେ ମଧ୍ୟ ବିଚାର ବିମର୍ଶ ଆରମ୍ଭ ହୋଇଛି। ଅଧ୍ୟାଦେଶ ରୋକ ସମ୍ପର୍କିତ ଚିଠି ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ରୋକ ଲଗାଇବା ଖବରକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ, ଲିଙ୍ଗରାଜ ଅଧ୍ୟାଦେଶ ନେଇ ୨ ଥର ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ପଷ୍ଟୀକରଣ ଦିଆଯାଇଛି। ଆଉଥରେ ପଚାରିଥିଲେ ଦିଆଯାଇଥାନ୍ତା। କେନ୍ଦ୍ରର ଅଧିକାରୀ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିପାରିଥାନ୍ତେ। ତାହା ନ କରି ଅଧ୍ୟାଦେଶ ଉପରେ ରୋକ ଲଗାଇବା ପାଇଁ ହେଉଥିବା ଉଦ୍ୟମ ଓଡ଼ିଆଙ୍କ ଭାବାବେଗକୁ କୁଠାରାଘାତ କରିଛି। ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ। ଦୟାକରି ଓଡ଼ିଶାର ଠାକୁରଙ୍କ କ୍ଷେତ୍ରରେ ବାଛବିଚାର କରନ୍ତୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି ଯେ ବହୁ ବର୍ଷ ପରେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ଆଇନ ପ୍ରଚଳନ ନେଇ ସମସ୍ତେ ଆଶାବାଦୀ ଥିବାବେଳେ କେନ୍ଦ୍ର ଏହା ଉପରେ ରୋକ ଲଗାଇବା ନିନ୍ଦନୀୟ। ଏଥିରେ ରାଜନୈତିକ ଷଡ଼ଯନ୍ତ୍ର ଥାଇପାରେ। ରାଜନୀତିଠାରୁ ଦୂରରେ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ମଧ୍ୟରେ ସମନ୍ୱୟ ରଖି ଏହି ଅଧ୍ୟାଦେଶକୁ ପ୍ରଚଳନ କଲେ ମନ୍ଦିର ପରିଚାଳନା ସୁରୁଖୁରରେ ହେବ। ପରମ୍ପରା ମଧ୍ୟ ଭଙ୍ଗ ହେବ ନାହିଁ ବୋଲି ସେ କହିଛନ୍ତି। ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ବାରମ୍ବାର ଭଙ୍ଗ ହେଉଥିଲା। ଏଥିରେ ସୁଧାର ଆଣିବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଚଳନ ପାଇଁ ସରକାରଙ୍କ ନିକଟରେ ଦାବି କରିଆସୁଥିଲୁ। ରାଜ୍ୟ ସରକାର ଏହାକୁ ଲାଗୁ କରିବା ପାଇଁ ସବୁଜ ସଙ୍କେତ ଦେଇଥିଲେ। କେନ୍ଦ୍ର ସରକାର ଏହା ଉପରେ ରୋକ ଲଗାଇବା ଦୁଃଖଦାୟକ। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି ଯେ କେନ୍ଦ୍ର ସରକାର କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟକୁ ବିରୋଧ କରୁନାହାନ୍ତି। ବରଂ ସମସ୍ତ ବିକାଶମୂଳକ କାର୍ଯ୍ୟ ଆଇନ ଅନୁଯାୟୀ ହେବା ଉଚିତ ବୋଲି ସେ କହିଛନ୍ତି।


1768/Gov/2022

अनुस्मारक-2/REMINDER-2
राजकीय विधान/STATE LEGISLATION

F.No.14/01/2021-Judl. & PP
भारत सरकार/Government of India
गृह मंत्रालय/Ministry of Home Affairs
(J& PP Section)

कमरा नं. 17, दूसरी मंजिल
Room No.17, 2nd Floor
मेजर ध्यानचंद राष्ट्रीय स्टेडियम, नई दिल्ली
Major Dhyan Chand National Stadium, New Delhi.
दिनांक /Dated 23.03.2022

To

Commissioner-cum-Secretary
to the Governor, Odisha
Raj Bhawan, Bhubaneswar-751 008.

Sub: Shri Lingaraj Temple Ordinance, 2020.

Sir,

I am to refer to this Ministry's letter of even number dated 22.12.2021 and subsequent reminder dated 03.03.2022 seeking clarifications on the comments of Ministry of Rural Development (Department of Land Resources) and Ministry of Culture on the above cited subject.

2. You are requested to provide comments/clarifications of the State Government in the matter to this Ministry, so that the Ordinance can be processed further.

Yours faithfully,

Encl: as above.

(Suresh Chandra Tamta)
Deputy Secretary to the Government of India

Copy to:

The Principal Resident Commissioner, Government of Odisha, 4, Bordoloi Marg, Chanakyapuri, New Delhi-110021.

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ରାଜଭବନକୁ ଦିଆଯାଇଥିବା ଚିଠି।

ଧରିତ୍ରୀ DHARITRI Oriya daily

**ଆବଶ୍ୟକ କରୁଛି**

**ଡ୍ରାଇଭର**

ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।

ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com




# ଗତବର୍ଷ ଓଡ଼ିଶାକୁ ମିଳିଛି ୨୬.୫୪ କୋଟିର ନିର୍ଭୟା ପାଣ୍ଠି

■ 'ୱାନ ଷ୍ଟପ୍ ସେଣ୍ଟର' ଖୋଲିବା, ପରିଚାଳନାରେ ବିନିଯୋଗ

■ ମନ୍ତ୍ରଣାଳୟ ପକ୍ଷରୁ ଆବଣ୍ଟନ ହୋଇଛି ୬୨୧୨.୮୫ କୋଟି ଟଙ୍କା

ଭୁବନେଶ୍ୱର, ୬।୪(ବ୍ୟୁରୋ)

ନିର୍ଭୟା ପାଣ୍ଠି ମାଧ୍ୟମରେ କେନ୍ଦ୍ର ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୬.୫୪ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ମହିଳା ବିରୋଧୀ ହିଂସାର ନିରାକରଣ ପାଇଁ 'ୱାନ୍ ଷ୍ଟପ୍ ସେଣ୍ଟର' ଖୋଲିବା ଓ ପରିଚାଳନା ଲାଗି ଏହି ଅର୍ଥ ବିନିଯୋଗ କରାଯାଇଥିବା ବୁଧବାର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ନିର୍ଭୟା ପାଣ୍ଠି ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ଇରାନୀ କହିଲେ, ମହିଳାଙ୍କ ବିରୋଧରେ ହିଂସା ରୋକିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ନିର୍ଭୟା ପାଣ୍ଠି ମାଧ୍ୟମରେ ଏସବୁ ଯୋଜନାର କାର୍ଯ୍ୟକାରିତା ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ନିର୍ଭୟା ପାଣ୍ଠିରେ ୬୨୧୨.୮୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୪୩୬୬.୮୯ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବିନିଯୋଗ କରାଯାଇଛି।

ତେବେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ ମନ୍ତ୍ରୀ ଇରାନୀ କହିଲେ, ମୁଖ୍ୟତଃ ଆବଶ୍ୟକତା ଆଧାରରେ ନିର୍ଭୟା ପାଣ୍ଠିର ଅର୍ଥ ବିନିଯୋଗ କରାଯାଇଥାଏ। ଏହି ପାଣ୍ଠିର ବ୍ୟବସ୍ଥା ଅନୁଯାୟୀ ଏକ କ୍ଷମତାପ୍ରାପ୍ତ କମିଟି ଗଠନ କରାଯାଇଛି। ପାଣ୍ଠି ଅଧୀନରେ ବରାଦ ହେଉଥିବା ଅର୍ଥ ବ୍ୟୟ କରିବା ନିମନ୍ତେ ଉକ୍ତ କମିଟିକୁ ଅବଗତ କରାଯାଇଥାଏ ଏବଂ କମିଟି ଏଥିପାଇଁ ଆବଶ୍ୟକ ସୁପାରିସ ମଧ୍ୟ କରିଥାଏ। ଏଥିସହ ନିର୍ଭୟା ପାଣ୍ଠି ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ମଧ୍ୟ ଏହି କ୍ଷମତାପ୍ରାପ୍ତ କମିଟି ଅନୁଧ୍ୟାନ କରିଥାଏ। ତେବେ ଅଧିକାଂଶ ପ୍ରକଳ୍ପ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନ ମଞ୍ଜୁରି ପ୍ରାପ୍ତ ଅବଧି ମଧ୍ୟରେ କାର୍ଯ୍ୟକାରୀ କରିଥାନ୍ତି। ଏପରି କେତେକ ଯୋଜନା ରହିଛି ଯାହାର ଆବର୍ତ୍ତି ବ୍ୟୟ ରହିଛି। ଏଥିପାଇଁ ବିନିଯୋଗ ପ୍ରମାଣପତ୍ର (ୟୁସି) ଏବଂ ଖର୍ଚ୍ଚର ବିବରଣୀ ଦାଖଲ କରିବା ପରେ ମନ୍ତ୍ରଣାଳୟ ପକ୍ଷରୁ ପାଣ୍ଠି ଆବଣ୍ଟନ କରାଯାଇଥାଏ। ରାଜ୍ୟ ଓ କାର୍ଯ୍ୟକାରୀ ଏଜେନ୍ସିମାନେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିଥାନ୍ତି। ଯେଉଁ ଆର୍ଥିକ ବର୍ଷରେ ପ୍ରାରମ୍ଭିକ ପାଣ୍ଠି ଆବଣ୍ଟନ କରାଯାଇଥାଏ, ପରବର୍ତ୍ତୀ ୧୨ ମାସ ମଧ୍ୟରେ ୟୁସି ଦାଖଲ କରିବାର ନିୟମ ରହିଛି। ତେଣୁ କେତେକ କ୍ଷେତ୍ରରେ ୟୁସି ମିଳିବାରେ ବିଳମ୍ବ ହୋଇଥିବାରୁ ଖର୍ଚ୍ଚ ପରିମାଣ ଅଧିକ ହେବାର ସମ୍ଭାବନା ରହିଛି। କୋଭିଡ୍ କାରଣରୁ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହୋଇଛି। ଏହି କାରଣରୁ ଯୋଜନାରେ ଆବଣ୍ଟିତ ଅର୍ଥର ବାସ୍ତବ ବ୍ୟୟ ପରିମାଣ ଅଧିକ ହୋଇପାରେ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି।

DSPL - 446

**ODISHA STATE HOUSING BOARD**
A Government of Odisha undertaking

Notice No. : 3510, Dated : 05.04.2022 (S&C-18/2016)

Build your Own Home in the Lap of Nature

Offers

**Vasudev Vihar**

ORERA Regd. No. : RP/19/2021/00622

**Developed Housing Plots at Jagannath Prasad Bhubaneswar**

OSHB, the premier Housing organisation of the state, offers 166 number of developed housing plots for sale in its upcoming **"VASUDEV VIHAR - Scheme for Developed Housing Plots"** over Govt. leasehold land at Jagannath Prasad, Bhubaneswar under Self-Financing/Outright Purchase basis. The site location is 10 minutes drive from Kalinga Studio Square, near the proposed ESI Hospital, on the Main Road to Chandaka. The Site will be developed with infrastructure facilities like external electrification, water supply, internal road and drains etc.

| Type of Plot | No. of Units | Standard Plot Area (in sqft.) | Unit Cost (in Rs.) | E.M.D. (in Rs.) |
|---|---|---|---|---|
| MIG | 34 | 1,200 (30'x40') | 23,80,000/- | 2,38,000/- |
| LMIG | 59 | 1,000 (25'x40') | 19,55,000/- | 1,95,000/- |
| LIG | 32 | 600 (20'x30') | 11,21,000/- | 1,12,000/- |
| EWS | 41 | 450 (15'x30') | 7,76,000/- | 77,000/- |

- GST and other statutory charges will be extra, as applicable.
- **Preference in Allotment to Outright Purchase applicants who opt to deposit Full Cost with Application during Booking period.**
- Brochure indicating details of plots with standard plot area, terms and conditions of allotment, etc. will be available for sale on payment of Rs.1,050/- by cash at Accounts Section, OSHB Head Office, Sachivalaya Marg, Bhubaneswar from 08/04/2022 till 09.05.2022.
- Intending applicants can also download the Brochure & Application Form from OSHB website: https://oshb.org and apply by depositing the application cost along with other deposits.
- Help Desk - Mobile No. : **933 7626 096, 9438 3616 81**
- Tie up with **UCO Bank,** Ashok Nagar Branch, Bhubaneswar for Loan finance to applicants as per eligibility.

**Booking Opens**
**From : 08.04.2022 to 09.05.2022**
**during working hours**

Housing Commissioner-cum-Secretary
ODISHA STATE HOUSING BOARD
Sachivalaya Marg, Bhubaneswar-751001
Phone No.: (0674)-2393524/2392587/2393277
Website : https://oshb.org

OIPR-13030/11/0013/2223

*Building Houses - Building Odisha*

**ଆଜିର ମନ୍ତବ୍ୟ**

"ଅପରାଧୀଙ୍କ ଜୈବିକ ନମୁନା ସଂଗ୍ରହ କରିବା ପାଇଁ ବିଲ୍‌ରେ ପୋଲିସକୁ ଅନୁମତି ଦିଆଯିବା ଅସାମ୍ବିଧାନିକ।"
-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାଙ୍ଗିରିପୋଷି-ବାଲେଶ୍ୱର ଡିଏମ୍ୟୁ ବଦଳରେ ମେମୁ ଟ୍ରେନ ଚାଲିବ ୧୧ରୁ

**ବାରିପଦା ଅଫିସ,୬।୪**

ଆସନ୍ତା ୧୧ତାରିଖରୁ ବାଙ୍ଗିରିପୋଷି ଠାରୁ ବାଲେଶ୍ୱର ଚଳାଚଳ କରୁଥିବା ଡିଜେଲ ଇଞ୍ଜିନ ଟ୍ରେନ୍ ପରିବର୍ତ୍ତେ ବିଦ୍ୟୁତ ଇଞ୍ଜିନ ଚାଳିତ ମେମୁ ଚଳାଚଳ କରିବ। ଏ ସଂକ୍ରାନ୍ତରେ ୫ତାରିଖ ଦକ୍ଷିଣପୂର୍ବ ରେଳବିଭାଗ ପକ୍ଷରୁ ମେମୁ ଟ୍ରେନ୍ ଚଳାଚଳ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଙ୍ଗିରିପୋଷିରୁ ରୁପସା ପର୍ଯ୍ୟନ୍ତ ୮୯କି.ମି ରେଳରୁଟ ବିଦ୍ୟୁତିକରଣ କାର୍ଯ୍ୟ ସମ୍ପନ୍ନ ପରେ ବିଦ୍ୟୁତ ଚାଳିତ ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ତେବେ ବାଙ୍ଗିରିପୋଷିରୁ ରୁପସା ହୋଇ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରୁଥିବା ଡିଏମ୍ୟୁ ଟ୍ରେନ୍ ପରିବର୍ତ୍ତିତ ହୋଇ ବିଦ୍ୟୁତଚାଳିତ ମେମୁ ଟ୍ରେନ୍ ଚଳାଚଳ ପାଇଁ ମୟୂରଭଞ୍ଜ ରେଲୱେ ଟ୍ରାଭେଲର୍ସ ଫୋରମ ପକ୍ଷରୁ ଖଡ଼ଗପୁର ଡିଆରଏମ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫୋରମର ସଭାପତି ଅଭିଜିତ ରାମଙ୍କ କହିବାନୁଯାୟୀ ରେଳପଥ ସମ୍ପୂର୍ଣ୍ଣ ଭାବରେ ବିଦ୍ୟୁତିକରଣ ହେବା ପରେ ଡିଜେଲ ଚାଳିତ ଇଞ୍ଜିନ ଚଳାଚଳ ଦ୍ୱାରା ବିଭାଗ ପ୍ରତିଦିନ ୧ଲକ୍ଷ ୬୧ହଜାର ୫୦୦ ଟଙ୍କାର କ୍ଷତି ସହୁଥିବା ଦର୍ଶାଇଥିଲେ।


# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଗଡ଼ ମଗଡ଼ ଖାଏ ଯେ,**
**ଶଗଡ଼ ଭଳିଆ ହୁଏ ସେ।**

ଯିଏ ମୋଟା ରୋଟା ଖାଦ୍ୟ ଖାଏ, ସେ ବହୁ ବଳୁଆ ହେବାର ଦେଖାଯାଏ। ଏପରି ଖାଦ୍ୟ ଖାଉଥିବା ବ୍ୟକ୍ତି ଶଗଡ଼ ଭଳି ବୋଝ ବୋହିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅକାଳେ ମାଇଲି ଘାଏ,**
**ଗଲା ଶିରାବଣ ଭୋଦୁଅ ଯାଏ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନ ବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାଆନ୍ତି କି ସେଥିପ୍ରତି ନିଘା ରଖି ନ ଥାଆନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲ ଲୋକ ଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

## 'ଚୁଲି ଭାଙ୍ଗିଛି, ...

ଜଗନ କହିଛନ୍ତି, ଗତ ରବିବାର ରାତିରେ ସେ ଶ୍ରୀମନ୍ଦିର ଭିତରେ ଥିଲେ। ମହାପ୍ରସାଦ ଏଣେତେଣେ ପଡ଼ିଥିଲା। ତେଣୁ ରାଗରେ ରୋଷଘରେ ପଶିଥିଲେ। ରୋଷଘର ଖୋଲା ଥିଲା, ଭିତରେ ଲାଇଟ୍ ଜଳୁଥିଲା। ପ୍ରଥମେ ରୋଷଘରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ପରେ ହଠାତ୍ ଗୋଟିକ ପରେ ଗୋଟିଏ ଚୁଲି ଭାଙ୍ଗିଥିଲେ। ତେବେ କେତେ ଚୁଲି ଭାଙ୍ଗିଥିଲେ ଓ କାହିଁକି ତାହା ସେ ଜାଣିନାହାନ୍ତି। ସେ ବିଷୟରେ ତାଙ୍କର କିଛି ସ୍ପଷ୍ଟ ଭାବେ ମନେ ନାହିଁ। ସବୁ ଚୁଲିକୁ ହାତରେ ଭାଙ୍ଗିଥିଲେ। ମହାପ୍ରଭୁଙ୍କର ସେ ଜଣେ ଭକ୍ତ। ଜଗନ୍ନାଥଙ୍କୁ ସେ ବହୁତ ଭଲ ପାଆନ୍ତି, ଭକ୍ତି କରନ୍ତି। କିଛି ଲୋକ ଖାଇବାକୁ ପାଉ ନ ଥିବା ବେଳେ ଆଉ କିଛି ଲୋକଙ୍କ ପାଖରେ ଢେର ଖାଦ୍ୟ ରହିଛି। ଏହାକୁ ନେଇ ମନରେ ଅଭିମାନ ଥିଲା। ତେବେ କାହା ଚାପରେ କିମ୍ବା କାହା ପ୍ରରୋଚନାରେ ସେ ଚୁଲି ଭାଙ୍ଗିନାହାନ୍ତି ବୋଲି ଜଗନ କହିଛନ୍ତି। ସେ ଆହୁରି କହିଛନ୍ତି, ଚୁଲି ଭାଙ୍ଗି ଫେରିବା ବେଳେ ତାଙ୍କୁ ୩/୪ଜଣ ଜେଟିପି ଦେଖିଥିଲେ। ସେମାନେ କହିଲେ ବାହାରକୁ ପଳାଅ, ତେଣୁ ପଳାଇ ଆସିଲି। ଚୁଲି ଭାଙ୍ଗିଥିବା ମାନୁଛି। ଭୁଲ୍ ହୋଇଛି। ଯଦି ମୋତେ କହିବେ ତାହାହେଲେ ଗଢିଦେବି ବୋଲି ଜଗନ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପରିସରସ୍ଥ ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତ ଜଗନଙ୍କୁ ପୋଲିସ ଚିହ୍ନଟ କରିବା ପରେ ଖୋଜାଖୋଜି କରିଥିଲା। ମଙ୍ଗଳବାର ତାଙ୍କୁ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମରୁ ଧରି ପୁରୀକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ସେ ନିଜ ଭୁଲ୍ ସ୍ୱୀକାର କରିଥିଲେ। ଏହାପରେ ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି, ଅଭିଯୁକ୍ତ ଜଗନ ଲାଇନମ୍ୟାନ ଭାବେ କାର୍ଯ୍ୟରତ ଥିଲେ। ଘଟଣାଦିନ ସେ ଶ୍ରୀମନ୍ଦିର ଆସିଥିଲେ। ଶ୍ରୀମନ୍ଦିର ପରିସରରେ ଲୁଚି ରହି ରାତିରେ ରୋଷଘରକୁ ଯାଇ ଏଭଳି ଅଘଟଣ ଘଟାଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ତାଙ୍କ ପାଖରେ ମୋବାଇଲ ଫୋନ୍ ନ ଥିଲା। ସିସିଟିଭି ଫୁଟେଜ୍‌ରୁ ଚିହ୍ନଟ ବେଳେ ଶହେରୁ ଅଧିକ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ସହଯୋଗ ନେଲୁ। ପୁରୀର ବିଭିନ୍ନ ସ୍ଥାନରେ ଅଭିଯୁକ୍ତଙ୍କ ଫଟୋ ଦେଖାଇଲୁ। ପ୍ରଥମେ ପୁରୀ ରେଳଷ୍ଟେଶନରୁ ସୂଚନା ମିଳିଲା। ଜଣେ ବ୍ୟକ୍ତି ତାଙ୍କୁ ରେଳଷ୍ଟେଶନ ପାଖରେ ଦେଖିଥିଲେ। ପୁରୀ ରେଲୱେ ପ୍ଲାନିଂ କରାଯିବା ସହ ପ୍ରଥମ ୧୦ଟି ଷ୍ଟେଶନ ଉପରେ ନଜର ରଖାଗଲା। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଧରାଯିବା ପରେ ଅଟକ ରଖାଯାଇଥିଲା। ପରେ ପୁରୀ ଅଣାଗଲା। ବୁଧବାର ପ୍ରାଥମିକ ପର୍ଯ୍ୟାୟର ପଚରାଉଚରା ଶେଷ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଆବଶ୍ୟକ ପଡ଼ିଲେ ପୁଣି ତାଙ୍କୁ ପଚରାଉଚରା ପାଇଁ ରିମାଣ୍ଡରେ ଅଣାଯାଇପାରେ। ଅନ୍ୟପକ୍ଷରେ ସୂଚନା ଅନୁଯାୟୀ, ଅଭିମାନରେ ଚୁଲି ଭାଙ୍ଗିଥିବା ଅଭିଯୁକ୍ତ କହିଥିଲେ ମଧ୍ୟ ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଅଭିଯୁକ୍ତ ଜଗନ ଶ୍ରୀମନ୍ଦିରରୁ ବାହାରିବା ପରେ ପ୍ରଥମେ ବେଳାଭୂମି ଓ ପରେ ରେଳଷ୍ଟେଶନକୁ ଯାଇଥିଲେ। ସେଠାରୁ ଟ୍ରେନ ଯୋଗେ ଜଟଣୀ ଅଭିମୁଖେ ଯାଇଥିଲେ ବୋଲି ଜଣାପଡ଼ିଛି। ଏହି ଚୁଲିଭଙ୍ଗା ଘଟଣା ପରେ ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି।

## 'ପୁଅ ଏପରି କାମ କରିଥିବ, ବିଶ୍ୱାସ ହେଉନାହିଁ'

ଖୋର୍ଦ୍ଧା ଅଫିସ, ୬।୪: ଶ୍ରୀମନ୍ଦିର ରୋଷଘର ଚୁଲି ଭାଙ୍ଗିବା ଘଟଣାରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଜଗନ ମହାପାତ୍ରଙ୍କୁ ପୁରୀ ପୋଲିସ ଗିରଫ କରିଛି। ସେ କାହିଁକି ଚୁଲି ଭାଙ୍ଗିଲେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କ ପରିବାର ଲୋକେ ପ୍ରତିକ୍ରିୟା ରଖିଛନ୍ତି। ଜଗନଙ୍କ ବାପା ନୃସିଂହ ଚରଣ ମହାପାତ୍ର କହିଛନ୍ତି, ପୁଅ ଜଣେ ଆଧ୍ୟାତ୍ମିକବାଦୀ। ସେ ସବୁବେଳେ ଠାକୁରଙ୍କ କଥା କହିଥାନ୍ତି। ମନ୍ଦିରରେ ଅନେକ ସମୟ ବିତାଇଥାନ୍ତି। ମନ୍ଦିର ଭିତରେ କେଉଁଠି ଅଳିଆ, ଅପରିଷ୍କାର ଦେଖିଲେ ରାଗିଯାନ୍ତି। ସେ ଜଗନ୍ନାଥଙ୍କ ଭକ୍ତ। ପ୍ରାୟ ସବୁବେଳେ ପୁରୀ ଯାନ୍ତି। ପୂଜାପାଠରେ ତାଙ୍କର ଦିନ ବିତେ। ଜଗନ ଏପରି କାମ କରିଥିବେ ବୋଲି ବିଶ୍ୱାସ ହେଉନାହିଁ। ସେ ବିଦ୍ୟୁତ୍ ବିଭାଗରେ ଲାଇନମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଶନିବାର ସେ ବାଇକ୍ ଧରି କେଉଁଆଡ଼େ ଚାଲିଯାଇଥିଲେ। ଆମେ ଭାବିଲୁ ସେ ପୁରୀ ଯାଇଥିବେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କ ଫୋନ୍ ଲାଗି ନ ଥିଲା। ଖବର ପାଇ ରବିବାର ରାତିରେ ପୁରୀ ସିଂହଦ୍ୱାର ଥାନା ପୋଲିସଠାରୁ ବାଇକ୍ ଆଣିଥିଲୁ। ସୋମବାର ପୁଅ ନିଖୋଜ ଥିବା ନେଇ ଥାନାରେ ଏତଲା ଦେଇଥିଲୁ। ପରେ ସେ ଘରକୁ ଫେରିଆସିଥିଲେ। ମଙ୍ଗଳବାର ସକାଳେ ଦଣ୍ଡ କାମରେ ଯାଇଥିଲେ। ରାତିରେ ପୋଲିସ ଗାଁକୁ ଆସି ତାଙ୍କୁ ଉଠାଇ ନେଇଥିଲା। ସେ ଏପରି କାମ କେମିତି କଲେ ଆମେ ଜାଣିପାରୁନାହୁଁ।

ସେହିପରି ମା' ସଞ୍ଜୁକ୍ତା କହିଛନ୍ତି, ଜଗନ ବୁଲି ବୁଲି ଗାଁ ମନ୍ଦିରଯାକ ସଫା କରନ୍ତି। ପୂଜାପାଠ ଛଡ଼ା ଅନ୍ୟ କିଛିରେ ମନ ନ ଥାଏ। ତେବେ ପୁଅ ଶ୍ରୀମନ୍ଦିର ରୋଷଘର ଚୁଲା ଭାଙ୍ଗିଥିବା ଘଟଣାକୁ ସଞ୍ଜୁକ୍ତା ଅସ୍ୱୀକାର କରିଛନ୍ତି। ଯିଏ କାହାକୁ ରାଗିକି ପଦେ କିଛି କହେ ନାହିଁ, ସେ ପୁଣି ଏପରି କାଣ୍ଡ କରିଥିବ ହୃଦ୍‌ବୋଧ ହେଉନାହିଁ। ସେ କାଳିଆର ଭକ୍ତ। କାଳିଆ ଠାକୁର ତାଙ୍କୁ ଫେରାଇ ଆଣିବେ। ମୋ ପୁଅ ନ ଫେରିଲେ ଆତ୍ମହତ୍ୟା କରିଦେବି ବୋଲି ଗଣମାଧ୍ୟମ ଆଗରେ ସଂଯୁକ୍ତା କହିଛନ୍ତି। ସେହିପରି ଗ୍ରାମର ହରେକୃଷ୍ଣ ସାମନ୍ତରାୟ କୁହନ୍ତି, ଜଗନ ଅତ୍ୟନ୍ତ ନମ୍ର ଓ ଭଦ୍ର। ସେ କେବଳ ମନ୍ଦିର ସେବା କରେ। ନିଜ ବାରିରେ ତୁଳସୀ ବଣ କରିଛି। ଦିନରାତି ପୂଜାପାଠରେ ମଗ୍ନ ରହିଥାଏ। ମଙ୍ଗଳବାର ସକାଳେ ଦଣ୍ଡରେ ଯାଇଥିଲା। ଧୂପହାଣ୍ଡି ଧରି ଗାଁ ଦାଣ୍ଡ ବୁଲିଥିଲା। ସେହିପରି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ତାଙ୍କ ସମ୍ପର୍କରେ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

## ପେଟ୍ରୋଲ ୮୬ ଓ ଡିଜେଲ...

ଡିଜେଲ ଓ ପେଟ୍ରୋଲ ମୂଲ୍ୟ ପ୍ରାୟ ୧୧ ଟଙ୍କା ବଢିଲାଣି। ଇତିମଧ୍ୟରେ ପେଟ୍ରୋଲ ଉପରେ ୧୦.୬୯ ଟଙ୍କା ଏବଂ ଡିଜେଲ ୧୦.୬୨ ଟଙ୍କା ବଢ଼ିସାରିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୮୦ ପଇସା ଲେଖାଏ ଦର ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୫.୪୧ ଟଙ୍କା ଏବଂ ଡିଜେଲ ୯୬.୬୭ ଟଙ୍କାରେ ପହଞ୍ଚିଛି। ବିଶେଷକରି ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୧୦ଟଙ୍କା ମୂଲ୍ୟ ବୃଦ୍ଧି ପାଇଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୨୦.୫୧ ଟଙ୍କା, ୧୧୫.୧୨ ଟଙ୍କା ଏବଂ ୧୧୦.୮୫ ଟଙ୍କାରେ ବିକ୍ରି ହେଉଛି। ଡିଜେଲ ମୂଲ୍ୟ ଲିଟର ପିଛା ୧୦୪.୭୭ ଟଙ୍କା, ୯୯.୮୩ ଟଙ୍କା ଏବଂ ୧୦୦.୯୪ ଟଙ୍କାରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଭାରତ ବର୍ଷରେ କୌଣସି ଏକ ପ୍ରମୁଖ ମହାନଗରରେ ତେଲ ଦର ୧୨୦ ଟଙ୍କାରୁ ଊର୍ଦ୍ଧ୍ୱରେ କାରବାର ହୋଇଛି।

## ଭାରତରେ ପ୍ରଥମ ...

ଜଣାପଡ଼ିଛି। ତେବେ ଏଭଳି ସଂକ୍ରମଣ ଖବରକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏକ୍ସଇ ମ୍ୟୁଟାଣ୍ଟ କୋଭିଡ୍-୧୯ର ଅନ୍ୟ ସମସ୍ତ ଭାରିଆଣ୍ଟ ତୁଳନାରେ ଅଧିକ ସଂକ୍ରାମକ ବୋଲି ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଥିଲା। ଏହି ନୂଆ ଭାରିଆଣ୍ଟ ପ୍ରଥମେ ଜାନୁୟାରୀ ୧୯ରେ ବ୍ରିଟେନରେ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସେଠାରେ ୬୩୭ ମାମଲା ଦେଖାଗଲାଣି। ଓମିକ୍ରନ୍‌ର ଦୁଇ ସବ୍‌ଭାରିଆଣ୍ଟ ବିଏ.୧ ଏବଂ ବିଏ.୨ର ମିଶ୍ରଣରେ ଏକ୍ସଇ ହୋଇଥିବା କୁହାଯାଉଛି। ଜଣେ ରୋଗୀ କୋଭିଡ୍‌ର ଏକାଧିକ ମ୍ୟୁଟାଣ୍ଟ ଦ୍ୱାରା ସଂକ୍ରମିତ ହେଲେ ଏଭଳି ମିଶ୍ରିତ ଭାରିଆଣ୍ଟ ସୃଷ୍ଟି ହୋଇଥାଏ ବୋଲି ବ୍ରିଟେନ ବିଶେଷଜ୍ଞମାନେ କହିଛନ୍ତି। ଏକ୍ସଇ ଓମିକ୍ରନ୍‌ର ବିଏ.୨ ସବ୍‌ଭାରିଆଣ୍ଟ ତୁଳନାରେ ୧୦ ପ୍ରତିଶତ ଅଧିକ ସଂକ୍ରାମକ ବୋଲି ଡବ୍ଲ୍ୟୁଏଚ୍ଓ କହିଥିଲା।

## ହୀରାକୁଦରେ ହାଇ ଲେଭଲ୍ ...

କିମିରୁ ୩୮/୬୨୫ କିମି ପର୍ଯ୍ୟନ୍ତ ସୁଦୃଢ଼ୀକରଣ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଥିବା ଗଡ଼କରୀ କହିଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅନୁରୋଧ କ୍ରମେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ଉପରୋକ୍ତ ପ୍ରକଳ୍ପଗୁଡ଼ିକର ଅନୁମୋଦନ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ବ୍ୟତୀତ ବରଗଡ଼-ଭଟଲି-ଅମ୍ବାଭୋନା ରାସ୍ତା ପ୍ରଶସ୍ତୀକରଣକୁ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେଇଛନ୍ତି। ଉକ୍ତ ୩ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (ସିଆର୍‌ଆଇଏଫ୍)ରୁ ଅର୍ଥ ଯୋଗାଇଦିଆଯିବ। ଏ ବାବଦରେ ୩୬୮.୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବିଭିନ୍ନ ବିବାଦୀୟ କଥାକୁ କେନ୍ଦ୍ରକରି ମନଟା ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। ଦ୍ୱିଜା ନକ୍ଷତ୍ର ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ । କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷରେ ଆକ୍ଷେପୋକ୍ତି କରିପାରନ୍ତି।

**ବୃଷ**
ଆଜି ଘରର କେତେକ ଅକୁହାକଥା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ । ଆର୍ଥିକ ସ୍ଥିତି କେତେକାଂଶରେ ବଦଳିବା କାରଣରୁ ଅସ୍ୱସ୍ତି ଲାଭ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପରୁ ପ୍ରଶଂସିତ ହେବେ।

**ମିଥୁନ**
ଆର୍ଥିକ ଅନଟନ ଆଜିର ମୁଖ୍ୟ ସମସ୍ୟା ହେବା କାରଣରୁ ଚିନ୍ତିତ ହୋଇପାରନ୍ତି । କିନ୍ତୁ ପୁନର୍ବସୁ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ । ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ।

**କର୍କଟ**
କାର୍ଯ୍ୟବ୍ୟସ୍ତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ବ୍ୟବସାୟ,ପରିବହନ ଭଲରେ ଚାଲିବ କିନ୍ତୁ ଜମା ଫୁର୍‌ସତ୍ ପାଇବେ ନାହିଁ । ଘରଲୋକଙ୍କୁ ଅବିଶ୍ୱାସ କରିବା ସାଙ୍ଗକୁ ପରକଥାକୁ ବିଶ୍ୱାସ କଲେ ହଇରାଣରେ ପଡ଼ିବେ। ଅବଶ୍ୟ ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**ସିଂହ**
ଆଜି ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ଅର୍ଥାଭାବ କାରଣରୁ ଅଟକି ରହିଥିବା କାମ ଆଜି ସୁବିଧାରେ ହୋଇଯିବ। ସୁଯୋଗର ସଦ୍‌ବ୍ୟବହାର କରିବା କାଠିକରପାଠ ହେବ। ପରିବାର ସମସ୍ୟା ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଦୀର୍ଘଦିନରୁ ସମ୍ପର୍କରେ ଭଟ୍ଟା ପଡିଥିବା ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। କଳା,ସାହିତ୍ୟ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ବିଛା**
ସାଧାରଣ କଥାରେ ରାଗିବା ନିଜ ପାଇଁ ଅନିଷ୍ଟକର ହେବ। ମାଙ୍ଗଳିକ କାମରେ ବନ୍ଧୁ ସାହାଯ୍ୟ କଲେ ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ କିନ୍ତୁ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ଧନୁ**
ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମକୁ ଅଣଦେଖା କରିପାରିବେ ନାହିଁ। ଇଚ୍ଛା ନ ଥିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
ଧୀରେ ଧୀରେ ଅବସ୍ଥା ବଦଳୁଥିବାରୁ ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। କୌଣସି ବ୍ୟକ୍ତି ନିକଟରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ । ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ**
ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥା ସମ୍ଭବ ଦୂରେଇ ରହିବା ଭଲ । ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱ ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ ।

**ମୀନ**
ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ବାଧ୍ୟ ହୋଇପାରନ୍ତି । କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ । ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।


# classifieds Everyday

0674-2580101, 2549302


real estate

## SALE

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615. D-73220

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs-750/- immediate construction. Contact No.- 7008992019. D-025

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.- 220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

Gharabari boundary plot at Chhatabara, Little Odisha housing project, adjacent to Pitapalli-Cuttack NH. 7008563697. D-035

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324. D-73222

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

3 BHK Apartment South facing, Prachi Vihar, Palasuni. Vastu compliant. Contact: 8895197709. D-046

ଭୁବନେଶ୍ୱରରେ ଘରବାରି Yellow Zone ପ୍ଲଟ୍ କିଣନ୍ତୁ। ବର୍ଗଫୁଟ 699/-, 1799/-. 9439845141. D-044

ହଂସପାଳ ପାଖରେ Audi Showroom ଆଗରେ NH ଠାରୁ 200 mtr. ଦୂରରେ ସମସ୍ତ development ଯଥା: boundarywall, road, electricity ଥାଇ ଜାଗା ବିକ୍ରି କରାଯାଉଅଛି । ଯୋଗାଯୋଗ: 9337343941. D-057


to-let

Office space available for rent at Goutam Nagar near Kalpana Square. Call: 9337117523. D-71343


healthcare

Newly open SPA positively health benefits by expert therapist. 8455987557. D-71484

Relax, Refresh your body, Mind at Saikrupa Spa with best therapies. 8984068077. D-23511

Newly open full body massage ladies and gents. 8327740003. D-71884

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Newly open SPA positively health benifit with expert. Contact: 7749976301. D-71973


## AFFIDAVIT

Affidavit before Executive Magistrate, Dhenkanal, I, Sambit Kumar Sahu, S/o. Bhagabat Sahu, At-Kathagada, PO/Dist-Dhenkanal declared that I have changed my Son's name from S. Emmanuel to Emmanuel Sahu. Henceforth he will be known as Emmanuel Sahu for all purposes. D-70390

By virtue of an affidavit made before the Executive Magistrate, Bhubaneswar on dated 4.11.2020, I, Ramesh Chandra Nanda, S/o Sarat Chandra Nanda declare that my Son's name have been changed from Dhritiman Nanda to Saswat Sanatan Nanda. Henceforth, he shall be known as Saswat Sanatan Nanda for all purposes. Both the names of my Son Dhritiman Nanda is one and same person. This fact is true to and necessary to the concerned authority. D-14583

I, Bapuni Swain, S/o Nrusingh Swain born on 28.09.2000 residing at Kuaput, Gadahaladia, Khordha, have changed my name to Prayot Pratish Tathagat vide affidavit dated February 2022 at Khordha. D-056


Your classified advertisement published in Dharitri will be listed free in Dharitri online edition : dharitriepaper.in

See Career Appointment on every Wednesday & Saturday


## LOST

While bus journey from Bhubaneswar to Belpahar on 18.02.22 a hand bag containing Certificates of Class-X (ICSE TT3858645), +2 (NIOS 0017127), BCA (Roll-08BCA763 Enr-0877/07), MCA Provisional Certificate cum Mark Sheet Sambalpur University (Regd-1105247035/2013-14 BPUT), M.Tech. (Regd. 1461021008/2016 SOA University) in the name of PALLAB MAHAPATRA have been lost. If anybody found please Contact-7326912180, At- Gandhinagar, PO/ PS.- Belpahar, Dist.- Jharsuguda. D-050

## LEGAL NOTICE

ଘୋଷଣାପତ୍ର

ମୁଁ, ଶ୍ରୀ ଅମିତ୍ କୁମାର ନାୟକ, ସା/ପୋ- ଗୋବିନ୍ଦପୁର, ଥାନା- ପିପିଲି, ଜିଲ୍ଲା- ପୁରୀ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି କି, ଭୁବନେଶ୍ୱର ଉପନିବନ୍ଧକ ପୋଷ୍ୟପୁତ୍ର ଗ୍ରହଣ ଦଲିଲ ନଂ.୧୪୨୮, ତା୨୮।୦୮।୨୦୦୮ ରିଖରେ ମୋର ପ୍ରକୃତ ପିତା ଦିଲ୍ଲୀପ କୁମାର ନାୟକଙ୍କ ନାମ ପରିବର୍ତ୍ତେ ପୋଷ୍ୟପୁତ୍ର ପିତା ପ୍ରଦୀପ୍ତ କୁମାର ନାୟକ ହୋଇଅଛି । ଏହି ପୋଷ୍ୟପୁତ୍ର ଦଲିଲ ମାନ୍ୟବର ସିଭିଲ କୋର୍ଟ, ସିନିୟର ଡିଭିଜନ ଦ୍ୱାରା ସି.ଏସ୍. ନଂ.୨୭୨୯/୨୧ରେ ଡିଗ୍ରୀ ପ୍ରାପ୍ତ ହୋଇଅଛି । ଏହା ସର୍ବସାଧାରଣ ଅବଗତି ନିମନ୍ତେ ବିଧେୟ। ପୋଷ୍ୟପୁତ୍ର ଗ୍ରହଣ ଦିନଠାରୁ ସମସ୍ତ ସରକାରୀ, ବେସରକାରୀ ତଥା ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର କାଗଜପତ୍ରରେ ପୋଷ୍ୟପୁତ୍ର ପିତାଙ୍କ ନାମ ପ୍ରଦୀପ୍ତ କୁମାର ନାୟକଙ୍କ ନାମରେ ପୋଷ୍ୟପୁତ୍ର ଦଲିଲ ହେବା ଦିନଠାରୁ କାର୍ଯ୍ୟକାରୀ ହୋଇଆସୁଅଛି ।

ଘୋଷଣାକାରୀଙ୍କ ସ୍ୱାକ୍ଷର

ଧ-୦୪୩


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାୱାର ଦେଖାଇଲେ ପାୱାର

## ମୁହଁ ଖୋଲିଲେ ସିବିଆଇ, ଇଡି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୬।୪

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପାର୍ଲାମେଣ୍ଟ ଅଫିସରେ ଦୁଇ ନେତାଙ୍କ ମଧ୍ୟରେ ୨୦ ମିନିଟ ଧରି ଆଲୋଚନା ହୋଇଛି। ଆଗକୁ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମଙ୍ଗଳବାର ଶିବସେନା ଏମ୍‌ପି ତଥା 'ସାମ୍ନା' ସମ୍ପାଦକ ସଞ୍ଜୟ ରାଉତଙ୍କ ସ୍ତ୍ରୀ ଓ ଅନ୍ୟ ୨ ସହଯୋଗୀଙ୍କ ବିରୋଧରେ ଜମି କାରବାର ସମ୍ପର୍କିତ ଏକ ମନିଲଣ୍ଡରିଂ ମାମଲାରେ ୧୧.୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। କେଉଁ ଆଧାରରେ ସଞ୍ଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି? ଏହା ଅନ୍ୟାୟ। ସଞ୍ଜୟ ଭାଜପା ଏବଂ କେନ୍ଦ୍ର ବିରୋଧୀ ମନ୍ତବ୍ୟ ଦେଉଥିବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦୁର୍ଭାଗ୍ୟଜନକ ବୋଲି ପାୱାର ମୋଦିଙ୍କୁ କହିଥିବା ଖବରଦାତାଙ୍କ ଆଗରେ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବିରୋଧୀଙ୍କ ମୁହଁବନ୍ଦ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଥିବାବେଳେ ପାୱାର ପ୍ରଧାନମନ୍ତ୍ରୀଙ୍କୁ ନିଜ ପାୱାର ଦେଖାଇଥିବା କୁହାଯାଉଛି। କାରଣ ପାୱାରଙ୍କ ଦଳର ବରିଷ୍ଠ ନେତା ତଥା ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରି ମୁମ୍ବାଇର ଆର୍ଥର ରୋଡ୍ ଜେଲକୁ ନେଇଛି। ଏହା ପୂର୍ବରୁ ତଦନ୍ତକାରୀ ସଂସ୍ଥା ଦେଶମୁଖଙ୍କ ବ୍ୟକ୍ତିଗତ ସହକାରୀ କୁନ୍ଦଲ ସିନ୍ଧେ, ସଚିବ ସଞ୍ଜୀବ ପାଲାଣ୍ଡେଙ୍କୁ ହାଜତକୁ ନେଇଥିଲା। ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ନିର୍ଦ୍ଦେଶନାମାକୁ ଦେଶମୁଖ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ। ସେହିପରି ସିବିଆଇ ମାମଲାରେ ଦୁଇ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। ଏନ୍‌ସିପି ମୁଖପାତ୍ର ତଥା କ୍ୟାବିନେଟ ମନ୍ତ୍ରୀ ନୱାବ ମଲିକ ମଧ୍ୟ ଅନ୍ୟ ଏକ ମାମଲାରେ ଜେଲରେ ଅଛନ୍ତି। ଏହି ପ୍ରସଙ୍ଗ ଉପରେ ମଧ୍ୟ ପାୱାର ମୋଦିଙ୍କ ସହ କଥା ହୋଇଥିବା କୁହାଯାଉଛି। ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାର ରାଜ୍ୟପାଳ ଭଗତ ସିଂ କୋଶିୟାରିଙ୍କୁ ରାଜ୍ୟ ବିଧାନ ପରିଷଦ ସଦସ୍ୟତା ପାଇଁ ୧୨ ନାମ ସୁପାରିସ କରିଥିଲେ। ହେଲେ ଅଢ଼େଇ ବର୍ଷ ପରେ ବି ଆର୍‌ଏସ୍‌ଏସ୍ ଭେଟେରାନ୍ କୋଶିୟାରୀ ସେମାନଙ୍କ ନାମ ଉପରେ ମୋହର ମାରୁନାହାନ୍ତି। ଏହି ପ୍ରସଙ୍ଗରେ ପାୱାର ପ୍ରଧାନମନ୍ତ୍ରୀଙ୍କ ଆଗରେ ଅସନ୍ତୋଷ ବ୍ୟକ୍ତ କରିଥିବା କହିଛନ୍ତି। ଶିବସେନା ନେତୃତ୍ୱାଧୀନ ଶାସକ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ମହାରାଷ୍ଟ୍ର ସରକାରଙ୍କ ସ୍ଥିରତା ପ୍ରଭାବିତ ହେବ କି ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପାୱାର ଦୃଢ଼ତାର ସହ କହିଥିଲେ, ସରକାର ପୂରା ୫ ବର୍ଷ ଚାଲିବ ଏବଂ ୨୦୨୪ ନିର୍ବାଚନରେ ଏମ୍‌ଭିଏ ପୁନର୍ବାର କ୍ଷମତାକୁ ଫେରିବ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର।

### ପ୍ରଧାନମନ୍ତ୍ରୀଙ୍କ ସହ ଭେଟକୁ ନେଇ ଚର୍ଚ୍ଚା

ରାଷ୍ଟ୍ରପତି ନିର୍ବାଚନକୁ ଆଉ ମାତ୍ର ୩ ମାସ ବାକି ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ସହ ଦେଶର ବରିଷ୍ଠତମ ବିରୋଧୀ ନେତା ଶରଦ ପାୱାରଙ୍କ ଆଲୋଚନାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପାୱାରଙ୍କୁ କେହି କେହି ରାଷ୍ଟ୍ରପତି ଦୌଡ଼ରେ ସାମିଲ ଥିବା ମନେକରୁଥିବାରୁ ଏହା ପୂର୍ବରୁ ମଧ୍ୟ ଦୁଇନେତାଙ୍କ ସାକ୍ଷାତ୍‌କୁ ନେଇ ଅନେକ କଥା ଉଠିଥିଲା। ତେବେ ପାୱାର ରାଷ୍ଟ୍ରପତି ଦୌଡ଼ରେ ନ ଥିବା ବିଷୟ ଗତବର୍ଷ ଜୁଲାଇରେ ସ୍ପଷ୍ଟ କରିଥିଲେ। କଂଗ୍ରେସ ଦୁର୍ବଳ ହେବାରେ ଲାଗିଥିବାବେଳେ ପାୱାର ଉପାର ନେତୃତ୍ୱ ନେବା କଥା ମଧ୍ୟ ନିକଟରେ ଉଠିଥିଲା। ହେଲେ ସେ ଏଥିପାଇଁ ଆଗ୍ରହୀ ନ ଥିବା କହିଥିଲେ।

# ପରିବାରବାଦୀ ଦଳ ଗଣତନ୍ତ୍ରର ବଡ଼ ଶତ୍ରୁ: ମୋଦି

ନୂଆଦିଲ୍ଲୀ,୬।୪

ଭାଜପା ରାଷ୍ଟ୍ରଭକ୍ତିକୁ ଗୁରୁତ୍ୱ ଦେଉଥିବାବେଳେ ବିରୋଧୀ ଦଳଗୁଡ଼ିକ ପରିବାର ଭକ୍ତିରେ ଲାଗିଛନ୍ତି। ପରିବାରବାଦୀ ଦଳଗୁଡ଼ିକ ଗଣତନ୍ତ୍ରର ସବୁଠୁ ବଡ଼ ଶତ୍ରୁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଭାଜପାର ୪୨ତମ ପ୍ରତିଷ୍ଠା ଦିବସରେ ଦଳୀୟ କର୍ମୀ ଓ ନେତାଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ବଂଶବାଦ ରାଜନୀତିରେ ବିଶ୍ୱାସ କରୁଥିବା ଦଳଗୁଡ଼ିକ ନିଜ ପରିବାର ପ୍ରତି ଉତ୍ସର୍ଗୀକୃତ। ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ସେଗୁଡ଼ିକର ସମ୍ମାନ ନ ଥାଏ। ଏଭଳି ଦଳ ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବା ପାଇଁ ଉଦ୍ୟମରତ। କିନ୍ତୁ ଭାଜପା କର୍ମୀମାନେ ସେହି ଦଳଗୁଡ଼ିକର ଅନ୍ୟାୟ ବିରୋଧରେ ଲଢ଼େଇ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପ୍ରାଣବଳି ମଧ୍ୟ ଦେଇଛନ୍ତି ବୋଲି ପଶ୍ଚିମବଙ୍ଗ ଓ କେରଳରେ ହିଂସାରେ ଭାଜପା କର୍ମୀଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ରଖିଛନ୍ତି। ସେହିପରି ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମକୁ ନେଇ ମୋଦି କହିଥିଲେ, ବିଶ୍ୱ ଦୁଇଭାଗ ହୋଇଯାଇଥିବାବେଳେ ଭାରତ ଜାତୀୟ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି।

## ଜନସମର୍ଥନ ଉତ୍ସାହଜନକ: ସମୀର


ପ୍ରତିଷ୍ଠା ଦିବସରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୬।୪(ବ୍ୟୁରୋ): ଭାଜପା ୪୨ ତମ ପ୍ରତିଷ୍ଠା ଦିବସ ଦେଶବ୍ୟାପୀ ପାଳନ କରିଛି। ଏହି ଦିବସ ଅବସରରେ ସ୍ମୃତିଚାରଣ କରି ସେହି କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଣାମ ଜଣାଇଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ସମୀର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ପ୍ରତିଷ୍ଠାତା ସଭାପତି ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରଥମ ଭାଜପା ବିଧାୟକ ପ୍ରସନ୍ନ ପଟ୍ଟନାୟକ ଏବଂ ପ୍ରତିଷ୍ଠାତା ସଦସ୍ୟ ନିର୍ମଳ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକର୍ତ୍ତାଙ୍କ ଗହଣରେ ରାଜ୍ୟ ସଭାପତିଙ୍କ ସମେତ ରାଜ୍ୟ ପଦାଧିକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଶୁଣିଥିଲେ। ପ୍ରତିଷ୍ଠା ଦିବସ ପାଳନ ଅବସରରେ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଘରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ରାଜ୍ୟର ସମସ୍ତ ଜିଲା ଓ ମଣ୍ଡଳରେ ବହୁ ଉତ୍ସାହର ସହିତ ପାଳନ କରାଯାଇଛି। ଓଡିଶାରେ ଭାଜପାକୁ ଯେଉଁଭଳି ଜନସମର୍ଥନ ମିଳୁଛି ତାହା ଅତ୍ୟନ୍ତ ଉତ୍ସାହଜନକ ଏବଂ ମୁଖ୍ୟ ବିରୋଧୀ ଦଳ ଭାବେ ରାଜ୍ୟବାସୀ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସୁଚାରୁ ରୂପେ ନିର୍ବାହ କରି ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଆମେ ସଂକଳ୍ପବଦ୍ଧ ବୋଲି ସମୀର କହିଛନ୍ତି।


**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr. Sr. DMM/SBP/Stores/ Tender Publication, ତା.24.03.2022ରିଖ

ଟେଣ୍ଡର ନଂ. 40225193 :
ସାମଗ୍ରୀ ଗୁଡ଼ିକର ବିବରଣୀ : ଅନୁଲଗ୍ନକ-A1 ଏବଂ A2 ଅନୁଯାୟୀ RDSO ଦ୍ୱାରା ଯାଞ୍ଚ ପ୍ରତ୍ୟେକ 4 ପଏଣ୍ଟ ମେସିନ୍ ନିମନ୍ତେ ଷ୍ଟାଣ୍ଡାର୍ଡ ଟୁଲ୍ କିଟ୍ ସେଟ୍ ଏବଂ ଡ୍ରଇଂ ନଂ.RDSO S3454 ଅନୁଯାୟୀ କ୍ଲାମ୍ପ ଲକ୍ ସେଟ୍ ତଥା ଗ୍ରାଉଣ୍ଡ କନେକ୍ସନ ସହିତ 220mm ଥ୍ରୋ (Throw) ଦ୍ୱାରା ବିନିର୍ଦ୍ଦେଶ ସଂ. IRS:S:24/2002, ସଂଶୋଧନ-1 କିମ୍ବା ସଦ୍ୟତମ ଅନୁଯାୟୀ ଇଲେକ୍ଟ୍ରିକ୍ ପଏଣ୍ଟ ମେସିନ୍ ନନ୍ ଟ୍ରାଏଲବୁଲ ଟାଇପ୍।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 2,26,92,000.00, EMD 2% (ଟଙ୍କାରେ) : 4,53,840/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.04.2022ରିଖ 15.00 ଘଟିକାରେ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର
PR-07/N/22-23



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/21-22/E-Tender/124 ତା.05.04.2022ରିଖ
ଟେଣ୍ଡର ସଂ. e-tender-South-KUR-322-2021, ତା.01.04.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡସା-ସୁମାଦେବୀ ଷ୍ଟେସନ ମଧ୍ୟରେ କି.ମି. 668/31-33 ଠାରେ ବର୍ତ୍ତମାନ ଥିବା ଆର୍କ ବ୍ରିଜ୍ ନଂ. 1159(UP) ର RCC ବାକ୍ସ ବ୍ରିଜ୍‌ରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 165.16 ଲକ୍ଷ, EMD (ଟଙ୍କାରେ) : 2,32,600.00, ଶେଷ ହେବା ଅବଧି : 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.04.2022ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-17/N/22-23


## ବିଜେଡିରେ ଯୋଗଦେଲେ ସ୍ୱାଧୀନ କର୍ପୋରେଟର


ବିଜେଡିରେ ଯୋଗଦେବା ଅବସରରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନଙ୍କ ସହ କର୍ପୋରେଟର ସୁଷମା ସାହୁ।

**ଭୁବନେଶ୍ୱର,୬।୪ (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୱାର୍ଡ ନଂ.୯ର ସ୍ୱାଧୀନ କର୍ପୋରେଟର ସୁଷମା ସାହୁ ବୁଧବାର ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଉତ୍ତର ଭୁବନେଶ୍ୱର ବିଧାୟକ ତଥା ଜିଲା ସଭାପତି ସୁଶାନ୍ତ କୁମାର ରାଉତ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ସେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ସୁଷମା ସମସ୍ତ ଗୁରୁଜନ, ଯୁବ ସାଥୀ, ବସ୍ତି ବାସିନ୍ଦା ଓ ବିଧାୟକଙ୍କ ସହଯୋଗରେ ୯ ନମ୍ବର ୱାର୍ଡକୁ ଏକ ଆଦର୍ଶ ୱାର୍ଡରେ ପରିଣତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି।

# ଦଳ ନିଷ୍ପତ୍ତିକୁ ସଭିଙ୍କ ନଜର

ଭୁବନେଶ୍ୱର,୬।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରିଥିବା ବେଳେ ଏବେ ଡେପୁଟି ମେୟର ନିର୍ବାଚନ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଶାସକ ଦଳ ୬୭ଟି କର୍ପୋରେଟର ଆସନ ମଧ୍ୟରୁ ୪୮ଟି ନିଜ ଅକ୍ତିଆରକୁ ନେଇଥିବା ବେଳେ ଭାଜପା ଖାତାକୁ ୧୦ ଏବଂ ସ୍ୱାଧୀନ ୯ଜଣ ପ୍ରାର୍ଥୀ ବିଜୟୀ ହୋଇଥିଲେ। ହେଲେ କେତେଜଣ ସ୍ୱାଧୀନ ପ୍ରାର୍ଥୀ ଏବେ ବିଜେଡିରେ ଯୋଗ ଦେଇ ସାରିଥିବା ବେଳେ ଶୁକ୍ରବାର ସୁଦ୍ଧା ଆଉ କେତେଜଣଙ୍କୁ ଦଳରେ ମିଶାଇବା ଲାଗି ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି। ଶନିବାର ଡେପୁଟି ମେୟର ପଦବୀ ଲାଗି ଭୋଟ୍ ହେବ। ତେବେ ଦଳ କାହାକୁ ସେହି ପଦବୀରେ ବସାଇବ ତାକୁ ନେଇ ଏହା ଭିତରେ ଦୁଇଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବୈଠକ ବସି ସାରିଲାଣି।

ଏବେ ଡେପୁଟି ମେୟର ଆଶାୟୀମାନେ ନେତାଙ୍କ ପାଖରେ ନିଜ ନିଜର ଲବି ଆରମ୍ଭ କରିଦେଇଛନ୍ତି। ତେବେ ଦଳ ସେମାନଙ୍କ ମଧ୍ୟରୁ କେଉଁ ଜଣଙ୍କୁ ପ୍ରାର୍ଥୀ କରିବ ତାହା ସମସ୍ୟାର କାରଣ ପାଲଟିଛି। ଭୁବନେଶ୍ୱରର ୩ ବିଧାୟକଙ୍କ ମତାମତ ଏପର୍ଯ୍ୟନ୍ତ ଲୋଡା ଯାଇ ନ ଥିବା ଜଣାପଡିଥିଲେ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ସହ ଆଲୋଚନା ଚାଲିଥିବା କୁହାଯାଉଛି। ଅନ୍ୟପଟେ ବିଗତ ବର୍ଷଗୁଡିକ ଭଳି ଏଥର କୌଣସି ବାହାର ନେତାଙ୍କୁ କର୍ପୋରେଟର ଟିକେଟ ବାଣ୍ଟିବା କିମ୍ବା ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ସ୍ଥାନୀୟ ବିଧାୟକଙ୍କ ନିଷ୍ପତ୍ତିରେ କର୍ପୋରେଟର ଟିକେଟ ବଣ୍ଟନ କରାଯିବା କଥାକୁ ଏଡାଇ ଦିଆଯାଇପାରିବ ନାହିଁ। ସେହିଭଳି ଡେପୁଟି ମେୟର ପଦବୀ ଲାଗି ସ୍ଥାନୀୟ ୩ ବିଧାୟକଙ୍କ ମତାମତ ଲୋଡାଯାଇପାରେ। ତେବେ ମୁଖ୍ୟ ଦାବିଦାର ଅମରେଶ ଜେନା ନା ବିରଞ୍ଚି ନାରାୟଣ ମହାସୁପକାରଙ୍କ ମଧ୍ୟରୁ ଦଳ କାହାକୁ ପ୍ରାର୍ଥୀ କରିବ ସେଥି ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଏହି ଦୁଇ ଜଣଙ୍କୁ ବାଦ୍ ଦେଇ ୩ୟ ବ୍ୟକ୍ତି କାହାକୁ ଦଳ ପ୍ରାର୍ଥୀ ଯେ ନ କରିବ ସେକଥା ବିଜେଡିରେ ଅସମ୍ଭବ ନୁହେଁ ବୋଲି ଜଣେ ବରିଷ୍ଠ ବିଧାୟକ ମତ ରଖିଛନ୍ତି। ହେଲେ ଉଭୟ ଅମରେଶ ଏବଂ ବିରଞ୍ଚି ଏକାଠି ସବୁ ବିଧାୟକଙ୍କ ଘରକୁ ଯାଇ ସେମାନେ ଦୁଇଜଣଙ୍କ ମଧ୍ୟରୁ କାହାକୁ ପ୍ରାର୍ଥୀ କରାଯାଉ ବୋଲି ମିଶିକି କହି ବୁଲୁଛନ୍ତି। ତେବେ ଦଳର ନିଷ୍ପତ୍ତି କ'ଣ ହେବ ତା ଉପରେ ସମସ୍ତଙ୍କ ନଜର ରହିଛି।

## ନିବେଦିତା ଧାମନଗର ଏନ୍‌ଏସି ଅଧ୍ୟକ୍ଷା

**ଧାମନଗର, ୬।୪:** ଭଦ୍ରକ ଜିଲା ଧାମନଗର ଏନ୍‌ଏସିର ୬ଟି ବୁଥ୍‌ରେ ମଙ୍ଗଳବାର ସାନି ମତଦାନ ହୋଇଥିବା ବେଳେ ବୁଧବାର ଫଳାଫଳ ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥିନୀ ନିବେଦିତା ଜେନା ଏନ୍‌ଏସି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ପୁଷ୍ପଶ୍ରୀ ମହାନ୍ତିଙ୍କୁ ୧୦୪୬ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି। ନିବେଦିତା ୬୦୨୬, ପୁଷ୍ପଶ୍ରୀ ୪୯୮୦, କଂଗ୍ରେସର ପ୍ରମିଳା ସେଠୀ ୨୨୧୪, ଆପ୍‌ର ପ୍ରମିଳା ବେହେରା ୪୮ ଏବଂ ଅନ୍ୟାନ୍ୟ ୮୫ ଖଣ୍ଡ ଭୋଟ୍ ପାଇଛନ୍ତି।

## ଆଜି ପୌର ଉପାଧ୍ୟକ୍ଷ ଓ କଟକ ଡେପୁଟି ମେୟର ଭୋଟ୍

ଭୁବନେଶ୍ୱର,୬।୪ (ବ୍ୟୁରୋ): ଗୁରୁବାର ୧୦୫ ପୌର ଉପାଧ୍ୟକ୍ଷ ଏବଂ କଟକ ମହାନଗର ନିଗମ ଡେପୁଟି ମେୟର ନିର୍ବାଚନ ହେବ। ଏନେଇ ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ବିସ୍ତୃତ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ ଟାରୁ ୧୧ଟା ମଧ୍ୟରେ ପୌର ଉପାଧ୍ୟକ୍ଷ ଲାଗି ନାମାଙ୍କନ ଦାଖଲ, ୧୧ଟାରୁ ୧୨ଟା ନାମାଙ୍କନ ପତ୍ର ଯାଞ୍ଚ, ଏହାପରେ ଦିନ ୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଚାଲିବ। ଅପରାହ୍ନ ସାଢ଼େ ୧ରୁ ସାଢ଼େ ୩ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ମତଦାନ ପରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା ହେବ। ପୌର ଭଳି ମହାନଗର ନିଗମଗୁଡ଼ିକରେ ନାମାଙ୍କନ ଦାଖଲ ଠାରୁ ଆରମ୍ଭ କରି ଗଣତି ଓ ଫଳାଫଳ ଘୋଷଣା କରାଯିବ। ୨ରୁ ଅଧିକ ପ୍ରାର୍ଥୀ ରହିଲେ, ରାଉଣ୍ଡ ୱାରୀ ଭୋଟିଂ ହେବ। ପ୍ରତି ରାଉଣ୍ଡରେ କମ୍ ଭୋଟ୍ ପାଉଥିବା ଜଣେ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିବେ। ଶେଷ ୨ ଜଣଙ୍କ ମଧ୍ୟରେ ଚୂଡ଼ାନ୍ତ ଲଢ଼େଇ ହେବ। ଦଳ ବଦଳ ବିରୋଧ ଆଇନ ଲାଗୁ ହୋଇଥିବାରୁ ରାଜନୈତିକ ଦଳ ନିଜ ପ୍ରତିନିଧି ଦେଇପାରିବେ। ଏଭଳି କ୍ଷେତ୍ରରେ ଭୋଟ୍ ବେଳେ ଦଳୀୟ କାଉନ୍‌ସିଲର ଓ କର୍ପୋରେଟର ସେମାନଙ୍କୁ ନିଜ ଭୋଟ୍ ଦେଖାଇ ଭୋଟ୍ ଦେବେ। ସେପଟେ ବିଜେଡି ଜିଲା ସଭାପତିଙ୍କ ପାଖକୁ ଡେପୁଟି ମେୟର ତାଲିକା ଆସିଥିବାବେଳେ ଦଳୀୟ ହ୍ୱିପ୍ ଜାରି କରିଛି ବିଜେଡି।


FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR -7, CDA, CUTTACK, ODISHA.
O.A. No. 304 / 2019

Canara Bank (E-Syndicate) ...Applicant
Versus
Nityananda Biswal & another ...Defendant(s)

To,
**D.1. Mr. Nityananda Biswal,** S/o.: Late Kasinath Biswal, At: Panapalli, P.O.: Balia, P.S.: Kujanga, Dist.: Jagatsinghpur- 754141
**D.2. Narayan Majhi,** S/o.: Late Bhima Majhi, At/P.O.: Paradeep Garh, P.S.: Paradeep Lock, Dist.: Jagatsinghpur- 754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 304/ 2019** in the Court of the Debts Recovery Tribunal, Cuttack for recovery of **Rs.26,72,249.36** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **21st May 2022 at 10.30 a.m** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this **1st day of April 2022.**

Sd/- (M.K. Patnaik)
REGISTRAR



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

REF. NO. WC / TENDER / BISCUIT, GROCERY & SOFT DRINKS / 2022-2023 / 455 Dated: 26.03.2022

Sealed Tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| Sl.No. | SCHEDULE - A | EMD |
|---|---|---|
| 1. | BISCUITS, GROCERY & SOFT DRINKS (PACKED & NON-PACKED) | Rs.15000.00 |

Tender form can be obtained from the office of the Manager (Pl – W & C), Welfare & Canteen Department, on all working days during the working hours on payment of Rs.110/- (Rupees One Hundred Ten only inclusive of all taxes) through SB Collect.

The tenders complete in all respect will be received up to 25-04-2022, 3-00 P.M in the tender box kept in the office of the Manager (Pl – W & C). The tender will be opened at 4.00 P.M on the same day. The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.

GM (PL – W, C, T & M)
Welfare & Canteen Department

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*



**ODISHA PUBLIC SERVICE COMMISSION, CUTTACK**
**NOTICE**
**No.3140/PSC, Dt.6.4.22**
**1E-09-2021/22 (DR-III)**

**No.D-02:** This is for information of all concerned that on the basis of Written Examination held on 20.02.2022 for the post of Assistant Director of Sericulture pursuant to Advt. No.07 of 2021-22. The following candidates have been selected for Oral test subject to validation of their candidature after document verification. The document verification & oral test shall be held in Office of the Commission as per the following programme detailed below :

**PROGRAMME OF DOCUMENT VERIFICATION & ORAL TEST**

| Sl. No. | Date | Time of Verification | Time of Viva Voce Test | Roll Numbers of Candidates |
|---|---|---|---|---|
| 1 | 20.04.2022 | 8.30 A.M. | 10.45 A.M. | 100034, 100035, 100037, 100048, 100058, 100061, 100074, 100088 & 100096= **09 candidates** |
| | | 1.30 P.M. | 3.00 P.M. | 100097, 100100. 100108. 100112 & 100118 = **05 candidates** |
| 2 | 21.04.2022 | 8.30 A.M. | 10.45 A.M. | 100152, 100162, 100170, 100171, 100190, 100194. 100197, 100245 & 100254 = **09 candidates** |
| | | 1.30 P.M. | 3.00 P.M. | 100261. 100266. 100281 & 100293 = **04 candidates** |

**The candidates are required to produce the following documcnts-**
1)Copy of online application form; 2) Bio-data Form; 3) Attestation Form; 4) Two passport size photographs (unsigned & unattested), 5) HSC or equivalent certificate in support of declaration of age issued by the concerned Board/ Council; 6) Degree/Post-Graduate Degree certificate in the relevant disciplines from a recognized University/Institution; 7) Candidates having B.Sc. with Botany and Zoology or Life Science must produce Post Graduate Diploma certificate in Sericulture along with a certificate showing one year field experience in Sericulture from the competent authority; 8) Candidates having B.Sc.(Ag.) must produce a certificate showing one year experience in Sericulture from the competent authority; 9) Mark-lists in support of all the aforesaid Examinations issued by the concerned Board/Council/University; 10) Caste Certificate by birth in support of claim as S.T./S.C. and S.E.B.C. whichever applicable; 11) Required Odia Pass Certificate from the competent Authority; 12) Any proof of identity.
**Mere participation in the document verification does not reserve any right to appear the Oral test.** The candidates shall be allowed to the Oral test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**Sd./-Secretary**
OIPR-12002/11/0005/2223



**IN THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, CDA, CUTTACK, ODISHA
O.A. NO.: 306 of 2021

AXIS BANK LIMITED ...APPLICANT
-VERSUS-
M/s. Ganpati Transport & others ...DEFENDANTS

To,
1. **M/s. Ganpati Transport,** represented by its Proprietor **Amit Kumar Shah,** At: Main Road, Khariar Road, Nuapada, Odisha-766104.
2. **Amit Kumar Shah,** S/o- Kishor Kumar Shah, At: Ward No.-8, Nandaram Nagar, Khariar Road, P.S.: Jonk, Dist.: Noapada, Odisha-766104.
3. **Jayshree @ Jaishree Shah,** W/o- Kishor Shah, At: Nandaram Nagar, Khariar Road, B Parishad, P.S.: Jonk, Dist.: Nuapada, Odisha-766104.
4. **Sasmita Shah,** W/o- Amit Kumar Shah, At: Nandaram Nagar, Khariar Road, P.S.: Jonk, Dist.: Nuapada, Odisha-766104.
5. **Kishor Kumar Shah @ Kishor Shah,** S/o- Bhagaban Shah, At: Ward No.-11, Khariar road N.A.C., P.S.: Jonk, Dist.: Nuapada-766104.
6. **Sunil Kumar Shah,** Ward No.-8, Main Road, At/P.O.: Khariar Road, Nuapada, Odisha-766104.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in O.A. in the Court of Debts of Recovery Tribunal at Cuttack for recovery of **Rs.2,35,79,962.71 (Rupees Two Crore Thirty Five Lakhs Seventy Nine Thousand Nine Hundred Sixty Two and Seventy One Paisa Only)** with pendente lite and future interest against the Defendants to be realized jointly and severally. The above mentioned Defendants are therefore hereby directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the date if publication or on **12.05.2022 at 10.30 a.m.** as to why reliefs prayed for should not be granted.
Take notice that in case of default the application will be heard and determined in their absence.

Date: 22.03.2022
Sd/- (M.K. PATNAIK)
REGISTRAR



**IN THE DEBTS RECOVERY TRIBUNAL: CUTTACK: ODISHA**
C-71, SECTOR-7, CDA, CUTTACK, ODISHA
O.A. NO.: 310 / 2021

AXIS BANK LIMITED ...APPLICANT
-VERSUS-
M/s. Sri Biswanath Filling Station And Others ...DEFENDANTS

To,
1. **M/s. Sri Biswanath Filling Station,** represented by its Proprietor **Deepak Kumar Sahoo,** At: Delang, Ramachandrapur, Delang, Dist.: Puri, Odisha-752015.
2. **Deepak Kumar Sahoo,** S/o- Artatrana Sahoo, At/P.O.: Delanga, Delang, Dist.: Puri, Odisha-752015.
3. **Artatrana Sahoo,** S/o- Bula Sahoo, At/P.O.: Delanga, Delang, Dist.: Puri, Odisha-752015.
4. **Gunanidhi Sahoo,** S/o- Bula Sahoo, At: Delanga Delangakothabar, Dist.: Puri, Odisha-752015.
5. **Bharat Chandra Sahoo,** S/o- Bula Sahoo, At: Delanga Delangakothabar, Dist.: Puri, Odisha-752015.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in O.A. in the Court of Debts of Recovery Tribunal at Cuttack for recovery of **Rs.34,02,055.39 (Rupees Thirty Four Lakhs Two Thousand Fifty Five and Thirty Nine Paisa Only)** with pendente lite and future interest against the Defendants to be realized jointly and severally. The above mentioned Defendants are therefore hereby directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the date of publication or on **12.05.2022 at 10.30 a.m.** as to why reliefs prayed for should not be granted.
Take notice that in case of default the application will be heard and determined in their absence.

Date: 22.03.2022
Sd/- (M.K. PATNAIK)
REGISTRAR



**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡା**
ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Tel:05846 (STD Code) 243244 (Off), 243244 (Fax),
E-mail:paitdaballiguda2011@gmail.com

**INTEGRATED TRIBAL DEVELOPMENT AGENCY, BALLIGUDA**
ST & SC DEVELOPMENT DEPARTMENT
GOVERNMENT OF ODISHA

No.285/ITDA Dated 05.04.2022

**SHORT TENDER CALL NOTICE**

Sealed quotations are invited from the intending Manufacturer / Firm/ Suppliers/ Dealer for supply, fitting and installation of 01 MT Lemmon grass oil extraction unit/s in ITDA Balliguda area of Kandhamal District. The tender papers should drop in the drop box of this office during the office hours only.
**Application Date :** From 06.04.2022 to 11.30 A.M. of 20.04.2022.
**Last Date :-** Upto 11.30 A.M. of 20.04.2022.
The details of specification of items with terms and conditions is available in the website " **www.kandhamal.nic.in**" for wide publication.

**Sd./- Project Administrator, ITDA, Balliguda**

ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। –ଶ୍ରୀମା



# ଇତିହାସର ଗତି ଓ ୟୁକ୍ରେନ୍ ଯୁଦ୍ଧ



ମାଇକେଲ ମାର୍ଦର

ଦାର୍ଶନିକ ବା ପଣ୍ଡିତମାନେ ସମ୍ଭବତଃ ସମ୍ପୂର୍ଣ୍ଣ ଅଲଗା ଦୃଷ୍ଟିକୋଣରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଘଟଣାକୁ ବୁଝାଇଥାଆନ୍ତି। ଉପଯୋଗୀ ସୈଦ୍ଧାନ୍ତିକ ମଡେଲ ଏବଂ ପୂର୍ବ ଉଦାହରଣଗୁଡ଼ିକୁ ନଜରରେ ରଖି ସେମାନେ ଏହା କରିଥାଆନ୍ତି। କିନ୍ତୁ ୟୁକ୍ରେନ୍ ସ୍ଥିତିକୁ ଭିନ୍ନ ଦିଗରୁ ବିଚାର କରିବା କିମ୍ବା ସେଥିରୁ ଅଲଗା ରହିବା ମୋ ପକ୍ଷେ କଷ୍ଟକର। କାରଣ ମୋ ପରିବାରର ଅଧା ସଦସ୍ୟ ୟୁକ୍ରେନ୍‌ରୁ ଆସିଛନ୍ତି। ବ୍ୟକ୍ତିଗତ ଓ ବିଚାରଗତ ଦୃଷ୍ଟିରୁ ମୁଁ ମଧ୍ୟ ଦୀର୍ଘଦିନ ହେବ ଆଣବିକ ଓ ତେଜସ୍କ୍ରିୟ ବିପଦ ଉପରେ ଗଭୀର ଚିନ୍ତା କରି ଆସୁଛି। ମୁଖ୍ୟତଃ ଚେର୍ନୋବିଲ ପାୱାର୍ ପ୍ଲାଣ୍ଟ ଏବଂ ଆଣବିକ ଅସ୍ତ୍ରଗୁଡ଼ିକର ବ୍ୟବହାରକୁ ନେଇ ମୁଁ ବିବ୍ରତ। ଏହା ବ୍ୟତୀତ ୟୁକ୍ରେନ୍‌ର ଏବକାର ସ୍ଥିତି ଏକ ସ୍ପଷ୍ଟ ବିଚାର ଚାହେଁ। ୨୦୨୧ରେ ମୋ ବହି 'ସେନ୍ସ ଅଫ୍ ଅପହେଭେଲ୍'ରେ 'ଦି ଅନ୍‌ଫିନିସ୍‌ଡ କୋଲାପ୍ସ ଅଫ୍ ଦି ସୋଭିଏଟ୍ ୟୁନିଅନ୍' ବା 'ସୋଭିଏଟ୍ ସଂଘର ଅଧୁରା ପତନ' ଅଧ୍ୟାୟରେ ମୁଁ ଯୁକ୍ତି ଦର୍ଶାଇଥିଲି। ଏଥିପାଇଁ ଆମକୁ ଇତିହାସର ଏକ ଦୃଢ଼ ବିଚାର ବା ଦର୍ଶନ ବିକାଶ କରିବାକୁ ହେବ। ଇତିହାସରେ ଥିବା ପ୍ରଭେଦ, ଲମ୍ବା ସମୟ ଧରି ରହିଥିବା ଅପ୍ରତ୍ୟୟ ପ୍ରକ୍ରିୟା ଏବଂ ଘଟଣା ଓ ଏହାର ପ୍ରଭାବଗୁଡ଼ିକ ମଧ୍ୟରେ ରହିଥିବା ସମୟ ଅନ୍ତରର ମୂଲ୍ୟାୟନ କରିବା ଭଳି ଏହାର ଦକ୍ଷତା ରହିବା ଦରକାର। ଏହି ଦାୟିତ୍ୱର ଜରୁରୀ ଆବଶ୍ୟକତା ରହିଥିଲେ ବି ଏବେ ଏହା ସ୍ପଷ୍ଟତଃ କଷ୍ଟଦାୟକ। ୧୯୯୧ରେ ସୋଭିଏଟ୍ ସଂଘର ପତନ ଏବଂ ଏହା ଯୋଗୁ ବହୁ ଅସମ୍ପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। ବହୁ ବିବାଦ ସମାଧାନ ହୋଇ ପାରି ନ ଥିଲା। ଉତ୍ତରାଧିକାର ବା ଲିଗାସିର ସମାଧାନ ଅସମ୍ପୂର୍ଣ୍ଣ ରହିଲା। ପତନ ଓ ଲିଗାସି ମଧ୍ୟରେ ସମୟ ଅନ୍ତର ରହିବା ଯୋଗୁ ତାହାର ପରିଣାମ ଏବେ ଆମେ ଦେଖୁଛୁ। ସମାଧାନ ହୋଇ ନ ଥିବା ସେହି ଲିଗାସିଗୁଡ଼ିକ ଯୋଗୁ ଏବେ ୟୁକ୍ରେନ୍ ଯୁଦ୍ଧ ହେଉଛି। କେବଳ ଏତିକି ନୁହେଁ, ଏହା ଯୋଗୁ ଆର୍ମେନିଆ ଏବଂ ଆଜେରାବିଜାନ ମଧ୍ୟରେ ନାର୍ଗୋନୋ– କରାବାଖରେ ସଂଘର୍ଷ କହୁଳୁଛି। ଏହା ମଧ୍ୟ ବେଲାରୁଷର ଦୁଃଖଦ ଭବିଷ୍ୟତ ପାଇଁ ଦାୟୀ। ସୋଭିଏଟ୍ ଆଣବିକ ଅସ୍ତ୍ରଶସ୍ତ୍ରକୁ ନେଇ ସବୁବେଳେ ଭୟ ସାମ୍ନାକୁ ଆସୁଛି, ଯେଉଁ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ରୁଷିଆ ସ୍ୱାଧୀନ ରାଷ୍ଟ୍ର ହେବା ପରେ ୟୁକ୍ରେନ୍ ତାକୁ ହସ୍ତାନ୍ତର କରିବାକୁ ରାଜି ହୋଇଥିଲା।

ସୋଭିଏଟ ପତନର ଅନିଶ୍ଚିତ ଲିଗାସି ତୁଳନାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆକ୍ରମଣର ଐତିହାସିକ ତାତ୍ପର୍ଯ୍ୟ ଆହୁରି ଜଟିଳ। ଭବିଷ୍ୟତକୁ ଏହା ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି। ୟୁରୋପୀୟ ପର୍ଯ୍ୟବେକ୍ଷକଙ୍କ ମତରେ, ରୁଷିଆର ଆକ୍ରମଣ ୧୯୩୯ରେ ନାଜି ଜର୍ମାନୀର ଆଚରଣକୁ ମନେ ପକାଇଦେଇଛି। ୟୁକ୍ରେନୀୟମାନଙ୍କ ମତରେ,ଏହା ୧୯୩୨–୩୩ର ଅନାହାର ମୃତ୍ୟୁଠାରୁ ଆରମ୍ଭ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ୧୯୮୬ର ଚେର୍ନୋବିଲ ବିପର୍ଯ୍ୟୟର ଭୟଙ୍କର ଅନୁଭବ ଭଳି ପୂର୍ବ ଜାତୀୟ ମହାବିପତ୍ତିକୁ ସ୍ମରଣ କରାଇଦେଇଛି। ରୁଷୀୟମାନେ ଭାବୁଛନ୍ତି ଯେ, ଖବର ପ୍ରସାରଣରେ କଠୋର କଟକଣା ଓ ଆଭ୍ୟନ୍ତରୀଣ ଦମନମୂଳକ ପଦକ୍ଷେପଗୁଡ଼ିକ ସେମାନଙ୍କ ମଧ୍ୟରେ ଷ୍ଟାଲିନ୍‌ବାଦକୁ ଉଜାଗର କରିଦେଇଛି। ଇତିହାସ ପୁନରାବୃତ୍ତି ହେବାର ଏହା ଏକମାତ୍ର ଘଟଣା ନୁହେଁ। ଯାହା ପୁନରାବୃତ୍ତି ହୁଏ, ତାହା ସମ୍ଭାବ୍ୟ ଶେଷକୁ ସୂଚାଇ ନ ଥାଏ, ଯାହା ଘଟିଛି ୟୁକ୍ରେନ୍ ଯୁଦ୍ଧରେ। ତେବେ ପୁଟିନ୍‌ଙ୍କ ଯୁଦ୍ଧ ଅନ୍ତରାଳରେ ସୋଭିଏଟ୍ ସଂଘ ପତନରୁ ଆରମ୍ଭ କରି ତେଜସ୍କ୍ରିୟ ବିକିରଣର ଦୀଘମିଆଦୀ ପରିଣାମର ପ୍ରଭାବ ଭଳି ପୂର୍ବର ସମାଧାନ ହୋଇ ନଥିବା ଘଟଣାଗୁଡ଼ିକ ରହିଛି। ୟୁକ୍ରେନ୍‌ରେ ଯାହା ସବୁ ଆମେ ଦେଖୁଛୁ, ସେଥିରେ ବିଭିନ୍ନ ସମୟରେ ଘଟିଥିବା କାର୍ଯ୍ୟ ଏକ ବିନାଶକାରୀ ଘଟଣାରେ କେନ୍ଦ୍ରୀଭୂତ ହୋଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣମୂଳରେ ରହିଛି ସୋଭିଏଟ୍ ପତନ, ଚେର୍ନୋବିଲ ବିପର୍ଯ୍ୟୟ , ଦୁଇ ବିଶ୍ୱଯୁଦ୍ଧ ଏବଂ ୟୁକ୍ରେନୀୟ ଗଣହତ୍ୟା ଓ ୧୯୩୦ ଦଶକର ଷ୍ଟାଲିନ୍‌ବାଦୀଙ୍କ ଦମନ। ୟୁକ୍ରେନ ଯୁଦ୍ଧରେ ଏହିସବୁ ଇତିହାସ ଏବେ କେନ୍ଦ୍ରୀଭୂତ ହୋଇଛି ଏବଂ ଦାନା ବାନ୍ଧିଛି। ପରମାଣୁ ବୋମାର ବିଖଣ୍ଡିତ କ୍ଷୁଦ୍ର ଉପାଦାନକୁ ଅତି କ୍ଷୁଦ୍ର କରି ଆବଦ୍ଧ କରିବା ଦ୍ୱାରା ଯେଭଳି ଅଧିକ ସାନ୍ଦ୍ରତା ବା ଶକ୍ତି ଧାରଣ କରିଥାଏ,ଏବେ ଏହି ଯୁଦ୍ଧରେ ତାହା ଦେଖିବାକୁ ମିଳିଛି। ଏହି ଯୁଦ୍ଧର ମୂଳ ଲକ୍ଷ୍ୟ ହୋଇଛି ହିଂସା, ଯାହା ଏକ ଐତିହାସିକ ଅନ୍ତର୍ମୁଖୀ ବିସ୍ଫୋରଣ। ଏହି ଯୁଦ୍ଧ ପୂର୍ବ ଇତିହାସର ଅନ୍ତଃ ବିସ୍ଫୋରଣର ଏକ ନମୁନା।

ଇତିହାସର ଗତିକୁ ବୁଝିବାକୁ ତିନୋଟି ଉତ୍କୃଷ୍ଟ ମଡେଲ ରହିଛି। ଏଗୁଡ଼ିକ ହେଲା ରୂଢ଼ିବାଦୀ ପତନ, ଅତୀତ ମହାନତାର ଅବକ୍ଷୟକୁ ନେଇ ଅସନ୍ତୋଷ (ଯାହା ଉଦାରବାଦୀ ପ୍ରଗତି, ଉନ୍ନତ ଜୀବନ ଅବସ୍ଥାର ଅନୁଭବ ଏବଂ ମାନବୀୟ ସ୍ୱାଧୀନତାକୁ ସୂଚିତ କରେ) ଏବଂ ଧ୍ୱଂସ ଓ ପୁନର୍ଜୀବନର ଚକ୍ରୀୟ ପୁନରାବୃତ୍ତି। କିନ୍ତୁ ଏବେ ଇତିହାସର ଗତିକୁ ବୁଝିବା ଲାଗି ଚତୁର୍ଥ ବିକଳ୍ପ ହାଇଛି ଅନ୍ତର୍ମୁଖୀ ବିସ୍ଫୋରଣ। ଇତିହାସ କିଭଳି ସମାଧାନ ହୋଇ ନ ଥିବା ଲିଗାସିଗୁଡ଼ିକ ଚାପରେ କିଭଳି କ୍ଷତିଗ୍ରସ୍ତ ହୋଇଛି ତାହା ବର୍ଣ୍ଣନା କରିବା ଲାଗି ଏହି ଶବ୍ଦ ପଦାର୍ଥ ବିଜ୍ଞାନରୁ ଅଣାଯାଇଛି। ଅନ୍ୟ ତିନୋଟି ମଡେଲରୁ ତତ୍ତ୍ୱଗୁଡ଼ିକୁ ନେଇ ଉଦାରବାଦ ଦୃଷ୍ଟିକୋଣ ବିରୋଧରେ ରୂଢ଼ିବାଦୀକୁ ଠିଆ କରାଇବା ସହ ଏହା ପୁନରାବୃତ୍ତି ଧାରଣାକୁ ପ୍ରଦର୍ଶିତ କରିଛି। ଅନ୍ତଃବିସ୍ଫୋରଣରେ ଖେଳାଇ ହୋଇଯାଇଥିବା ଶକ୍ତିଗୁଡ଼ିକୁ କେନ୍ଦ୍ରାଭିମୁଖୀ କରିପାରିଛି। ସେଥିପାଇଁ ରୁଷିଆର ଗୌରବମୟ ରାଜକୀୟ ଅତୀତର ପୁନର୍ଗଠନର ପ୍ରତିଧ୍ୱନି ଆମେ ସବୁବେଳେ ଶୁଣୁଛୁ। ୟୁକ୍ରେନ୍‌ରେ ମାର୍କେଟ ସ୍ୱାଧୀନତା ଏବଂ ଗଣତନ୍ତ୍ର ଆଡକୁ ଅଦମ୍ୟ ଯାତ୍ରା କଥା ଏବଂ 'ଇତିହାସର ପୁନରାବୃତ୍ତି ଘଟେ' ମନ୍ତ୍ର ମଧ୍ୟ ଶୁଣୁଛୁ। ଇତିହାସର ଅନ୍ତଃବିସ୍ଫୋରଣ ଏବେ ପରିବେଶ ସଙ୍କଟରେ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଚାଲିଥିବା ଷଷ୍ଠ ମହାପ୍ରଳୟର ସମୟ କେବଳ ପୂର୍ବ ୫ଟି ମହାପ୍ରଳୟର ପୁନରାବୃତ୍ତି ନୁହେଁ, ବରଂ ଏହା ମଧ୍ୟ ମାନବ ଜାତି ସମେତ ଅନ୍ୟ ଜୀବଙ୍କ ଐତିହାସିକ ପତନର ସୂଚନା। ଏବକାର ଭୂବୈଜ୍ଞାନିକ ଯୁଗରେ ଏହି ପତନ ସ୍ୱତଃ ଆସିଥିବାରୁ ଐତିହାସିକ ବିସ୍ଫୋରଣର ସବୁ ପଦଚିହ୍ନ ଧାରଣ କରିଛି। ଜଳବାୟୁ ସଙ୍କଟ ଏବଂ ପୁଟିନ୍‌ଙ୍କ କ୍ଷମତା ଓ ଧମକ ଉଭୟେ ଜୀବାଶ୍ମ ଇନ୍ଧନ ଉପରେ ଆମ ନିର୍ଭରଶୀଳତା ଯୋଗୁ ସୃଷ୍ଟି ହୋଇଛି। ଏଥିରୁ ବୁଝାପଡୁଛି, ସେଗୁଡ଼ିକ ସମାନ ପ୍ରକାର ବ୍ୟାପକ ଐତିହାସିକ ଦୃଷ୍ଟାନ୍ତର ଭିନ୍ନ ରୂପ।

କ'ଣ କରିବାକୁ ହେବ ? ଏଭଳି ପ୍ରଶ୍ନ ରାଜନୈତିକ କ୍ଷେତ୍ରରେ ବହୁ ଦିନରୁ ରହିଆସିଛି। କିନ୍ତୁ ଐତିହାସିକ ଦୃଷ୍ଟିକୋଣରୁ ଏହାକୁ ବିଚାର କରାଯାଉ ନାହିଁ କି ଗମ୍ଭୀରତାର ସହ ଉତ୍ଥାପନ କରାଯାଇପାରୁନାହିଁ। ବିଶ୍ୱରେ ଲଗାତର ସ୍ୱାଧୀନତା ଅଭିଯାନ ପାଇଁ ୟୁକ୍ରେନ୍ ଏକ ସାମୟିକ ଅସଫଳତା କି ? ରାଜକୀୟ ରୁଷିଆର ପୁନର୍ଗଠନ ଲାଗି ଏହା ଏକ ସାମୟିକ ସଂଘର୍ଷ କି ? ରୁଷିଆର ଦଖଲକୁ ୟୁକ୍ରେନ୍‌ର ପ୍ରତିରୋଧ କ'ଣ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବ ନା ୨୦୨୨ରେ ୟୁକ୍ରେନ୍‌ରେ ଆଉ କିଛି କରିବାକୁ ଯୋଜନା କରାଯାଇଛି ? ଇହିହାସର ଅନ୍ତଃବିସ୍ଫୋରଣ ପ୍ରତ୍ୟେକ ବିଷୟକୁ ଓ ପ୍ରତ୍ୟେକଙ୍କୁ ତା'ର କେନ୍ଦ୍ର ଆଡକୁ ଆକର୍ଷିତ କରେ। ୟୁକ୍ରେନ୍ ଯୁଦ୍ଧ ଯଦି ଏହି ବିସ୍ଫୋରଣର ଏକ ତଥାକଥିତ ସଙ୍କେତ, ତେବେ ସେଠାରେ ଯୁଦ୍ଧ ଓ ହିଂସା କେବଳ ସେହି ଅଞ୍ଚଳରେ ସୀମିତ ରହିବ। ଏପରିକି ଆରମ୍ଭରୁ ତୃତୀୟ ବିଶ୍ୱଯୁଦ୍ଧ କଥା କହିବା ନିଶ୍ଚିତ ବୋକାମି । ଯୁଦ୍ଧରେ ଏବେ ଉଭୟ ଆଣବିକ ଶକ୍ତି କେନ୍ଦ୍ର ଓ ଅସ୍ତ୍ରଶସ୍ତ୍ରର ଧମକ ଅସ୍ଥାୟୀ ଏବଂ ଆଞ୍ଚଳିକଭିତ୍ତିକ ନିୟନ୍ତ୍ରଣ ଅଭାବର ଲକ୍ଷଣକୁ ପ୍ରକାଶ କରିଛି । ଚାଇନାରେ କୋଭିଡ୍ ଭୂତାଣୁ ଦେଖାଯିବା ପରେ ୟୁରୋପ ଓ ଆମେରିକା ଯେଭଳି ତାହାକୁ ଏକ ଆଞ୍ଚଳିକ ସମସ୍ୟା ଭାବେ ଦେଖିଥିଲେ ସେହିଭଳି ଏବେ ନାଟୋ ଦେଶଗୁଡ଼ିକର ପ୍ରତିରୋଧକ ସ୍ଥିତି ଅନ୍ତଃରାଷ୍ଟ୍ରୀୟ ଆଣବିକ, ଜୈବିକ କିମ୍ବା ରାସାୟନିକ ଅସ୍ତ୍ରର ପରିଣାମର ବିପଦକୁ ଅଣଦେଖା କରୁଛନ୍ତି। ଐତିହାସିକ ଅନ୍ତଃବିସ୍ଫୋରଣର ବିଚାରକୁ ନ୍ୟାୟସଙ୍ଗତ ହେଉ କିମ୍ବା ଅସଙ୍ଗତ , ଯଦି ଯଥା ଶୀଘ୍ର ଗ୍ରହଣ କରାଯାଏ, ତେବେ କ'ଣ କରିବାକୁ ହେବ, ତାହା ଭଲ ଭାବେ ବୁଝିବାକୁ ଆମେ ସକ୍ଷମ ହୋଇପାରିବା।

**ଫିଲୋସଫି ରିସର୍ଚ୍ଚ ପ୍ରଫେସର,**
**ୟୁନିଭର୍ସିଟି ଅଫ୍ ବାସ୍କ୍ୟୁ କଣ୍ଟ୍ରି, ସ୍ପେନ୍**

## ଏଇ ଭାରତରେ

ଗୋବର ଚପଲ କଥା ଶୁଣିଛନ୍ତି କି! ଏଭଳି ଚପଲ ତିଆରି କରୁଛନ୍ତି ଛତିଶଗଡ଼ର ରିତେଶ ଅଗ୍ରୱାଲ। ୧୫ ବର୍ଷ ପୂର୍ବେ ରିତେଶ ଚାକିରି ଛାଡି ପ୍ରଥମେ ଗୋଶାଳାରୁ ଗୋବର ସଂଗ୍ରହ କରି ସେଥିରୁ ପରିବେଶ ଉପଯୋଗୀ ସାମଗ୍ରୀ ତିଆରି କରିବା ଆରମ୍ଭ କରିଥିଲେ। ପ୍ରଥମେ ସେ ରାଜସ୍ଥାନର ପ୍ରଫେସର ଶିବଦର୍ଶନ ମଲିକଙ୍କଠାରୁ ଗୋବରୁ ଇଟା ତିଆରି କରିବା ପ୍ରଶିକ୍ଷଣ ନେଇଥିଲେ। ପରେ ସେ ଗୋବର ଦୀପ ଓ ମୂର୍ତ୍ତି ଆଦି ତିଆରି କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଗୋବରରୁ ୩୦ରୁ ଊର୍ଦ୍ଧ୍ୱ ଦ୍ରବ୍ୟ ପ୍ରସ୍ତୁତ କରିଛନ୍ତି। ପ୍ରଥମ ଗୋବର ଚପଲ ସେ ତାଙ୍କ ଜେଜେମା'ଙ୍କ ପାଇଁ ତିଆରି କରିଥିଲେ। ତାହା ଦେଖି କେତେଜଣ ସେମାନଙ୍କ ପାଇଁ ସେଭଳି ଚପଲ କରିବା ଲାଗି ରିତେଶଙ୍କୁ ଅନୁରୋଧ କରିଥିଲେ। ଗୋବର ସହ ବିଭିନ୍ନ ଜିନିଷ ମିଶାଇ ସେ ଏହି ଚପଲ ପ୍ରସ୍ତୁତ କରୁଛନ୍ତି। ୧ କେଜି ଗୋବରରୁ ୧୦ଟି ଚପଲ ହେଉଛି ଓ ଦଶ ଦିନ ସମୟ ଲାଗୁଛି। ପ୍ରତ୍ୟେକ ଚପଲର ମୂଲ୍ୟ ରହିଛି ୪୦୦ ଟଙ୍କା। ଏହା ବର୍ଷାରେ ୩–୪ ଘଣ୍ଟା ଭିଜିଲେ ମଧ୍ୟ ନଷ୍ଟ ହେଉନହିଁ। ଖରାରେ ଶୁଖାଇ ତାହାକୁ ପୁନର୍ବାର ବ୍ୟବହାର କରାଯାଇପାରିବ ବୋଲି କହନ୍ତି ରିତେଶ। ଭାରତର ବିଭିନ୍ନ ସ୍ଥାନରୁ ଚପଲ ଲାଗି ତାଙ୍କୁ ଅର୍ଡର ମିଳୁଛି। ଏବେ ସୁଦ୍ଧା ରିତେଶ ୧୦୦୦ ଚପଲ ବିକ୍ରି କରି ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୭ ଏପ୍ରିଲ ୧୯୯୭

- ଆଲ୍‌ଜେରିଆ ରାଜଧାନୀ ଆଲର୍ଜିୟର୍ସରେ ଇସ୍‌ଲାମୀୟ ଉଗ୍ରବାଦୀମାନେ ୯୦ ଜଣ ଲୋକଙ୍କୁ ହତ୍ୟା କରିଛନ୍ତି।
- ଆମେରିକାର ମେଜର ଜେନେରାଲ କ୍ଲାଇଡିଆ ଜେ. କେନେଡିଙ୍କୁ ପ୍ରଥମ ମହିଳା ଥ୍ରୀଷ୍ଟାର ଜେନେରାଲ ଭାବରେ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ମନୋନୀତ କରିଛନ୍ତି।
- ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ପ୍ରଫେସର କୃଷ୍ଣଚରଣ ସାହୁଙ୍କର ୬୮ ବର୍ଷ ବୟସରେ ପରଲୋକ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | 8 | 2 |
| | | | | 4 | 6 | | | 9 |
| 3 | 8 | | | | | | | 6 |
| 4 | | | 7 | | | | | |
| 2 | | | | 9 | | | | |
| | 5 | | | | | 1 | 6 | |
| | | | | | 3 | | 9 | |
| 7 | | | | | 1 | 3 | 5 | |
| | | 1 | | | | | | |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 2 | 1 | 9 | 5 | 7 | 4 | 8 |
| 5 | 1 | 8 | 4 | 7 | 3 | 2 | 9 | 6 |
| 7 | 9 | 4 | 6 | 8 | 2 | 1 | 3 | 5 |
| 6 | 7 | 5 | 9 | 1 | 4 | 8 | 2 | 3 |
| 9 | 8 | 1 | 3 | 2 | 6 | 5 | 7 | 4 |
| 4 | 2 | 3 | 7 | 5 | 8 | 9 | 6 | 1 |
| 2 | 5 | 6 | 8 | 4 | 7 | 3 | 1 | 9 |
| 8 | 3 | 9 | 2 | 6 | 1 | 4 | 5 | 7 |
| 1 | 4 | 7 | 5 | 3 | 9 | 6 | 8 | 2 |

ଗତକାଲିର ଉତ୍ତର

# ବଡ଼ଲୋକଙ୍କୁ ଉତ୍ତର ନାହିଁ



ନିରଞ୍ଜନ ସାହୁ

ବିଜ୍ଞଜନେ, ଏହି କଥାଟି କାଳକାଳରୁ ଚାଲିଆସିଛି ଆମ ସମାଜରେ। କଥାରେ ନଥା ଭଳି କୌଣସି ଆଲୋଚନା ବେଳେ ଏହାକୁ କହି ଆମର କଥାର ଗୁରୁତ୍ୱ ଆମେ ବଢ଼ାନ୍ତି। ସ୍ୱର୍ଗକୁ ନିଶୁଣି ନାହିଁକୁ ବ୍ୟବହାର କରାଯାଏ ଏକ ପରୀକ୍ଷିତ ସିଦ୍ଧାନ୍ତ ରୂପରେ ଯଦିଓ ଏହା ନେତିବାଚକ ; ମାତ୍ର ନିଶ୍ଚୟାତ୍ମକ। ଆଉ ତାକୁ ଦ୍ୱାହିଦେଇ ସେଇ ଆଧାରରେ କୁହାଯାଏ ଯେ ବଡ଼ଲୋକଙ୍କୁ ଉତ୍ତର ନାହିଁ। ଏହାର ମାର୍ମିକ ଅର୍ଥଟି ହେଲା – ସ୍ୱର୍ଗକୁ ନିଶୁଣି ନାହିଁ ଯେମିତି ଠିକ୍ ସେଇମିତି ବଡ଼ଲୋକଙ୍କୁ ଉତ୍ତର ଦେବା ଅନୁରୂପ ଅସମ୍ଭବ।

ବଡ଼ଲୋକ କହିଲେ ଅନେକ ଅର୍ଥ ବାହାରିପାରେ। ବୟସ୍କ ଦୃଷ୍ଟିରୁ ଯେଉଁମାନେ ବଡ଼ ସେମାନଙ୍କୁ ବଡ଼ ବୋଲି ଧରିନେବା ଆମର ଏକ ତାତ୍କାଳିକ ବିଚାର ପାଲଟିଛି। ଜାତି ବିଭକ୍ତ ପ୍ରାଚୀନ ସମାଜରେ କିଛି ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ହୋଇଥିବା ଲୋକମାନଙ୍କୁ ସାମାଜିକ ସ୍ତରରେ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କୁ ବଡ଼ଲୋକର ଆଖ୍ୟା ଦିଆଯାଉଥିଲା। ସମାଜରେ ଯେଉଁମାନେ ବିତ୍ତଶାଳୀ, ଯେଉଁମାନେ ଅନେକ ଐଶ୍ୱର୍ଯ୍ୟର ଅଧିକାରୀ ସେମାନଙ୍କୁ ମଧ୍ୟ ବଡ଼ଲୋକ ବୋଲି ଧରି ନିଆଯାଉଥିଲା। ଆଉ ଯେଉଁମାନେ ଜ୍ଞାନୀ, ଗୁଣୀ, ତପସ୍ୱୀ ସେମାନଙ୍କୁ ବଡ଼ ବୋଲି ଯଦି ଆମେ ନ ଗଣିବା ଗଣିତ ଆମର କେବଳ ଭୁଲ୍ ଆଡ଼କୁ ମୁହାଁଇ ଯିବା ସ୍ୱାଭାବିକ। ବଡ଼ଲୋକର ଏତେ ସଂଜ୍ଞା ସବୁକୁ ବା ଏଥିରୁ ଗୋଟିକୁ ଯଦି ଗ୍ରହଣ କରିବା ତା'ହେଲେ ତାଙ୍କୁ ଉତ୍ତର ଦେବା ମନା କାହିଁକି?

ବଡ଼ଲୋକ କ'ଣ ପ୍ରଶ୍ନ କଲେ ତାଙ୍କୁ ଉତ୍ତର ଦେବା ଉଚିତ ନୁହେଁ? ନା ସେଇ ଉଦ୍ଦେଶ୍ୟରେ ବୋଧହୁଏ ଏଇକଥା କୁହାଯାଇନାହିଁ। ସେମାନେ ପ୍ରଶ୍ନ କଲେ ତାଙ୍କୁ କିଛି ନକାରାତ୍ମକ ମନ୍ତବ୍ୟ ନ ଦେଇ କେବଳ ହଁ କହିବାକୁ ଇଙ୍ଗିତ କରାଯାଇଛି, ଅର୍ଥାତ୍ ପ୍ରଶ୍ନକର୍ତ୍ତା ବଡ଼ଲୋକ ଅଥବା ଗୁରୁ ପ୍ରାଜ୍ଞ ଯାହା ପଚାରିବେ ତା'ର ଉତ୍ତର କ'ଣ କେବଳ ହଁ କି ନା ହେବ – ଏପରି ପ୍ରଶ୍ନ ତ ବଡ଼ ଜଟିଳ!

ମନୋଜ ଦାସ ତାଙ୍କର ଗୋଟିଏ ଗଳ୍ପରେ ବଡ଼ ଚମତ୍କାର ଭାବରେ ଏକଥା ବର୍ଣ୍ଣନା କରିଛନ୍ତି। ଗୋଟିଏ ମକଦ୍ଦମାର ବିଚାର ବେଳେ ଜଣେ ଓକିଲ ମହକିଲଙ୍କୁ ତାଗିଦ୍ କରି ପଚାରିଲେ, ''ମୁଁ ଯାହା ପଚାରିବି ତା'ର ଉତ୍ତର ଆପଣ ହଁ କିମ୍ବା ନାରେ ଦେବେ।'' ବିଚରା ପ୍ରତିପକ୍ଷର ମହକିଲ ନମ୍ର ଭାବରେ କହିଲେ, ''ଆଜ୍ଞା ତାହା ତ ସବୁବେଳେ ସମ୍ଭବ ନୁହେଁ।'' ତହୁଁ ବିସ୍ଫାରିତ ନେତ୍ରରେ କର୍କଶ କଣ୍ଠରେ ଓକିଲବାବୁ କହିଲେ, ''ଅଲବତ୍ ଉତ୍ତର ଦେବ ହଁ ବା ନା'ରେ।'' ତହୁଁ ମହକିଲ ଜଣକ କହିଲେ, ''ଆଜ୍ଞା ମୁଁ ଆପଣଙ୍କୁ ପଚାରୁଛି ଦୟାକରି ସେଇ କ୍ରମରେ କହିବେ କି, ମୁଁ ଯଦି ପଚାରେ, ଆପଣଙ୍କ ବାପା କ'ଣ ମଦଖିଆ ଛାଡ଼ିଲେଣି?'' ସେତେବେଳେ ଓକିଲବାବୁଙ୍କର ଅକଲ ଗୁଡୁମ୍।

ଠିକ୍ ସେଇମିତି ଯଦି ବଡ଼ଲୋକମାନେ ଆଶା କରିବେ ତାଙ୍କର ସବୁ ପ୍ରଶ୍ନର ଉତ୍ତର ଆମେ ସାନମାନେ ଖାଲି ହଁ ବା ନା'ରେ ଦେବା ଅପେକ୍ଷା କେବଳ ହଁ କାହିଁକି କହିବା ବରଂ ଚୁପ୍ ରହିଯିବା – ଯାହାକି ବୁଝେଇଦେବ – ମୌନଂ ସମ୍ମତି ଲକ୍ଷଣଂ। ତଥାକଥିତ ବଡ଼ଲୋକମାନଙ୍କ ହୁକୁମ୍‌କୁ ଆଖିବୁଜି ସେଇ ବଡ଼ପଣ୍ଡାମାନଙ୍କର ନିର୍ଦ୍ଦେଶକୁ ମାନିନେଇ କେତେ ଯେ ବିଶୃଙ୍ଖଳା ଘଟିଛି ଅତୀତରେ ଆଉ ଏବେ ଘଟିବାକୁ ଯାଉଛି ତା'ର ଉଦାହରଣ ଚାରିଆଡ଼େ – ଏଠି, ସେଠି, ସବୁଠି।

ଉତ୍ତର ଦେବାରେ ଦାୟିତ୍ୱ ଯିଏ ନେଇଛି ତା'ର ଉତ୍ତର ପାଇଁ ସେ ଦାୟୀ। ତାକୁ ଏପରି ଉତ୍ତର ପାଇଁ ବାଧ୍ୟ କରାଯାଇପାରିବ ନାହିଁ, ଯାହା ତାକୁ ପରେ ଦଣ୍ଡନୀୟ କରିବ। ଏକଥା ବି ଦଣ୍ଡ ସଂହିତାରେ କୁହାଯାଇଛି ; ମାତ୍ର ଆମକୁ ଏକ ସହିଷ୍ଣୁ ଉଦାରବାଦୀ ଭାବରେ ଗ୍ରହଣ କରାଯାଇ ଆମେ ଶିଶୁସୁଲଭ ସବୁ କଥାରେ ଦରୋଟି ହସଟିଏ ବିତରଣ କରି ବଡ଼ମାନଙ୍କୁ ସେମାନଙ୍କର ପାଉଣାଟି ନୀରବ ସମର୍ଥନ ମାଧ୍ୟମରେ ଦେଇଦେଲେ ସମାଜର ଅଧୋଗତି ହୁଏ।

ଆମେ ବୁଝିବା ଦରକାର ଯେ ପର୍ଯ୍ୟନ୍ତ ଆମେ ଆମର ବିବେକ ବୁଦ୍ଧିର ପ୍ରୟୋଗ ନ କରି କେବଳ ଅନ୍ୟର ମର୍ଜିରେ ଚଳନ୍ତି ତାହା ତାଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ ; ମାତ୍ର ତାହା ଯେ ଉତ୍ତରଦାତାଙ୍କ ଏକ ହତାଶପୂର୍ଣ୍ଣ ସ୍ୱଗତୋକ୍ତି ତାହା ଆମେ ଅନୁଭବ କରିପାରୁନାହୁଁ। ସେଥିପାଇଁ କୋର୍ଟ କଚେରିରେ ଯୁକ୍ତି ବଳରେ ସତ୍ୟକୁ ଖୋଜିବାର ପ୍ରୟାସ କରାଯାଏ।

ଜଣେ ବନ୍ଧୁଙ୍କ ସହିତ କିଛିଦିନ ତଳେ ଆଲୋଚନା ବେଳେ ସେ ଯାହା କହିଲେ ତାହା ମୋତେ ଭାରି ବ୍ୟଥିତ କଲା। ସେ କହୁଥିଲେ, ତାଙ୍କର ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପୁଅକୁ ଘରକୁ ଆସିଥିବା ଜଣେ ଅତିଥି ପଚାରିଲେ ଆରେ ବାବା, ତୋର ବାପା କ'ଣ କରନ୍ତି – ସେ ଉତ୍ସାହିତ ହୋଇ ଉତ୍ତର ଦେଲା, ''ସବୁବେଳେ ଟେଲିଫୋନ ଧରିଥାନ୍ତି ଘରେ ; ମାତ୍ର ଖୁବ୍ କ୍ୱଚିତ୍ କଥାବାର୍ତ୍ତା କରନ୍ତି ବାପା। କେବଳ ଆମେ ଶୁଣୁଥାଉ ତାଙ୍କର ବାରମ୍ବାର କଥାପଦେ। ୟେସ୍ ସାର୍ – ୟେସ୍ ସାର୍।'' ଜଣେ ମଧ୍ୟ ଅଥବା ନିମ୍ନବର୍ଗର ଅଧିକାରୀଙ୍କ ନିତିଦିନିଆ ଜୀବନ କାହାଣୀ ଏହାଠାରୁ ଅଧିକ ମାର୍ମିକ ଭାବରେ ବୋଧହୁଏ କୁହାଯାଇପାରିବ ନାହିଁ। ବାପା କହିଲେ ଯେଉଁ ଶିଶୁ ଭାବୁଥାନ୍ତା ମୋ ବାପା ସବୁଠାରୁ ବୁଦ୍ଧିମାନ ବା ବଳବାନ ସେଇ ଶିଶୁଟି ଆଜି କହୁଛି ''ବାପା ଖାଲି କହନ୍ତି – ୟେସ୍ ସାର୍ ୟେସ୍ ସାର।'' ଭାରତ ହୁଏତ ସ୍ୱାଧୀନତା ପାଇଥାଇପାରେ ଅନ୍ୟମାନେ କଦବା କେମିତି ସ୍ୱାଧୀନତାର ସ୍ୱାଦ ଚାଖି ଥାଇପାରନ୍ତି ହେଲେ ଏହି ନିମ୍ନବର୍ଗୀୟ ବା ମଧ୍ୟବର୍ଗୀୟ କର୍ମଚାରୀମାନେ ଆଜୀବନ ପରାଧୀନ ଯେମିତି, ସେମାନଙ୍କୁ ମୁନିବ ଯାହା କହନ୍ତି ତାହାହିଁ ସେମାନଙ୍କର ଶିରୋଧାର୍ଯ୍ୟ।

ବଡ଼ ହାକିମମାନଙ୍କର କଥା ସାମାନ୍ୟ ଅମାନ୍ୟ କଲେ କେତେବେଳେ ସିସିଆର୍‌ରେ ବିପରୀତ ମନ୍ତବ୍ୟ ପୁଣି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତ କେତେବେଳେ ଦଣ୍ଡକାରଣ୍ୟ ଭଳି ନାହିଁ ନାହିଁର ଅଞ୍ଚଳକୁ ପଠାଇ ଦେବାର ଧମକ। ତେଣୁ ସେମାନେ ନିଜର ଜ୍ଞାନ ଓ ବିବେକକୁ ପ୍ରୟୋଗ ନ କରି କେବଳ ବଡ଼ବଡୁଆଙ୍କ ମର୍ଜିରେ ଫାଇଲରେ ଲେଖିଦିଅନ୍ତି। ଆମ ବ୍ୟବସ୍ଥାର ଉନ୍ନତି ହେବାପାଇଁ ଉଭୟ ପକ୍ଷର ମନୋଭାବ ବଦଳିବା ଦରକାର। ଯେଉଁମାନେ ମୁଖିଆ ଶ୍ରେଣୀୟ ସେମାନେ ଅଧସ୍ତନଙ୍କୁ ସତ ଏବଂ ଠିକ୍ ଜିନିଷ ଟିପ୍ପଣୀ ଦେବାକୁ କହିବା ଦରକାର ଏବଂ ଅଧସ୍ତନ ବର୍ଗ କୌଣସି ବିଷୟକୁ ଅନୁଧ୍ୟାନ କଲାବେଳେ 'କାଳେ ଖରାପ ଭାବିବେ ମୋ ବସ୍' ନ ଭାବି ଯାହା ସତ୍ୟ ଓ ତଥ୍ୟର ଆଧାରରେ ତାହାହିଁ ଲେଖିବା ଦରକାର। ଏହା ହୁଏତ 'ୟେସ୍ ସାର୍' ସଂସ୍କୃତିକୁ ବଦଳେଇ ଦେଇପାରେ। ଆପଣ ଯଦି କୌଣସି ଚାକିରି କରୁଥାନ୍ତି ତା'ହେଲେ ମୂଳରୁ ଆପଣ ଶିଖିଥିବେ ଯେ Boss is always right । ଅବଶ୍ୟ କେହିଜଣେ ଏହାକୁ ଅଧିକ ରୋଚକ ଭାବରେ ଦୁଇଥାକିଆ ନିୟମ ଭାବରେ ପ୍ରକାଶ କରିଛନ୍ତି। ପ୍ରଥମ ବାକ୍ୟଟି ତ ରହିଛି ତା' ସାଙ୍ଗକୁ ଯୋଡ଼ାଯାଇଛି If the Boss is wrong, then see rule No. 1. ଅର୍ଥାତ୍ ପ୍ରଭୁଙ୍କ ଛଡ଼ା ଅନ୍ୟ ଗତି ନାହିଁ।

ପିଲାବେଳରୁ ଆମକୁ ପ୍ରକାରାନ୍ତରେ ଖୋସାମତି ଶିକ୍ଷା ଦିଆଯାଇଛି। ଆପଣ ଏତକ ଶୁଣି ବିରକ୍ତ ହେବା ଆରମ୍ଭ କରିବେଣି। ଟିକିଏ ଧୈର୍ଯ୍ୟ ଧରି ଶୁଣନ୍ତୁ। ପ୍ରାଥମିକ ଶ୍ରେଣୀରେ ଶୁଣିଥିବା ଗପ ଗଣେଶ କାର୍ତ୍ତିକଙ୍କ କଥା ମନେପକାନ୍ତୁ। ପ୍ରଶ୍ନ ଥିଲା କିଏ ଚଉଦ ବ୍ରହ୍ମାଣ୍ଡ ବୁଲିଆସି ପ୍ରଥମେ ପହଞ୍ଚିବ, ସିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାବୋଲି ଧରାଯିବ। କାର୍ତ୍ତିକ ବାହାରିଗଲେ ବ୍ରହ୍ମାଣ୍ଡ ପ୍ରଦକ୍ଷିଣ ପାଇଁ। ଗଣେଶ ପିତା ମହାଦେବଙ୍କ ଚାରିପଟେ ଘୂରି ବୁଲିଲେ ; ମାତ୍ର ସେ ଜିତିଲେ ବୋଲି କୁହାଗଲା। ପିଲା ବୟସରେ ବୁଝି ନ ପାରୁଥିଲେ ବି ଏବେ ପରିଣତ ବୟସରେ ଆପଣ ବୁଝିପାରୁଥିବେ ଇଏ ହେଉଛି ସେଇ ବଡ଼ ଲୋକଙ୍କୁ ଖୁସି କରିବାର ପଦ୍ଧତି। ଏଇ ଗପ ଯେମିତି ଶିକ୍ଷାଦିଏ – ଖୋସାମତି ଜିନ୍ଦାବାଦ୍।

ଆଜି ଆମର ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣା ନିକୃଷ୍ଟମାନର ହେବା, ଆନ୍ତର୍ଜାତିକ ସ୍ତରରେ ଆମର ନ୍ୟୂନ ପରିଚିତିର ମୂଳଦୁଆ ହେଲା ଏଇଆ ଯେ ଆମେ ଉପରିସ୍ଥମାନଙ୍କୁ 'ନା' କହିପାରୁନେ – ଆମ ଭିତରେ ଏକ ବିଶ୍ଳେଷଣାତ୍ମକ ଭାବର ଅଭାବ ସୃଷ୍ଟି ହୋଇଯାଉଛି। ମୋର ଉଦ୍ଦେଶ୍ୟ ନୁହେଁ ଯେ ଆମେ ସବୁ କଥାରେ ଗୋଟାଏ ଅଯଥା ବିତଣ୍ଡା ଯୁକ୍ତିତର୍କ କରିବା ; ମାତ୍ର ଯୁକ୍ତିସମ୍ମତ ଓ ତଥ୍ୟଭିତ୍ତିକ କଥା କହିବାକୁ ଥିଲାବେଳେ ଆମେ ଚୁପ୍ ରହିଲେ ତାହା ଆମର ଅଜ୍ଞାନତା ଓ ଅଯୋଗ୍ୟତାକୁ ଦୃଢ଼ୀକରଣ କରିବ ନିଶ୍ଚୟ। ତେଣୁ ଆସନ୍ତୁ ଆବଶ୍ୟକସ୍ଥଳେ ନମ୍ରଭାବେ ପ୍ରତିବାଦ କରିବାକୁ ଶିଖିବା – ତାହା ଅତି ଜରୁରୀ।

**ମୋ:୯୪୩୮୪୮୨୯୧୧**

# ମହିଳାଙ୍କ ଅବୈତନିକ କାର୍ଯ୍ୟ



ଡା. ସବିତା ମିଶ୍ର

ଆମ ଭାରତୀୟ ସଂସ୍କୃତିରେ ମହିଳାମାନେ ସାଧାରଣତଃ ଗୃହ ଭିତରେ ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ କରିଥାନ୍ତି। ସେମାନେ ଜଣେ ମା', ସ୍ତ୍ରୀ, ଝିଅ ଓ ସେବାକାରିଣୀ ଭାବରେ କାର୍ଯ୍ୟ ତୁଲାଇବା ସହିତ ଘରର ରୋଷେଇ, ପିଲାଙ୍କ ଯତ୍ନ, ପାଣି ଓ ଜାଳେଣି ସଂଗ୍ରହ, ଗୋରୁ ଯତ୍ନ, ବାଡ଼ିବଗିଚାରେ ପନିପରିବା ଉତ୍ପାଦନ ଆଦି କରିଥାନ୍ତି। ଆଉ ମଧ୍ୟ ଗ୍ରାମାଞ୍ଚଳର ମହିଳାମାନେ କୃଷିରେ ବିହନବୁଣା, ତଳିରୁଆ, ଘାସବଛା, ଫସଲକଟା, ଅମଳ ଓ ଅମଳ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଦାୟିତ୍ୱ ନେଇଥାନ୍ତି। ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ମଧ୍ୟରାତ୍ରି ପର୍ଯ୍ୟନ୍ତ ସେମାନଙ୍କୁ ଫୁରସତ୍ ନ ଥାଏ। ଏହିପରି ଭାବରେ ସେମାନେ ଦିନର ୨୪ଘଣ୍ଟା ମଧ୍ୟରେ ବିଭିନ୍ନ ପ୍ରକାରର କାର୍ଯ୍ୟ ସାରିବାକୁ ବାଧ୍ୟ ହୋଇଥାନ୍ତି। ଫଳରେ ମହିଳାମାନଙ୍କୁ ଅତ୍ୟଧିକ ମାତ୍ରାରେ ଶାରୀରିକ ତଥା ମାନସିକ କ୍ଷେତ୍ରରେ କାର୍ଯ୍ୟରତ ରହିବାକୁ ପଡ଼େ ଓ ଶ୍ରମଦାନ ମଧ୍ୟ କରିବାକୁ ପଡ଼ିଥାଏ। କିନ୍ତୁ ଏହିସବୁ କାର୍ଯ୍ୟ କରିବାରେ ମହିଳାମାନଙ୍କୁ କୌଣସି ମୂଲ୍ୟ ବା ଟଙ୍କା ପଇସା ମିଳି ନ ଥାଏ। ସେମାନେ ବିନାମୂଲ୍ୟରେ ଉକ୍ତ କାର୍ଯ୍ୟମାନ କରିଥାନ୍ତି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଯେ, ମହିଳାମାନଙ୍କର ଏହି କାମରୁ କିଛି ରୋଜଗାର ହେଉ ନ ଥିବାରୁ ଆମ ସମାଜରେ ଅବୈତନିକ କାର୍ଯ୍ୟକୁ ଖୁବ୍ ହେୟ ମନାଯାଇଥାଏ। ମହିଳାମାନେ ମଧ୍ୟ ଏହିଭଳି କାର୍ଯ୍ୟରେ ଦିନର ପ୍ରାୟ ସମ୍ପୂର୍ଣ୍ଣ ସମୟ ବିତାଉଥିବାରୁ ସେମାନେ ଶ୍ରମବିନୋଦନ ପାଇଁ ଆଦୌ ସମୟ ପାଆନ୍ତି ନାହିଁ। ବିଭିନ୍ନ ପ୍ରକାର ଗଠନମୂଳକ କାର୍ଯ୍ୟ, ଶିକ୍ଷା, ମନୋରଞ୍ଜନ ଇତ୍ୟାଦିରେ ମଧ୍ୟ ସାମିଲ ହୋଇପାରନ୍ତି ନାହିଁ। ତେଣୁ ପ୍ରଶ୍ନ ଉଠେ ଯେ, ମହିଳାମାନେ ଦୈନିକ କେଉଁ କାର୍ଯ୍ୟ ପାଇଁ ହାରାହାରି କେତେ ସମୟ ଦେଇଥାନ୍ତି। ଉକ୍ତ ପ୍ରଶ୍ନର ଗୁରୁତ୍ୱକୁ ଆଧାରକରି, ଏନ୍‌ଏସ୍‌ଏସ୍‌ଓ (୨୦୨୦) ଦ୍ୱାରା ମହିଳାମାନଙ୍କ ଉପଲକ୍ଷେ ଏକ ଟାଇମ୍–ୟୁଜ୍–ଷ୍ଟଡି ହୋଇଥିଲା। ସେହି ଗବେଷଣାରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ଗ୍ରାମୀଣ ମହିଳାମାନେ ଦୈନିକ ସମସ୍ତ ପ୍ରକାର ଅବୈତନିକ କାର୍ଯ୍ୟ କରିବାରେ ପ୍ରାୟ ୩୮୧ ମିନିଟ୍ ଦେଉଥିବା ବେଳେ ପୁରୁଷମାନେ ମାତ୍ର ୧୨୧ ମିନିଟ୍ ଦେଇଥାନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କର କାର୍ଯ୍ୟକରିବା ସମୟ ପୁରୁଷମାନଙ୍କଠାରୁ ପ୍ରାୟ ତିନିଗୁଣ ଅଧିକ ହୋଇଥାଏ। ସେହିପରି ଖାଦ୍ୟ ପ୍ରସ୍ତୁତି କରିବାରେ ମହିଳାମାନଙ୍କର ଅବଦାନ ପୁରୁଷମାନଙ୍କଠାରୁ ପ୍ରାୟ ଦୁଇଗୁଣ ଅଧିକ। ମହିଳାମାନେ ଖାଦ୍ୟ ପ୍ରସ୍ତୁତିରେ ୨୮୭ ମିନିଟ୍ ଦେଉଥିବା ବେଳେ ପୁରୁଷମାନେ ଉକ୍ତ କାର୍ଯ୍ୟରେ ମାତ୍ର ୧୪୭ ମିନିଟ୍ ସମୟ ଦେଇଥାନ୍ତି। ଘର ସଫେଇ କାର୍ଯ୍ୟରେ ମଧ୍ୟ ମହିଳାମାନଙ୍କର ଅବଦାନ ପୁରୁଷମାନଙ୍କଠାରୁ ଅଧିକ। ସଫେଇକାମରେ ମହିଳାମାନେ ଦୈନିକ ହାରାହାରି ୭୧ ମିନିଟ୍ ଓ ପୁରୁଷମାନେ ୬୪ ମିନିଟ୍ ଦେଇଥାନ୍ତି।

ସାମଗ୍ରିକ ଭାବରେ ପରିବାରରେ ସେବା କାର୍ଯ୍ୟରେ ମହିଳାମାନେ ଦୈନିକ ଅଧିକ ସମୟ (୧୩୫ ମିନିଟ୍) ଦେଇଥାନ୍ତି ଓ ପୁରୁଷମାନେ କମ୍ ସମୟ (୮୮ ମିନିଟ୍) ଦିଅନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ପରିବାରରେ ରହୁଥିବା ନିର୍ଭରଶୀଳ ବୟସ୍କବ୍ୟକ୍ତିମାନଙ୍କର ଯତ୍ନନେବାରେ ପୁରୁଷମାନେ ମହିଳାମାନଙ୍କଠାରୁ ଅଧିକ ସମୟ ଦେଇଥାନ୍ତି। ଏହା ପ୍ରାୟ ପୁରୁଷଙ୍କ କ୍ଷେତ୍ରରେ ୧୨୬ ମିନିଟ୍ ହୋଇଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ୭୨ ମିନିଟ୍ ଦେଖାଯାଇଥାଏ। ମାତ୍ର ପିଲାମାନଙ୍କର ଯତ୍ନନେବା କଥା ବିଚାର କଲେ ଦେଖାଯାଏ, ଉଭୟ ପୁରୁଷ ଓ ସ୍ତ୍ରୀ ମାତାପିତା ହିସାବରେ ପିଲାମାନଙ୍କର ଯତ୍ନ ନେଇଥାନ୍ତି। କିନ୍ତୁ ଏଠାରେ ମହିଳାମାନେ ଅତ୍ୟଧିକ ମାତ୍ରାରେ ଅବୈତନିକ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ସେମାନେ ବୈତନିକ କାମ, ଶ୍ରମବିନୋଦନ ଓ ଅର୍ଥରୋଜଗାର କାର୍ଯ୍ୟ କରିବା ପାଇଁ ସମୟ ପାଇ ନ ଥାନ୍ତି। ତତ୍‌ସହିତ କୌଣସି ବିକାଶମୂଳକ କାର୍ଯ୍ୟରେ ମଧ୍ୟ ସାମିଲ ହୋଇପାରନ୍ତି ନାହିଁ। ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାମାନଙ୍କ ଦ୍ୱାରା କରାଯାଉଥିବା ଉକ୍ତ ଅବୈତନିକ କାର୍ଯ୍ୟଗୁଡ଼ିକୁ ଆମ ସମାଜରେ କେହି ପ୍ରାଧାନ୍ୟ ଦେଇ ନ ଥାନ୍ତି ବରଂ ମୂଲ୍ୟହୀନ ଗଣିଥାନ୍ତି। କିନ୍ତୁ ସାରା ପୃଥିବୀରେ ମହିଳାମାନଙ୍କ ଦ୍ୱାରା ହେଉଥିବା ଅବୈତନିକ କାର୍ଯ୍ୟକୁ ଟଙ୍କାର ମୂଲ୍ୟ ଦେଲେ, ଏହାର ମୂଲ୍ୟ ଭାରତର ଜିଡିପିର ୩.୧ପ୍ରତିଶତ (୫.୯୧ ଲକ୍ଷ କୋଟି) ହେବ। ସେଥିପାଇଁ ମହିଳାମାନଙ୍କୁ ପୁରୁଷଙ୍କ ସହିତ ସମକକ୍ଷ କରିବାକୁ ହେଲେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ପଡ଼ିବ ଏବଂ ସର୍ବପ୍ରଥମେ ସମାଜରେ ଜନଜାଗରଣ ସୃଷ୍ଟି କରି ଗୃହର ସମସ୍ତ କାର୍ଯ୍ୟକୁ ଉଭୟ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିବା ଦରକାର।

**ଭୁବନେଶ୍ୱର, ଓଡ଼ିଶା**

## ଚିରନ୍ତନୀ

ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମୂର୍ତ୍ତି ଚୋରି ବଢୁଛି

ମହାଶୟ,

ମନ୍ଦିରମାନଙ୍କରେ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ଭାବେ ଦାମୀ ପଥର, ତାମ୍ର, ପିତ୍ତଳ, କାଠ, ସ୍ୱର୍ଣ୍ଣ, ରୌପ୍ୟ ଓ ଅଷ୍ଟଧାତୁରେ ଦେବଦେବୀ ମୂର୍ତ୍ତିମାନ ସ୍ଥାପନ କରି ବ୍ୟକ୍ତିମାନେ ନିଜକୁ ଭାଗ୍ୟବାନ୍ ମନେ କରନ୍ତି। ମାତ୍ର ପରିତାପର ବିଷୟ ଯେ ଧର୍ମଛଡ଼ା ଓ ନାସ୍ତିକ ବ୍ୟକ୍ତିମାନେ ମନ୍ଦିରମାନଙ୍କରୁ ମୂର୍ତ୍ତିଗୁଡ଼ିକୁ ଚୋରି କରୁଛନ୍ତି ଓ ବେପାରୀମାନଙ୍କୁ କମ୍ ମୂଲ୍ୟରେ ବିକ୍ରୟ କରି ଅର୍ଥ ଉପାର୍ଜନରେ ଲାଗି ପଡ଼ିଛନ୍ତି। ଏହି ମୂର୍ତ୍ତି ଚୋରମାନଙ୍କୁ ଚୋରା ବେପାରୀ ଓ ମାଫିଆମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଛନ୍ତି। ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହି କ୍ରମରେ ମନ୍ଦିରରୁ ଚୋରି ହେଲେ ମନ୍ଦିର ସବୁ ମୂର୍ତ୍ତିଶୂନ୍ୟ ହୋଇଯିବା ଅସମ୍ଭବ ନୁହେଁ। ମୂର୍ତ୍ତି ଚୋରି ରୋକିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ଏବଂ ଅପରାଧୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଆବଶ୍ୟକ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିନା ଫିଟ୍‌ନେସ୍‌ରେ ହାଇୱାରେ ଥିଲା ୬ଟନ୍ ଅଧିକ ମାଲ୍

## ପଳାଶୁଣୀ ସିରିଜ୍ ଦୁର୍ଘଟଣା: ଡ୍ରାଇଭର ଗିରଫ

■କାର୍‌କୁ ଦେଖି ନ ପାରି ଚଢ଼ାଇ ଦେଇଥିଲେ

■ମଦ ପିଇଥିଲେ କି ନାହିଁ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ



ଭୁବନେଶ୍ୱର,୬।୪(ବ୍ୟୁରୋ)

ଭୁବନେଶ୍ୱର ପଳାଶୁଣୀ ନିକଟ ଜାତୀୟ ରାଜପଥରେ ସୋମବାର ସିରିଜ୍ ଦୁର୍ଘଟଣା ଘଟାଇ ଜୀବନ ନେଇଥିବା ହାଇୱାର ଫିଟ୍‌ନେସ୍ ନ ଥିଲା କି ପଲ୍ୟୁଶନ ପ୍ରମାଣପତ୍ର ନ ଥିଲା। ତଥାପି କ୍ଷମତାଠାରୁ ୬ଟନ୍‌ରୁ ଅଧିକ ଓଜନର ମାଲ୍ ପରିବହନ ହେଉଥିଲା। ଏଥିସହ ଡ୍ରାଇଭର ଖାମଖିଆଲ ଭାବେ ଗାଡିଟିକୁ ଦ୍ରୁତଗତିରେ ନେଉଥିବାରୁ ଭାରସାମ୍ୟ ହରାଇ କାର୍‌ଗୁଡିକ ଉପରକୁ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇ ଫେରାର ଥିବା ଉକ୍ତ ହାଇୱା ଡ୍ରାଇଭରଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କ ଗାଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଭୋଗଡ଼ାରୁ ବୁଧବାର ଗିରଫ କରିବା ପରେ ଏହି ତଥ୍ୟ ଦେଇଛି। ସେ ହେଲେ ସୌଭାଗ୍ୟ ରଞ୍ଜନ ପାତ୍ର। ପୋଲିସ ତାଙ୍କୁ ମାମଲା ନଂ.୧୦୫/୨୨ରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏନେଇ ମଞ୍ଚେଶ୍ୱର ଥାନା ଆଇଆଇସି ସୁଧୀର କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ଡ୍ରାଇଭର ସୌଭାଗ୍ୟ ଆଗରେ ଥିବା କାରକୁ ଦେଖି ନ ପାରିବା ଯୋଗୁ ଧକ୍କା ଦେଇଥିବା ସ୍ୱୀକାର କରିଛନ୍ତି। ଏଥିରୁ ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ଥିବା କୁହାଯାଉଛି। ଯଦି ସେ ମଦ୍ୟପାନ କିମ୍ବା ନିଶାରେ ନ ଥିଲେ, ତେବେ ଆଗରେ ଏକାଧିକ କାର୍ ରହିଥିଲେ ମଧ୍ୟ ତାଙ୍କ ଆଖିକୁ କିପରି ଦେଖାଗଲା ନାହିଁ। ତାଙ୍କ ଆଖି ଖରାପ ଥିଲା ନା ଆଖି ପଡ଼ି ଯାଇଥିଲା। ନା ପ୍ରଭାବଶାଳୀ ମାଲିକ ଓ ତାଙ୍କ ଡ୍ରାଇଭରକୁ ବଞ୍ଚାଇବାକୁ ଯାଇ ଏଭଳି ପ୍ରସଙ୍ଗ ଉଠାଇ ହାଲୁକା ଦଫା ଲଗାଇବାକୁ ଚେଷ୍ଟା କରୁଛି। ଏମିତି ଅନେକ ପ୍ରଶ୍ନ ଉଠୁଥିବାବେଳେ ଏ ସମ୍ପର୍କରେ ଥାନାଧିକାରୀ କହିଛନ୍ତି, ଡ୍ରାଇଭର ମଦ ପିଇ ଗାଡି ଚଲାଉଥିଲେ କି ନାହିଁ ତାହା ଜାଣିବା ଲାଗି ତାଙ୍କ ବ୍ଲଡ୍ ସାମ୍ପଲ ପରୀକ୍ଷା ପାଇଁ ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରେଟୋରିକୁ ପଠାଯାଇଛି। ତେବେ ତଦନ୍ତବେଳେ ଗାଡିର ଫିଟନେସ୍, ପଲ୍ୟୁଶନ ନ ଥିବା ଜଣାପଡିଛି। ଡ୍ରାଇଭରଙ୍କ ଲାଇସେନ୍ସ ବାତିଲ କରାଯିବା ଲାଗି ଆର୍‌ଟିଓକୁ ଚିଠି ଲେଖାଯାଇଛି। ସେହିପରି ଟ୍ରକର କ୍ଷମତାଠାରୁ ୬ ଟନରୁ ଅଧିକ ଜିନିଷ ନେଇ ଯାଉଥିବାରୁ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହାଇୱାର ଓଜନ ୧୧୦୮୦ କିଲୋ। ତେଣୁ ମାଲ ପରିବହନ ପାଇଁ ୨୫୦୦୦ କିଲୋକୁ ଅନୁମତି ମିଳିଥାଏ। ହାଇୱା ଓ ସେଥିରେ ଥିବା ମାଲ୍‌ର ଓଜନ ୩୬,୦୮୦ କିଲୋ ହେବା କଥା। ଦୁର୍ଘଟଣା ଘଟାଇଥିବା ହାଇୱା ଓ ସେଥିରେ ଥିବା ମାଲ୍‌ର ମୋଟ ଓଜନ ଥିଲା ୪୨,୭୯୦ କିଲୋ ଅର୍ଥାତ୍ ଯେତିକି ଅନୁମତି ରହିଛି ତାହାଠାରୁ ୬୭୧୦ କିଲୋ ଅଧିକ ମାଲ ରହିଥିବା ଥାନାଧିକାରୀ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ହାଇୱା ଧକ୍କାରେ ଗୋଟିଏ କାର୍ ଚାପି ହୋଇଯାଇଥିବାବେଳେ ଏକାଧିକ କାର ଓ ବାଇକ୍ କ୍ଷତିଗ୍ରସ୍ତ ହୋଇଥିଲା। ଚାପି ହୋଇଥିବା କାରରେ ଯାଉଥିବା ଯାଜପୁର ଜିଲା ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ କୁମାର ଦାସଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ୪ଜଣ ମଧ୍ୟ ଆହତ ହୋଇଥିଲେ।



ଗିରଫ ଡ୍ରାଇଭର ସୌଭାଗ୍ୟ ରଞ୍ଜନ ପାତ୍ର।

## ଓଭରଲୋଡିଂ: ପୋଲିସ, ପରିବହନ ବିଭାଗର ଯାଞ୍ଚ ନାହିଁ

■ପରିବହନ ବିଭାଗରେ କର୍ମଚାରୀ ଅଭାବ

■ଆଜିଠାରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି କରିବ ଆର୍‌ଟିଓ

ଜାତୀୟ ରାଜପଥରେ ବହୁ ଭାରିଯାନ କ୍ଷମତାଠାରୁ ଅଧିକ ମାଲ ପରିବହନ କରୁଥିଲେ ମଧ୍ୟ ଯାଞ୍ଚ ହେଉ ନ ଥିବାରୁ ବେଆଇନ ଭାବେ ଚଳାଚଳ କରୁଛନ୍ତି। ଓଭରଲୋଡିଂ ଯୋଗୁ ଅନେକ ସମୟରେ ଏପରି ଦୁର୍ଘଟଣା ଘଟୁଛି। ପଳାଶୁଣୀ ଛକ ସିରିଜ ଦୁର୍ଘଟଣା ପରେ ଆସିଛି ଏଭଳି ଏକ ତଥ୍ୟ। ଦୁର୍ଘଟଣା ଘଟାଇଥିବା ହାଇୱାଟି ଖୋର୍ଦ୍ଧାରୁ ଚିପ୍ସ, ସିମେଣ୍ଟ ଓ ଡଷ୍ଟ ଆଣି ପଳାଶୁଣୀ ଆସୁଥିଲା। ଗାଡିଟି ବେଆଇନ ଭାବେ କ୍ଷମତାଠାରୁ ୬ଟନରୁ ଊର୍ଦ୍ଧ୍ୱ ଜିନିଷ ଧରି ପ୍ରାୟ ୪୦ କିମି ଦୂରରୁ ଆସିଥିଲେ ମଧ୍ୟ କୌଣସି ସ୍ଥାନରେ ଟ୍ରାଫିକ ପୋଲିସ କିମ୍ବା ଆର୍‌ଟିଓ ପକ୍ଷରୁ ଯାଞ୍ଚ କରାଯାଇ ନ ଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ଦୁର୍ଘଟଣା ଏଡାଇବା ସହ ଜୀବନ ରକ୍ଷା ପାଇଁ ପୋଲିସ ଓ ପରିବହନ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ବିପୁଳ ଅର୍ଥ ଖର୍ଚ୍ଚ କରୁଛି। ସଚେତନତାଠାରୁ ଆରମ୍ଭ କରି ପ୍ରଶିକ୍ଷଣ ଆଦି କରୁଛି। ହେଲେ ଟ୍ରାଫିକ ପୋଲିସ ଓ ଆର୍‌ଟିଓ ଅଧିକାରୀଙ୍କ ଖାମଖିଆଲ କାର୍ଯ୍ୟଧାରା ପାଇଁ ସଡ଼କ ଦୁର୍ଘଟଣାରେ ବହୁ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଉଛି।

ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ-୧ ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ପ୍ରଥମତଃ ଚେକିଂ ପାଇଁ ସେତିକି ମାତ୍ରାରେ ଷ୍ଟାଫ୍ ନାହାନ୍ତି। ଜଣେ ଟିଆଇ ରହିଥିବାବେଳେ ୨ ଜଣ ଜୁନିଅର ଏମ୍‌ଭିଆଇ ଓ ଜଣେ ଏମ୍‌ଭିଆଇ। ଏମିତି ସମୁଦାୟ ୫ ଜଣ ଅଛନ୍ତି । ଡ୍ରାଇଭିଂ ଟେଷ୍ଟିଂ ପାଇଁ ୨ଜଣ ରହିଥିବା ବେଳେ ଜଣେ ଏମଭିଆଇ ଓ ଆସିଷ୍ଟାଣ୍ଟ ଏମ୍‌ଭିଆଇ ରୋଡ ସେଫ୍ଟି ଓ ଫିଟ୍‌ନେସରେ ରହିଛନ୍ତି । ତେଣୁ ଗୋଟିଏ ପଟେ ଜଗିଲେ, ଆଉ ଗୋଟିଏ ପଟେ ଯାଞ୍ଚ କରିବାକୁ କେହି ନାହାନ୍ତି। ତେଣୁ ଯେତିକି ଚେକିଂ କରାଯାଉଛି ଆଉ ଟିକେ ଅଧିକ କଡାକଡି କରାଯିବ। ତେବେ ପଳାଶୁଣି ଦୁର୍ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଗୁରୁବାର ଆର୍‌ଟିଓର ୨ଜଣ ଅଧିକାରୀ ଗାଡି କାଗଜପତ୍ର ଯାଞ୍ଚ କରିବେ। ବେଆଇନ ଧରାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୁଭ୍ରାଂଶୁ



@ ମିଥୁନ



@ ଅମ୍ବିକା



@ ୱାସିମ



@ ଶୈଳେନ୍ଦ୍ର



@ ବୀରେନ୍ଦ୍ର

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ, ରାଜମହଲ, ପୂର୍ବାହ୍ନ ୧୦ଟା ୩୦।
- ଟୁଗେଦର ସଙ୍ଗଠନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ମହାତ୍ମାଗାନ୍ଧୀ ପାର୍କ ନିକଟ, ଅପରାହ୍ନ ୩ଟା ରୁ ରାତି ୧୦ଟା।
- କେମ୍ବ୍ରିଜ ଜୁଏଲର ପକ୍ଷରୁ ନାଟକ ଆହେ ନୀଳଶଇଳ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ୧୮ତମ ଶ୍ରାଦ୍ଧ ଉତ୍ସବ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

ପୁରୀ
- ନୃତ୍ୟାଞ୍ଜଳି ପୁରୀ ଡ୍ୟାନ୍ସ ଏକାଡେମୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ଅନୁଷ୍ଠାନ ଆମର ନାଟ୍ୟକାର ବଟରାଜ ଦେବ ଗୋସ୍ୱାମୀଙ୍କ ସ୍ମୃତିରେ ସ୍ମରଣୀକା ଉନ୍ମୋଚନ, ନିଜସ୍ୱ ବାସ ଭବନ, ମରଚିକୋଟ ଗଳି, ସନ୍ଧ୍ୟା ୭ଟା।

କଟକ
- ସିଏମ୍‌ସିର ନବ ନିର୍ବାଚିତ ମେୟର ଓ କର୍ପୋରେଟରଙ୍କ ଶପଥ ଗ୍ରହଣ ଉତ୍ସବ, ଶହୀଦ ଭବନ, ସକାଳ ୯ଟା।
- ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ କଟକ ଜିଲା ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ମଧ୍ୟାହ୍ନ ୧୨ଟା।





ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ଆଡ୍‌ଭୋକେଟ ୱେଲ୍‌ଫେୟାର ଷ୍ଟାମ୍ପ ଦର ବୃଦ୍ଧିକୁ ବିରୋଧ

**କଟକ ଅଫିସ, ୬।୪:** ଆଡ୍‌ଭୋକେଟ ୱେଲଫେୟାର ଷ୍ଟାମ୍ପ ଦର ବୃଦ୍ଧିକୁ ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧ କରିଛି। ରାଜ୍ୟ ବାର୍ କାଉନ୍‌ସିଲ ପକ୍ଷରୁ ଉକ୍ତ ଷ୍ଟାମ୍ପର ମୂଲ୍ୟ ୧୫ରୁ ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବାର୍ କାଉନ୍‌ସିଲ ଅନ୍ତରୀଣ କମିଟି ଏଭଳି ନିଷ୍ପତ୍ତି ନେବାର କ୍ଷମତା ନାହିଁ ବୋଲି ହାଇକୋର୍ଟ ବାର୍ ପକ୍ଷରୁ କୁହାଯାଇଛି। ଷ୍ଟାମ୍ପ ଦର ବୃଦ୍ଧି ହେଲେ ଆଇନଜୀବୀଙ୍କୁ କ'ଣ ଅଧିକ ସୁଯୋଗ ମିଳିବ ସେନେଇ ସୂଚନା ଦିଆଯାଇନି। ବର୍ଦ୍ଧିତ ହାରରେ ଷ୍ଟାମ୍ପ ନ ଲଗାଇବାକୁ ଖବରଦାତା ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ରାଜ୍ୟର ଆଇନଜୀବୀଙ୍କୁ ଆହ୍ୱାନ କରାଯାଇଛି।

# ରିମାଣ୍ଡରେ ଆସିବେ ନକଲି ଡାକ୍ତର, ଦ୍ୱିତୀୟ ସ୍ତ୍ରୀ

■ ଜେଲ୍ ଗଲେ ଅସଲି ଡାକ୍ତର କମଳା ସ୍ୱାଇଁ

■ ଉଭୟଙ୍କୁ ମୁହାଁମୁହିଁ ଜେରା କରାଯାଇପାରେ

ଭୁବନେଶ୍ୱର,୬।୪(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱିତୀୟ ସ୍ତ୍ରୀ କମଳା ସ୍ୱାଇଁ ଜେଲ ଯାଇଛନ୍ତି। ଗିରଫ ପରେ କମଳାଙ୍କୁ ମହିଳା ଥାନା ପୋଲିସ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ କୋର୍ଟଚାଲାଣ କଲାବେଳେ କମଳା ଓ ଜେଲରେ ଥିବା ତାଙ୍କ ସ୍ୱାମୀ ରମେଶଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି। ସ୍ୱାମୀ ନକଲି ଡାକ୍ତର ରମେଶଙ୍କୁ ୩ଦିନ ଓ ଦ୍ୱିତୀୟ ସ୍ତ୍ରୀ କମଳାଙ୍କୁ ୭ ଦିନ ରିମାଣ୍ଡରେ ଆଣିବାକୁ ଆବେଦନ କରିଛି ପୋଲିସ। ଅନୁମତି ମିଳିଲେ ଦୁହିଁଙ୍କୁ ସମାନ ଦିନରେ ରିମାଣ୍ଡରେ ଅଣାଯାଇ ମୁହାଁମୁହିଁ ଜେରା କରାଯିବ ବୋଲି ମହିଳା ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି। ରମେଶଙ୍କୁ ଠକେଇରେ ସହଯୋଗ କରୁଥିଲେ କମଳା। ନକଲି ଡାକ୍ତର ରମେଶ ଗିରଫ ହେବା ପରେ ତାଙ୍କୁ ଜାମିନ ପାଇଁ ଆର୍ଥିକ ସହଯୋଗ କରିବା ସହ ଓକିଲ ଦେବାଠାରୁ ଆରମ୍ଭ କରି ସମସ୍ତ ସହଯୋଗ କରୁଥିବା ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି। ତେଣୁ ଉଭୟଙ୍କୁ ରିମାଣ୍ଡରେ ଆଣି ମାମଲାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି। ସୂଚନାଯୋଗ୍ୟ, କମଳାଙ୍କୁ ୨୦୦୨ରେ ରମେଶ ବିବାହ କରିଥିଲେ। ରମେଶଙ୍କୁ ବିଭିନ୍ନ ଠକେଇରେ କମଳା ସହଯୋଗ କରୁଥିଲେ। ରମେଶ ବିବାହ କରିବା ସମୟରେ କମଳା ବିଭିନ୍ନ ପରିଚୟ ଦେଇ ବରଯାତ୍ରୀରେ ଯାଉଥିଲେ। ତେବେ ପୋଲିସ ରମେଶଙ୍କୁ ଗିରଫ କରି ପଚରାଉଚରା କରିବା ସହ ବିଭିନ୍ନ ବ୍ୟାଙ୍କର ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରିଥିଲା। ସେ କମଳାଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ପଠାଇଥିବା ଜଣାପଡ଼ିଥିଲା। ଏଥିସହ କମଳାଙ୍କ ବିଷୟରେ ନକଲି ଡାକ୍ତର ରମେଶ ପୋଲିସ ଆଗରେ ମଧ୍ୟ ମୁହଁ ଖୋଲିଥିଲେ। କମଳା ଆଲ୍ଲାହାବାଦରେ ଚାକିରି କରିଥିବା ରମେଶ ପୋଲିସକୁ କହିଥିଲେ। ଏହାପରେ ପୋଲିସ କମଳାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲା। ପୋଲିସ ତାଙ୍କୁ ଖୋଜାଖୋଜି କରୁଥିବା ଜାଣି ସେ ଫେରାର ହୋଇଯାଇଥିଲେ। ପରେ ସେ ଝାଡ଼ଖଣ୍ଡରେ ଥିବା ଜାଣି କମିଶନରେଟ ପୋଲିସ ସୋମବାର ସେଠାରେ ଚଢ଼ାଉ କରି କମଳାଙ୍କୁ କାବୁ କରିଥିଲା।



# ୨୭ରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

## ମଙ୍ଗଳାଯୋଡ଼ିରେ ମୋଟର ବୋଟ୍ ଚାଲିବା ମାମଲା

କଟକ ଅଫିସ, ୬।୪

ଚିଲିକା ମଙ୍ଗଳାଯୋଡ଼ିର ସବ୍ ଚ୍ୟାନେଲରେ ମୋଟର ବୋଟ ଚାଲିବା ଉପରେ କଟକଣା ଲାଗୁ କରିବା ପାଇଁ ଆଉ ୩ ମାସ ଦେବା ଲାଗି ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ସମୟ ଲୋଡ଼ାଯାଇଥିଲା। କିନ୍ତୁ ହାଇକୋର୍ଟ ଆସନ୍ତା ୨୭ ତାରିଖରେ ଏହା ଉପରେ ନିଷ୍ପତ୍ତି ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦିବାକର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ୨୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ଗତ ଶୁଣାଣିରେ ହାଇକୋର୍ଟ ମଙ୍ଗଳାଯୋଡ଼ି ସବ୍ ଚ୍ୟାନେଲରେ ବିଦେଶାଗତ ପକ୍ଷୀଙ୍କ ଆଗମନ ସମୟରେ ଯେପରି ମୋଟରଚାଳିତ ଡଙ୍ଗା ନ ଚାଲିବ ସେଥିପାଇଁ ଏକ ଯୋଜନା କରିବାକୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ମତ୍ସ୍ୟ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇ କଟକଣା ଲଗାଇବାକୁ ତିନି ମାସ ସମୟ ମଗାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି ।





ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନ କରୁଥିବା ଦଲାଲଙ୍କୁ ଗିରଫ ଦାବିରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ବୁଧବାର ବିଜେବି କଲେଜ ସମ୍ମୁଖରେ ବିକ୍ଷୋଭ।





ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଏକ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼। (ବାମ) ରାଜ୍ୟ ବାହାରୁ ଆସିଥିବା କାରିଗରଙ୍କ ଷ୍ଟଲ୍‌ରେ ଦୁଇ ଯୁବତୀ କଣ୍ଢେଇ ଦେଖୁଛନ୍ତି।

## ସଂକ୍ଷେପରେ

### ଆର୍ଟ ଭିଜନ ପକ୍ଷରୁ ଆଜି ହେବ ରିମେମ୍ବରିଂ ଗୁରୁଜୀ

**ଭୁବନେଶ୍ୱର,୬।୪(ବ୍ୟୁରୋ):** ପଦ୍ମ ବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆର୍ଟ ଭିଜନ ପକ୍ଷରୁ ରିମେମ୍ବରିଂ ଗୁରୁଜୀ ଆଜି ସନ୍ଧ୍ୟା ୬ଟା ୩୦ ସମୟରେ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ବ୍ୟତୀତ କଟକର ଶିଖାତା ଦାସ, କୋଲକାତାର ନନ୍ଦିନୀ ଘୋଷାଲ ଓ ରିନା ଝାନା, ଭୋକାଲ ସଙ୍ଗୀତୀ ଗୋସ୍ୱାମୀ, ମାର୍ଦ୍ଦଳ ସଚ୍ଚିଦାନନ୍ଦ ଦାସ, ଭାଓଲିନ ରମେଶ ଚନ୍ଦ୍ର ଦାସ, ଏବଂ ବଂଶୀରେ ଶ୍ରୀନିବାସ ସତପଥି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିବେଷଣ କରିବେ। କାର୍ଯ୍ୟକ୍ରମକୁ ଦର୍ଶକ ଆର୍ଟ ଭିଜନ୍‌ର ଫେସବୁକ୍‌ରେ ହେବାକୁ ଥିବା ସିଧା ପ୍ରସାରଣରେ ଦେଖିପାରିବେ।

### ନେତାଜୀଙ୍କ ଆଦର୍ଶର ବିକଳ୍ପ ନାହିଁ

**ଭୁବନେଶ୍ୱର,୬।୪(ବ୍ୟୁରୋ):** ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ପରିଷଦ ବୈଠକ ମଙ୍ଗଳବାର ୟୁନିଟ-୬ସ୍ଥିତ ନେତାଜୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫରୱାଡ଼ ବ୍ଲକ୍‌ର ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱ କରିଥିଲେ। ଜାତୀୟ ସମ୍ପାଦକ ଜି. ଦେବରାଜନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶର ବିକଳ୍ପ ନାହିଁ ବୋଲି କହିଥିଲେ। ଜନଗଣ ନେତାଜୀଙ୍କ ଆଦର୍ଶର ପଥିକ ହୋଇ ଜନ ଆନ୍ଦୋଳନ ଗଢ଼ି ତୋଳିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ସାଙ୍ଗଠନିକ ଓ ରାଜନୈତିକ ରିପୋର୍ଟ ଉପସ୍ଥାପନ କରିବା ସହ ଆସନ୍ତା ୮ ଓ ୯ ତାରିଖରେ ଫରୱାର୍ଡ଼ ବ୍ଲକ୍‌ର ଜାତୀୟ ପରିଷଦ ବୈଠକ ଭୁବନେଶ୍ୱର ଲୋହିଆ ଏକାଡ଼େମୀରେ ହେବ। ଫରୱାର୍ଡ଼ ବ୍ଲକ୍‌ର ରାଜ୍ୟ ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ମଣ୍ଡଳୀ ସଭ୍ୟ ସର୍ବେଶ୍ୱର ମିଶ୍ର, ଜିତେନ୍ଦ୍ରୀୟ ବେହେରା, ରାଜ୍ୟ କମିଟି ସଭ୍ୟ ନାରାୟଣ ଡାଲୁଆ ଏବଂ ଲକ୍ଷ୍ମୀଧର ଗିରି ଉପସ୍ଥିତ ଥିଲେ।

### 'ଲିଙ୍ଗରାଜ ମନ୍ଦିର ଅଧାଦେଶ ଉପରେ ରୋକ୍ କେନ୍ଦ୍ର ବାଛବିଚାରର ଅନ୍ୟ ଏକ ନମୁନା'

**ଭୁବନେଶ୍ୱର,୬।୪(ବ୍ୟୁରୋ):** ଲିଙ୍ଗରାଜ ମନ୍ଦିର ଅଧାଦେଶ ଉପରେ କେନ୍ଦ୍ର ସରକାର ରୋକ୍ ଲଗାଇବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି ସମାଜବାଦୀ ପାର୍ଟି। ଏହା କେନ୍ଦ୍ରୀୟ ବାଛବିଚାରର ଅନ୍ୟ ଏକ ନମୁନା। ଉତ୍ତରପ୍ରଦେଶର କାଶୀବିଶ୍ୱନାଥ ମନ୍ଦିର ଓ ଗୁଜରାଟର ସୋମନାଥ ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ କେନ୍ଦ୍ରର କୌଣସି କଟକଣା ନ ଥିବାବେଳେ ଓଡ଼ିଶାର ଲିଙ୍ଗରାଜ ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଭାଜପା ନେତାମାନେ ତୁମ୍ବିତୋଫାନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା କହିଛନ୍ତି। ସେ କହିଛନ୍ତି, କୋଟିଆ ପ୍ରସଙ୍ଗ ଓ ମହାନଦୀକୁ ନେଇ ଛତିଶଗଡ଼ର ବିଭିନ୍ନ ପ୍ରକଳ୍ପଗୁଡ଼ିକ ଉପରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ନୀରବ ରହୁଥିବାବେଳେ ପ୍ରତ୍ନତାତ୍ତ୍ୱିକ ଆଇନ ୧୯୫୮ ଉଲ୍ଲଂଘନର ଆଳ ଦେଖାଇ ଲିଙ୍ଗରାଜ ମନ୍ଦିରର ସ୍ୱତନ୍ତ୍ର ଆଧାଦେଶକୁ ରଦ୍ଦ କରିବା ଓଡ଼ିଶାବାସୀଙ୍କ ଭାବାବେଗ ପ୍ରତି କୁଠାରାଘାତ। ରାଜ୍ୟ ସରକାର ଏ ଦିଗରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ବର୍ଷକ ପରେ ବି କାର୍ଯ୍ୟ ଆରମ୍ଭ ହେଲାନି

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

## ଭୁଆଶୁଣୀ ବାୟୋମାଇନିଂ ପ୍ରକଳ୍ପ

- ବିଏମ୍‌ସି ବଜେଟ୍‌ରେ ୧୦୩ କୋଟି ବ୍ୟୟ ବରାଦ
- ଜମି ବିବାଦ ପାଇଁ ବନ୍ଦ ହେଲା ୨ ଏମ୍‌ସିସି

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପରିମଳ ବ୍ୟବସ୍ଥା ଉପରେ ବିଏମ୍‌ସି ଗୁରୁତ୍ୱାରୋପ କରି ଆସୁଛି। ଏହାର ସୁପରିଚାଳନା ପାଇଁ ପ୍ରାୟ ଅଢେଇ ହଜାର ସଫେଇ କର୍ମଚାରୀ, ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ଯାନବାହନ ବ୍ୟବହାର ସହିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ମାଟେରିଆଲ ରିକଭରି ଫାସିଲିଟି (ଏମ୍‌ଆର୍‌ଏଫ୍) ସ୍ଥାପନ କରାଯାଇଛି। ଏହାସତ୍ତ୍ୱେ ପରିମଳ ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠୁଛି। ଅପରପକ୍ଷେ ରାଜଧାନୀ ଉପକଣ୍ଠ ଭୁଆସୁଣୀରେ ହେବାକୁ ଥିବା ବାୟୋମାଇନିଂ ପ୍ରକଳ୍ପ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ୩ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ସରିବ ବୋଲି ୨୦୨୧ ମାର୍ଚ୍ଚରେ ବିଏମ୍‌ସି ସୂଚନା ଦେଇଥିଲା। ଏହାର ୧ ବର୍ଷ ପରେ ବି କାମ ଆରମ୍ଭ ହୋଇନାହିଁ। ଏହା ସହରର ଏକମାତ୍ର ଡମ୍ପିଂୟାର୍ଡ ହୋଇଥିବାରୁ ପ୍ରତିଦିନ ଟନ୍ ଟନ୍ ଆବର୍ଜନା ଏଠାରେ ପଡୁଛି। ଆବର୍ଜନାକୁ ହଟା ନ ଗଲେ ପ୍ରକଳ୍ପ କରିବା ସମ୍ଭବ ନୁହେଁ ବୋଲି ଜାଣିବା ପରେ ମଧ୍ୟ ବିଏମ୍‌ସି ଏଥିରୁ ବିରତ ହେଉନାହିଁ।

ଏ ନେଇ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ବିଏମ୍‌ସି ପକ୍ଷରୁ ୬୦୧ କୋଟିର ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ୧୦୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେଥିମଧ୍ୟରୁ ଚଳିତ ବର୍ଷ ୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୩ବର୍ଷ ଧରି ଏହି ପ୍ରକଳ୍ପ ଚାଲିବ। ପ୍ରତିବର୍ଷ ବଜେଟ୍‌ରେ ବ୍ୟୟ ବରାଦ କରାଯିବ। ଏଥିପାଇଁ ପୂର୍ବରୁ ଟେଣ୍ଡର ସରିଥିବା ବେଳେ ଚଳିତ ମାସ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ୨ଟି ମେଶିନ୍ ଆସିଗଲାଣି। ଆଗାମୀ ୧୫ ଦିନ ମଧ୍ୟରେ ବାକି ମେଶିନ୍ ଆସିଯିବ। କିଛିଦିନ ତଳେ ସେଠାରେ ନିଆଁ ଲାଗିଥିଲା। ସେଠାକୁ ପ୍ରତିଦିନ ଅଗ୍ନିଶମ ବିଭାଗର ଗାଡ଼ି ଯାଉଛି। କାମ ଆରମ୍ଭ ହେବା ବେଳକୁ ସେଠାରେ ଆଉ ଅଳିଆ ପକାଯିବ ନାହିଁ ବୋଲି ସାହୁ କହିଛନ୍ତି। ଦୈନିକ ୨ହଜାର ଟନ୍ ବର୍ଜ୍ୟ ପରିଚାଳନା ପୂର୍ବକ ଏହି ପ୍ରକଳ୍ପରୁ ଆଗାମୀ ୩ ବର୍ଷରେ ପ୍ରାୟ ୧୬ ଲକ୍ଷ ଟନ୍ ବର୍ଜ୍ୟ ପରିଚାଳନା କରାଯିବ ବୋଲି ଅନୁମାନ କରାଯାଉଛି। ବର୍ଜ୍ୟ ପରିଚାଳନା ପାଇଁ ସହରରେ ମୋଟ୍ ୪୩ଟି ଏମ୍‌ସିସି କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ତନ୍ମଧ୍ୟରୁ ୩୦ଟି କାର୍ଯ୍ୟକ୍ଷମ ହୋଇସାରିଛି। ବାକି ଥିବା ୧୩ଟି ଏମ୍‌ସିସି ମଧ୍ୟରୁ ନୟାପଲ୍ଲୀ ବେହେରା ସାହିରେ ୨ଟି ନିର୍ମାଣ କରାଯାଇଥାନ୍ତା। ମାତ୍ର ସେଠାରେ ଜମି ବିବାଦ ଉପୁଜିବାରୁ ଏମ୍‌ସିସିଗୁଡିକୁ ବନ୍ଦ କରିଦିଆଯାଇଛି। ଆଉ ବାକି ୧୧ଟି ଏମ୍‌ସିସି ନିର୍ମାଣ କରାଯିବ। ସେହିପରି ଅଳିଆରୁ ପୁନଃ ବ୍ୟବହାର ହୋଇପାରୁ ନ ଥିବା କାଚ, ପ୍ଲାଷ୍ଟିକ୍ ଓ ଅନ୍ୟ ସାମଗ୍ରୀକୁ ଅଲଗା କରିବା ପାଇଁ ଏମ୍‌ଆର୍‌ଏଫ୍ ସ୍ଥାପନ କରାଯାଉଛି। ଚଳିତ ବଜେଟ୍‌ରେ ଏଥିପାଇଁ ୧୨ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି।

ଦୀର୍ଘବର୍ଷ ଧରି ଦାରୁଠେଙ୍ଗରେ ଆବର୍ଜନା ଗଦା ହୋଇ ରହିଥିବାବେଳେ ପ୍ରତିବର୍ଷ ଏଥିରେ ନିଆଁ ଲାଗିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ପରିଚାଳନା କରି ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଏଜେନ୍ସି ଚିହ୍ନଟ ହୋଇଥିଲେ ଏବଂ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ନେଇ ଅଟକଳ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।



ଏନ୍‌ସିସିର 'ପୁନିତ୍ ସାଗର' ଅଭିଯାନରେ କ୍ୟାଡେଟମାନେ ସମୁଦ୍ର କୂଳରୁ ବର୍ଜ୍ୟବସ୍ତୁ ସଫେଇ କରୁଛନ୍ତି।

# ସମୁଦ୍ରକୂଳରୁ ୭୫୩ କେଜି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫା

**ଭୁବନେଶ୍ୱର,୬।୪(ବ୍ୟୁରୋ)**

## ଏନ୍‌ସିସିର 'ପୁନିତ୍ ସାଗର' ଅଭିଯାନ

ସମୁଦ୍ରକୂଳ ତଥା ନଦୀ ତଟଗୁଡ଼ିକୁ ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ମୁକ୍ତ ରଖିବା ପାଇଁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ଦେଶବ୍ୟାପୀ 'ପୁନିତ୍ ସାଗର' ନାମ୍ନୀ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଜନସାଧାରଣ ଏବଂ ଭବିଷ୍ୟତପିଢ଼ିଙ୍କୁ ସମୁଦ୍ରକୂଳ ଏବଂ ନଦୀତଟଗୁଡ଼ିକୁ ପରିଷ୍କାର ରଖିବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଏନ୍‌ସିସି ପକ୍ଷରୁ ଗତ ୧ ତାରିଖରୁ ପାଞ୍ଚଦିନ ବ୍ୟାପୀ ଏହି ଅଭିଯାନ ହୋଇଥିଲା। ବିଭିନ୍ନ ଜଳସ୍ରୋତ ତଥା ସମଦ୍ର କୂଳଗୁଡ଼ିକୁ ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ଏନ୍‌ସିସି ପକ୍ଷରୁ ର୍‍ୟାଲି, ପର୍ଯ୍ୟଟକ, ସ୍ଥାନୀୟ ବ୍ୟବସାୟୀମାନଙ୍କ ସହ କଥାବାର୍ତ୍ତା, ପଥପ୍ରାନ୍ତ ନାଟକ, କବିତା ଆବୃତ୍ତି, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଜନ ସାଧାରଣଙ୍କୁ ପ୍ଲାଷ୍ଟିକ୍ ପ୍ରଦୂଷଣ ବାବଦରେ ସଚେତନ କରାଯାଇଥିଲା। ଏନ୍‌ସିସି କ୍ୟାଡେଟ୍‌ମାନେ ଅଭିଯାନରେ ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରି ସମୁଦ୍ର କୂଳରୁ ୭ଶହ ୫୩ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫା କରିଥିଲେ। ଏଥିସହ ପ୍ରାୟ ୩୦ ହଜାର ନାଗରିକଙ୍କ ପାଖରେ ଏହି ସଚେତନତାର ବାର୍ତ୍ତା ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଏହି ସଚେତନତା ଅଭିଯାନରେ ବିଭିନ୍ନ ୟୁନିଟ୍‌ରୁ ୨ ହଜାର ୫୧୩ ଏନ୍‌ସିସି କ୍ୟାଡେଟ୍, ୬ ଜଣ ଏନ୍‌ସିସି ଅଧିକାରୀ, ୭୫ ଜଣ ସହଯୋଗୀ ଅଧିକାରୀ, ୫୮ ଜଣ ଇନ୍‌ଷ୍ଟ୍ରକ୍ଟର, ୧୨୧ ଜଣ ଏନ୍‌ସିସି ଆଲୁମିନି ତଥା ୨୦ ଜଣ ଏନ୍‌ଜିଓ ସଦସ୍ୟ ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ଓ ଅନ୍ୟାନ୍ୟ ସ୍ୱୟଂଶାସିତ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗୃହୀତ ବର୍ଜ୍ୟବସ୍ତୁକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପ୍ରକ୍ରିୟାକରଣ ପ୍ରକଳ୍ପରେ ଜମା କରାଯାଇଥିଲା।

# ବିଏମ୍‌ସି: ଚାଲିଛି କୋଠରି ସାଜସଜ୍ଜା

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

## ପ୍ରଶାସକଙ୍କ କୋଠରିରେ ମେୟର, ଡେପୁଟି କମିଶନରଙ୍କ କୋଠରିରେ ବସିବେ ଡେପୁଟି ମେୟର

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରଥମ ମହିଳା ମେୟର ଭାବେ ସୁଲୋଚନା ଦାସ ନିର୍ବାଚିତ ହୋଇଛନ୍ତି। ଏପ୍ରିଲ ୯ରେ ବିଏମ୍‌ସିର ଡେପୁଟି ମେୟର ପାଇଁ ନିର୍ବାଚନ ହେବ। ଡେପୁଟି ମେୟର କିଏ ହେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ୯ ତାରିଖରୁ ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କ କର୍ପୋରେଶନ୍ ବସିବ। ତେଣୁ ଏବେଠାରୁ ମେୟର ଓ ଡେପୁଟି ମେୟରଙ୍କ ପାଇଁ କୋଠରି ପ୍ରସ୍ତୁତ କରାଯାଉଛି। ବିଏମ୍‌ସି ପ୍ରଶାସକ ଜି. ମାଥିଭାଥାନନ୍‌ଙ୍କ କୋଠରିକୁ ମେୟରଙ୍କ ଲାଗି ପ୍ରସ୍ତୁତ କରାଯାଇଛି। ସେହିପରି ଡେପୁଟି ମେୟରଙ୍କ ପାଇଁ ତାଙ୍କ ପୁରୁଣା କୋଠରି ପ୍ରସ୍ତୁତ କରାଯାଉଛି, ଯେଉଁଠାରେ ପୂର୍ବତନ ଡେପୁଟି ମେୟର କେ. ଶାନ୍ତି ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ। ତେବେ ଗତ ୩ବର୍ଷ ହେବ ଡେପୁଟି ମେୟର ଆସନ ଖାଲି ପଡ଼ିଥିବାରୁ ସେଠାରେ ବିଏମ୍‌ସିର ବିଭିନ୍ନ ଅଧିକାରୀମାନେ ବସୁଥିଲେ। ଏବେ ଏଷ୍ଟାବ୍ଲିସ୍‌ମେଣ୍ଟ ବିଭାଗ ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ବସୁଥିବାବେଳେ ପ୍ରାୟ ୧୫ ଦିନ ହେବ ତାଙ୍କୁ ଅନ୍ୟ କୋଠରିକୁ ସ୍ଥାନାନ୍ତର କରାଯାଇଛି। ମେୟରଙ୍କ ପାଇଁ ପ୍ରସ୍ତୁତ କୋଠରିର ୯୫ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ଡେପୁଟି ମେୟରଙ୍କ ପାଇଁ ପ୍ରସ୍ତୁତ କୋଠରିରେ କିଛି କାମ ବାକି ଅଛି। ଆଉ ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟ ଶେଷ ହୋଇ କୋଠରୀ ପ୍ରସ୍ତୁତ ହୋଇଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅପରପକ୍ଷେ ସତ୍ୟନଗର ଶ୍ମଶାନ ସମ୍ମୁଖରେ ନିର୍ମାଣ ହେଉଥିବା ବିଏମ୍‌ସିର ନୂତନ କୋଠାରେ ମେୟର ଏବଂ ଡେପୁଟି ମେୟର ଦାୟିତ୍ୱ ଭାର ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଏହାର ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ କଳ୍ପନା ଛକ ନିକଟସ୍ଥ ବିଏମ୍‌ସି ମୁଖ୍ୟାଳୟରେ ହିଁ ଅଧିକାରୀମାନେ ଦାୟିତ୍ୱ ଭାର ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

# ଲୁଟେରାଙ୍କ ସୁରାକ୍ ପାଉନି ପୋଲିସ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

## ଏଟିଏମ୍ ତାଡ଼ି ୨୦ ଲକ୍ଷ ଲୁଟ ଘଟଣା

ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ଲିଙ୍ଗିପୁରସ୍ଥିତ ଇନ୍ଦିରା କଲୋନୀରେ ଥିବା ଏସ୍‌ବିଆଇ ଏଟିଏମ୍ ତାଡ଼ି ସେଥିରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯିବା ଘଟଣାକୁ ୨୪ ଘଣ୍ଟା ପୂରିଛି। ହେଲେ ଏପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କୁ ଧରିପାରିନି ପୋଲିସ। ଏପରିକି ସେମାନେ କେଉଁ ରାଜ୍ୟର ଲୋକ, ଟଙ୍କା ଲୁଟ କରିବା ପରେ କେଉଁଆଡେ ଫେରାର ହେଲେ ତାହାର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ଏଯାବତ ସେମାନଙ୍କର କୌଣସି ପତ୍ତା ପାଇପାରିନାହିଁ। କେବଳ ଦୁର୍ବୃତ୍ତମାନେ ଦୟାନଦୀ କୂଳରେ ଛାଡିଦେଇଥିବା ଏଟିଏମ୍ ମେଶିନ୍‌ର ଭଙ୍ଗା ଅଂଶ, ଚୋରିବେଳେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି ପୋଲିସ। ଘଟଣାରେ ଦୁର୍ବୃତ୍ତମାନଙ୍କୁ ଧରିବା ଲାଗି କମିଶନରେଟ ପୋଲିସ ୩ଟି ଥାନାର ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ ଗଠନ କରିଛି। ସେପଟେ ଲିଙ୍ଗିପୁର ଅଞ୍ଚଳର ବିଜୟ କୁମାର ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ନର୍ସରୀ ଭିତରୁ ଗାଡି ଚୋରି ହୋଇଯାଇଥିବା ଧଉଳି ଥାନାରେ ଅଭିଯୋଗ କରିବା ପରେ ଏହା ଦୁର୍ବୃତ୍ତଙ୍କ ଗାଡି ନୁହେଁ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଶିଶୁପାଳଗଡ ଇନ୍ଦିରା କଲୋନୀରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ ୩ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ପଶିଥିଲେ। ଏଟିଏମ୍‌ର ଇଲେକ୍ଟ୍ରିକ୍ କନେକ୍ସନ କାଟିବା ପରେ ନେଟୱର୍କ ଡିଜାବୁଲ କରି ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିଲେ। ମେଶିନ ଇନଷ୍ଟଲ ହୋଇଥିବା ଲୁହାରଡ କାଟି ମେଶିନ ନେଇ ଫେରାର ହୋଇଯାଇଥିଲେ। ଏହାପରେ ଏଟିଏମ୍‌କୁ ଭାଙ୍ଗି ସେଥିରୁ ଟଙ୍କା ନେଇଯାଇଥିଲେ।

# ବିଧାୟକଙ୍କ ୱାଟର ପାର୍କ ପ୍ରୋଜେକ୍ଟ ପରିଦର୍ଶନ



ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ବନ୍ଦିତା ପାଲ୍ ଓ ଅନ୍ୟମାନେ।

**ଭୁବନେଶ୍ୱର,୬।୪(ବ୍ୟୁରୋ)**

ନୂଆପଲ୍ଲୀରେ ଚାଲୁଥିବା ୱାଟର ପାର୍କ ପ୍ରୋଜେକ୍ଟକୁ ବୁଧବାର ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଅଚାନକ ଗସ୍ତରେ ପରିଦର୍ଶନ କରିଛନ୍ତି। ଗସ୍ତବେଳେ ୱାଟର ପାର୍କ ସମ୍ବନ୍ଧରେ ବିଭାଗୀୟ ଅଫିସରଙ୍କଠାରୁ ପଚାରି ବୁଝିଛନ୍ତି। ଏହି ଜଳାଶୟଟି ପୁରାତନ କାଳରୁ ରହିଆସିଛି। ଅବହେଳା ଓ ସ୍ୱତନ୍ତ୍ର ଦୃଷ୍ଟି ନ ଥିବା କାରଣରୁ ସମସ୍ତ ଡ୍ରେନେଜ୍ ଜଳ ତା ମଧ୍ୟକୁ ପ୍ରବେଶ କରି ଜଳାଶୟଟି ସମ୍ପୂର୍ଣ୍ଣ ସତ୍ତା ହରାଇସାରିଥିଲା। ପ୍ରାୟ ୭ ଏକରରୁ ଉର୍ଦ୍ଧ୍ୱ ଏହି ଜଳାଶୟ ଅବାଧ ନିର୍ମାଣ ଓ ଅଳିଆ ଆବର୍ଜନା ପକାଯାଇ ପୋତି ହୋଇଯାଇଥିଲା। ସେହି ଅଞ୍ଚଳର ବାସିନ୍ଦାଙ୍କ ଦାବି ଅନୁରୂପ ୱାଟର ପାର୍କ ନିର୍ମାଣ ହେବାକୁ ଯାଉଥିବାରୁ ନୂଆପଲ୍ଲୀ ଓ ଭୁବନେଶ୍ୱର ପାଇଁ ଏକ ଉଦାହରଣ ସୃଷ୍ଟି ହେବ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ଗସ୍ତବେଳେ ତାଙ୍କ ସହ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ସାମାଜିକ କର୍ମୀ ଅର୍ଜୁନ ବେହେରା ପ୍ରମୁଖ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ୫ ସ୍ୱାଧୀନ କାଉନସିଲର



**ଖୋର୍ଦ୍ଧା ଅଫିସ,୬।୪:**

ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର କାର୍ଯ୍ୟାଳୟରେ ବୁଧବାର ଖୋର୍ଦ୍ଧା ପୌର ପରିଷଦର ନବ ନିର୍ବାଚିତ ୫ଜଣ ସ୍ୱାଧୀନ କାଉନସିଲର ବିଜେଡିରେ ଯୋଗଦେଇଛନ୍ତି। ୮ନମ୍ବର ୱାର୍ଡର ସୁଶାନ୍ତ ଜେନା, ୯ନଂ. ୱାର୍ଡର ରଶ୍ମିତା ବେହେରା, ୧୦ନଂ. ୱାର୍ଡର ମୋନାଲିସା ସିଂ, ୧୪ନଂ. ୱାର୍ଡର ନର୍ମଦା ଦାସ ଓ ୨୦ନଂ. ୱାର୍ଡର ଅନିଲ କୁମାର ରାମ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। ରାଜ୍ୟସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ସଭାପତି ବିଭୂତି ବଳବନ୍ତରାୟ, ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଶାଣୀ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନ କାଉନସିଲରଙ୍କ ବିଜେଡିରେ ଯୋଗଦାନ ପରେ ବିଜେଡିର ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ମିତ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସ୍ୱାଧୀନ କାଉନସିଲରମାନେ କହିଛନ୍ତି।

# ସିଏମ୍‌ସି: ୮ରୁ ସ୍ୱଚ୍ଛ ସର୍ବେକ୍ଷଣ

**କଟକ ଅଫିସ,୬।୪**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ଟି ୱାର୍ଡରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ପାଇଁ ବୁଧବାର ୫ଟି କେନ୍ଦ୍ରୀୟ ଦଳ କଟକ ଆସିଛନ୍ତି। ଆସନ୍ତା ୮ ତାରିଖରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସିଏମ୍‌ସି ଲୋକମାନଙ୍କୁ ସେବା ଯୋଗାଇ ଦେଉଛି କି ନାହିଁ, କ'ଣ ଅସୁବିଧା ରହିଛି ସେ ସମ୍ପର୍କରେ ଟିମ୍‌ର ସଦସ୍ୟମାନେ ଲୋକମାନଙ୍କଠାରୁ ପଚାରିବୁଝିବେ। ଉକ୍ତ ଟିମ୍‌ରେ ୨ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି। ସିଏମ୍‌ସିର ଅଧିକାରୀମାନେ ଉକ୍ତ ଟିମ୍‌କୁ ସହଯୋଗ କରିବେ। ବିଶେଷକରି ଯାଞ୍ଚ ସମୟରେ ୩ଟି ମାନଦଣ୍ଡକୁ ଗୁରୁତ୍ୱ ଦିଆଯିବ। ସେବାସ୍ତର ପ୍ରଗତି, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଓ ମ୍ୟାଟେରିଆଲ ରିକୋଭରି ଫ୍ୟାସିଲିଟି(ଏମ୍‌ଆର୍‌ଏଫ୍)ର ଅନୁଧ୍ୟାନ, ମଳମୁକ୍ତ ଅଞ୍ଚଳର ବାସ୍ତବ ସ୍ଥିତି ଏବଂ ଶୌଚାଳୟ ବ୍ୟବସ୍ଥାକୁ ଯାଞ୍ଚ କରାଯିବ। ଏହି ଯାଞ୍ଚରେ ନାଗରିକମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ। ଫଳରେ ସିଏମ୍‌ସି ସେବାରେ ସହରବାସୀ ସନ୍ତୁଷ୍ଟ କି ନାହିଁ ତାହା ଜଣାପଡିବ। ସିଏମ୍‌ସି ଗତ ୬ଟି ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ପ୍ରଦର୍ଶନ କରିପାରିନାହିଁ। ବର୍ତ୍ତମାନ ସୁଦ୍ଧା କଟକ ସ୍ୱଚ୍ଛ ସହର ତାଲିକାରେ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇନାହିଁ। ସହରରେ ନିୟମିତ ସଫେଇ କରାଯାଉଛି ମଧ୍ୟ କିଛି ବ୍ୟବସ୍ଥା ଯୋଗୁ ସିଏମ୍‌ସି ବହୁ ପଛରେ ରହିଛି। ଜଳବନ୍ଦୀ ସମସ୍ୟ, ମୁକୁଳା ଡ୍ରେନ, ଅଧାପନ୍ତରିଆ ବକ୍ସ ଡ୍ରେନ ନିର୍ମାଣ ଆଦି କାର୍ଯ୍ୟ ସର୍ଭେବେଳେ ସିଏମ୍‌ସିର ମାର୍କ ଉପରେ ପ୍ରଭାବ ପକାଇବ। ଚଳିତଥର ଭଲ ପ୍ରଦର୍ଶନ ନିମନ୍ତେ ଆଶା ରହିଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।

# 'ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରରେ ପରମାନନ୍ଦଙ୍କ ଅବଦାନ ଅତୁଳନୀୟ'

**ଭୁବନେଶ୍ୱର, ୬।୪(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଓଡ଼ିଶା ଇତିହାସ କଂଗ୍ରେସର ମିଳିତ ଆନୁକୁଲ୍ୟରେ ପିଜି କାଉନ୍‌ସିଲ୍ ହଲ୍‌ରେ ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ ଏବଂ ଦ୍ୱିତୀୟ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନ ଅତୁଳନୀୟ। ସେ ପ୍ରଥମେ ମୟୂରଭଞ୍ଜର ପ୍ରାଗ୍ ଐତିହାସିକ ଯୁଗ ଉପରେ ଗବେଷଣା କରିଥିଲେ। ସେ ଓଡ଼ିଶାରେ ନୂତନ ପ୍ରସ୍ତର ଯୁଗର ବସତି ଆବିଷ୍କାର ସହ ଖିଚିଂ କିଚେକେଶ୍ୱରୀ ମନ୍ଦିରର ପୁନଃଉଦ୍ଧାର, ଲଣ୍ଡନ ସଂଗ୍ରହାଳୟରୁ ଅନନ୍ତ ବାସୁଦେବ ଶିଳାଲିପିର ଉଦ୍ଧାର, ବାରିପଦା ସଂଗ୍ରହାଳୟର ପ୍ରତିଷ୍ଠା କରିଥିଲେ। ପ୍ରତ୍ନତତ୍ତ୍ୱ, ଶିଳାଲେଖ, ମୁଦ୍ରା, ଚାରୁକଳା ପ୍ରଭୃତିରେ ତାଙ୍କର ବିଶେଷ ଅବଦାନ ରହିଥିଲା।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଓଡ଼ିଶା ଓ ଆସାମର ସାଂସ୍କୃତିକ ସଂଯୋଗ' ଶୀର୍ଷକ ସ୍ମାରକୀ ବକ୍ତୃତାମାଳା ପ୍ରଦାନ କରିଥିଲେ। ଇତିହାସ କଂଗ୍ରେସର ସଭାପତି ପ୍ରଫେସର ବସନ୍ତ କୁମାର ମଲ୍ଲିକ ସଭାପତିତ୍ୱ ଅଭିଭାଷଣ ଦେଇଥିଲେ। ବିଭାଗୀୟ ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଅତିଥି ପରିଚୟ ଏବଂ ସହକାରୀ ପ୍ରଫେସର ସୁଶାନ୍ତ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାସ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ଡ. ଅନାମ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ହେବ ନଳକୂପ, ଖୋଲିବ କଣ୍ଟ୍ରୋଲରୁମ୍

**ଖୋର୍ଦ୍ଧା ଅଫିସ,୬।୪:**



ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅଧିକାରୀମାନେ।

## ଅଂଶୁଘାତ ମୁକାବିଲା ବୈଠକ

ଦିନକୁ ଦିନ ଖରାର ପ୍ରଖରତା ବଢ଼ିବା ସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଅଂଶୁଘାତ ସମ୍ଭାବନା ରହିଛି। ବୁଧବାର ଅଂଶୁଘାତ ମୁକାବିଲା ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ କହିଥିଲେ, ଅଂଶୁଘାତ ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ସମସ୍ତ ସିଏଚ୍‌ସି, ପିଏଚ୍‌ସି ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ, ଥଣ୍ଡା ପାନୀୟଜଳ ବ୍ୟବସ୍ଥା, ଜରୁରୀ ଜୀବନ ରକ୍ଷାକାରୀ ଔଷଧ, ପର୍ଯ୍ୟାପ୍ତମାତ୍ରାରେ ଓଆରଏସ୍ ପ୍ୟାକେଟ, ସାଲାଇନ ରଖାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ପାରାମେଡିକାଲ ଷ୍ଟାଫ, ନର୍ସ, ଅଙ୍ଗନୱାଡି କର୍ମୀ, ଆଶା ଦିଦିମାନଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ। ହସ୍ପିଟାଲମାନଙ୍କରେ ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଆପଦ୍‌କାଳୀନ ସେବା ପାଇଁ ମୋବାଇଲ ୟୁନିଟ ପ୍ରସ୍ତୁତ ହୋଇରହିବ। ୧୦୮ କର୍ମୀଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲାର ଗ୍ରାମାଞ୍ଚଳରେ ଅଚଳ ରହିଥିବା ନଳକୂପ ମରାମତି କରାଯିବ। ଜଳ କଷ୍ଟ ସମସ୍ୟା ରହିଥିବା ଗ୍ରାମାଞ୍ଚଳରେ ଟ୍ୟାଙ୍କର ବ୍ୟବସ୍ଥା ରହିବ। ଗୋରୁଗାଈଙ୍କ ପାଇଁ ଗାଁଗୁଡ଼ିକରେ ଗାଡ଼ିଆ ନିକଟରେ ପାଣିକୁଣ୍ଡ ବ୍ୟବସ୍ଥା ହେବ। ପ୍ରାଣୀଧନ ବିଭାଗ ପକ୍ଷରୁ ଏକ ମୋବାଇଲ ୟୁନିଟ୍ କାର୍ଯ୍ୟ କରିବ। ଅଂଶୁଘାତରେ ଆଘାତ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ବ୍ୟବସ୍ଥା କରିବେ। ଖରାରେ କୋଠାବାଡି ଆଦି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସଚେତନ ଲାଗି ଶ୍ରମ ବିଭାଗ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରହିବ। ଶ୍ରମିକମାନେ କାର୍ଯ୍ୟ କରୁଥିବା ଅଞ୍ଚଳରେ ଥଣ୍ଡା ପାଣି ଏବଂ ଛାଇ ଜାଗା ନିରୂପଣ ଲାଗି ସମ୍ପୃକ୍ତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବାକୁ ଶ୍ରମ ବିଭାଗକୁ ଜିଲାପାଳ ମହାପାତ୍ର କହିଥିଲେ। ବିଦ୍ୟାଳୟ ଗୁଡିକରେ ପିଲାଙ୍କ ସୁବିଧା ପାଇଁ ସ୍କୁଲରେ ଥଣ୍ଡା ପାନୀୟଜଳ ଯୋଗାଇ ଦିଆଯିବ। ପିଲାମାନେ ନିଜ ୱାଟର ବୋତଲ ସହ ଛତା ଧରି ସ୍କୁଲକୁ ଆସିବେ। ଘରୋଇ ବସ୍, ଟ୍ରକରେ ମଧ୍ୟ ପାନୀୟଜଳ ବ୍ୟବସ୍ଥା କରିବେ। ଜାତୀୟ ରାଜପଥ ଏବଂ ବସଷ୍ଟାଣ୍ଡରେ ଜଳ କିଓସ୍କୋ ନିର୍ମାଣ କରାଯିବ। ବେସରକାରୀ ସଂସ୍ଥାମାନେ ଯେକୌଣସି ସ୍ଥାନରେ ଜଳଛତ୍ର ଖୋଲିପାରିବେ। ପୌରସଂସ୍ଥା, ବ୍ଲକ ଓ ତହସିଲ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରିବେ। ଖରାଦିନେ ପାୱାରକଟ ପାଇଁ ଏକ ସ୍ୱତନ୍ତ୍ର ନୀତି ସ୍ଥିର କରିବେ। ବିଜୁଳି କାଟ ଦିନକ ପୂର୍ବରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଣାଇବେ। ବିଦ୍ୟୁତ ସଂରକ୍ଷଣ ପାଇଁ ଲୋକଙ୍କୁ ସଚେତନ କରାଯିବ। ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷ ନିଜ ବିଭାଗରେ ଅଂଶୁଘାତ ମୁକାବିଲା ଲାଗି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସେନାରେ ହୋଇପାରେ ଚୁକ୍ତିଭିତ୍ତିକ ନିଯୁକ୍ତି

ନୂଆଦିଲ୍ଲୀ,୬।୪

ଭାରତୀୟ ସେନାରେ ଖୁବ୍‌ଶୀଘ୍ର ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇପାରେ। 'ଟୁର୍ ଅଫ୍ ଡ୍ୟୁଟି' ନାମକ ଏକ ନୂଆ ଧାରାରେ ସଶସ୍ତ୍ର ବଳରେ ଯବାନଙ୍କୁ ନିଯୁକ୍ତି ଦିଆଯିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଯୁବପିଢ଼ିଙ୍କୁ ସେନାରେ ଠିକା ନିଯୁକ୍ତି ଦେଇ ରାଜକୋଷର ବୋଝ ହ୍ରାସ କରିବା ପାଇଁ ସରକାର ବିଚାର କରୁଥିବା ଏଥିରେ ଦର୍ଶାଯାଇଛି। ସେନାରେ ସ୍ୱଳ୍ପକାଳୀନ ଠିକା ନିଯୁକ୍ତି ଦେବା ନେଇ ଦୁଇବର୍ଷ ତଳେ ଚିନ୍ତା କରାଯାଇଥିଲା। ତଦନୁଯାୟୀ ଜଣେ ଭାରତୀୟ ନାଗରିକ ଚୁକ୍ତି ଅବଧି ମଧ୍ୟରେ କାର୍ଯ୍ୟ କରିବେ। ତାଙ୍କୁ ଆତଙ୍କବାଦ ନିରୋଧୀ ଅପରେଶନ, ଗୋଇନ୍ଦା ତଥ୍ୟ ସଂଗ୍ରହ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଭଳି ବିବିଧ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ତାଲିମ ଦିଆଯିବ। ଦୁଇବର୍ଷ ହେଲା କୋଭିଡ୍ ମହାମାରୀ ଯୋଗୁ ଯବାନଙ୍କ ନିଯୁକ୍ତି ହ୍ରାସ ପାଇଛି। ଫଳରେ ବର୍ତ୍ତମାନ ସ୍ଥଳସେନା, ବାୟୁସେନା ଓ ନୌସେନାରେ ୧,୨୫,୩୬୪ ପଦବୀ ଖାଲିପଡ଼ିଥିବା ଜଣାପଡ଼ିଛି। ଏଥିଲାଗି 'ଟୁର୍ ଅଫ୍ ଡ୍ୟୁଟି' ଧାରା ଆଣି ସର୍ବାଧିକ ୩ ବର୍ଷିଆ ନିଯୁକ୍ତି ଦେବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ଥିର କରିଛି। ଏପରି କରାଗଲେ ଦରମା, ଭତ୍ତା ଓ ପେନ୍‌ସନ ବାବଦକୁ ଦିଆଯାଉଥିବା ହଜାର ହଜାର କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ୨୦୨୦ରେ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଓ୍ୱଣେ ଚିନ୍ତା କରିଥିଲେ। ତେବେ ଏହି ଯୋଜନା ସମ୍ପର୍କରେ ସେନା ପକ୍ଷରୁ ଅଦ୍ୟାବଧି କୌଣସି ସୂଚନା ଦିଆଯାଇନାହିଁ।

# ଜୁଲାଇ ୧୭ରେ ଏନ୍‌ଇଇଟି, ଘୁଞ୍ଚିଲା ଜେଇଇ

ନୂଆଦିଲ୍ଲୀ, ୬।୪: ମେଡିକାଲ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି-କମ୍-ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି) ଆସନ୍ତା ଜୁଲାଇ ୧୭ରେ ଅନୁଷ୍ଠିତ ହେବ। ଏ ନେଇ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏପ୍ରିଲ ୬ରୁ ଏହି ପରୀକ୍ଷା ନିମନ୍ତେ ରେଜିଷ୍ଟ୍ରେଶନ ଆରମ୍ଭ ହୋଇଛି। ସେହିପରି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ମେ'ରେ ହେବାକୁ ଥିବା ଜେଇଇ-ମେନ୍ସ ପ୍ରବେଶିକା ପରୀକ୍ଷାକୁ ଜୁନ୍ ଓ ଜୁଲାଇ ମାସକୁ ଘୁଞ୍ଚାଇ ଦିଆଯାଇଛି।

ଦେଶରେ ଏନ୍‌ଇଇଟି ୧୩ ଭାଷାରେ ଅନୁଷ୍ଠିତ ହେବ। ଅନ୍‌ଲାଇନ ଆବେଦନ କରିବାର ଶେଷ ତାରିଖ ମେ' ୬ ରହିଛି। ସୂଚନା ବୁଲେଟିନ୍ ଏବଂ ଏନ୍‌ଟିଏ ଓ୍ୱେବସାଇଟରେ ଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ମାନିବା ପାଇଁ ଆବେଦନକାରୀଙ୍କୁ କୁହାଯାଇଛି। ଗତବର୍ଷ ଏନ୍‌ଇଇଟି-ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ସେପ୍ଟେମ୍ବର ୧୨ରେ ହୋଇଥିଲା। ଅପରପକ୍ଷେ ଜେଇଇ-ମେନ୍ସର ପ୍ରଥମ ପର୍ଯ୍ୟାୟ ଜୁନ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଜୁଲାଇକୁ ଘୁଞ୍ଚିଛି। ଏପ୍ରିଲ ୨୧, ୨୪, ୨୫, ୨୯ରେ ପ୍ରଥମ ପର୍ଯ୍ୟାୟ ଏବଂ ମେ ୧ ଓ ୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବା ନିମନ୍ତେ ପୂର୍ବରୁ ସ୍ଥିର କରାଯାଇଥିଲା।

# ବାଖରକଟା ଗାଁରେ ବ୍ୟାପିଲା ଝାଡ଼ାବାନ୍ତି

## ଦିନକରେ ୨ ମୃତ, ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଧରାକୋଟ,୬।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ବାଖରକଟା ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ମଙ୍ଗଳବାର ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଧରାକୋଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋଟିଏ ରାତିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଲୁ ଗୌଡ଼ (୩୨) ଓ ବୁଦ୍ଧିଆ ଗୌଡ଼ (୫୫)। ବୁଧବାର ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ କେତେଜଣଙ୍କୁ ଆସିକା ଡାକ୍ତରଖାନାକୁ ପଠାଯାଇଛି। ସ୍ଥିତିକୁ ନଜରରେ ରଖି ବାଖରକଟା ଗାଁ ଅଙ୍ଗନୱାଡି ଗୃହରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଏମ୍.ଭି.କେ ଅଶୋକଙ୍କ ଉପସ୍ଥିତିରେ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ବରଡ଼ାବିଲି ଓ ଓଲମ୍ବା ଗ୍ରାମରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି। ଜିଲା ଭ୍ରାମ୍ୟମାଣ ମେଡିକାଲ ଟିମ ପରିସ୍ଥିତି ଅନୁଧ୍ୟାନ କରିବା ସହ ଜିଲା ସଂକ୍ରାମକ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଓ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ବାଖରକଟା ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଭେଟିଛନ୍ତି। ସେମାନେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦେବା ସହ ଜିଲା ପ୍ରଶାସନକୁ ଏ ବିଷୟରେ ଅବଗତ କରାଇଛନ୍ତି।

ବାଖରକଟା ଗ୍ରାମରେ ଗତ ୩ ଦିନ ଧରି ଦଣ୍ଡନାଚ ଓ ଚଇତି ପର୍ବ ଚାଲିଥିଲା। ମଙ୍ଗଳବାର ଚଇତି ପର୍ବ ପ୍ରସାଦ ଓ ପରେ ଦଣ୍ଡନାଚ ପଣା ପିଇବା ପରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଜିଲା ଭ୍ରାମ୍ୟମାଣ ମେଡିକାଲ ଟିମ ପରିସ୍ଥିତି ଅନୁଧ୍ୟାନ କରିବା ସହ ଜିଲା ସଂକ୍ରମଣ ବିଭାଗର ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖାଦ୍ୟ ବିଷାକ୍ତ ହୋଇଥିବା ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି। ଅନ୍ୟପଟେ ଗ୍ରାମବାସୀ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଝଡାଫୁଙ୍କା ଓ ଗ୍ରାମରେ ଘଣ୍ଟ କଳସି ବୁଲାଇବା ସହ ପୂଜାର୍ଚ୍ଚନା କରୁଛନ୍ତି। ଏପରି ନ କରିବା ପାଇଁ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି।

# ରାଜଧାନୀରେ ଫୁଟ୍ ଓଭରବ୍ରିଜ୍ ନେଇ ମଞ୍ଜୁରୀ

## ନୀତିନ ଗଡକରୀଙ୍କୁ ଭେଟିଲେ ଅପରାଜିତା

ଭୁବନେଶ୍ୱର,୬।୪(ବ୍ୟୁରୋ)

ରାଜଧାନୀରେ ଦୁଇଟି ଫୁଟ୍ ଓଭରବ୍ରିଜ ଏବଂ ଗୋଟିଏ ଫ୍ଲାଏ ଓଭର ହେବ। ଏ ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ବୁଧବାର ସୂଚନା ଦେଇଛନ୍ତି। ସେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଆଲୋଚନା କରୁଥିବା ବେଳର ଫଟୋ ମଧ୍ୟ ଟୁଇଟରରେ ଶେୟାର କରିଛନ୍ତି।

କସମୋପଲିସ୍ ଛକରେ ଜାତୀୟ ରାଜପଥ ଉପରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହେବ। ସେହିପରି କ୍ରାଉନ ହୋଟେଲ ଓ ସତସଙ୍ଗ ବିହାରଠାରେ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବ। କ୍ୟାପିଟାଲ ରିଜଅନ ରିଂ ରୋଡ୍‌କୁ ମଧ୍ୟ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଅପରାଜିତା ସୂଚନା ଦେଇଛନ୍ତି। କ୍ୟାପିଟାଲ ରିଜିଅନ ରିଂ ରୋଡ୍ ସକାଶେ ୫୭୪୪ କୋଟି ଟଙ୍କା ଖର୍ଚ୍ଚ ହେବ। ଖୋର୍ଦ୍ଧା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ବାଇପାସ୍ ରୋଡ୍ ନିର୍ମାଣ ହେବ। ଅପରାଜିତା ପୂର୍ବରୁ ଏସବୁ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗଡକରୀଙ୍କୁ ନିବେଦନ କରିଥିଲେ। ତାଙ୍କ ନିବେଦନକୁ ରକ୍ଷା କରି କେନ୍ଦ୍ର ସରକାର ଉପରୋକ୍ତ କାର୍ଯ୍ୟ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAA-MBJ-0010-2022-7469/ R&DM, Dated 08 Mar. 2022**

**No. XXI-12**: ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରୂପସା ଡିଷ୍ଟ୍ରିବ୍ୟୁଟାରୀ ଏବଂ ପଣସିଆ ସବ-ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ପଣସିଆ, ଥାନା-ବୈଶିଙ୍ଗା ନଂ.୧୫୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୩୬ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:-

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରୂପସା ଡିଷ୍ଟ୍ରିବ୍ୟୁଟାରୀ ଏବଂ ପଣସିଆ ସବ-ମାଇନର ନିର୍ମାଣ ନିମନ୍ତେ ।

୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ।

୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ପଣସିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୧.୦୯ | ଏ.୦.୩୬ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ସ୍ୱତନ୍ତ୍ର ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୨୩/୨୧
ଏ.୦.୩୬ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରୁପସା ଡିଷ୍ଟ୍ରିବ୍ୟୁଟାରୀ ଏବଂ ପଣସିଆ ସବ୍-ମାଇନର ନିମନ୍ତେ ମୌଜା-ପଣସିଆ, ଥାନା-ବୈଶିଙ୍ଗା, ନଂ.୧୫୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 16 | 0.71 | 0.29 | ଶାରଦ ତିନି | କାସିଆ ସିଂ, ବନା ସିଂ, ହାଙ୍ଗ ସିଂ, କାଳା ସିଂ, ପି.ଗେଡା ସିଂ,ଗଣିଆ ସିଂ, ପି.ବଙ୍ଗୀ ସିଂ, ଜା-ଭୂମିଜ, ବା-ନିଜଗାଁ |
| 59 | 127 | 0.13 | 0.01 | ଶାରଦ ଦୁଇ | ବାଇଦୁ ସିଂ, ପି-ସାନଗୁ ସିଂ, ବୁଧୁନୀ ସିଂ, ପି.ଗୁରୁବା ସିଂ,ଜା-ଭୂମିଜ, ବା.ନିଜଗାଁ। |
| 61 | 15 | 0.04 | 0.01 | ଶାରଦ ତିନି | ବୈଦ୍ୟନାଥ ପଣ୍ଡିତ, ପି.ସଙ୍କୁରୁ ପଣ୍ଡିତ, ଜା.ଖଣ୍ଡାୟତ, ବା.ନିଜଗାଁ |
| 69 | 17 | 0.21 | 0.05 | ଶାରଦ ତିନି | ମେନକା ସିଂ, ହୀରା ସିଂ, ପି.ରଥ ସିଂ, ପିକ ସିଂ, ପି.କାନ୍ଦୁରୁ ସିଂ, ପାତି ସିଂ, ପି.କାର୍ତ୍ତିକ ସିଂ, ଜା.ଭୂମିଜ, ବା.ନିଜଗାଁ |
| ମୋଟ | ୪ ପ୍ଲଟକୁ | ଏ.୧.୦୯ ଡେ.ମି. | ଏ.୦.୩୬ ଡେ.ମି. | | |

OIPR-24001/14/0009/2223

## ODISHA PUBLIC SERVICE COMMISSION, CUTTACK
### NOTICE
**No.3153/PSC, Dt.6.4.22**
**(1R-18-21/22 (DR-V)**

No.D-03:It is for information of all concerned that, pursuant to the advertisement No. 08 of 2020-2021, 87 (eighty seven) candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor "Geography". The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 25.04.2022, 26.04.2022, 27.04.2022, 28.04.2022, 29.04.2022 & 30.04.2022 as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 25.04.2022 | 10.15 A.M. | 00080080, 00100633, 00096796, 00091158, 00086286, 00089419, 00080356 & 00091647 = **08 Candidates** |
| | 02.30 P.M. | 00078512, 00097685, 00088330, 00086541, 00087112 & 00097776 = **06 Candidates** |
| 26.04.2022 | 10.15 A.M. | 00094148, 00079643, 00094217, 00091018,00093774,00092582, 00087212, 00092677 & 00089457 = **09 Candidates** |
| | 02.30 P.M. | 00096307, 00079548, 00097650, 00096315, 00077980 & 00091651 = **06 Candidates** |
| 27.04.2022 | 10.15 A.M. | 00097739, 00094725, 00090192, 00095516, 00096907,00093822, 00095239, 00090541 & 00090314 = **09 Candidates** |
| | 02.30 P.M. | 00087272, 00063888, 00076757, 00081840,00090122 & 00093148 = **06 Candidates** |
| 28.04.2022 | 10.15 A.M. | 00092538,00086987, 00086307, 00082502, 00091781,00086773, 00075577, 00093886 & 00077074 = **09 Candidates** |
| | 02.30 P.M. | 00078023, 00097926, 00093125, 00089152, 00094788 & 00089694 = **06 Candidates** |
| 29.04.2022 | 10.15 A.M. | 00091354, 00086928, 00078420, 00089986, 00089321, 00102235, 00094806, 00090587 & 00092728 = **09 Candidates** |
| | 02.30 P.M. | 00088421, 00094294, 00085883, 00089163, 00086917 & 00042597= **06 Candidates** |
| 30.04.2022 | 10.15 A.M. | 00097019, 00041936, 00092099. 00095088, 00049520, 00018002, 00088716 & 00095840 = **08 Candidates** |
| | 02.30 P.M. | 00021505,00052369,00086548,00094863 & 00066987 = **05 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection to interview.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above.

**THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING DOCUMENT VERIFICATION.**

**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./-Secretary**
**OIPR-12002/11/0006/2223**

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

OPTCL Lifeline of Odisha

**No. CAD-65**

### TENDER ALERT

**1)Tender Call Notice No.DGM /TEL/BBS/Air Conditioner Tender-01/2022-23:** Supply, installation & commissioning of 10 nos of 2 Ton 5 star split type inverter Air Conditioner with 4 Nos of 5 KVA Stabilizer at different Telecom Section under Telecom Division, OPTCL Bhubaneswar.
**2)Tender Call Notice No.01/2022-23:** Engagement of 1 no hired Non-AC Bolero or equivalent required for SDO (Elect), 132/33 kV Grid S/S Phulabani under EHT O&M Division, Bhanjanagar.
**3) Tender Call Notice No.01/2022-23:** Supply of sodium bentonite compound in powder form to be used for earth ,mat work in switch yard at 132/33kV Grid S/S, Kesinga & Saintala under EHT O&M Division, Kesinga.
**4) Tender Call Notice No.05/2021-22: (i)** Hiring of Diesel run commercial registered light vehicle 7/9 seated Non-AC Bolero or equivalent on monthly hiring basis for SDO, EHT O&M S/D, Jaleswar/ SDO, 220kV Line S/D, Baleswar. **(ii)** Replacement of 90KN , 245kV old single & double suspension type disc insulator by long rod insulator at different location of 220 kV Baleswar-New Duburi line under EHT O&M Division, Baleswar.
**5) Tender Call Notice No.ND-01/2022-23:** Engagement of 1 no of diesel run commercial registered light vehicle ( Bolero 9 seated or equivalent) for 400/220/33kV Grid S/S, New Duburi under EHT O&M Division, New Duburi.
**6) Tender Call Notice No.06/2021-22:** Engagement of commercial diesel run light vehicle on hiring basis (AC Swift Dzire or equivalent) to be use at EHT O&M Circle, Chainpal.
**7) Tender Call Notice No.07/2021-22:** Engagement of commercial diesel run light vehicle on hiring basis (9 seated Bolero or 5 seated camper) to be use at 220/33 kV Grid S/S, Rengali under EHT O&M Circle, Chainpal.
**8) Tender Call Notice No.08/2021-22:** Engagement of commercial diesel run light vehicle on hiring basis (5 seated camper) to be use at 132/33 kV Grid S/S, Angul under EHT O&M Circle, Chainpal.
**9) Tender Call Notice No.09/2022-23:** PCC work with metal spreading in existing 132kV Meramundali I&II, 132 kV SGEL & 132kV MGM Bay at 132/33 kV Grid S/S Kharagprasad under EHT O&M Circle, Chainpal.
**10) Tender Call Notice No.10/2022-23:** PCC with metal spreading in 33kV S/Y at 132/33kV Grid S/S, Dhenkanal under EHT O&M Circle, Chainpal.
**11) Tender Call Notice No.06/2021-22:** Construction of water hydrant system for earth pits at 220/33kV GSS, Malkangiri under EHT O&M Division, Malkangiri.
**12) Tender Call Notice No.01/2022-23:** Hiring 1 (one) no of diesel/petrol run commercial registered light vehicle (BS-VI) Non-AC Bolero or equivalent for EHT (C) S/D, Junagarh under EHT Construction Circle, Rayagada.
**13) E-Tender Call Notice No.BRL.26/2021-22:** Procurement of hardware fitting towards up gradation of 220kV Main Bus-I, Bus-II, Transfer Bus and bay equipment fiting for 06 nos of 220kV bays at 220/132/33 kV Grid S/S, Budhipadar under EHT O&M Circle, Burla.
**14) Tender Call Notice No.28/21-22:** Supply different type of materials for construction of 3rd transformer bay at 132/33 kV Grid S/S, Barapali under EHT O&M Circle, Burla.
**15) Tender Call Notice No.29/2021-22:** Over Hauling of 132/33kV 20MVA transformer -III ( NGEF Make) at 132/33kV Grid S/S, Brajarajanagar under EHT O&M Circle, Burla.
**16) Tender Call Notice No.03/2021-22:** Hiring of diesel run vehicle ( 9 seated Non-AC Bolero or its equivalent) on monthly hired basis for SDO (Elect.), 220/132/33kV Grid S/S, Duburi under EHT O&M Division, Jajpur Road.
**17) Tender Call Notice No.TRB-O&M-DIV-OT-01/2022-23:** Leakage arresting of 100MVA Auto TRFR-2 (BHEL Make) and 12.5MVA TRFR-2 (BHEL Make) at 220/132/33kV Grid S/S, Therubali under EHT O&M Division, Therubali.
**18) Tender Call Notice No.TRB-O&M-DIV-OT-02/2022-23:** Dismantling of unused concrete structure & disposal of debris and surplus earth inside the premises of Grid S/S, Rayagada under EHT O&M Division, Therubali.
**19) Tender Call Notice No.TRB-O&M-DIV-OT-03/2022-23:** Painting of Power Transformers & accessories at Grid S/S, Paralakhemundi for 12.5MVA TRFR-I (CGL), 12.5MVA TRFR-II(CGL) and 12.5MVA TRFR-III (HHE), at Grid S/S, Akhusingh for 12.5MVA TRFR-I (HHE) & 12.5 MVA TRFR-II CGM under EHT O&M Division, Therubali.
**20) Tender Call Notice No.TRB-O&M-DIV-OT-04/2022-23:** Supply of 120 watt LED based flood lights with complete fittings required at different Grid S/Ss under EHT O&M Division,Therubali.
**21) Tender Call Notice No.TRB-O&M-DIV-OT-05/2022-23: (A)**Painting of firewall existing in between Auto-1&2, Auto-2&3 at 220/132/33kV Grid S/S, Therubali. **(B)** Checking & tightening of jumpers of angle point towers of 220kV Laxmipur-NALCO DC line under EHT O&M Division, Therubali.
**22) Tender Call Notice No.01/2022-23:** Hiring of Diesel run commercial registered light 09 seated Non-AC Bolero/ Bolero Camper/ its equivalent on monthly basis for engagement at Grid S/S, dhenkanal under EHT O&M Division, Dhenkanal.
**23) Tender Call Notice No.01/2022-23:** Non- Comprehensive Annual Maintenance Contract (AMC) of A.C Machines (3 nos.) Installed at different offices & sub-stations under EHT O&M Division, Jajpur Road.
**24) Tender Call Notice No.01/22-23:** Engagement of Commercial registered diesel run light vehicle on Hiring Basis (AC Bolero/ equivalent) to be used at O/O the DGM, EHT O&M Division, Chainpal.
**25) Tender Call Notice No.01/2022-23:** Refilling of different types Fire extinguishers and supply of spare parts to all Grid Sub-Stations under EHT O&M Division, Puri.
**26) Tender Call Notice No.02/2022-23:** Supply and erection of Steel framed ACP sign board of size 6ftx4ft for different Grid Sub-Stations and Division under EHT O&M Division, Puri.
**27) Tender Call Notice No.01/2022-23:** Repair of control room building of Grid S/S, Joda under EHT O&M Division, Joda.
**28) Tender Call Notice No.02/2022-23:** Supply, fitting & fixing of vitrified tiles at control room floor of Grid S/S, Polaspanga under EHT O&M Division, Joda.

For more details please visit: **www.optcl.co.in**
OIPR-04011/11/0002/2223
**FIPR-01/2022-23**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
(ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଉପବିଭାଗ)

ପତ୍ର ସଂଖ୍ୟା: 951/2022 ତା.06.04.2022 ରିଖ

### ବିଜ୍ଞାପନ

ଏତଦ୍ୱାରା ମାଲକାନଗିରି ଜିଲ୍ଲା ଦାରିଦ୍ର୍ୟ ସୀମାରେଖା ତଳେ ଥିବା (BPL Category) ସମସ୍ତ ଅନୁସୂଚିତ ଜନଜାତି (ST) ଓ ଅନୁସୂଚିତ ଜାତି (SC) ଶ୍ରେଣୀର ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆଗାମୀ ଶିକ୍ଷାବର୍ଷ ୨୦୨୨-୨୩ରେ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ ତଥା ନିଷ୍ପତ୍ତି ଅନୁଯାୟୀ ସହରାଞ୍ଚଳ ଶିକ୍ଷା ଯୋଜନା, ଅନ୍ୱେଷା (Urban Education Programme-ANWE-SHA) ମାଧ୍ୟମରେ ଅନୁସୂଚିତ ଜନଜାତି (ST) ଓ ଅନୁସୂଚିତ ଜାତି (SC) ଶ୍ରେଣୀର ପିଲାମାନେ (ଉଭୟ ପୁଅ ଓ ଝିଅ, ଯେଉଁମାନଙ୍କର ବୟସ ତା.31.03.2022 ରିଖ ପର୍ଯ୍ୟନ୍ତ 05 ବର୍ଷ ପୂର୍ଣ୍ଣ ହୋଇଥିବ କିନ୍ତୁ 07 ବର୍ଷରୁ କମ୍ ହୋଇଥିବ) ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଅବସ୍ଥିତ ସରକାରୀ/ବେସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡିକରେ ପ୍ରଥମ ଶ୍ରେଣୀ (Class-I) ରେ ପଢିବା ସୁଯୋଗ ପାଇବେ, ସହରାଞ୍ଚଳରେ ହଷ୍ଟେଲରେ ରହିବା, ଖାଇବା, ପିଇବା, ବିଦ୍ୟାଳୟକୁ ଯିବା ଆସିବା ତଥା ପାଠ୍ୟ ଉପକରଣ, ପୋଷାକ ଇତ୍ୟାଦିର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ।

ଏଣୁ ଆଗ୍ରହୀ ଅଭିଭାବକମାନଙ୍କୁ ଅନୁରୋଧ ଯେ, ସେମାନେ ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର (ଜାତିଗତ ପ୍ରମାଣପତ୍ର, ବି.ପି.ଏଲ. କାର୍ଡ, ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ)ର ନକଲ ସଂଲଗ୍ନ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ (DWO), ମାଲକାନଗିରି/ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEO)ଙ୍କ ନିକଟରେ ୩୦.୦୪.୨୦୨୨ ସୁଦ୍ଧା ଦାଖଲ କରିବା ହେବେ । ଏହି ଫର୍ମ ଜିଲ୍ଲାର ସମସ୍ତ ପଞ୍ଚାୟତ/ତହସିଲ/ବ୍ଲକ/ସବ୍ କଲେକ୍ଟର/ପ୍ରକଳ୍ପ ପ୍ରଶାସକ/ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା/ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରିରେ ଉପଲବ୍ଧ ହେବ । ଏହାର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ୍ www.malkangiri.nic.inରେ ମଧ୍ୟ ଉପଲବ୍ଧ ଅଟେ ।

**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ନଂ. ୧୧୯୦ ତା:୦୬।୦୪।୨୦୨୨

### ବିଜ୍ଞାପନ

No. C-31: କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ଦୈନିକ ବଜାର ଓ ସାପ୍ତାହିକ ବଜାରକୁ ଟେଣ୍ଡର ମାଧ୍ୟମରେ ଏକକାଳୀନ ତା୦୧।୦୫।୨୦୨୨ରିଖରୁ ତା୩୦।୦୪।୨୦୨୩ରିଖ ପର୍ଯ୍ୟନ୍ତ ଲିଜ୍ ଦେବା ନିମନ୍ତେ ସ୍ଥିର କରାଯାଇଛି। ଏଣୁ ସର୍ବସାଧାରଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉକ୍ତ ଦୈନିକ ବଜାର ଓ ସାପ୍ତାହିକ ବଜାରକୁ ଟେଣ୍ଡର ମାଧ୍ୟମରେ ଲିଜ୍ ସୂତ୍ରରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ମାତ୍ର ଜମା ଦେଇ ଟେଣ୍ଡର ଦରଖାସ୍ତ ଫର୍ମ ତା୧୫।୦୫।୨୦୨୨ରିଖଠାରୁ ତା୨୦।୦୫।୨୦୨୨ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ କିଣିପାରିବେ। ଟେଣ୍ଡର ଫର୍ମ ନେଇଥିବା ବ୍ୟକ୍ତି/ଅନୁଷ୍ଠାନ ତା୨୪।୦୫।୨୦୨୨ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା Registered Post/Speed Post (not through Courier/by Hand) ମାଧ୍ୟମରେ ପଠାଇବେ। ତା୨୭।୦୫।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ପରିଷଦର ନିର୍ବାହୀ ଅଧିକାରୀଙ୍କ ଅଫିସ୍ ପ୍ରକୋଷ୍ଠରେ ଟେଣ୍ଡର କାଗଜ ଦେଇଥିବା ବ୍ୟକ୍ତି/ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ। ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ।

ଲିଜ୍ ଟେଣ୍ଡର ସମ୍ବନ୍ଧୀୟ ବିବରଣୀ/ସୂଚନା କଳାହାଣ୍ଡି ଜିଲ୍ଲା କାର୍ଯ୍ୟାଳୟର ୱେବସାଇଟ୍ **http://www.nac-kesinga.in**ରେ ଉପଲବ୍ଧ ହେବ।

**Sd./- (Executive Officer, N.A.C., Kesinga)**
**OIPR-13109/11/0001/2223**

## GOVERNMENT OF ODISHA
No. O-20
## "e" PROCUREMENT NOTICE
### Bid Identification No. 1 of 2022-23

1. Name fo the Work : Laying of pipe lines, construction of R.C.C. E.S.R., construction of valve chambers, pumping unit installation and providing 100% FHTC in connection with piped water supply to different villages in the district of Kandhamal.

(Refer DTCN available in the website: **tendersorissa.gov.in**)

2. Total No. of Work : 6 Nos.
3. Estimated Cost : Rs.362.87 to Rs.410.34 lakhs
4. Eligible Bidder : "A" & "Special" Class Contractor
5. Period of Completion : 11 (Eleven) months (Refer DTCN available in the website **tendersorissa.gov.in**)
6. Other details :

| Procurement Officer | Bid Identification No. | Availability of tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Superintending Engineer, RWSS Division, Phulbani | 1 of 2022-23 | Dt.12.04.2022 At 10.00 Hrs. | Dt.26.04.2022 Upto 17.00 Hrs. | Dt.27.04.2022 at 11.00 A.M. |

Further details can be seen from the website **www.tendersorissa.gov.in**. Corrigendum, if any, will be uploaded in website only.

**Sd./- Superintending Engineer**
**RWS&S Division, Phulbani**
**OIPR-25006/11/0002/2223**

## ତହସିଲ କାର୍ଯ୍ୟାଳୟ, ପାଇକମାଲ, ଜି.ବରଗଡ଼
ବିଜ୍ଞାପନ ସଂଖ୍ୟା.୪୮୮, ତାରିଖ ୦୨.୦୪.୨୦୨୨
(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)

**No.F-04:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଇକମାଲ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ରେ ପ୍ରଦତ୍ତ (Form-M) ରେ ୩ (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପାଇକମାଲଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/ Regd.Post ମାଧ୍ୟମରେ ପ୍ରେରଣ କରିବେ, ଯାହାକି ତା.15.04.2022 ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତ ହେବା ଆବଶ୍ୟକ । ତା.16.04.2022 ରିଖ ପୂର୍ବାହ୍ନ 11.00 ଘ. ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତଗୁଡିକ ଗ୍ରହଣ କରାଯିବ ନାହିଁ । ଯେଉଁ ଉତ୍ସଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନ ଥିବ କିମ୍ବା ଲିଜ୍ ଚୂଡାନ୍ତ ହୋଇ ନଥିବ ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟଥର ପାଇଁ ତା.23.04.2022 ଓ ତୃତୀୟଥର ପାଇଁ ତା.30.04.2022 ରିଖ ଅପରାହ୍ନ 1.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.00 ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡିକୁ ତନଖି କରାଯିବ । ଏହାର ସବିଶେଷ ବିବରଣୀ ଜିଲ୍ଲା website (www.bargarh.nic.in) ରେ ଉପଲବ୍ଧ ହେବ । ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖିପାରିବେ ।

**ସ୍ୱା./-ତହସିଲଦାର, ପାଇକମାଲ**
**OIPR-24200/11/0001/2223**

# ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ



ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆମେ ସମସ୍ତେ ଏହାକୁ ଜାଣି ମଧ୍ୟ ଅନେକ ସମୟରେ ଏହି ଉକ୍ତି ପ୍ରତି ଯତ୍ନବାନ ନାହୁଁ । ଯେଉଁ ଶରୀର ପାଇଁ ସବୁକିଛି ସୁଚାରୁରୂପେ ସମ୍ପାଦନ କରିପାରୁଛୁ , ସେଥିପ୍ରତି ଯତ୍ନବାନ ହୋଇପାରୁନାହୁଁ । ସୁସ୍ଥ ଓ ନିରୋଗ ରହିବା ପାଇଁ ଅନେକ ସମୟରେ ଅନ୍ୟକୁ କହିଥାଉ କିନ୍ତୁ ନିଜେ ସ୍ୱାସ୍ଥ୍ୟ ପ୍ରତି ଆଦୌ ଯତ୍ନବାନ ହୋଇନାହୁଁ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ 'ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ' ବିଷୟବସ୍ତୁକୁ ନେଇ ଦିବସକୁ ପାଳନ କରିବା ପାଇଁ ଆହ୍ୱାନ କରାଯାଇଅଛି । ଏ ପରିପ୍ରେକ୍ଷୀରେ ଆମ ମନକୁ ସ୍ୱତଃ ପ୍ରଶ୍ନ ଆସେ ଯେ, ଏ ବିଶାଳ ଭୂଖଣ୍ଡରେ ଆମ ଜୀବନ ଧାରଣ ପାଇଁ ଆବଶ୍ୟକ ହେଉଥିବା ଅନେକ ଜିନିଷ ଓ ତତ୍ତ୍ୱ ଆମେ ଏହି ଧରାପୃଷ୍ଠରୁ ପାଇଥାଉ। ତନ୍ମଧ୍ୟରୁ ଆମ ଜୀବନ ଧାରଣ ପାଇଁ ଆବଶ୍ୟକ ହେଉଥିବା ଜଳ, ପବନ ଓ ଖାଦ୍ୟ ମୁଖ୍ୟତଃ ପାଇଥାଉ । ଅର୍ଥାତ୍ ଆମ ସମସ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ, ନିର୍ମଳ ପବନ ଓ ଶୁଦ୍ଧ ଖାଦ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ସାମ୍ପ୍ରତିକ ପରିସ୍ଥିତିରେ ମଣିଷର ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଆମେ ପ୍ରକୃତି ବିରୋଧୀ କାର୍ଯ୍ୟ କରିବାକୁ ଆଦୌ ପଛଘୁଞ୍ଚା ଦେଉନାହୁଁ । ଗୋଟିଏ ପଟେ ଅତ୍ୟାଧୁନିକ ବାତାବରଣ ଆମକୁ ପ୍ରଗତିର ମାର୍ଗ ଦେଖାଉଥିବାବେଳେ ଅନ୍ୟପଟେ ଦୁର୍ଦ୍ଦିନକୁ ଠେଲିଦେଉଛି ।

ଫଳତଃ ପୃଥିବୀର ବାତାବରଣରେ ପରିବର୍ତ୍ତନ ହେବାଯୋଗୁ ପୃଥିବୀର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଅନେକ ସମୟରେ ବନ୍ୟା, ବାତ୍ୟା ଓ ମରୁଡ଼ିର ଆଶଙ୍କା ଦେଖାଦେଇଛି । ଏହାଦ୍ୱାରା ଆମକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ସେଗୁଡିକ ମଧ୍ୟରୁ କେତେକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହେଲା –

– ଅତ୍ୟଧିକ ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଯଥା ଶ୍ୱାସ ରୋଗ, ଫୁସ୍‌ଫୁସ୍‌ଜନିତ ବିଭିନ୍ନ ରୋଗ, କର୍କଟ ରୋଗ, ମସ୍ତିଷ୍କଜନିତ ପକ୍ଷାଘାତ ହେବାର ଆଶଙ୍କା ରହିଛି ଓ ଏଥିରେ ମୃତ୍ୟୁ ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇପାରେ ।
–ଅପପୁଷ୍ଟିର ସମସ୍ୟା ବୃଦ୍ଧି ପାଇପାରେ।
–ଅଂଶୁଘାତର ଆଶଙ୍କା ବୃଦ୍ଧି ପାଇପାରେ ଓ ତଜ୍ଜନିତ ମୃତ୍ୟୁସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି ।
–ସଂକ୍ରାମକ ରୋଗ ବୃଦ୍ଧି ପାଇପାରେ ।
–ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ବନ୍ୟାଜନିତ ସମସ୍ୟା ଦେଖାଦେବା ସହ ସ୍ୱାସ୍ଥ୍ୟଗତ ସଙ୍କଟ ଆସିପାରେ ।

ଏହିସବୁ ସଙ୍କଟରୁ ସୁରକ୍ଷା ପାଇଁ ତଥା ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକୁଳିବା ଲାଗି ଆମକୁ ନିମ୍ନ ପଦକ୍ଷେପ ନେବାକୁ ପଡ଼ିବ ।
– ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାରକୁ କମ୍ କରିବା ।
– ସାର, କୀଟନାଶକ ପ୍ରୟୋଗ କମ୍ କରିବା ସହ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ।
– ପେଟ୍ରୋଲ ଓ ଡିଜେଲ ବ୍ୟବହାରକୁ କମ୍ କରିବା ଓ ସାଇକେଲ ଚାଳନାକୁ ଗୁରୁତ୍ୱ ଦେବା ।
– ଶକ୍ତି ସଂରକ୍ଷଣ କରିବା ସହ ସୌରଶକ୍ତି ଓ ପବନ ଶକ୍ତିକୁ ଗୁରୁତ୍ୱ ଦେବା ।
– ପାନୀୟ ଜଳର ସୁବିନିଯୋଗ କରିବା ସହ ଜଳ ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ ନେବା ।
– ମଇଳା ଓ ଆବର୍ଜନା ନିଷ୍କାସନକୁ ଗୁରୁତ୍ୱ ଦେବା ।
– ବୃକ୍ଷରୋପଣ ନିମନ୍ତେ ବ୍ୟାପକ ପଦକ୍ଷେପ ନେବା ସହ ସାମାଜିକ ବନୀକରଣକୁ ଗୁରୁତ୍ୱ ଦେବା ।
– ରୋଗ ପ୍ରତିରୋଧକକୁ ଅଧିକ ଗୁରୁତ୍ୱ ଦେବା ସହ ନିରୋଗ ଜୀବନ ଶୈଳୀ ଧାରଣ କରିବା।
–ଯୋଗ, ପ୍ରାଣାୟାମ, ମାଦକ ଦ୍ରବ୍ୟ ବର୍ଜନ, ଶୁଦ୍ଧ ପାନୀୟ ଜଳ ପାନ, ସୁଷମ ଖାଦ୍ୟ ଗ୍ରହଣ, ସାମାଜିକ ଜୀବନ ଶୈଳୀ ଧାରଣ ଇତ୍ୟାଦି ପ୍ରତି ଗୁରୁତ୍ୱ ଦେବା ।

**–ବିରାଟ ରାଜା ପଧାନ**
ବେଙ୍କମୁରା, ପଣ୍ଡରୀ, ବନହରପାଲି, ଝାରସୁଗୁଡ଼ା, ମୋ: ୯୯୩୭୨୭୧୬୨୩




କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ସୁସ୍ୱାସ୍ଥ୍ୟ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଆସୁଛି। ଏଥିନେଇ ପ୍ରତିବର୍ଷ ଏପ୍ରିଲ ୭ରେ ପାଳିତ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ। ଚଳିତ ବର୍ଷ ଏହି ଦିବସ ଉପଲକ୍ଷେ ବାର୍ତ୍ତା ରହିଛି 'ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ'। ଆମର ପୃଥିବୀ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା। ଏପ୍ରସଙ୍ଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।



# ଉତ୍ତମ ସ୍ୱାସ୍ଥ୍ୟ ପାଇଁ...

ପୃଥିବୀ ସହିତ ଆମର ସ୍ୱାସ୍ଥ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବାୟୁ ବିନା ମଣିଷ ମାତ୍ର କେଇ ମିନିଟ୍ ପରେ ବଞ୍ଚି ରହିବା ସମ୍ଭବ ନୁହେଁ। ବାୟୁମଣ୍ଡଳରେ ୭୮ ଭାଗ ନାଇଟ୍ରୋଜେନ୍ ଓ ୨୧ ଭାଗ ଅମ୍ଳଜାନରୁ କ୍ରମଶଃ ଅମ୍ଳଜାନ ପରିମାଣ ହ୍ରାସ ପାଇବାରେ ଲାଗିଛି। ଜଙ୍ଗଲ ଧ୍ୱଂସ, ବୃକ୍ଷ ଛେଦନ ଓ ଦ୍ରୁତ ସହରୀକରଣ ଇତ୍ୟାଦି ଏସବୁର କାରଣ। ଏହା ସହିତ ଆମକୁ ସୁରକ୍ଷା ଦେଉଥିବା ଓଜୋନ ସ୍ତର ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାକୁ ଲାଗିଛି। ୯୦ ପ୍ରତିଶତ ଲୋକ ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ନେଉଛନ୍ତି।

ଏକଥା ସତ ଯେ, ବାୟୁ ପରେ ଜଳ ହେଉଛି ଆମର ଦ୍ୱିତୀୟ ପ୍ରାଥମିକ ଆବଶ୍ୟକତା। ଏହା ଏକ ବିଡ଼ମ୍ବନା ଯେ ପିଇବା ପାଣି ବୋତଲରେ ବିକ୍ରି ହେଉଛି ଏବଂ ଆମେ ଘରେ ବିଶୋଧକ ଓ ଛଣା ଯନ୍ତ୍ର ବସାଇ ତା' ମଧ୍ୟରୁ ପାଣି ପିଉଛେ। ଜଳ ହେଉଛି ଅନେକ ରୋଗ ବ୍ୟାପିବାର ମାଧ୍ୟମ।

ସହର ଓ ଗ୍ରାମର ଜନସାଧାରଣଙ୍କ ଖାଦ୍ୟାଭ୍ୟାସରେ ଦ୍ରୁତ ପରିବର୍ତ୍ତନ ଆସିଛି। ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ଦ୍ୱାରା ଏହାର ମାନ ଠିକ୍ ରହୁନାହିଁ। କେତେକ ଅସାଧୁ ବ୍ୟବସାୟୀ ଖାଦ୍ୟକୁ ଭେଜାଲ୍ କରୁଛନ୍ତି। ଏହା ଦ୍ୱାରା ନାନା ପ୍ରକାର ଜଟିଳ ଓ ଦୀର୍ଘସ୍ଥାୟୀ ରୋଗ ସୃଷ୍ଟି ହେଉଛି।

ପୃଥିବୀର ପ୍ରାୟ ୮୦କୋଟି ଲୋକ କ୍ଷୁଧାରେ କବଳିତ। ସେହିପରି ୧୬୦ କୋଟିରୁ ଉର୍ଦ୍ଧ୍ୱ କୁପୋଷଣର ଶିକାର ଓ ଏଥିରେ ଶିଶୁ, ମହିଳା ଓ ବୃଦ୍ଧାବୃଦ୍ଧ ଅଧିକ ସଂଖ୍ୟାରେ ଆକ୍ରାନ୍ତ। ତେବେ ଦୁଇବର୍ଷ ହେଲା କରୋନା ମହାମାରୀ ଏହି ପରିସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ବସବାସ ଓ ମୁକ୍ତ ପରିବେଶ ଆମ ପାଇଁ ଆଉ ଏକ ଚ୍ୟାଲେଞ୍ଜ। ଅର୍ଥାତ୍ ସହରଗୁଡିକରେ କ୍ରମଶଃ ଜନସଂଖ୍ୟା ବୃଦ୍ଧି ସହିତ ଅସ୍ୱାସ୍ଥ୍ୟକର ପରିବେଶ ବଢୁଛି।

ଅବଶ୍ୟ ରୋଗ ପ୍ରତିଷେଧକ ପାଇଁ ଟିକାକରଣରେ ସମସ୍ତ ଦେଶ ଦ୍ରୁତଗତିରେ ଭାଗ ନେଉଛନ୍ତି । ଏହାଦ୍ୱାରା ଅନେକ ସଂକ୍ରାମକ ରୋଗ ନିର୍ମୂଳ ହେବା ସହ ଅନ୍ୟ ଭୟାବହ ରୋଗଗୁଡିକ ନିୟନ୍ତ୍ରଣରେ ରହୁଛି। ପୋଲିଓ, ବସନ୍ତ ପରି ରୋଗ ନିର୍ମୂଳ, ମିଳିମିଳା, ଟିଟାନସ୍ ପରି ରୋଗ ନିଶ୍ଚିହ୍ନ ହେବା ଦରକାର ଦେଶରେ। ଏହାଠାରୁ ଫଳପ୍ରଦ ହେଉଛି କୋଭିଡ୍ –୧୯ର ଟିକା। ଏହାଦ୍ୱାରା ଅନେକ ସଂଖ୍ୟାରେ ମୃତ୍ୟୁ ଓ ରୋଗପୀଡାକୁ ରୋକାଯାଇ ପାରୁଛି।

ବାୟୁମଣ୍ଡଳରେ ପ୍ରଦୂଷଣ, ତାପମାତ୍ରାରେ ବୃଦ୍ଧି ଓ ଅତ୍ୟଧିକ ହ୍ରାସ, ବନ୍ୟା, ବାତ୍ୟା, ଭୂମିକମ୍ପ, ବର୍ଷା ବିପ୍ଳାତ ଆଦି ବିପର୍ଯ୍ୟୟ ମଧ୍ୟ ଅନେକ ମାନବ ଓ ପ୍ରାଣୀଙ୍କର ମୃତ୍ୟୁର କାରଣ ସାଜୁଛନ୍ତି। ବିଶ୍ୱରେ ୧୩୦ଲକ୍ଷ ଲୋକ ପ୍ରଦୂଷଣଜନିତ ରୋଗରେ ମୃତ୍ୟୁ ମୁଖରେ ପଡ଼ନ୍ତି। ଏହା ସହିତ ଦୁର୍ଘଟଣା ମଧ୍ୟ ମୃତ୍ୟୁର ଏକ ପ୍ରମୁଖ କାରଣ। ଜଳବାୟୁ ପରିଚାଳନା, ଜଙ୍ଗଲ ସମ୍ପଦ ରକ୍ଷା, ବିପର୍ଯ୍ୟୟ ପରିଚାଳନା, ଟିକାକରଣ, ବାୟୁ ପ୍ରଦୂଷଣ ହ୍ରାସ, ଜଳ ନିରାପତ୍ତା, ଦୁର୍ଘଟଣା ନିୟନ୍ତ୍ରଣ ତଥା ସୁଷମ ଖାଦ୍ୟ ପାଇଁ ରାଜନୈତିକ ଇଚ୍ଛାଶକ୍ତିରେ ଅଧିକ ଅର୍ଥବ୍ୟବସ୍ଥା ରହୁ।

**–ଡା. ରାମଚନ୍ଦ୍ର ରାଉତ**
ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର, ମୋ:୮୨୪୯୦୮୭୯୯୫

# ଉନ୍ନତ ଜୀବନଶୈଳୀ ଓ ବିଚାରଧାରା

ମଣିଷ ସବୁବେଳେ ଖୁସିରେ ରହିବାକୁ ଚାହିଁଥାଏ। ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାର ଆଶା ବି ରଖେ। ତେଣୁ ବିଚାରଧାରାକୁ ସକାରାତ୍ମକ କରି କିଭଳି ଖୁସିରେ ରହିବା, ସେଥି ଲାଗି କିଛି କଥା ଉପରେ ଗୁରୁତ୍ୱ ଦେବା ଦରକାର। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ, ଫଳରେ ଭୁଲ୍ କାମ କରି ବସୁ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ବି ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ।

# କାହିଁକି ଜରୁରୀ ସନ୍ତୁଳିତ ଖାଦ୍ୟ

ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍ ଓ ଖଣିଜ ଲବଣ ଗ୍ରହଣ ନିହାତି ଆବଶ୍ୟକ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ୍ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଭିଟାମିନ୍ସ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚେ ଏବଂ ଶରୀରରେ ବିଶୁଦ୍ଧ ବାୟୁ ଚଳାଚଳ କରିବାରେ ସାହାଯ୍ୟ କରେ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖି ଶରୀରର ସର୍ବାଙ୍ଗୀନ ବିକାଶରେ ସାହାଯ୍ୟ କରେ। ଅସ୍ଥି ଓ ମଜ୍ଜାଗୁଡ଼ିକୁ ମଜଭୁତ ରଖିବା ପାଇଁ ଅତି କମ୍‌ରେ ୩୦ ପ୍ରକାରର ଭିଟାମିନ୍, ଖଣିଜ ଲବଣ ଏବଂ ଡାଏଟାରି କମ୍ପୋନେଟ୍ ଦରକାର। ଯାହା ହାଡ଼ ଗଠନ କରିବା ସହିତ କ୍ଷତ ସ୍ଥାନ ପୂରଣ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏତଦ୍‌ବ୍ୟତୀତ ଉପଯୁକ୍ତ ଉତ୍ତମ ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

ଫୁରସତ୍

# ବିଷାକ୍ତ ବାୟୁ ବଳୟରେ ବିଶ୍ୱ



**ବ୍ରାଜିଲ:** ବାୟୁ ମଣ୍ଡଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ବାୟୁରେ ଅମ୍ଳଜାନର ପରିମାଣ କମି ଅଙ୍ଗାରକାମ୍ଳ ସାଙ୍ଗକୁ ଏକାଧିକ କ୍ଷତିକାରକ ଗ୍ୟାସ୍‌ର ପରିମାଣ ବୃଦ୍ଧି ପାଇଛି। ପ୍ରଦୂଷିତ ବାୟୁ ସମ୍ବନ୍ଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ୯୯% ଜନସଂଖ୍ୟା ପ୍ରଦୂଷିତ ବାୟୁକୁ ଶ୍ୱାସକ୍ରିୟାରେ ବ୍ୟବହାର କରୁଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱର ୬୦୦୦ ଗ୍ରାମାଞ୍ଚଳ, ସହର ଓ ମହାନଗରର ସ୍ଥିତିକୁ ଅନୁଧ୍ୟାନ କରି ଉକ୍ତ ରିପୋର୍ଟ ପ୍ରକାଶ କରାଯାଇଛି। ବିଷାକ୍ତ ବାୟୁ ମନୁଷ୍ୟ ଶରୀର ଭିତରକୁ ଯାଇ ଫୁସଫୁସ, ଶିରାପ୍ରଶିରା ଏବଂ ହୃତ୍‌ପିଣ୍ଡରେ ପ୍ରବେଶ କରିବା ଫଳରେ ଶରୀରରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଥିବା କୁହାଯାଇଛି।

ରିପୋର୍ଟରେ ଥିବା ତଥ୍ୟ ଅନୁସାରେ ଏସିଆ ମହାଦେଶର ପୂର୍ବାଞ୍ଚଳ ଓ ଦକ୍ଷିଣ–ପୂର୍ବାଞ୍ଚଳରେ ବାୟୁ ପ୍ରଦୂଷଣର ମାତ୍ରା ସର୍ବାଧିକ ରହିଛି। ୨୦୧୮ ଅଧ୍ୟୟନରେ ବାୟୁରେ ପିଏମ୍୨.୫ ଏବଂ ପିଏମ୍୧୦ ଭଳି କ୍ଷୁଦ୍ର କଣିକା ଦେଖାଯାଇଥିଲା। ସଦ୍ୟ ରିପୋର୍ଟରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍‌ର ପରିମାଣ ଅଧିକ ଥିବା ଡବ୍ଲ୍ୟୁଏଚ୍ଓର ପରିବେଶ ଏବଂ ପାଣିପାଗ ପରିବର୍ତ୍ତନ ବିଭାଗ ମୁଖ୍ୟ ମାରିଆ ନେରା କହିଛନ୍ତି। ଗାଡ଼ି ମୋଟରରେ ବ୍ୟବହୃତ ଇନ୍ଧନରୁ ନାଇଟ୍ରୋଜେନ୍ ଡାଇ ଅକ୍ସାଇଡ୍ ବାହାରୁଥିବାବେଳେ ସହରାଞ୍ଚଳ ବାୟୁରେ ଏହାର ପରିମାଣ ଅନ୍ୟ ସ୍ଥାନ ତୁଳନାରେ ଅଧିକ ରହିଛି। ଶ୍ୱାସକ୍ରିୟାରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଗ୍ରହଣ କରିବା ଦ୍ୱାରା ଆଜ୍‌ମା ହେବାର ଆଶଙ୍କା ରହିଛି। ସେହିପରି ଶ୍ୱାସକ୍ରିୟାରେ ଅସୁବିଧା ଓ କଫ ଜମିବା ଭଳି ସମସ୍ୟା ଉପୁଜିବାର ଭୟ ଥିବା ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି। ବିଷାକ୍ତ ଗ୍ୟାସ୍‌କୁ ବାଦ୍‌ଦେଲେ ବାୟୁରେ ଥିବା କ୍ଷୁଦ୍ର କଣିକା ଶିଶୁଙ୍କ ଶରୀରପକ୍ଷେ ଅଧିକ କ୍ଷତିକାରକ। ଭାରତ ସମେତ ପ୍ରତ୍ୟେକ ଦେଶ ବାୟୁ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟାଲର ଏୟାର ପଲ୍ୟୁଶନ ଏକ୍ସପର୍ଟ ଅନୁମିତା ରଏ ଚୌଧୁରୀ କହିଛନ୍ତି।


# 'ଆର୍‌କେ ହାଉସ୍'ରେ ବାହାଘର



**ମୁମ୍ବାଇ:** ବଲିଉଡ୍ କ୍ୟୁଟ୍ କପୁଲ ରଣବୀର ଓ ଆଲିଆଙ୍କ ବାହାଘର ନେଇ ଯେଉଁ କଳ୍ପନା ଜଳ୍ପନା ଲାଗି ରହିଥିଲା ତା' ଉପରୁ ଏବେ ପର୍ଦ୍ଦା ହଟିଛି। ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ଆସନ୍ତା ୧୫ ତାରିଖରେ ବି–ଟାଉନ୍‌ର ଦୁଇ ଲଭ୍‌ବାର୍ଡ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ତେବେ ବଲିଉଡ୍ ସେଲିବ୍ରିଟି ହୁଅନ୍ତୁ ଅବା ହଲିଉଡ୍ ବିବାହ ସମୟରେ ସେମାନେ ଗଣମାଧ୍ୟମକୁ ନିଜଠାରୁ ଦୂରରେ ରଖିବା ପାଇଁ ଡେଷ୍ଟିନେଶନ୍ ୱେଡିଂ କରିଥାନ୍ତି। କିନ୍ତୁ ରଣବୀର ଚମ୍ବୁରରେ ଥିବା ତାଙ୍କ ପୈତୃକ ଘର 'ଆର୍‌କେ ହାଉସ୍'ରେ ବିବାହ କରିବା ପାଇଁ ମନ ସ୍ଥିର କରିଛନ୍ତି। ପଞ୍ଜାବୀ ରୀତିନୀତିରେ ଦୁହିଁଙ୍କ ବାହାଘର ହେବ। ୧୫ ତାରିଖ ଅପରାହ୍ନ ୨ରୁ ୪ଟା ମଧ୍ୟରେ ବିବାହ କାର୍ଯ୍ୟ ଆରମ୍ଭ ହେବ। ୧୬ ତାରିଖରେ ନବଦମ୍ପତି ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେବେ। ୧୩ରେ ଦୁହିଁଙ୍କ ମେହେନ୍ଦୀ ଏବଂ ୧୪ରେ ହଳଦୀ ଓ ସଙ୍ଗୀତ ରସମ୍ ଆଲିଆଙ୍କ ବାନ୍ଦ୍ରାସ୍ଥିତ ଘରେ ଅନୁଷ୍ଠିତ ହେବ। ତେବେ ରିସେପ୍‌ଶନ୍ କେବେ ସେ ନେଇ କୌଣସି ସୂଚନା ମିଳି ନାହିଁ।

# ଧରାପଡ଼ିଲା ଆଇନ ପ୍ରଣେତାଙ୍କୁ କାମୁଡ଼ିଥିବା କୋକିଶିଆଳ

**ୱାଶିଂଟନ:** ଆମେରିକା ଆଇନ୍ ପ୍ରଣେତା ଆମି ବେରାଙ୍କୁ କାମୁଡ଼ିଥିବା କୋକିଶିଆଳକୁ ମଙ୍ଗଳବାର ପୋଲିସ କାବୁ କରିଛି। ଏହି କୋକିଶିଆଳଟି କିଛିଦିନ ହେବ ଆମେରିକା ରାଜଧାନୀ ୱାଶିଂଟନରେ ଆତଙ୍କ ସୃଷ୍ଟି କରିଥିଲା। କୋକିଶିଆଳଟି ଏକାଧିକ ଲୋକଙ୍କୁ କାମୁଡ଼ିଥିବା ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ କୋକିଶିଆଳକୁ ଧରିବାକୁ ଯେତେ ଚେଷ୍ଟା କଲେ ହେଁ ବିଫଳ ହେଉଥିଲା। ଆମି ବେରାଙ୍କୁ କୋକିଶିଆଳ କାମୁଡ଼ି ଦେଇଥିବା ସେ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଥିଲେ। ବେରା ରୁସେଲ ସନେଟ ଅଫିସ ବିଲ୍ଡିଂ ପରିସରରେ ଥିବାବେଳେ କୋକିଶିଆଳଟି ପଛପଟୁ ଆସି ତାଙ୍କ ଗୋଡ଼କୁ କାମୁଡ଼ିଥିଲା।



# ଦେହରେ ୬୩୧ ଶହୀଦଙ୍କ ନାମ

ଲକ୍ଷ୍ନୌ

ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଲୋକେ ତାଙ୍କ ଫଟୋରେ ମାଳ ପିନ୍ଧାନ୍ତି ତ କେହି ଦୀପ ଜାଳିଥାନ୍ତି। ହେଲେ ଉତ୍ତର ପ୍ରଦେଶ ହାପୁରରେ ରହୁଥିବା ଜଣେ ଇଣ୍ଟେରିୟର ଡିଜାଇନର୍ ପଣ୍ଡିତ ଅଭିଷେକ ଗୌତମ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏକ ଅଜବ କାମ କରିଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି। ସେ ତାଙ୍କ ଦେହରେ ୬୦୦ରୁ ଉର୍ଦ୍ଧ୍ୱ ଶହୀଦଙ୍କ ନାମ ଖୋଦେଇ କରିଛନ୍ତି। ଏଥିସହ ତାଙ୍କ ଫଟୋ, ଇଣ୍ଡିଆ ଗେଟ୍ ଏବଂ ଶହୀଦ ସ୍ମାରକୀର ଚିତ୍ର କରିଛନ୍ତି। ସେ ତାଙ୍କ ଶରୀରରେ ମୋଟ ୬୩୧ ଜଣ ଶହୀଦଙ୍କ ନାମ ଖୋଦେଇ କରିଥିବା ମିଡିଆକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏପରି କରି ସେ ନିଜକୁ ଶହୀଦ ସ୍ମାରକୀ କରିସାରିଲେଣି। ଦୈନିକ ଭାସ୍କରର ଏକ ରିପୋର୍ଟ ଅନୁଯାୟୀ, ଅଭିଷେକ ଦେହରେ ୬୩୧ ଶହୀଦଙ୍କ ମଧ୍ୟରୁ ୫୫୯ କାରଗିଲ ଶହୀଦଙ୍କ ନାମ ରହିଛି। ଅଭିଷେକ କହିଛନ୍ତି କି, କାରଗିଲ ଯୁଦ୍ଧରେ ସାମିଲ ଶହୀଦ ଛପରାସ୍ଥିତ ଏକମାତ୍ର ଅରୁଣ କୁମାର ସିଂଙ୍କ ପରିବାର ସହିତ ଦେଖା କରିଛନ୍ତି। ଏବେ ଏକମାତ୍ରେ ଅରୁଣ ସିଂଙ୍କ ପ୍ରତମୂର୍ତ୍ତି ନିର୍ମାଣ କରିବାକୁ ଅଭିଷେକ ଚାହାନ୍ତି। ଏଥିପାଇଁ ସେ ପ୍ରୟାସ ମଧ୍ୟ ଜାରି ରଖିଛନ୍ତି।



# ଜନ୍ମ ପରେ ହେଲିକପ୍ଟରରେ ଝିଅକୁ ସ୍ୱାଗତ

**ମୁମ୍ବାଇ:** ଝିଅପୁଅଙ୍କ ମଧ୍ୟରେ ଅନେକେ ଭେଦଭାବ କରିଥାନ୍ତି। କେତେକ କ୍ଷେତ୍ରରେ ଝିଅଙ୍କୁ ହତାଦର ମଧ୍ୟ କରନ୍ତି। କିନ୍ତୁ ଏପରି ଏକ ପରିବାର ଅଛନ୍ତି ଯିଏକି ଝିଅ ଜନ୍ମ ଖୁସିରେ ତାକୁ ସ୍ୱାଗତ ପାଇଁ ଏକ ହେଲିକପ୍ଟର ବୁକ୍ କରିଛନ୍ତି। ଝିଅକୁ ଗାଁକୁ ନେବାକୁ ପରିବାର ଲୋକେ ହେଲିକପ୍ଟରର ସାହାଯ୍ୟ ନେଇଛନ୍ତି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ପୁଣେ ଶେଲଗାଓଁରେ ରହୁଥିବା ଏକ ପରିବାରରେ ଝିଅ ଜନ୍ମ ହେବା ଖୁସିରେ ଗୋଟେ ହେଲିକପ୍ଟର ବୁକ କଲେ। ସେହି ହେଲିକପ୍ଟର ସାହାଯ୍ୟରେ ପରିବାର ଲୋକେ ଝିଅକୁ ଡାକ୍ତରଖାନାରୁ ଗାଁକୁ ଆଣିଛନ୍ତି। ଏଏନ୍‌ଆଇର ରିପୋର୍ଟ ମୁତାବକ, ଝିଅର ବାପା କହିଛନ୍ତି, ତାଙ୍କ ଘରେ କେହି ଝିଅ ନାହାନ୍ତି। ଝିଅ ହେଲେ ହେଲିକପ୍ଟର ବ୍ୟବସ୍ଥା କରିବେ ବୋଲି ଆଗରୁ ନିଷ୍ପତ୍ତି କରିଥିଲେ। ଝିଅ ହେଲା ପରେ ସେମାନେ ୧ ଲକ୍ଷ ଟଙ୍କା ଦେଇ ହେଲିକପ୍ଟର ବୁକ୍ କରି ଝିଅକୁ ଘରକୁ ଆଣିଥିବା କହିଛନ୍ତି।



**ଝରିଆଗୁଡ଼ା ଗାଁ ନିକଟରେ ଭାଲୁ, ଲୋକେ ଆତଙ୍କିତ**

କୋକସରା,(ଡି.ଏନ.ଏ.): ପ୍ରଚଣ୍ଡ ଖରା ସହ ଖାଦ୍ୟ ଅଭାବ ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଗାଁମୁହାଁ ହୋଇଛନ୍ତି ଭାଲୁ। ବୁଧବାର ସକାଳେ କଳାହାଣ୍ଡି ଜିଲା କୋକସରା ବ୍ଲକ ଝରିଆଗୁଡା ଚାଷଜମି ନିକଟରେ ଏକ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଗାଁ ନିକଟରେ ଭାଲୁ ଥିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଖବରପାଇ ବନ କର୍ମଚାରୀ ପହଞ୍ଚି ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି। ଭାଲୁ ଗାଁ ନିକଟ ଏକ କାଜୁ ବଗିଚା ମଧ୍ୟରେ ରହିଛି। ବେହେରା ଫରେଷ୍ଟର ଫାଲଗୁନୀ ମେହେରଙ୍କୁ ପଚାରିବାରୁ ସକାଳ ହେବାରୁ ଭାଲୁ କୁଆଡ଼େ ଯାଇ ନ ପାରି ରହିଯାଇଛି, ଆମେ ତାର ଗତିବିଧି ଉପରେ ନଜର ରଖିଛୁ ବୋଲି କହିଛନ୍ତି।



# ଲିଙ୍ଗ ନିରୂପିତ ଶୁକ୍ରାଣୁ ଦ୍ୱାରା ୯୦% ମାଈ ବାଛୁରୀ

ଭୁବନେଶ୍ୱର, ୬।୪(ବ୍ୟୁରୋ)

ଲିଙ୍ଗ ନିରୂପିତ ଶୁକ୍ରାଣୁ ଟେକ୍ନୋଲୋଜି ଦ୍ୱାରା ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରୀ ଜନ୍ମ ହେବେ। ଏହାଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ସହ ଚାଷୀର ଆୟବୃଦ୍ଧି ଘଟିବ। ଏପରି ଏକ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ବୁଧବାରଠାରୁ ରାଜ୍ୟରେ ଆରମ୍ଭ ହୋଇଛି। କୃଷି ଭବନଠାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଲିଙ୍ଗ ନିରୂପିତ ହୋଇ ନ ଥିବା ସାଧାରଣ ଶୁକ୍ରାଣୁ ବ୍ୟବହାର କରି କୃତ୍ରିମ ପ୍ରଜନନ କରାଯାଉଥିବା ଗାଈଙ୍କଠାରୁ ୫୦ ପ୍ରତିଶତ ଅଣ୍ଡିରା ଓ ୫୦ ପ୍ରତିଶତ ମାଈ ବାଛୁରୀ ଜନ୍ମ ହେବାର ସମ୍ଭାବନା ଥାଏ। ଧୀରେ ଧୀରେ ଅଣ୍ଡିରା ବାଛୁରୀଙ୍କ ଚାହିଦା କମୁଥିବାରୁ ଗୋପାଳକମାନେ ସେମାନଙ୍କୁ ବୁଲାଗୋରୁ ଭାବେ ଛାଡ଼ି ଦେଇଥାନ୍ତି। ଫଳରେ ରାଜ୍ୟରେ ବୁଲାଗୋରୁଙ୍କ ସଂଖ୍ୟାରେ


ମନ୍ତ୍ରୀ ଅରୁଣ କୁମାର ସାହୁ ଅନ୍ୟମାନଙ୍କ ଉପସ୍ଥିତିରେ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ବୃଦ୍ଧି ଘଟୁଛି। ତେବେ ଲିଙ୍ଗ ନିରୂପିତ ଶୁକ୍ରାଣୁ ଟେକ୍ନୋଲୋଜି ୯୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଜେନେଟିକ୍ କ୍ଷମତାସମ୍ପନ୍ନ ମାଈ ବାଛୁରୀ ଜନ୍ମର ସମ୍ଭାବନାକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଅଣ୍ଡିରା ବାଛୁରିଙ୍କ ସଂଖ୍ୟା ହ୍ରାସ ପାଇ ଗୋପାଳକଙ୍କ ଉପରେ ସେମାନଙ୍କ ଭାର ହ୍ରାସ କରିଥାଏ। ତେବେ ଏହି କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଦୁଗ୍ଧଚାଷୀଙ୍କ ପାଇଁ ୭୫ ପ୍ରତିଶତ ରିହାତି ମିଳିବ। ଗୋଟିଏ ଡୋଜ୍ ଲିଙ୍ଗ ନିରୂପିତ ଶୁକ୍ରାଣୁର ମୂଲ୍ୟ ୭୧୫ ଟଙ୍କା ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ଗୋପାଳକମାନଙ୍କୁ ମାତ୍ର ୧୮୦ ଟଙ୍କାରେ ଯୋଗାଇଦେବେ। ରାଜ୍ୟର ଖଣିଜ ଅଞ୍ଚଳ ଜିଲାଗୁଡ଼ିକରେ ଏଥିପାଇଁ ଶତପ୍ରତିଶତ ରିହାତିର ସୁବିଧା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଲେ, ରାଜ୍ୟରେ ଗିର୍, ସାହିୱାଲ୍, କ୍ରସ୍ ବ୍ରିଡ୍ ଜର୍ସି, କ୍ରସ୍ ବ୍ରିଡ୍ ହୋଲ୍‌ଷ୍ଟିନ୍ ଫ୍ରିଜିଆନ୍ ଇତ୍ୟାଦି ଉନ୍ନତ ପ୍ରଜାତିର ସେକ୍ସ ସର୍ଟେଡ୍ ସିମେନ୍ ଚାଷୀଙ୍କ ପାଇଁ ଉପଲବ୍ଧ ହେବ। ଓଡ଼ିଶା ଗୋ-ମହିଷାଦି ପ୍ରଜନନ ନୀତି ଅନୁଯାୟୀ ଏହା କାର୍ଯ୍ୟକାରୀ କରାଯାଉଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ରଘୁପ୍ରସାଦ କହିଲେ, ଲିଙ୍ଗ ନିରୂପିତ ଶୁକ୍ରାଣୁ କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟକାରୀ ହେବ। ୨୦୨୨-୨୩ ବର୍ଷରେ ପ୍ରାଥମିକ ଅବସ୍ଥାରେ ୫.୫ ଲକ୍ଷ ଡୋଜ୍ ବ୍ୟବହାର କରି ୧.୨୦ ଲକ୍ଷ ଗାଈଙ୍କ କୃତ୍ରିମ ପ୍ରଜନନ କରାଯିବ।

ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ସ୍ୱାଗତ ଭାଷଣ ଓ ଓଡ଼ିଶା ପ୍ରାଣୀଧନ ଅନୁସନ୍ଧାନ ବିକାଶ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୋ-ପ୍ରଜାତି କୃତ୍ରିମ ପ୍ରଜନନ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ମହାବିଦ୍ୟାଳୟର ବିଶେଷଜ୍ଞ, ବିଭାଗୀୟ ଅଧିକାରୀ ଓ ଗୋପାଳକମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲାରୁ ଗୋପାଳକ ଓ ବିଭାଗୀୟ ଅଧିକାରୀ ଭର୍ଚୁଆଲରେ ଯୋଗଦେଇଥିଲେ।

**କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଶୁଭାରମ୍ଭ**

- ସମସ୍ତ ଜିଲାରେ କାର୍ଯ୍ୟକାରୀ ହେବ
- ପ୍ରାଥମିକ ପର୍ଯ୍ୟାୟରେ ୫.୫ ଲକ୍ଷ ଡୋଜ୍ ବ୍ୟବହାର
- ୧.୨୦ ଲକ୍ଷ ଗାଈର କୃତ୍ରିମ ପ୍ରଜନନ ହେବ

## ଲୋକାୟୁକ୍ତଙ୍କ ଦାନ୍ତ ଅଛି କି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୪

ଲୋକାୟୁକ୍ତଙ୍କ ଦାନ୍ତ ଅଛି କି ବୋଲି ବୁଧବାର ସୁପ୍ରିମକୋର୍ଟ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଏକ ଆବେଦନର ଶୁଣାଣି କରି ପ୍ରଶ୍ନ କରିଛନ୍ତି। ନିଜ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ଲୋକାୟୁକ୍ତ ଯେପରି ତାଙ୍କ ବିରୋଧରେ କୌଣସି ରାୟ ପ୍ରକାଶ ନ କରନ୍ତି ସେଥିପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ରଦୀପ ସର୍ବୋଚ୍ଚ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ଜଷ୍ଟିସ୍ ଅଜୟ ରସ୍ତୋଗି ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ପ୍ରଦୀପଙ୍କ ଅନୁରୋଧକୁ ଅଗ୍ରାହ୍ୟ କରିବା ସହ ଏପ୍ରିଲ ୨୦ରେ ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ଲୋକାୟୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଶ୍ରୀବାସ୍ତବ କୋଭିଡ୍‌ଜନିତ ଅସୁସ୍ଥତା ହେତୁ ବୁଧବାର ସୁପ୍ରିମକୋର୍ଟରେ ହାଜର ହୋଇ ନ ଥିଲେ। ତେଣୁ ରବୀନ୍ଦ୍ରଙ୍କ ତରଫରୁ ଉପସ୍ଥିତ ଥିବା ଆଇନଜୀବୀ ମାମଲାର ଶୁଣାଣି ସ୍ଥଗିତ କରାଯାଉ ବୋଲି ଅନୁରୋଧ କରିଥିଲେ। ଇତିମଧ୍ୟରେ ପ୍ରଦୀପଙ୍କ ଓକିଲ ଖଣ୍ଡପୀଠଙ୍କ ଆଗରେ ଯୁକ୍ତି ବାଢ଼ିଥିଲେ ଯେ, ଆସନ୍ତା ୨୦ରେ ଲୋକାୟୁକ୍ତଙ୍କୁ କୌଣସି ରାୟ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଏନେଇ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ଲୋକାୟୁକ୍ତଙ୍କ ଦାନ୍ତ ଅଛି କି। ଉତ୍ତରରେ ଆଇନଜୀବୀ କହିଥିଲେ, ଓଡ଼ିଶାରେ କଡ଼ା ଲୋକାୟୁକ୍ତ ଆଇନ ରହିଛି। ଖଣ୍ଡପୀଠ କହିଥିଲେ, କେବଳ କର୍ଣ୍ଣାଟକ ଓ ମଧ୍ୟପ୍ରଦେଶର ଲୋକାୟୁକ୍ତ ଶକ୍ତ। ଏହା ପୂର୍ବରୁ ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି ସାବ୍ୟସ୍ତ କରିବା ଲାଗି ପର୍ଯ୍ୟାପ୍ତ ପ୍ରମାଣ ରହିଛି। ପ୍ରକାଶ ଯେ, ରାଜ୍ୟ ଭିଜିଲାନ୍ସ ବିଭାଗ ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରୁଥିବାରୁ ଲୋକାୟୁକ୍ତ ପ୍ରାଥମିକ ତଦନ୍ତ ପାଇଁ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ଲୋକାୟୁକ୍ତ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଏକ ସ୍ପେଶାଲ ଲିଭ୍ ପିଟିଶନ ଦାଏର କରିଥିଲେ। ଗତବର୍ଷ ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ୨୦୨୦ ଡିସେମ୍ବରରେ ଲୋକାୟୁକ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ଗିରଫ ବିଧାୟକ ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

**ସଂକ୍ଷେପରେ**

### ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ

ପୁରୀ ଅଫିସ, ୬।୪: ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ବୀର ବିକ୍ରମ ଯାଦବ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି।



ଯାଦବ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ପରେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସକାଳେ ଯାଦବ ପୁରୀରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ତାଙ୍କୁ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ସେବାୟତମାନେ ସ୍ୱାଗତ କରିଥିଲେ। ଯାଦବ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିସାରି ଫେରିଥିଲେ। ତାଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ସେ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ବେଶ ଖୁସି ଅଛି। ମହାପ୍ରଭୁଙ୍କ ନୀତିକାନ୍ତି ସହ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ।

### ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଭୀମ ଭୋଇ ଚେୟାର

ଭୁବନେଶ୍ୱର, ୬।୪(ବ୍ୟୁରୋ): ଓଡ଼ିଶାର ସନ୍ଥ କବି ତଥା ମହିମା ଧର୍ମର ମହାନ ପ୍ରଚାରକ ଭୀମ ଭୋଇଙ୍କ ନାମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଛତିଶଗଡ଼ ବିଲାସପୁରସ୍ଥିତ ଗୁରୁ ଘସିଦାସ ବିଶ୍ୱବିଦ୍ୟାଳୟରେ ଚେୟାର ପ୍ରତିଷ୍ଠା ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁମତି ଦେଇଛି। ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ କାଳଜୟୀ କବି ସନ୍ଥ ଭୀମ ଭୋଇଙ୍କ ନାମରେ ଚେୟାର ପ୍ରତିଷ୍ଠା ପାଇଁ ୟୁଜିସି ଯୁଗ୍ମ ସଚିବ ଜିତେନ୍ଦ୍ର କୁମାର ତ୍ରିପାଠୀ ଦୁଇ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଦୁଇଟି ପୃଥକ୍ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭୀମ ଭୋଇଙ୍କ ନାମରେ ଚେୟାର ପ୍ରତିଷ୍ଠା ନିମନ୍ତେ ଗତ ଫେବୃୟାରୀ ୩ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ୨୦୨୧ ଡିସେମ୍ବର ୨୨ରେ ଗୁରୁ ଘସିଦାସ ବିଶ୍ୱବିଦ୍ୟାଳୟ ୟୁଜିସିକୁ ଚିଠି ଲେଖିଥିଲା। ମାର୍ଚ୍ଚ ୧୦ରେ ୟୁଜିସିର ୫୫୬ତମ ବୈଠକରେ ଏହା ଅନୁମୋଦିତ ହୋଇଥିଲା। ତେବେ ୟୁଜିସିର ଏହି ନିଷ୍ପତ୍ତିକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଲେଖିଛନ୍ତି, ସନ୍ଥ କବି ଭୀମ ଭୋଇ ଓଡ଼ିଆ ସାହିତ୍ୟ ଓ ଧାର୍ମିକ-ସାମାଜିକ ଜୀବନଧାରାକୁ ଗଭୀର ଭାବେ ପ୍ରଭାବିତ କରିଛନ୍ତି। ସେ ନିଜ କାଳଜୟୀ କବିତା ମାଧ୍ୟମରେ ସମାଜର ଲୋକଙ୍କୁ ସଶକ୍ତ କରିପାରିଥିଲେ। ଦିଲ୍ଲୀ ଓ ଗୁରୁ ଘସିଦାସ ବିଶ୍ୱବିଦ୍ୟାଳୟରେ ଭୀମ ଭୋଇ ଚେୟାର ପ୍ରତିଷ୍ଠା ଦ୍ୱାରା ଉଚ୍ଚଶିକ୍ଷା ଏବଂ ମାନବ ଦର୍ଶନ ଉପରେ ଗବେଷଣାକୁ ପ୍ରୋତ୍ସାହନ ଦେବ। ଏହା ହିଁ ମହାନ କବି ଭୀମ ଭୋଇଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଟ୍ରେନ୍ ସଦୃଶ ସ୍କୁଲରେ ପାଠପଢ଼ା

**ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

କୋକସରା,୬।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ରହିଥିବା ଆଦିବାସୀ ଗାଁ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୂପରେଖ ଦୂରରୁ ଦେଖିଲେ ଯିଏ କେହି ଘଡ଼ିଏ ସ୍କୁଲକୁ ନ ଦେଖି ରହିପାରିବେ ନାହିଁ। ଦୂରରୁ ଟ୍ରେନ୍ ସଦୃଶ ଦେଖାଯାଉଥିବା ସ୍କୁଲ ଓ ଟ୍ରେନ୍‌ବଗି ସଦୃଶ୍ୟ ଶ୍ରେଣୀ କୋଠରୀ ଭିତରେ ଚାଲିଛି ପିଲାଙ୍କ ପାଠପଢ଼ା। ଏମିତି କିଛି ପରିକଳ୍ପନା କରିଛନ୍ତି ଦୁର୍ଗମ ଉପାନ୍ତ ଅଞ୍ଚଳ ସ୍କୁଲରେ ନିଯୁକ୍ତ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି। ବିରିମୁହାଣରେ ଥିବା ଉକ୍ତ ସ୍କୁଲରେ ଏବେ ବିରିମୁହାଣ, କାଦୋମଲି, ଆନ୍ଧିଝରଣ, ସର୍ଗିପାନି ଗାଁର ୧୧୩ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସାହାଜଖୋଲ ଜଙ୍ଗଲ ମଧ୍ୟରେ ରହିଥିବା ବିରିମୁହାଣ ଗାଁର ଏହି ଉପାନ୍ତ ବିଦ୍ୟାଳୟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶିକ୍ଷକମାନେ ମଧ୍ୟ ପିଲାଙ୍କୁ ଶିକ୍ଷା ଦେବାକୁ ପ୍ରୋତ୍ସାହିତ କରୁଥିବା ସହ ପିଲାଙ୍କୁ ବିଶୁଦ୍ଧ ପାନୀୟ ଜଳ ପାଇଁ



ଟ୍ରେନ୍ ସଦୃଶ ବିରିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀ।

ଆକ୍ୱାଗାର୍ଡ ଲଗାଇଛନ୍ତି। ସ୍କୁଲରେ ଶୈକ୍ଷିକ ବାତାବରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି। ଗତ ୨ ବର୍ଷ କୋଭିଡ୍ ପରେ ସ୍କୁଲର ନୂତନ କଳେବର ଦେଖି ଛାତ୍ରୀଛାତ୍ର, ଅଭିଭାବକ, ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଛାତ୍ରୀଛାତ୍ର ମଧ୍ୟ ଉତ୍ସାହର ସହ ସ୍କୁଲ ଆସୁଥିବା କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି। ତେବେ ପାଚେରି ନ ଥିବା ଯୋଗୁ ସ୍କୁଲର ପରିବେଶ ନଷ୍ଟ ହେଉଥିବା କହିଛନ୍ତି ପ୍ରଧାନ ଶିକ୍ଷକ। କୌଣସି ଅନୁଦାନରୁ ପାଚେରି ନିର୍ମାଣ ହେଲେ ସ୍କୁଲ ସୁରକ୍ଷିତ ରହିବ ବୋଲି ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ କହିଛନ୍ତି। ଏଣୁ ବ୍ଲକ ଶିକ୍ଷା ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ତୋଫାନ ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଅନୁଦାନ ପାଣ୍ଠିର ସଦବିନିଯୋଗ କରୁଥିବା ଓ ବିଦ୍ୟାଳୟକୁ ଆକର୍ଷଣୀୟ କରିଥିବାରୁ ପିଲାଙ୍କ ଉପସ୍ଥାନ ବଢୁଛି ଏବଂ ଶିକ୍ଷାଦାନ ମଧ୍ୟ ଠିକ୍ ଭାବେ ହେଉଛି। ଅନୁଦାନ ଆସିଲେ ବିଦ୍ୟାଳୟ ପାଚେରି ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

### କାଳବୈଶାଖୀ: ଗଛ ପଡ଼ି ମହିଳାଙ୍କ ମୃତ୍ୟୁ

କେନ୍ଦୁଝର/ତେଲକୋଇ, ୬।୪ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ମାରଦା ଗ୍ରାମରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ବର୍ଷା ପବନ ସହ ବଜ୍ରପାତ ହୋଇଛି। ଏକ ଗଛ ପଡ଼ି ରସବତୀ ବେହେରା ନାମ୍ନୀ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଜଣେ ବ୍ୟକ୍ତିଙ୍କ ଘର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଅପରାହ୍ନ ପ୍ରାୟ ୪ଟା ବେଳକୁ ଘରକୁ ଫେରୁଥିଲେ। ରାସ୍ତା ନିକଟରେ ଥିବା ଗୋଟିଏ ଶାଳ ଗଛକୁ ବଜ୍ରପାତ ହୋଇଥିଲା ଏବଂ ତାଙ୍କ ଉପରେ ଗଛଟି ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ମେଡିକାଲକୁ ପଠାଇଛି।

## ବନ୍ଧା ହେଲେ ୨ ନକଲି ଆର୍ମି ଅଫିସର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସରେ ପଶିବା ମହଙ୍ଗା ପଡ଼ିଲା**

ଗୋପାଳପୁର,୬।୪(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଛାତ୍ରୀ ନିବାସରେ ନିଜକୁ ଆର୍ମି ଅଫିସର ପରିଚୟ ଦେଇ ଜୋରଜବରଦସ୍ତି ପଶିବା ଅଭିଯୋଗରେ ଗୋପାଳପୁର ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ରାହୁଲ ପ୍ରଧାନ (୨୨) ଓ ରାହୁଲ ପିଙ୍ଗୁଆ (୨୨)। ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ଆବାସ ଫାଟକ ସମ୍ମୁଖରେ ବୁଧବାର ଆଇକା ପାତ୍ର ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବାହ୍ନରେ ରାହୁଲ ପ୍ରଧାନ ଓ ରାହୁଲ ପିଙ୍ଗୁଆ ଆର୍ମି ପୋଷାକରେ ଆସି ନିଜକୁ କମାଣ୍ଡର ପରିଚୟ ଦେଇ ଛାତ୍ରୀ ନିବାସର ଜଣେ ବ୍ୟକ୍ତିଙ୍କୁ ମିଶିବା ପାଇଁ ସିକ୍ୟୁରିଟି ଗାର୍ଡଙ୍କୁ କହିଥିଲେ। ତେବେ ଦୁଇଜଣଙ୍କ ଚାଲିଚଳଣ ଓ କଥାବାର୍ତ୍ତାରେ ସନ୍ଦେହ ଉପୁଜିଥିଲା। ଏ ନେଇ ଗାର୍ଡ ଜଣକ ସୁପରଭାଇଜରଙ୍କୁ


ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ

ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଅନ୍ୟ ସିକ୍ୟୁରିଟି ଗାର୍ଡମାନେ ପହଞ୍ଚି ଉଭୟଙ୍କୁ ପଚରାଉଚରା କରିଥିଲେ। ଏନେଇ ଗାର୍ଡ ଆଇକା ପାତ୍ର ଗୋପାଳପୁର ଥାନାରେ ଅଭିଯୋଗ କରିବା ସହ ଦୁଇଜଣଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଏ ନେଇ ନଂ. ୫୮/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଉଭୟଙ୍କଠାରୁ ନକଲି ଆର୍ମି ପରିଚୟପତ୍ର, ସିବିଆଇ ପରିଚୟ ପତ୍ର, ନକଲି ବନ୍ଧୁକ, ନକଲି ଆର୍ମି ପୋଷାକ, ଦୁଇଟି ଟୋପି, ଦୁଇଟିମୋବାଇଲ, ମନିପର୍ସଓ ଟଙ୍କା, ଦୁଇଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

## ଆକାରଙ୍କୁ ଆମେରିକା ଯିବାକୁ ଦିଆଗଲାନି

ବେଙ୍ଗାଲୁରୁ,୬।୪(ପି.ଟି.)

ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ଅଧ୍ୟକ୍ଷ ଆକାର ପଟେଲଙ୍କୁ ବେଙ୍ଗାଲୁରୁ ବିମାନବନ୍ଦରରେ ଆମେରିକା ବିମାନ ଚଢ଼ିବାକୁ ଦିଆଯାଇ ନ ଥିବା ସେ ବୁଧବାର ଅଭିଯୋଗ କରିଛନ୍ତି। ଆମନେଷ୍ଟି ଇଣ୍ଡିଆ ବିରୋଧରେ ସିବିଆଇ ମାମଲା ଥିବାରୁ ପଟେଲଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିବା ଇମିଗ୍ରେଶନ ଅଧିକାରୀ କହିଥିଲେ। ୨୦୧୯ ନଭେମ୍ବରରେ ସିବିଆଇ ଉକ୍ତ ସଂସ୍ଥାର ବେଙ୍ଗାଲୁରୁ ଏବଂ ନୂଆଦିଲ୍ଲୀ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିଲା। ୨୦୧୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ବିଦେଶୀ ବିନିମୟ ଉଲ୍ଲଂଘନ ମାମଲାରେ ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିଲା। ଭାରତରେ ମାନବାଧିକାର ଉଲ୍ଲଂଘନକୁ ନେଇ ସ୍ୱର ଉଠାଇବା ପରେ ଏହି ସଂସ୍ଥାକୁ ଟାର୍ଗେଟ କରାଯାଉଥିବା ଅଭିଯୋଗ ହୋଇଆସିଛି।


ଆକାର ପଟେଲ

ଆମେରିକାର ୩ ବିଶ୍ୱବିଦ୍ୟାଳୟରେ ଆକାର ପଟେଲଙ୍କର ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିଲା। ବେଙ୍ଗାଲୁରୁ-ବୋଷ୍ଟନ ବିମାନ ଧରିବା ପାଇଁ ସେ ବୁଧବାର ସକାଳେ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ଥିବା ଇମିଗ୍ରେଶନ ଅଧିକାରୀମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ତେବେ କ'ଣ ପାଇଁ ତାଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି ହୋଇଛି, ତାହା ସେ ଜାଣନ୍ତି ନାହିଁ ବୋଲି ପଟେଲ କହିଛନ୍ତି।

### ମହିଳାଙ୍କ ଜୀବନ ନେଲା ଝଡ଼ବର୍ଷା

ଟିକିରି,୬।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ ବେଗରେ ପବନ ସହ ବର୍ଷା ହୋଇଥିଲା। ଏଥିରେ ଚନ୍ଦ୍ରଗିରି ପଞ୍ଚାୟତର କସନାଦରା ଗ୍ରାମରେ ଘର ଆଜବେଷ୍ଟସ୍ ଭାଙ୍ଗି ଉପରେ ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନମାଲ ମାଝିଙ୍କ ସ୍ତ୍ରୀ ଝୁଲମତୀ। ଝୁଲମତୀ ଘରେ ଥିବାବେଳେ ପବନରେ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ଭଙ୍ଗା ଆଜବେଷ୍ଟସ୍ ଖଣ୍ଡ ତାଙ୍କ ଉପରେ ମଧ୍ୟ ପଡ଼ିଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟରେ ତାଲା

ସାଲେପୁର, ୬।୪(ଡି.ଏନ୍.ଏ.)

**ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ବାତିଲ ହେବାରୁ ପ୍ରତିବାଦ**

ସାଲେପୁର ବ୍ଲକ ଅନ୍ତର୍ଗତ ଓଡ଼ାସିଂହ ପଞ୍ଚାୟତର ଯତୀନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ବାତିଲ ହେବାରୁ ଛାତ୍ରାଭିଭାବକ, ପରିଚାଳନା କମିଟିର ସଦସ୍ୟମାନେ ବୁଧବାର ପୁଣି ତାଲା ପକାଇଦେଇଛନ୍ତି। ଏଠାରେ ମାଟ୍ରିକ ପରୀକ୍ଷା କରିବାକୁ ଦାବି କରି ସୋମବାର ଛାତ୍ରୀଛାତ୍ରମାନେ ତାଲା ପକାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ବିରୋଧ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତି ବର୍ଷ ଏହି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର କରାଯାଏ। କିନ୍ତୁ ଚଳିତ ବର୍ଷ ପ୍ରଶାସନର ଖାମଖିଆଲ ନୀତି ଯୋଗୁ ଏହା ବନ୍ଦ ହୋଇଛି। ଏହା ପଛରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଭୂମିକା ଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମାରାଣୀ ଓଝା କହିଛନ୍ତି, ଗତ ୩/୪ ବର୍ଷ ହେବ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉନାହିଁ। କେନ୍ଦ୍ର ବନ୍ଦ ହେବା ପଛରେ ତାଙ୍କର କୌଣସି ଭୂମିକା ନାହିଁ।

### ଅପହୃତା ନାବାଳିକା ହାଇଦ୍ରାବାଦରୁ ଉଦ୍ଧାର

ବାଲିକୁଦା,୬।୪(ସ୍ୱ.ପ୍ର): ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରୁ ଅପହରଣ ନାବାଳିକାଙ୍କୁ ବୁଧବାର ହାଇଦ୍ରାବାଦରୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତ ମନୋରଞ୍ଜନ ବେହେରାଙ୍କୁ ବାଲିକୁଦା ପୋଲିସ କାବୁ କରିଛି। ଗତ ଡିସେମ୍ବର ୨ରେ ମନୋରଞ୍ଜନ ନାବାଳିକାଙ୍କୁ ଅପହରଣ କରି ଚେନ୍ନାଇ ପଳାଇଯାଇଥିଲେ। ସେଠାରୁ ସେ ହାଇଦ୍ରାବାଦ ଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୪୨୮/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ସୂଚନା ପାଇ ବାଲିକୁଦା ଥାନା ଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ହାଇଦ୍ରାବାଦ ଯାଇ ଅଭିଯୁକ୍ତଙ୍କୁ ଧରିଥିଲା।

## 'ରାଜନୀତି ନ କରି ସମାଧାନ ରାସ୍ତା ଖୋଜାଯାଉ'

ପୁରୀ ଅଫିସ,୬।୪

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ରାଜନୀତି ନ କରାଯାଇ ସମାଧାନର ରାସ୍ତା ଖୋଜାଯାଉ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଗୋଟିଏ ପଟେ ଭାଜପା ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ଦାବି କରୁଥିବାବେଳେ ଅନ୍ୟପଟେ ଜୟନ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଭାଜପା ପ୍ରତିଷ୍ଠା ଦିବସ ଅବସରରେ ଜୟନ୍ତ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ତା' ବାଟରେ ଚାଲିବ। ତ୍ରୁଟି ଥିଲେ ସମାଧାନର ରାସ୍ତା ଖୋଜାଯିବ। ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ବାଟ କାଢ଼ିବେ, ଆମେ ବିରୋଧୀ ଭାବେ ତାଙ୍କୁ ସଚେତନ କରିବା। ରାଜ୍ୟ ଓ କେନ୍ଦ୍ର ସରକାର ମିଶି ଏହି ପ୍ରକଳ୍ପକୁ ଶେଷ କରିଦିଅନ୍ତୁ। ୨ ମାସ ପରେ ବର୍ଷା ଆସିଯିବ। ଏଣୁ ଏହା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସରିବା ଦରକାର। ଏଥିରେ ରାଜନୀତି ନ କରି ସମସ୍ତେ ମିଶି ସମାଧାନର ବାଟ କାଢ଼ନ୍ତୁ। ଏଏସ୍‌ଆଇ ଅଧିକାରୀ, ଟେକ୍ନିସିଆନ୍ ଓ ରାଜ୍ୟ ସରକାରଙ୍କ ଟିମ୍ ମିଳିମିଶି କାମ ସାରନ୍ତୁ। ଆଉ ଭାବି କିଛି ଲାଭ ନାହିଁ କି ଆମେ ଅତୀତକୁ ଫେରିପାରିବା ନାହିଁ। ଯାହା ହୋଇଗଲା ହୋଇଗଲା, ଏବେ କିଭଳି କାର୍ଯ୍ୟ ସମ୍ପାଦନ ହେବ ତାହା ଲକ୍ଷ୍ୟ ହେବା ଦରକାର। ପୁରୀ ସହରବାସୀ ଶ୍ରୀମନ୍ଦିରର ବିକାଶ ପାଇଁ ଜମି ଦେଇଥିଲେ। ଏଣୁ ପ୍ରଥମରୁ କାର୍ଯ୍ୟ ବନ୍ଦ କରିବା ଭଲ ନୁହେଁ ବୋଲି ଜୟନ୍ତ କହିଛନ୍ତି।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଯୁବ କଂଗ୍ରେସର ଅଭିନବ ବିକ୍ଷୋଭ

ଭୁବନେଶ୍ୱର,୬।୪ (ବ୍ୟୁରୋ)

ପେଟ୍ରୋଲ, ଡିଜେଲ, ଗ୍ୟାସ ତଥା ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ବିରୋଧରେ ଅଭିନବ ପ୍ରତିବାଦ କରିଛି ପ୍ରଦେଶ ଯୁବ କଂଗ୍ରେସ। ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବନେତା ଓ କର୍ମୀମାନେ ବୁଧବାର ବରମୁଣ୍ଡା ନିକଟରେ ଏକତ୍ରିତ ହୋଇଥିଲେ। ପରେ ଦର ବୃଦ୍ଧି ବିରୋଧରେ ନାରାବାଜି ସହ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଯାଇ ବରମୁଣ୍ଡା ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାପତି ଲେଙ୍କା ଟ୍ରଲିରେ ବାଇକ ଲଦି ଟାଣିବା ସହ ଦରଦାମ ହ୍ରାସ ପାଇଁ ଦାବି ଜଣାଇଥିଲେ। ବିକ୍ଷୋଭରେ ସମ୍ରାଟ କେଶରୀ ଜେନା, ଶୈଳେଶ ତିୱାରୀ, ରିତୁଲ ମହାରଣା, ଆଶୁତୋଷ ଲେଙ୍କା, ବିଶ୍ୱଜିତ, ରାକେଶ କୁମାର ଦାସ, ସୁଶାନ୍ତ ଘଡ଼େଇ, ନୀଳାଞ୍ଚଳ ବେହେରା, ସୁଶାନ୍ତ ଭୋଇ, ରାକେଶ ବେହେରା, ସଞ୍ଜୟ ଭୋଇଙ୍କ ସମେତ ବହୁ ଯୁବନେତା ଓ କର୍ମୀ ସାମିଲ ଥିଲେ।

**ଟ୍ରଲି ଟାଣିଲେ ସଭାପତି**


ତୈଳଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ବରମୁଣ୍ଡାଠାରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଏହି ଅବସରରେ ଲେଙ୍କା କହିଛନ୍ତି, କେନ୍ଦ୍ରର ମୋଦି ସରକାର ଅଚ୍ଛେ ଦିନ୍‌ର ସ୍ୱପ୍ନ ଦେଖାଇ ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ଗତ ୧୫ ଦିନରେ ପେଟ୍ରୋଲ ଓ ଡିଜେଲ ଦର ୯ ଟଙ୍କା ୨୦ ପଇସା ବୃଦ୍ଧି ପାଇଛି। ଖାଲି ସେତିକି ନୁହେଁ, ପ୍ରତିଦିନ ଦର ବୃଦ୍ଧି ହୋଇଚାଲିଛି। ସେପଟେ ରନ୍ଧନ ଗ୍ୟାସ ଦର ମଧ୍ୟ ଆକାଶଛୁଆଁ ହେଲାଣି। ଏଭଳି ସ୍ଥିତିରେ କେନ୍ଦ୍ର ସରକାରରେ ଥିବା ଭାଜପା ନେତା ଓ ମନ୍ତ୍ରୀମାନେ ତୈଳ ଦର ବୃଦ୍ଧି ପାଇଁ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧିକୁ ଦାୟୀ କରି ଦୋଷ ଛଡ଼ାଉଛନ୍ତି। ମାତ୍ର ବାସ୍ତବତା ଏହାଠାରୁ ଭିନ୍ନ ବୋଲି ଲେଙ୍କା ଅଭିଯୋଗ କରିଛନ୍ତି। ନିର୍ବାଚନ ଆସିବା ସମୟରେ ମୋଦି ସରକାର କିଛିଦିନ ପାଇଁ ଦରଦାମ ଉପରେ ନିୟନ୍ତ୍ରଣ କରି ଜନସାଧାରଣଙ୍କ ଭୋଟ୍ ହାତେଇବାକୁ ଚେଷ୍ଟା କରିଥିଲେ। ମାତ୍ର ନିର୍ବାଚନ ସରିବା ପରେ ଦରଦାମ ବୃଦ୍ଧି କରି ପ୍ରତାରିତ କରୁଛନ୍ତି। ଦେଶର ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏବେ ଦରଦାମ ଆକାଶଛୁଆଁ ହେବା ହେବାର ଉଦାହରଣ। ତେଣୁ ମୋଦି ସରକାର ତୁରନ୍ତ ଏଭଳି ହୀନ ରାଜନୀତିରୁ ଓହରି ଦରଦାମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଆଗାମୀ ଦିନରେ ଯୁବ କଂଗ୍ରେସ ତା'ର ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ଲେଙ୍କା ଚେତାବନୀ ଦେଇଛନ୍ତି।

# ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**SPL.LAO R.I.P.-JAJ-21/2021/402/R.I.P.** **Dated: 22.03.2022**

No. V-01: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା: ସାଇଁକୁଳ, ଥାନା: ରାମଚନ୍ଦ୍ରପୁର – ୮୫, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩୨.୭୮୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ – ୨, ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ – ୩, ଡୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, କେନ୍ଦୁଝର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ସାଇଁକୁଳ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩୨.୭୮୦ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ବାମ ପାର୍ଶ୍ୱ କେନାଲ-୨, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

## ଜମି ଅନୁସୂଚୀ

### ଗ୍ରାମର ନାମ: ସାଇଁକୁଳ, ଥାନାର ନାମ: ରାମଚନ୍ଦ୍ରପୁର ନଂ.-୮୫, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର

ଜମି ଅଧିଗ୍ରହଣ କେସ୍ ନଂ. ୨୧/୨୦୨୧

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪ | ୧୫୬୫ | ୧.୨୦୦ | ୦.୦୪୦ | ଅନାମ ପରିଡ଼ା, ପିତା: ଦଧି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨ | ୩୦ | ୧୭୫୩ | ୦.୩୫୦ | ୦.୨୮୦ | ଅର୍ଜୁନ ସାହୁ, ପିତା: ଜଗବନ୍ଧୁ ସାହୁ, ଜା: ତେଲି, ବା: ବେଲବାହାଳି | |
| ୩ | ୫୯ | ୧୭୭୮ | ୦.୪୨୦ | ୦.୨୭୦ | ଅର୍ଜୁନ ଖୁଣ୍ଟିଆ, ପିତା: ପୁରୀ ଖୁଣ୍ଟିଆ, ଜା: ତେଲି, ବା: ବେଲବାହାଳି | |
| ୪ | ୭୩ | ୧୯୨୭/ ୫୧୫୬ | ୦.୪୨୦ | ୦.୪୨୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫ | | ୨୧୫୦ | ୦.୪୩୦ | ୦.୧୦୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬ | | ୨୧୫୬ | ୦.୨୫୦ | ୦.୨୫୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭ | ୧୨୮ | ୧୯୨୮ | ୧.୦୩୦ | ୦.୨୩୦ | କାର୍ତ୍ତିକ ସାହୁ, ପିତା: ମାୟାଧର ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୮ | ୧୩୮ | ୧୫୫୧ | ୦.୨୫୦ | ୦.୧୩୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯ | | ୧୫୫୪ | ୦.୨୫୦ | ୦.୦୭୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦ | ୧୪୩ | ୨୧୫୪ | ୦.୦୬୦ | ୦.୦୬୦ | କୀର୍ତ୍ତନ ବିହାରୀ ଘଡ଼େଇ, ପିତା: ଯୋଗେନ୍ଦ୍ର ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧ | ୧୪୩ | ୨୧୫୭ | ୦.୧୧୦ | ୦.୧୧୦ | କୀର୍ତ୍ତନ ବିହାରୀ ଘଡ଼େଇ, ପିତା: ଯୋଗେନ୍ଦ୍ର ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨ | ୧୪୪ | ୧୫୫୧/ ୫୧୧୦ | ୦.୨୫୦ | ୦.୧୨୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଶିର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩ | | ୧୫୫୩ | ୦.୨୪୦ | ୦.୦୬୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଶିର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪ | ୧୫୪ | ୧୬୫୯/ ୫୧୨୦ | ୦.୨୮୦ | ୦.୦୩୦ | କୁଶ ପଣ୍ଡା, ପିତା: ବୈସୀମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ବେଲବାହାଳି | |
| ୧୫ | ୧୬୧ | ୧୭୮୭ | ୦.୦୭୦ | ୦.୦୫୦ | କୃଷ୍ଣଚନ୍ଦ୍ର କର, ପିତା: ଅର୍ଜୁନ କର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୬ | ୧୬୧ | ୧୭୯୬ | ୦.୧୦୦ | ୦.୦୮୦ | କୃଷ୍ଣଚନ୍ଦ୍ର କର, ପିତା: ଅର୍ଜୁନ କର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୭ | ୧୮୬ | ୧୭୫୫ | ୦.୪୦୦ | ୦.୧୭୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୧୮ | ୧୮୭ | ୧୭୩୬ | ୦.୫୪୦ | ୦.୩୦୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୧୯ | | ୧୭୩୭ | ୦.୪୬୦ | ୦.୨୧୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୦ | | ୧୭୪୬ | ୦.୭୧୦ | ୦.୨୫୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୧ | | ୧୭୪୭ | ୦.୨୦୦ | ୦.୧୯୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୨ | ୨୧୨ | ୧୬୫୮ | ୦.୫୫୦ | ୦.୨୧୦ | ଗାଣ୍ଡୁ ସେଠୀ, ପିତା: ବଇ ସେଠୀ, ଜା: ଧୋବା, ବା: ବେଲବାହାଳି | |
| ୨୩ | ୨୧୬ | ୧୭୯୩ | ୦.୦୮୦ | ୦.୦୮୦ | ଗିରିଧାରୀ ଦାସ, ପିତା: ହିନା ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୪ | ୨୪୭ | ୧୯୩୧ | ୦.୭୨୦ | ୦.୪୩୦ | ଗୋଲେଖ ଜେନା, ପିତା: ନାଭ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫ | | ୧୯୩୩ | ୦.୩୯୦ | ୦.୨୫୦ | ଗୋଲେଖ ଜେନା, ପିତା: ନାଭ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୬ | ୨୫୬ | ୧୫୩୭ | ୦.୪୬୦ | ୦.୦୭୦ | ଘନଶ୍ୟାମ ପରିଡ଼ା, ପିତା: ନାଭ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୭ | ୨୭୯ | ୧୯୬୨ | ୦.୩୦୦ | ୦.୨୬୦ | ଚିଆଁ ମହାନ୍ତି, ପିତା: ନାରଣ ମହାନ୍ତି, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୨୮ | ୨୮୫ | ୧୬୪୩ | ୦.୧୮୦ | ୦.୦୨୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୨୯ | ୨୮୫ | ୧୬୪୬ | ୦.୪୬୦ | ୦.୦୪୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୦ | | ୧୬୪୭ | ୦.୨୩୦ | ୦.୦୩୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୧ | | ୧୬୪୮ | ୦.୩୦୦ | ୦.୩୦୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୨ | | ୧୬୪୯ | ୦.୪୩୦ | ୦.୪୩୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୩ | | ୧୬୫୧ | ୦.୫୪୦ | ୦.୦୨୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୪ | ୩୦୪ | ୧୯୫୨ | ୧.୯୫୦ | ୧.୩୩୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୫ | ୩୦୪ | ୧୯୫୩ | ୦.୫୦୦ | ୦.୪୩୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୬ | | ୧୯୫୩/ ୪୯୫୫ | ୦.୧୦୦ | ୦.୧୦୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୭ | | ୧୯୬୩ | ୦.୬୫୦ | ୦.୬୪୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୮ | ୩୩୫ | ୧୯୨୬ | ୧.୭୩୦ | ୧.୧୭୦ | ଦଇତାରି ସାହୁ, ପିତା: ବାସୁ ସାହୁ ଓଗେର, ଜା: ତେଲି, ବା: ଟୋଲଙ୍କପଡ଼ା | |
| ୩୯ | ୩୪୨ | ୧୫୧୨ | ୦.୮୨୦ | ୦.୧୯୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୦ | | ୧୫୨୮ | ୦.୮୦୦ | ୦.୨୬୫ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୧ | | ୧୫୩୦ | ୦.୭୬୦ | ୦.୦୫୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୨ | | ୧୫୩୨ | ୦.୬୫୦ | ୦.୩୭୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୩ | | ୧୫୩୪ | ୦.୬୨୦ | ୦.୧୭୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୪ | ୩୭୮ | ୧୭୭୫ | ୦.୦୫୦ | ୦.୦୫୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୪୫ | | ୧୭୭୬ | ୦.୨୪୦ | ୦.୧୮୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୪୬ | | ୧୭୭୭ | ୦.୪୨୦ | ୦.୩୬୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୪୭ | ୩୯୬ | ୨୧୪୩ | ୦.୮୯୦ | ୦.୦୭୦ | ନସରାନ ବିବି, ସ୍ୱାମୀ: ହସୁନ ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୪୮ | ୪୦୬ | ୧୫୫୨ | ୦.୨୪୦ | ୦.୦୯୦ | ନଟବର ପରିଡ଼ା, ପିତା: ଯୁଜା ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୯ | ୪୦୮ | ୨୧୪୯/ ୪୭୫୨ | ୦.୪୦୦ | ୦.୦୬୦ | ନଟବର ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୦ | ୪୨୯ | ୧୫୪୪ | ୦.୨୨୦ | ୦.୦୧୦ | ନଜିର ଖାଁ, ପିତା: ନାଦର ଖାଁ, ଜା: ମୁସଲମାନ, ବା: ପଣ୍ଡୁଆ | |
| ୫୧ | ୪୮୨ | ୧୭୬୯ | ୦.୬୨୦ | ୦.୨୨୦ | ପଞ୍ଚାନନ ବେହେରା, ପିତା: କ୍ଷେତ୍ର ବେହେରା ଓଗେର, ଜା: ତେଲି, ବା: ବେଲବାହାଳି | |
| ୫୨ | ୪୮୮ | ୧୯୫୮/ ୫୧୦୯ | ୦.୩୯୦ | ୦.୩୯୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୩ | ୪୮୯ | ୧୯୫୪ | ୦.୫୦୦ | ୦.୨୮୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ, ଜା: ଖଣ୍ଡାୟତ, ବା: ବେଲବାହାଳି | |
| ୫୪ | | ୧୯୫୫ | ୦.୫୪୦ | ୦.୨୫୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ, ଜା: ଖଣ୍ଡାୟତ, ବା: ବେଲବାହାଳି | |
| ୫୫ | ୫୩୩ | ୧୫୬୬ | ୦.୪୯୦ | ୦.୩୪୦ | ଫକୀର ଦାସ, ପିତା: ବୈକୁଣ୍ଠ ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୬ | ୫୫୨ | ୧୭୫୪ | ୨.୯୮୦ | ୦.୫୦୦ | ବନ୍ଧୁ ବେହେରା, ପିତା: ମଣି ବେହେରା, ଜା: ରାଢ଼ି, ବା: ନିଜଗାଁ | |
| ୫୭ | ୫୫୮ | ୧୮୧୯ | ୧.୬୫୦ | ୦.୦୧୦ | ବଲ୍ଲଭ ସାମଲ, ପିତା: ଭୋଳି ସାମଲ ଓଗେର, ଜା: ଖଣ୍ଡାୟତ, ବା: କୋଠସାହି | |
| ୫୮ | ୬୦୪ | ୧୯୬୦ | ୦.୩୫୦ | ୦.୩୫୦ | ବାଇଧର ପତି, ପିତା: ଲମ୍ବୋଦର ପତି, ଜା: ବ୍ରାହ୍ମଣ, ବା: ବାମ୍ଫିଡି | |
| ୫୯ | ୬୨୭ | ୧୯୬୪ | ୦.୪୪୦ | ୦.୪୪୦ | ବିଦ୍ୟାଧର ଦାସ, ପିତା: ବଂଶୀଧର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୦ | | ୧୯୯୨ | ୧.୪୮୦ | ୦.୧୬୦ | ବିଦ୍ୟାଧର ଦାସ, ପିତା: ବଂଶୀଧର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୧ | ୬୩୯ | ୧୯୫୩/ ୪୯୫୬ | ୦.୬୦୦ | ୦.୪୮୦ | ବିକଳ ସାହୁ, ପିତା: କନ୍ଦ ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୬୨ | ୭୧୮ | ୧୭୮୬/ ୫୧୯୦ | ୦.୦୬୦ | ୦.୦୬୦ | ଭୀମ ଦାସ, ପିତା: ଗଣି ଦାସ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୩ | ୭୧୮ | ୧୭୯୫/ ୫୧୮୯ | ୦.୦୪୦ | ୦.୦୪୦ | ଭୀମ ଦାସ, ପିତା: ଗଣି ଦାସ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୪ | ୭୪୦ | ୧୫୬୯ | ୦.୦୬୦ | ୦.୦୬୦ | ମନାନ ଖାଁ, ପିତା: ହାକିମ୍ ଖାଁ ଓଗେର, ଜା: ମୁସଲମାନ, ବା: ନିଜଗାଁ | |
| ୬୫ | | ୧୫୭୦ | ୦.୦୪୦ | ୦.୦୪୦ | ମନାନ ଖାଁ, ପିତା: ହାକିମ୍ ଖାଁ ଓଗେର, ଜା: ମୁସଲମାନ, ବା: ନିଜଗାଁ | |
| ୬୬ | ୭୪୬ | ୧୭୭୧ | ୧.୨୫୦ | ୦.୧୦୦ | ମଧୁ ବେହେରା, ପିତା: ଦାଶ ବେହେରା, ଜା: ନିଆରି, ବା: ନିଜଗାଁ | |
| ୬୭ | ୭୫୮ | ୧୬୫୭ | ୧.୨୫୦ | ୧.୧୪୦ | ମାର୍କଣ୍ଡ ପଣ୍ଡା, ପିତା: ବଇଶିମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୮ | | ୧୬୫୯ | ୧.୦୦୦ | ୧.୦୦୦ | ମାର୍କଣ୍ଡ ପଣ୍ଡା, ପିତା: ବଇଶିମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୯ | ୭୮୭ | ୧୯୫୯/ ୫୨୩୯ | ୦.୪୪୦ | ୦.୪୪୦ | ମୂଷା ବେହେରା, ପିତା: ଚଢ଼େଇ ବେହେରା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୭୦ | ୭୯୦ | ୧୯୨୭ | ୦.୬୩୦ | ୦.୫୯୦ | ରଥ ସାହୁ, ପିତା: ଅର୍ଜୁନ ସାହୁ, ଜା: ତେଲି, ବା: ବେଲବାହାଳି | |
| ୭୧ | ୮୨୬ | ୧୫୧୩ | ୨.୭୨୦ | ୦.୦୬୦ | ରାମ ସା, ପିତା: କ୍ଷେତ୍ର ସା, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୭୨ | ୮୨୭ | ୨୧୫୧ | ୦.୧୬୦ | ୦.୦୯୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୩ | | ୨୧୫୫ | ୦.୧୮୦ | ୦.୧୮୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୪ | ୮୨୭ | ୨୧୭୪/ ୪୭୫୪ | ୦.୩୨୦ | ୦.୧୮୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୫ | | ୨୧୭୯/ ୪୭୫୧ | ୦.୭୦୦ | ୦.୦୭୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୬ | ୮୭୩ | ୧୫୨୬ | ୦.୦୫୦ | ୦.୦୫୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୭ | ୮୭୩ | ୧୫୨୭ | ୦.୨୦୦ | ୦.୧୭୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୮ | | ୧୫୩୬ | ୦.୨୭୦ | ୦.୦୫୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୯ | ୮୯୦ | ୨୧୭୪/ ୪୯୪୩ | ୦.୧୦୦ | ୦.୦୬୦ | ସନାତନ ପରିଡ଼ା, ପିତା: ରାଧାଶ୍ୟାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୦ | ୯୩୪ | ୧୭୩୫/ ୪୭୨୬ | ୦.୨୫୦ | ୦.୦୫୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୧ | ୯୩୬ | ୧୭୫୦/ ୫୧୦୦ | ୦.୨୨୦ | ୦.୦୩୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୨ | ୯୩୭ | ୧୭୩୫ | ୦.୩୫୦ | ୦.୨୪୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୩ | ୯୩୯ | ୧୭୪୮ | ୦.୧୬୦ | ୦.୦୮୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୪ | ୯୪୧ | ୧୯୫୯ | ୦.୪୦୦ | ୦.୪୦୦ | ଶିବଚରଣ ପରିଡ଼ା, ପିତା: କ୍ଷେତ୍ରବାସୀ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୫ | ୯୫୧ | ୧୯୫୫/ ୫୨୧୭ | ୦.୨୭୦ | ୦.୨୭୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୬ | | ୧୯୫୭ | ୩.୦୨୦ | ୧.୪୪୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୭ | | ୧୯୬୬ | ୦.୫୮୦ | ୦.୩୩୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୮ | ୯୬୪ | ୧୭୬୮ | ୧.୫୦୦ | ୧.୦୦୦ | ଶୁକ ସାହୁ, ପିତା: ନନ୍ଦ ସାହୁ, ଜା: ତେଲି, ବା: ବେଲବାହାଳି | |
| ୮୯ | ୧୦୦୨ | ୧୯୩୪ | ୦.୭୦୦ | ୦.୫୪୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୦ | | ୧୯୪୪ | ୦.୯୮୦ | ୦.୧୦୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୧ | | ୨୧୫୩ | ୦.୧୧୦ | ୦.୧୧୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୨ | ୧୦୧୮ | ୧୫୫୦ | ୦.୨୩୦ | ୦.୧୨୦ | ହୋସେନ ଖାଁ, ପିତା: କଜର ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୯୩ | | ୨୧୪୪ | ୦.୧୦୦ | ୦.୧୦୦ | ହୋସେନ ଖାଁ, ପିତା: କଜର ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୯୪ | ୧୦୧୮/ ୩୧ | ୧୯୬୧ | ୦.୬୭୦ | ୦.୬୭୦ | ଭୀମ ପଣ୍ଡା, ପିତା: ଦରିଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ବେଲବାହାଳି | |
| ୯୫ | ୧୦୧୮/ ୪୭ | ୧୫୨୧ | ୦.୨୭୦ | ୦.୧୭୦ | କମଳ ଲୋଚନ ପରିଡ଼ା, ପିତା: ସନାତନ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୬ | ୧୦୧୮/ ୪୯ | ୧୫୩୪/ ୫୪୯୪ | ୦.୩୧୦ | ୦.୨୩୦ | ଶତ୍ରୁଘ୍ନ ସାହୁ, ପିତା: ଦଇତାରି ସାହୁ, ଜା: କୁବେରପୁତ୍ର, ବା: ବେଲବାହାଳି | |
| ୯୭ | ୧୦୧୮/ ୧୪୮ | ୧୫୪୯ | ୦.୦୮୦ | ୦.୦୭୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ମହାଲାଏକ, ବା: ନିଜଗାଁ | |
| ୯୮ | ୧୦୧୮/ ୧୫୨ | ୧୫୫୮ | ୦.୦୫୦ | ୦.୦୪୦ | ଗୁଣନିଧି ସା, ପିତା: କପିଳ ସା, ଜା: ଗୋପାଳ, ବା: ସାଇଁକୁଳ | |
| ୯୯ | ୧୦୧୮/ ୧୯୮ | ୧୯୬୫ | ୦.୩୯୦ | ୦.୧୮୦ | ଭୀମ ପଣ୍ଡା, ପିତା: ଦରିଦ୍ର ପରିଡ଼ା, ଜା: ବ୍ରାହ୍ମଣ, ବା: ବେଲବାହାଳି | |
| ୧୦୦ | ୧୦୧୮/ ୨୧୧ | ୨୧୫୨ | ୦.୧୮୦ | ୦.୧୭୦ | ଶ୍ରୀମତୀ ଉମାରାଣୀ ଚକ୍ର, ସ୍ୱାମୀ: ରସିକ ମୋହନ ଚକ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୧ | ୧୦୧୮/ ୨୨୭ | ୧୫୨୩ | ୦.୨୧୦ | ୦.୧୮୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୨ | ୧୦୧୮/ ୨୨୭ | ୧୫୨୪/ ୫୬୬୯ | ୦.୧୦୦ | ୦.୦୯୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୩ | ୧୦୧୮/ ୨୨୭ | ୧୫୬୮ | ୦.୧୩୦ | ୦.୧୩୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୪ | | ୨୧୭୮ | ୦.୧୨୦ | ୦.୦୬୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୫ | ୧୦୧୮/ ୨୩୨ | ୧୯୨୫/ ୫୧୫୭ | ୦.୧୫୦ | ୦.୧୫୦ | କୀର୍ତ୍ତନ ବିହାରୀ ସାହୁ, ପିତା: ରଘୁନାଥ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୦୬ | | ୧୯୨୭/ ୫୧୫୫ | ୧.୦୯୦ | ୦.୯୨୦ | କୀର୍ତ୍ତନ ବିହାରୀ ସାହୁ, ପିତା: ରଘୁନାଥ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୦୭ | ୧୦୧୮/ ୩୩୩ | ୧୯୩୨ | ୦.୭୦୦ | ୦.୪୯୦ | ଗୋଲାପ ମଞ୍ଜରୀ ମିଶ୍ର, ସ୍ୱାମୀ: ନରେନ୍ଦ୍ର କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ବାମ୍ଫିଡି | |
| ୧୦୮ | ୧୦୧୮/ ୩୩୮ | ୧୬୪୪ | ୦.୪୦୦ | ୦.୨୭୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୦୯ | ୧୦୧୮/ ୫୦୭ | ୧୭୫୨ | ୦.୨୯୦ | ୦.୨୯୦ | ସୁରେନ୍ଦ୍ର କୁମାର ମହାନ୍ତି, ପିତା: ରାମଚନ୍ଦ୍ର ମହାନ୍ତି ଓଗେର, ଜା: କରଣ, ବା: ସାଇଁକୁଳ | |
| ୧୧୦ | ୧୦୧୮/ ୫୭୦ | ୧୯୫୮ | ୦.୮୮୦ | ୦.୮୮୦ | ପଦ୍ମନାଭ ସାହୁ, ପିତା: କୃଷ୍ଣ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୧୧ | ୧୦୧୮/ ୫୯୧ | ୧୬୫୦ | ୦.୩୫୦ | ୦.୨୪୦ | ନୃସିଂହ ଚରଣ ମାଝୀ, ପିତା: ଦୀନବନ୍ଧୁ ମାଝୀ, ଜା: କୈବର୍ତ୍ତ, ବା: ସାଇଁକୁଳ | |
| ୧୧୨ | ୧୦୧୮/ ୫୯୫ | ୧୫୩୩ | ୦.୫୪୦ | ୦.୦୩୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁଚରଣ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୧୩ | ୧୦୧୮/ ୬୧୬ | ୧୭୭୦ | ୦.୨୭୪ | ୦.୨୬୦ | ନାରାୟଣ ବେହେରା, ପିତା: ମାଗୁଣୀ ବେହେରା ଓଗେର, ଜା: ଗୋପାଳ, ବା: ସାଇଁକୁଳ | |
| ୧୧୪ | | ୧୭୭୮/ ୫୯୮୫ | ୦.୧୫୦ | ୦.୦୬୦ | ନାରାୟଣ ବେହେରା, ପିତା: ମାଗୁଣୀ ବେହେରା ଓଗେର, ଜା: ଗୋପାଳ, ବା: ସାଇଁକୁଳ | |
| ୧୧୫ | ୧୦୧୮/ ୬୨୫ | ୧୫୨୯ | ୦.୫୦୦ | ୦.୦୩୦ | କ୍ଷୀରୋଦ କୁମାର ଚକ୍ର, ପିତା: ଯୋଗେନ୍ଦ୍ର ଚକ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୧୬ | ୧୦୧୮/ ୬୨୯ | ୧୭୩୩ | ୦.୪୯୦ | ୦.୧୦୦ | ପ୍ରକାଶ ଚନ୍ଦ୍ର ସାହୁ, ପିତା: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ଧକୋଠା | |
| ୧୧୭ | | ୧୭୩୪ | ୦.୪୪୦ | ୦.୩୯୦ | ପ୍ରକାଶ ଚନ୍ଦ୍ର ସାହୁ, ପିତା: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ଧକୋଠା | |
| ୧୧୮ | ୧୦୧୮/ ୬୬୩ | ୧୫୨୮/ ୫୯୮୧ | ୦.୨୪୫ | ୦.୦୩୫ | ମହେଶ୍ୱର ସାହୁ, ପିତା: ଅନାମ ସାହୁ ଓଗେର, ଜା: ତେଲି, ବା: ବେଲବାହାଳି | |
| ୧୧୯ | ୧୦୧୮/ ୭୫୩ | ୧୯୩୫/ ୫୧୫୮ | ୦.୬୦୦ | ୦.୬୦୦ | ସନାତନ ସାହୁ, ପିତା: ଡାହାଳ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୨୦ | ୧୦୧୮/ ୭୮୪ | ୧୭୭୩ | ୦.୧୨୦ | ୦.୦୪୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୧ | ୧୦୧୮/ ୭୮୪ | ୧୭୭୪ | ୦.୧୦୦ | ୦.୧୦୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୨ | | ୧୭୮୬ | ୦.୧୫୦ | ୦.୧୫୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୩ | | ୧୭୮୮ | ୦.୦୬୦ | ୦.୦୫୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୪ | | ୧୭୯୦ | ୦.୧୦୦ | ୦.୧୦୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୫ | | ୧୭୯୧ | ୦.୧୧୦ | ୦.୧୧୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୬ | | ୧୭୯୫ | ୦.୦୮୦ | ୦.୦୭୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଳି | |
| ୧୨୭ | ୧୦୧୮/ ୮୧୭ | ୨୧୫୮ | ୦.୫୨୦ | ୦.୦୩୦ | କମଳଲୋଚନ ପରିଡ଼ା, ପିତା: ସନାତନ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୮ | ୧୦୧୮/ ୮୨୪ | ୧୭୯୨ | ୦.୧୪୦ | ୦.୧୪୦ | କୃପାସିନ୍ଧୁ ପରିଡ଼ା, ପିତା: ନଟବର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୯ | ୧୦୧୮/ ୮୩୯ | ୧୫୨୨ | ୦.୨୫୦ | ୦.୧୪୦ | ରବୀନ୍ଦ୍ର କୁମାର ପରିଡ଼ା, ପିତା: କୀର୍ତ୍ତନ ବିହାରୀ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୦ | ୧୦୧୮/ ୮୪୭ | ୧୫୩୧ | ୦.୨୯୦ | ୦.୨୩୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁ ସାହୁ, ଜା: ତେଲି, ବା: ବେଲବାହାଳି | |
| ୧୩୧ | ୧୦୧୮/ ୮୫୨ | ୧୬୫୭/ ୫୧୧୯ | ୦.୧୮୦ | ୦.୧୨୦ | ଦେବୀଦତ୍ତ ମାଝୀ, ପିତା: ନୃସିଂହ ଚରଣ ମାଝୀ, ଜା: କୈବର୍ତ୍ତ, ବା: ସାଇଁକୁଳ | |
| ୧୩୨ | ୧୦୧୮/ ୮୫୫ | ୧୭୮୯ | ୦.୦୫୦ | ୦.୦୫୦ | ଅଶୋକ କୁମାର ଘଡ଼େଇ, ପିତା: କୀର୍ତ୍ତନ ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୩ | | ୧୭୯୪ | ୦.୦୭୦ | ୦.୦୭୦ | ଅଶୋକ କୁମାର ଘଡ଼େଇ, ପିତା: କୀର୍ତ୍ତନ ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୪ | ୧୦୧୮/ ୮୮୫ | ୧୫୫୯ | ୦.୨୦୦ | ୦.୦୩୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୫ | ୧୦୧୮/ ୮୯୪ | ୨୧୪୫ | ୦.୨୫୦ | ୦.୨୫୦ | ଛାୟାମଣି ପରିଡ଼ା, ସ୍ୱାମୀ: ଧରଣୀଧର ମହାପାତ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |

# ଚିପ୍ ଫେରାଇବାକୁ ୧୦ ହଜାର ମାଗିଥିଲେ ମାନସ

## ନୂଆ ତଥ୍ୟ ଦେଲେ ଶର୍ମିଷ୍ଠା, ଝୁନା

- ହତ୍ୟା ପର୍ଯ୍ୟନ୍ତ ମାନସଙ୍କ ପାଖରେ ଥିଲା ଚିପ୍
- ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସରେ ପୂର୍ବରୁ ମାଡ଼ ମରାଯାଇଥିଲା
- ଗୋଡ଼ିପୋଖରୀରେ ଦୁଇଦିନ ଧରି କ୍ରାଇମବ୍ରାଞ୍ଚର ଯାଞ୍ଚ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ, ୬।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ତଥା ସମ୍ପୂର୍ଣ୍ଣ ନ୍ୟୁଜ୍ ପୋର୍ଟାଲର ମାଲିକାଣୀ ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କଠାରୁ ନୂଆ ତଥ୍ୟ ପାଇଛି କ୍ରାଇମବ୍ରାଞ୍ଚ। ମାନସ ମେମୋରି ଚିପ୍ ନେଇଯିବା ପରେ ସେ ସମ୍ପୂର୍ଣ୍ଣ ଛାଡ଼ିଦେଇଥିଲେ। ଚିପ୍ ବଦଳରେ ସେ ଶର୍ମିଷ୍ଠାଙ୍କୁ ୧୦ହଜାର ଟଙ୍କା ଓ ତାଙ୍କ କ୍ୟାମେରା ଫେରାଇବାକୁ ଦାବି କରିଥିଲେ। ତଦନ୍ତରୁ ଏହା ଜଣାପଡ଼ିବା ପରେ ଉକ୍ତ ଚିପ୍ ପାଇବା ଆଶାରେ ତଦନ୍ତକାରୀ ଟିମ୍ ନୟାଗଡ଼ ଜିଲା ରଣପୁର ଥାନା ମଣିଆଖଣ୍ଡ ଗୋଡ଼ିପୋଖରୀସ୍ଥିତ ମାନସଙ୍କ ପୈତୃକ ଘରକୁ ଯାଇ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଯାଞ୍ଚ କରିଥିଲା। ଏଥିସହ ମାନସ ରହୁଥିବା ଭୁବନେଶ୍ୱରର ଦୁଇ ସ୍ଥାନରେ ମଧ୍ୟ ତନାଘନା କରିଥିଲା। ଚିପ୍‌କୁ ନେଇ ତଦନ୍ତ ଜାରି ରହିଥିବା ବୁଧବାର କ୍ରାଇମବ୍ରାଞ୍ଚ ପ୍ରେସ ବିବୃତିରେ ସୂଚନା ଦେଇଛି। ସାକ୍ଷୀ ଓ ତଥ୍ୟ ଆଧାରରେ କ୍ରାଇମବ୍ରାଞ୍ଚ ସୂଚନା ଦେଇଛି ଯେ, ମାନସ ଜାନୁୟାରୀ ୧୦ରୁ ଭୁବନେଶ୍ୱର ଯଯାତିକେଶରୀ ଅଞ୍ଚଳରେ ଥିବା ଦୟାଲ ଆଶ୍ରମରେ ରହୁଥିଲେ। ଜାନୁୟାରୀ ୩୦ରେ ଶର୍ମିଷ୍ଠା ଏବଂ ଅନ୍ୟତମ ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟୁଜ୍ ଅଫିସ୍‌କୁ ଡାକି ଭିଡିଓ ସହ ଚିପ୍ ଫେରାଇବାକୁ କହିଥିଲେ। ସେଠାରେ ଉଭୟ ମାନସଙ୍କୁ ମାଡ଼ ମାରିଥିଲେ। ଏହାପରେ ମାନସଙ୍କୁ ସେମାନେ ନିକଟରେ ଥିବା ଦୟାଲ ଆଶ୍ରମକୁ ନେଇ ସେ ରହୁଥିବା ଘରେ ଚିପ୍ ଖୋଜାଖୋଜି କରିଥିଲେ। ଏହା ପରଦିନ ଅର୍ଥାତ୍ ଜାନୁୟାରୀ ୩୧ରେ ମାନସ ଦୟାଲ ଆଶ୍ରମ ଛାଡ଼ି ଭୁବନେଶ୍ୱରର ଭିନ୍ନ ଭିନ୍ନ ସ୍ଥାନରେ ରହିଥିଲେ। ଏହାପରେ ତାଙ୍କଠାରୁ ଛଡ଼ାଇ ନିଆଯାଇଥିବା କ୍ୟାମେରା ଓ ୧୦ ହଜାର ଟଙ୍କା ଦେଲେ ଚିପ୍ ଫେରାଇଦେବେ ବୋଲି ମାନସ ଶର୍ମିଷ୍ଠାଙ୍କୁ କହିଥିଲେ। ଫେବୃୟାରୀ ୫ରେ ସହଯୋଗୀ ଦୀପକଙ୍କ ସହ ମାନସ ବାହାଘର ସୁଟ୍ ପାଇଁ ଭଦ୍ରକ ଚାନ୍ଦବାଲିକୁ ଯାଇଥିଲେ। ଏହା ଜାଣିବା ପରେ ଶର୍ମିଷ୍ଠା ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ପଲାସପୁର ଗ୍ରାମରୁ ମାନସଙ୍କୁ ଅପହରଣ କରି ନିଜ କାର୍‌ରେ ତାଙ୍କୁ ଦୟାଲ ଆଶ୍ରମକୁ ନେଇଆସିଥିଲେ। ଚିପ୍ ପାଇବା ପାଇଁ ତାଙ୍କୁ ନାନା ନିର୍ଯାତନା ଦେବା ସହ ଶେଷରେ ହତ୍ୟା କରିଥିଲେ। ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ସେଥିରେ ଏମିତି କ'ଣ ଥିଲା ଜଣାପଡ଼ିନାହିଁ। ଉକ୍ତ ଚିପ୍ ମିଳିଲେ ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିଥାନ୍ତା। ଯେହେତୁ ମାନସ ଏବେ ମୃତ, ତେଣୁ ମେମୋରି ଚିପ୍ ପାଇବା କ୍ରାଇମବ୍ରାଞ୍ଚ ପାଇଁ କଷ୍ଟକର ହୋଇପଡ଼ିଛି। ମାନସଙ୍କ ରହଣି ସ୍ଥାନ ଓ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରି ଉକ୍ତ ଚିପ୍ ପାଇବା ପାଇଁ କ୍ରାଇମବ୍ରାଞ୍ଚ ଯଥାସମ୍ଭବ ଚେଷ୍ଟା ଜାରି ରଖିଛି। ସେପଟେ ଶର୍ମିଷ୍ଠା ଓ ଝୁନାଙ୍କ ରିମାଣ୍ଡ ସରିଥିବାରୁ ଉଭୟଙ୍କୁ ଗୁରୁବାର ଅପରାହ୍ନ ୪ଟାରେ କ୍ରାଇମବ୍ରାଞ୍ଚ ଚାନ୍ଦବାଲି ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିବ। ତେବେ ମାନସଙ୍କ ହତ୍ୟାର କାରଣ ଓ ମେମୋରି ଚିପ୍ ରହସ୍ୟ ହୋଇ ରହିଯିବ ବୋଲି ଚର୍ଚ୍ଚା ଚାଲିଛି।

## କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରିବା ଲାଗି ନିର୍ଦ୍ଦେଶ

କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲା

କଟକ ଅଫିସ, ୬।୪

କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏହି ଘଟଣାରେ ରାଜ୍ୟ ସରକାର ଜବାବ ଦାଖଲ କରିଛନ୍ତି। ଅପରପକ୍ଷେ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ମାନସଙ୍କ ବାପା ପଞ୍ଚାନନ ସ୍ୱାଇଁ ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ହେଲେ ବିଚାରପତି ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି ଏହାର ଶୁଣାଣି କରି ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରିବା ପାଇଁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପଞ୍ଚାନନ ପିଟିସନରେ ଦର୍ଶାଇଛନ୍ତି, ମାନସଙ୍କ ଘର ନୟାଗଡ଼ ଜିଲାର ରଣପୁର ଗ୍ରାମରେ। କିନ୍ତୁ ତାଙ୍କ ପୁଅର ହତ୍ୟା ସଂକ୍ରାନ୍ତ ଏଫ୍ଆଇଆର ଭଦ୍ରକ ଜିଲା ଚାନ୍ଦବାଲି ଥାନାରେ କରାଯାଇଛି। ତାଙ୍କ ପୁଅ ସେଠାକୁ ସୁଟିଂ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ସେ ଚାନ୍ଦବାଲି ଥାନାରେ ଗତ ଫେବୃୟାରୀ ୧୪ରେ ଏତଲା ଦେଇଥିଲେ। ତାଙ୍କ ପୁଅଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ନେଇ ସେ ଏତଲାରେ ଦର୍ଶାଇଥିଲେ। ଏହି ଘଟଣାରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ତଦନ୍ତ ପ୍ରଭାବିତ ହେବା ଆଶଙ୍କା କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତଦନ୍ତର ସ୍ଥିତି କ'ଣ ରହିଛି ସେ ସଂକ୍ରାନ୍ତରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୁଧବାର ରାଜ୍ୟ ସରକାର ଏହି ଘଟଣାରେ ଜବାବ ଦାଖଲ କରିଥିଲେ। ବର୍ତ୍ତମାନ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ଇତିମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତକୁ ଅବଗତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୂର୍ଯ୍ୟକାନ୍ତ ଦ୍ୱିବେଦୀ ଏବଂ ସୀତାକାନ୍ତ ହୋତା ମାମଲା ପରିଚାଳନା କରୁଛନ୍ତି।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ, ୬ ସ୍ଥାନରେ ଚଢ଼ାଉ

ଭଞ୍ଜନଗର,୬।୪(ଡି.ଏନ.ଏ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଘର ଓ କାର୍ଯ୍ୟାଳୟରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ)ଙ୍କ ୱାରେଣ୍ଟ ବଳରେ ଏକା ସମୟରେ ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଭଞ୍ଜନଗର ପାର୍କ ରୋଡ୍‌ରେ ଥିବା ରାଉଳଙ୍କ କାର୍ଯ୍ୟାଳୟ, କ୍ୱାର୍ଟର୍ସ, ଖଲ୍ଲିକୋଟ ନିକଟସ୍ଥ ଲଙ୍ଗଳେଶ୍ୱରରେ ଥିବା ପୈତୃକ ବାସଭବନ ସମେତ ଭୁବନେଶ୍ୱରରେ ସମ୍ପର୍କୀୟଙ୍କ ଘର ତୃପ୍ତି ଆପାର୍ଟମେଣ୍ଟ ଫ୍ଲାଟ୍ ନଂ ବି.୧, କଳ୍ପୋଲିସ ରେସିଡେନ୍ସି ଫ୍ଲାଟ୍ ନଂ. ଏ-୦୭୩ ଏବଂ ଜାଗମରାରେ ଥିବା ୩ ମହଲା କୋଠାରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୫ଜଣ ଡିଏସ୍‌ପି ଏବଂ ୧୧ ଜଣ ଇନ୍ସପେକ୍ଟର ସାମିଲ ଅଛନ୍ତି। ତେବେ ଚଢ଼ାଉ ସମୟରେ କ'ଣ ସବୁ ମିଳିଛି ସେ ନେଇ ଭଞ୍ଜନଗରରେ ଭିଜିଲାନ୍ସ ବିଭାଗ ପକ୍ଷରୁ କିଛି କୁହାଯାଇନାହିଁ। ସୂଚନାଯୋଗ୍ୟ, ସହକାରୀ ଯନ୍ତ୍ରୀ ରାଉଳ ଭଞ୍ଜନଗରରେ ଦୀର୍ଘବର୍ଷ ହେଲା କାର୍ଯ୍ୟରତ ଅଛନ୍ତି।



ଭଞ୍ଜନଗର କ୍ୱାର୍ଟର୍ସରେ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

ଢେଙ୍କାନାଳ ଅଫିସ, ୬।୪

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆମପଡ଼ା ଗ୍ରାମର ରାଜେନ୍ଦ୍ର ମଲିକ (୪୧)। କୌଣସି କାମରେ ରାଜେନ୍ଦ୍ର ଜଙ୍ଗଲକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଭ୍ୟାନ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟଣା

# ଗୋଟିଏ ଜୁଇରେ ମା'-ପୁଅଙ୍କ ଅନ୍ତିମ ସଂସ୍କାର

ଆସିକା,୬।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁର ଗ୍ରାମ ନିକଟରେ ମଙ୍ଗଳବାର ପିକ୍‌ଅପ ଭ୍ୟାନ ଧକ୍କାରେ ମୁନିଗାଡ଼ି ଗ୍ରାମର ମୋପେଡ ଆରୋହୀ ଜୟରାମ ନାୟକ, ତାଙ୍କ ବିବାହିତା ଝିଅ ଲକ୍ଷ୍ମୀ ପାତ୍ର, ଅନ୍ୟଜଣେ ଝିଅ ରିଙ୍କି ନାୟକ ଓ ନାତି ତଥା ଲକ୍ଷ୍ମୀଙ୍କ ପୁଅ ବିଶ୍ୱଜିତଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ବଡ ମେଡିକାଲରେ ବିଶ୍ୱଜିତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ନିଜ ଗ୍ରାମ ବାଲିପଦର ନିକଟସ୍ଥ ମହୁଲିପଲ୍ଲୀକୁ ନେଇଯାଇଥିଲେ। ବୁଧବାର ଆସିକା ଡାକ୍ତରଖାନାରେ ଜୟରାମ, ଲକ୍ଷ୍ମୀ ଓ ରିଙ୍କିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମୁନିଗାଡି ଗ୍ରାମକୁ ନିଆଯାଇଥିଲା। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେଠାରୁ ଲକ୍ଷ୍ମୀଙ୍କ ମୃତଦେହକୁ ମହୁଲପଲ୍ଲୀ ନିଆଯାଇ ଗୋଟିଏ ଜୁଇରେ ମା' ଏବଂ ପୁଅ ବିଶ୍ୱଜିତଙ୍କ ସତ୍କାର କରାଯାଇଛି। ସେହିପରି ମୁନିଗାଡି ଗ୍ରାମ ଶ୍ମଶାନରେ ଜୟରାମ ଓ ରିଙ୍କିଙ୍କ ମୃତଦେହ ପୃଥକ୍ ଭାବେ ସତ୍କାର କରାଯାଇଛି।


## TENDER NOTICE

**Notice No. 1824** — **Dt.05.04.2022**

**Last date for sale of tender Paper : 11.04.2022 (By 05.00 P.M.)**

**Last date for submission of tender paper : 12.04.2022 (By 02.00 P.M.)**

No. MM-04: Sealed tenders are invited by the undersigned from the Transport Contractors for transportation of Car timbers for Car Festival of Lord Shree Jagannath, Puri for 2022 from different truckable points of Kantamal, Manamunda & Madhapur Ranges coming under the jurisdiction of Boudh Forest Division to Ratha Khala, Puri and Saw Mill, Khapuria, Cuttack. The last date for sale of tender paper is 11.04.2022 upto 05.00 P.M. and the last date for submission of tender paper in this Office is Dt. 12.04.2022 upto 02.00 P.M. The tender paper received after 02.00 P.M. on Dt.12.04.2022 will be rejected. The tender paper will be opened on 12.04.2022 at 05.00 P.M. The tender paper can be obtained from this Office by paying Rs.200/- (Rupees two hundred) only for each paper from the date of publication of this advertisement in all working days upto Dt.11.04.2022 upto 5.00 P.M. The bidders are required to submit E.M.D. in shape of Bank Draft/Bankers Cheque worth of Rs.1,00,000/- (Rupees one lakh) only drawn in any Nationalized Bank in favour of the **Divisional Forest Officer, Boudh payable at State Bank of India, Main Branch, Boudh** only along with the tender paper. The tender paper without E.M.D. will be rejected. For further details, the undersigned may be contacted during office hours or working days. **The undersigned reserves the right to cancel any or all tenders without assigning any reason thereof**.

**CAR TIMBER**

| Sl. No. | Name of the Species | Length & Girth of the Logs to be transported | No. of logs to be transported to Khapuria Saw Mill, Cuttack | 0No. of logs to be transported to Ratha Khala, Puri | Total No. of logs |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Asana | 12' × 3' | 166 | 0 | 166 |
| 2 | Dhaura | 12' × 3' | 68 | 0 | 68 |
| 3 | Asana | 20' × 3' | 30 | 16 | 46 |
| 4 | Dhaura | 20' × 3' | 0 | 25 | 25 |
| 5 | Dhaura | 20' × 4' | 0 | 0 | 0 |
| 6 | Dhaura | 20' × 6' | 0 | 5 | 5 |
| 7 | Asana | 40' × 3' | 0 | 21 | 21 |
| 8 | Dhaura | 40' × 3' | 0 | 10 | 10 |
| 9 | Dhaura | 40' × 3.6' | 0 | 10 | 10 |
| 10 | Dhaura | 40' × 4' | 0 | 0 | 0 |
| 11 | Phasi | 14' × 6' | 0 | 0 | 0 |
| 12 | Simuli | 14' × 6' | 0 | 0 | 0 |
| **Total** | | | **264** | **87** | **351** |

**Sd./- Divisional Forest Officer**
**Boudh Forest Division**
**OIPR-08090/11/0001/2223**



ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୩୬ | ୧୦୧୮/୮୯୮ | ୧୫୨୪ | ୦.୦୯୦ | ୦.୦୯୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୭ | | ୧୫୪୮ | ୦.୧୯୦ | ୦.୦୧୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୮ | | ୧୫୬୭ | ୦.୦୨୦ | ୦.୦୨୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୯ | ୧୦୧୮/୯୯୩ | ୧୫୫୫ | ୦.୨୮୦ | ୦.୦୬୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୪୦ | ୧୦୧୮/୧୦୩୮ | ୧୫୨୫ | ୦.୧୦୦ | ୦.୧୦୦ | ଗୀତାଞ୍ଜଳି ପଟ୍ଟନାୟକ, ସ୍ୱାମୀ: ରାଜୀବ ଲୋଚନ ପଟ୍ଟନାୟକ ଓଗେର, ଜା: କରଣ, ବା: ଆଟପୁର, ଥାନା: ଗୋଲକୁଣ୍ଡା, ହାଇଦ୍ରାବାଦ | |
| ୧୪୧ | ୧୦୧୮/୧୦୬୪ | ୧୫୭୧ | ୦.୪୬୦ | ୦.୩୮୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| | | | ମୋଟ | ୩୨.୭୮୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୪୧ (ଏକ ଶହ ଏକଚାଳିଶ), ମୋଟ ଅଧିଗୃହୀତ ଜମି: ୩୨.୭୮୦ ଏକର।

**OIPR-24045/14/0002/2223**



GOVERNMENT OF ODISHA
**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
**NATIONAL COMPETITIVE BIDDING THROUGH e-Tendering**
**Corrigendum Notice No. 1 to Bid Identification No.82 of 2021-2022**

**No.O-25:** In partial modification to this office Bid Identification No. 82 of 2021-2022, the following amendment is made.

1. The last date of bid submission in online is extended up to 17.00 hours of dt.25.04.2022.
2. The last date of seeking tender clarification is extended up to 17.00 hours of dt. 20.04.2022.
3. The date of opening of the technical bid in online is extended up to 11.00 hours of dt. 26.04.2022.

All other terms and conditions remains unaltered

**Sd/- Superintending Engineer,RWS&S Division, Rairangpur**
**OIPR-25010/11/0003/2223**



## OFFICE OF THE EXECUTIVE ENGINEER MINOR IRRIGATION DIVISION, KHORDHA

**Letter No. 926** — **Date: 02.04.2022**

### 3rd Corrigendum to Notice No (Online) - EE MID KHD 07/2021-22

No. A-21: In pursuance to Letter No. 731 Dt.15.03.2022 of the Executive Engineer, MI Division, Khordha and in continuation to this office 1st Corrigendum No. 853 Dt.21.03.2022, 2nd Corrigendum No. 858 Dt.21.03.2022 and the tender ID No. EEMIDKHD 07/2021-22 Dt.15.03.2022 for civil works in different Blocks of Khordha district under critical grant for the year 2022-23 is hereby modified as detailed below.

| | | |
|---|---|---|
| 1. | Last date/time for receipt of bids in the portal | Dt.08.04.2022 upto 05.00 P.M. |
| 2. | Date/time of opening of Tehnical Bid | Dt.11.04.2022 at 11.00 A.M. |

Other terms and conditions are remains unchanged.

**Sd./- Executive Engineer cum Chairman of the Tender Committee, MI Division, Khordha**
**OIPR-32042/11/0002/2223**



## OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT

କୋରାପୁଟ ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ
ଦୂରଭାଷ ନଂ.୦୬୮୫୨-୨୫୧୨୭୦,ଫ୍ୟାକ୍ସ ନଂ.୦୬୮୫୨ ୨୫୧୨୭୦,
ଇମେଲ ID:dfo.koraput@odisha.gov.in. ଅଭିଯୋଗ କକ୍ଷ (SMS) ନଂ.୯୪୩୭୦୧୧୨୭୦
**No.33 /1F (Accounts), Dated, Koraput, the 05th April, 2022**

### ADVERTISEMENT

**No.MM-03:** Applications are invited from the interested eligible local unemployed youth candidates for the post of Site Manager for Eco tourism destinations of this Division to be engaged through Service Provider at a monthly consolidated remuneration of Rs. 22000/- per month as per following terms and conditions.

- **Eligibility Criteria:** Should be a graduate in Tourism/Travel/Hotel/Hospitality Management with good communication skill with experience Minimum 2 Years in Hotel/Travel/Hospitality/Tourism Sector.
- **No. of Post:** 1 (One)
- **Last date for receipt of Application:** 20.04.2022
- **Job Description of Site Manager:**

➢To remain overall charges of the Nature Camp and supervise the activities i.e. sanitation, Housekeeping, food & beverages and maintenance of other infrastructures with due approval of the authority. To receive the visitors and ensure their comfortable stay at site. ➢ To maintain the records/ registers of the ecotourism destinations. ➢ To supervise the Accounts, Stock & Store articles at the site. ➢Training of village community members. ➢ Capacity Building and coordination among all stake holders of Ecotourism. ➢ Publicity & advertisement of the site. ➢ Any other assignment as per direction of Authority.

• **Terms & conditions:**

• **Period of Engagement:** The period of engagement of Site Managers through Service provider at Pine Resort, Koraput up to 31.3.2023.• **Emoluments & perquisites:** Monthly consolidated remuneration for the post of site Manager @ Rs.22000/- per month in consideration of their qualification and experience. • **Place of posting:** Ecotourism destinations at Koraput Nature Camp, Pine Resort of Koraput Forest Range of Koraput Forest Division. • **Basis of engagement:** Selection of candidates for engagement is purely temporary basis and terminable at any time without notice or assigning any reason thereof. • **Authenticity of information & documents:** If the submission of any incorrect/false information, certificates, documents or suppression of material fact(s) is detected during course of selection, the candidature of the concerned candidate will be cancelled. Even after engagement if the same is/ are detected, his/ her engagement will be terminated by the authority without any notice or assigning any reason thereof. • Mere submission of application does not confer any right for the engagement. The authority reserves the right to cancel the advertisement at any point of time without assigning any reason thereof. • **Procedure for selection:** A walk-in-interview will be conducted in the O/o the Divisional Forest Officer, Koraput or in the O/o the Regional Chief Conservator of Forests, Koraput Circle, Koraput for verification of their testimonials, experience and proficiency of the candidate by the committee formed for the purpose. The exact date & time/ venue of said interview will be intimated to the applicants over their phone/ e-mail address of the candidates in due course. While attending interview, the candidate should bring all original documents/ certificates for verification along with one set of certified /attested copies of document with 3 nos of passport size photographs duly attested. The candidates are required to apply for the post in the following format.

1. Name of the Applicant
2. Father's name
3. Present Address:
4. Permanent Address.
5. Mobile Number & Correct e-mail address
6. Date of Birth ( Candidate must accompany copy of HSC or equivalent certificate in support of date of birth)
7. Educational Qualification from 10th onwards (Attach attested copies of relevant certificate)
8. State details of qualification showing graduate in Tourism/Travel/Hotel/Hospitality Management (Attach Certificate as Proof)
9. Experience minimum two years in Hotel/Travel/Hospitality/Tourism Sector (Attach Proof)

**Place:**
**Date** — **Signature of the candidate**

**Undertakings**

I do here by undertake that the information/ documents furnished above are true to the best of my knowledge and belief. If later on at any stage the said information/document found to be false/ incorrect, then I will be liable for punishment as per rule. I have gone through in detail of advertisement and hence I have no objection to work through Service Provider.

**Place:**
**Date** — **Signature of the candidate**

**Sd./- Divisional Forest Officer, Koraput Forest Division**
**OIPR-08067/11/0002/2223**



## GOVERNMENT COLLEGE OF ENGINEERING, KEONJHAR

**(Formerly Orissa School of Mining Engineering [Degree Stream], Keonjhar)**
**At: Jamunalia, P.O.: Old Town, Dist.- Keonjhar, PIN - 758002 (Odisha)**
**Web: www.gcekjr.ac.in/ Mail id: principal@gcekjr.ac.in**
**Notice No. 475** — **Date: 06.04.2022**

### WITHDRAWAL OF THE ADVERTISEMENT FOR REGULAR RECRUITMENT OF PROFESSOR, ASSOCIATE PROFESSOR AND ASSISTANT PROFESSOR FOR GOVERNMENT COLLEGE OF ENGINEERING, KEONJHAR

No. KK-03: As per the instruction of the SDTE Department, Government of Odisha this is for information of all concerned that the Advertisement for recruitment of Professor, Associate Professor and Assistant Professor vide Advertisement No. 705 Dt.13.08.2021, 1242 Dt.20.12.2021 and 1244 Dt.20.12.2021 are hereby withdrawn. The application fee deposited by the applicants will be refunded in due time.

**Sd./- Principal**
**Government College of Engineering, Keonjhar**
**OIPR-14088/11/0002/2223**



## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**Plot No. N-17/2, Nayapalli, Bhubaneswar-751 012**
**Phone No.: (0674) 2390195 (Off), Fax No. (0674)2395844,**
**E-Mail ID : olicltd123@bsnl.in, olicltd@ymail.com, www.odishalift.co.in**

**NATIONAL COMPETITIVE BIDDING THROUGH e-Procurement**
**No. IT-104/2021-3493/OLIC, Dated 06.04.2022**

**No.CAD-58:** The Managing Director, OLIC Ltd., Bhubaneswar invites online percentage rate tender through e-procurement for installation of bore wells for Solar Pumping System in the State of Odisha. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**

A. Brief description of Work : Installation of bore wells for Solar Pumping System in Nabarangapur, Balangir, Kandhamal, Gajapati and Kalahandi Districts (05 Packages). B. Estimated cost of works : Varies from Rs. 37.33 Lakhs to Rs. 1141.70 Lakhs. C. Date and time of availability of bid document in the portal: From dt. 08.04.2022 to dt. 28.04.2022 (up to 17.00 Hours) D. Last date / time for receipt of bid in the Portal- dt. 28.04.2022 up to 17.00 Hours. E. Last date of seeking clarification- dt. 16.04.2022 up to 17.00 Hours F. Technical Bid will be opened on - dt. 29.04.2022 at 11.00 Hours. Any Addendum/ corrigendum/ Cancellation of tender will be available in the said website.

Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reason thereof.

**Sd/-MANAGING DIRECTOR, OLIC LTD., BHUBANESWAR**
**OIPR-32432/11/0004/2223**



**GOVT. OF ODISHA**
**FOREST, ENVIRONMENT & CLIMATE CHANGE DEPT.**
**OFFICE OF THE INTERNAL VIGILANCE WING FLYING SQUAD, SAMBALPUR**
**Letter No.009, Date:02.04.2022**

### SHORT TENDER NOTICE

**No.MM-06:** Sealed tenders are invited from Interested reputed travel agencies/ privet individual/ Tour operator for providing one number of suitable vehicle (Bolero) to be engaged by internal vigilance Wing Flying Squad, Sambalpur for there field visit through out the state. The vehicle shall be in good condition and shall not be older than three years.

General bid information forms, terms and condition for hiring of vehicle etc will be available with ACF Internal Vigilance Wing, Flying Squad, Sambalpur of this on payment of Rs. 200/-(Rupees Two Hundred)0nly from dated 04.04.2022 to 12.04.2022.

The last date of submission of tender paper in the Tender box is on dated. 12.04.2022 at 04.00 P.M and shall be opened at 05.00 P.M on the same day.

**Sd./- Asst. Conservation of Forest**
**Internal Vigilance Wing, Flying Squad, Sambalpur**
**OIPR-08132/11/0001/2223**



**WATCO**
**OFFICE OF THE MANAGING DIRECTOR, WATCO**
**Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India**
**Telefax: -+91-674-2391444**
**E-mail - mail@watcoodisha.in, md@watcoodisha.in**

### INVITATION FOR BID (IFB)

**Bid Identification No. WATCO (W) - 45 /2022-23, Dtd.06.04.2022**
**WATCO No.1293, Date:06.04.2022**

**No.C-33:** 1. Name of the work:- (1) Request for Proposal (RFP) for Consultancy Services for Planning, Designing and Supervision of the Work "Construction of 2nd & 3rd floor and Addition and Alteration of Odisha Water Academy at Basuaghai,Bhubaneswar. (2) Request for Proposal (RFP) for Consultancy Services for Planning, Designing and Supervision of the Work "Construction of 2nd floor and Addition and Alteration of A & B type quarters at STP Basuaghai, Bhubaneswar" 2. Estimated cost of the Projects:- Rs.9.20 Crore & 7.07 Crore. 3. Period of completion :- 6 (Six) Months. 4. Date & time of availability of bid document in the portal:- From 11.00 AM of Dt.16.04.2022 to 5.00 PM of 30.04.2022.5. Last date/time of receipt of bids in the portal :-5.00 PM of 30.04.2022. 6.Date & time of opening of technical bids :-11.00 AM of 02.05.2022. 7.Name and address of the Officer Inviting Bid :- Managing Director, WATCO, Telefax:-0674-2391444, E-Mail: mail@watcoodisha.in, md@watcoodisha.in. 8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

**Sd/- Chief Executive Officer, WATCO, Bhubaneswar**
CIN No.U41000OR2015NPL019598,
Registered Office:WATCO, Ground Floor, Unnati Bhawan H.B. Colony, Satyanagar, Bhubaneswar-751007,Odisha, India, Telefax: -+91-674-2391444, e-mail:mail@watcoodisha.in
**OIPR-13194/11/0005/2223**

## ସଂକ୍ଷେପରେ

### ଜି'ରେ ୭.୮% ଅଂଶଧନ ବିକ୍ରି କରିବ ଇନ୍‌ଭେସ୍କୋ

**ନୂଆଦିଲ୍ଲୀ, ୬।୪:** ଜି' ଏଣ୍ଟର୍‌ଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ୍‌ର ବଡ଼ ଅଂଶଧାରକ ଇନ୍‌ଭେସ୍କୋ ଡେଭେଲପ୍‌ମେଣ୍ଟ ମାର୍କେଟ୍‌ସ ଗୁରୁବାର ଦିନ ବ୍ଲକ୍ ଡିଲ୍ ଜରିଆରେ ଜି'କୁ ୭.୮% ଅର୍ଥାତ୍ ୨,୨୦୦ କୋଟିର ଅଂଶଧନ ବିକ୍ରି କରିବ। ପୂର୍ବରୁ ଜି'ରେ ଇନ୍‌ଭେସ୍କୋର ୧୮.୮% ଅଂଶଧନ ରହିଛି। ଏଥିସହିତ ଏହା ଜି' ଏବଂ ସୋନି ଇଣ୍ଟରଟେନ୍‌ମେଣ୍ଟ ମିଶ୍ରଣକୁ ମଧ ସମର୍ଥନ କରୁଛି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବରରେ ଇନ୍‌ଭେସ୍କୋ କର୍ପୋରେସନ ଶାସନ ବ୍ୟବସ୍ଥାରେ ତ୍ରୁଟି ଦର୍ଶାଇ ଜି' ବୋର୍ଡରେ ପରିବର୍ତ୍ତନ ଆଣିବାକୁ ନୋଟିସ୍ ପଠାଇଥିଲା। ପରେ ଜି' ଏନେଇ କୋର୍ଟକୁ ଯିବା ପରେ ଉଭୟ ପକ୍ଷ କୋର୍ଟରେ ମକଦ୍ଦମା ଦାୟର କରିଥିଲେ। ପରେ ଡିସେମ୍ବରରେ, ଜି' ନିଜ ପ୍ରତିଦ୍ୱନ୍ଦ୍ୱୀ ସୋନି ଏଣ୍ଟରଟେନ୍‌ମେଣ୍ଟ ସହିତ ମିଶ୍ରଣ ଘୋଷଣା କରିବା ପରେ ଇନ୍‌ଭେସ୍କୋ ଏହାକୁ ସମର୍ଥନ କରିଥିଲେ ମଧ କୋର୍ଟରେ ଏହି ମାମଲା ବିଚାରାଧିନ ଥିଲା।

### ନୋକିଆର ସି୦୧ ପ୍ଲସ୍‌ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୬।୪:** ନୋକିଆ ବ୍ରାଣ୍ଡର ଫୋନ୍ ବିକ୍ରି କରୁଥିବା ସଂସ୍ଥା ଏଚ୍‌ଏମ୍‌ଡି ଗ୍ଲୋବାଲ୍ ପକ୍ଷରୁ ନୋକିଆ ସି୦୧ ପ୍ଲସ୍‌କୁ ଭାରତରେ ଉନ୍ମୋଚନ କରାଯାଇଛି। ଯେଉଁଥିରେ ରହିଛି ୩୨ଜିବି ଷ୍ଟୋରେଜ୍। ନୋକିଆର ସବୁଠୁ ଲୋକପ୍ରିୟ ଓ ସୁଲଭ ସି-ସିରିଜ୍ ଫୋନ୍‌ରେ ଏହା ହେଉଛି ଏକ ଆକର୍ଷଣୀୟ ଯୋଗଦାନ। ଏ ସମ୍ପର୍କରେ ଏଚ୍‌ଏମ୍‌ଡି ଗ୍ଲୋବାଲର ଉପସଭାପତି, ସନ୍ମିତ୍ ସିଂହ କୋଚର କହିଛନ୍ତି, ଗ୍ରାହକମାନଙ୍କୁ ଏକ ବ୍ୟାପକ ପ୍ରକାରର ପସନ୍ଦ ପ୍ରଦାନ କରିବା ଲାଗି ବିଗତ କିଛି ବର୍ଷ ହେବ ଆମେ ନୋକିଆ ସ୍ମାର୍ଟଫୋନ୍‌ର ଏକ ଦୃଢ଼ ପୋର୍ଟଫୋଲିଓ ଗଠନ କରିଛୁ। ଗତବର୍ଷ ଶୁଭାରମ୍ଭ କରାଯାଇଥିବା ନୋକିଆ ସି୦୧ ପ୍ଲସ୍ (୨+୧୬ ଜିବି ଭାରିଆଂଟ୍) ଗ୍ରାହକମାନଙ୍କ ଦ୍ୱାରା ବେଶ ଗ୍ରହଣୀୟ ହୋଇଥିଲା। ନୂଆ ୩୨ଜିବି ଭାରିଆଂଟ୍ ସହିତ ଆମେ ଏହି ଆକର୍ଷଣୀୟ ନୂତନ ଉତ୍ପାଦର ବଜାର ପ୍ରବେଶ ଜରିଆରେ ଗ୍ରାହକମାନଙ୍କୁ ଅଧିକ ପସନ୍ଦ ପ୍ରଦାନ କରାଇଛୁ।

### ୪୮,୦୦୦ ଇଭି ଚାର୍ଜର ଷ୍ଟେଶନ ପ୍ରତିଷ୍ଠା ହେବ

**ନୂଆଦିଲ୍ଲୀ, ୬।୪:** ଆଗାମୀ ୩-୪ ବର୍ଷ ମଧ୍ୟରେ ଦେଶରେ ୧୪,୦୦୦ କୋଟି ଟଙ୍କା ବିନିମୟରେ ୪୮,୦୦୦ ଅଧିକ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ଚାର୍ଜର ଷ୍ଟେସନ ପ୍ରତିଷ୍ଠା କରାଯିବ। ଦେଶର ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍ମେସନ୍ ଆଣ୍ଡ୍ କ୍ରେଡିଟ୍ ରେଟିଂ ଏଜେନ୍ସି (ଆଇସିଆର୍‌ଏ) ପକ୍ଷରୁ ବୁଧବାର ଦିଆଯାଇଥିବା ରିପୋର୍ଟ ଅନୁସାରେ, ଦୁଇ-ତିନି ଚରିଆ ଯାନ ସହିତ ବସ୍ ସେଗ୍‌ମେଣ୍ଟରେ ମଧ ଇଭିର ବଜାର ପ୍ରବେଶ ବୃଦ୍ଧି ପାଇବା ଆଶା କରାଯାଇଥିବାରୁ ଚାର୍ଜିଂ ଭିତ୍ତିଭୂମିର ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ନୂଆ ଇଭିଗୁଡ଼ିକର ବିକ୍ରି ୧୩%-୧୫% ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିବା ବେଳେ ଥ୍ରୀ-ହ୍ୱିଲର ଏବଂ ବସ୍ ସେଗ୍‌ମେଣ୍ଟରେ ଏହାର ବିକ୍ରି ଯଥାକ୍ରମେ ୩୦% ଏବଂ ୮%-୧୦% ରହିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ଦେଶର କିଛି ରାଜ୍ୟର ସହରାଞ୍ଚଳଗୁଡିକରେ ୨୦୦୦ରୁ କମ୍ ସଂଖ୍ୟକ ଇଭି ଚାର୍ଜିଂ ଷ୍ଟେସନ୍ ରହିଥିବା ଆଇସିଆର୍‌ଏ ପକ୍ଷରୁ କୁହାଯାଇଛି।

# ବିଶ୍ୱରେ ୨ୟ ସର୍ବବୃହତ୍ ସିଇ ମାର୍କେଟ୍ ହେବ ଭାରତ

**ଭୁବନେଶ୍ୱର,୬।୪**

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ବୁଧବାର ସିଆଇଆଇଏକ୍ସକନ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ମଧ ସହରରେ ଏକ ରୋଡ୍‌ଶୋ'ର ଆୟୋଜନ ମଧ କରାଯାଇଥିଲା। ଯେଉଁଥିରେ ବରିଷ୍ଠ ସରକାରୀ ଅଧିକାରୀଙ୍କ ସମେତ ଶିଳ୍ପନେତା ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର ଓ କନ୍‌ଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ସେକ୍ଟରର ହିତାଧିକାରୀମାନେ ଯୋଗ ଦେଇଥିଲେ। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆର ସର୍ବବୃହତ୍ କନ୍‌ଷ୍ଟ୍ରକ୍ଶନ ଇକ୍ୱିପ୍‌ମେଣ୍ଟ(ସିଇ) ଓ କନ୍‌ଷ୍ଟ୍ରକ୍ଶନ ଟେକ୍ନୋଲୋଜି ଟ୍ରେଡ୍ ଫେୟାର ଏକ୍ସକନ୍ ଚଳିତ ବର୍ଷ ମେ ୧୭ରୁ ୨୧ ପର୍ଯ୍ୟନ୍ତ ବେଙ୍ଗାଲୁରୁର ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏଗ୍‌ଜିବିଶନ ସେଣ୍ଟର୍‌ଠାରେ ଆୟୋଜିତ ହେବାକୁ ଯାଉଛି। ଏକ୍ସକନ୍ ୩ଲକ୍ଷ ବର୍ଗ ମିଟର୍‌ର ଡିସ୍‌ପ୍ଲେ ଏରିଆରେ ପରିବ୍ୟାପ୍ତ ରହିବ ଏବଂ ଏଥିରେ ଭାରତ ସମେତ ୟୁଏସ୍‌ଏ, ୟୁକେ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ୟୁଏଇ, ସାଉଥ୍ କୋରିଆ, ସିଙ୍ଗାପୁର ଓ ଶ୍ରୀଲଙ୍କା ଭଳି ଦେଶରୁ ୧୦୦୦ରୁ ଅଧିକ ପ୍ରଦର୍ଶକ ଯୋଗ ଦେବେ ବୋଲି ଆଶା କରାଯାଉଛି। ଏହି ୫ ଦିନିଆ ପ୍ରଦର୍ଶନୀ ବିଶ୍ୱବ୍ୟାପୀ ୪୦,୦୦୦ରୁ ଅଧିକ ବିଜ୍‌ନେସ୍ ଭିଜିଟର୍‌ଙ୍କୁ ଆକର୍ଷିତ କରିବ। ଏହି ରୋଡ୍‌ଶୋ'କୁ ସମ୍ବୋଧିତ କରି ଟୋର୍‌ସା ମେଶିନ୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ଗୋପୀ କିସନ ମୋରେ କହିଛନ୍ତି, ଏହା ହେଉଛି ଏକ୍ସକନ୍‌ର ଏକାଦଶ ସଂସ୍କରଣ ଏବଂ ଚଳିତ ବର୍ଷ ଆମର ବିଷୟବସ୍ତୁ ହେଉଛି 'ଏକ ନୂଆ ବିଶ୍ୱ ପାଇଁ ଭାରତର ନିର୍ମାଣ କରିବା: ପ୍ରତିଯୋଗିତା, ଅଭିବୃଦ୍ଧି, ସ୍ଥାୟିତ୍ୱ, ଟେକ୍ନୋଲୋଜି'। ଏକ୍ସକନ୍ ୨୦୩୦ ସୁଦ୍ଧା ଭାରତକୁ କନ୍‌ଷ୍ଟ୍ରକ୍ଶନ ଇକ୍ୱିପ୍‌ମେଣ୍ଟ ମାନୁଫ୍ୟାକ୍ଚରିଙ୍ଗ୍ ପାଇଁ ଗ୍ଲୋବାଲ ହବ୍‌ରେ ପରିଣତ କରିବାର ଲକ୍ଷ୍ୟକୁ ହାସଲ କରିବା ଲାଗି ଭାରତର ଭିତ୍ତିଭୂମି ବିକାଶରେ ସ୍ମାର୍ଟ ଟେକ୍ନୋଲୋଜି ଓ ଉଦ୍ଭାବନର ଭୂମିକାକୁ ବ୍ୟାଖ୍ୟା କରିବ। ସେହିପରି ବିଶ୍ୱର ୩ୟ ସର୍ବବୃହତ୍ ବଜାର ଭାବେ ଭାରତୀୟ ସିଇ ଶିଳ୍ପ ବର୍ତ୍ତମାନ ଗ୍ଲୋବାଲ ସିଇ ଲ୍ୟାଣ୍ଡସ୍କେପ୍‌ରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ଭାରତ ସରକାରଙ୍କ ଆକାଂକ୍ଷିତ ୧୧୧ଲକ୍ଷ କୋଟି ଟଙ୍କାର ନ୍ୟାଶନାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ପାଇପ୍‌ଲାଇନ୍, ୨୦୩୦ ସୁଦ୍ଧା ୨୫ ବିଲିୟନ ଡଲାରର ଏକ ଆକାର ସହିତ ବିଶ୍ୱରେ ୨ୟ ସର୍ବବୃହତ୍ ସିଇ ବଜାରରେ ପରିଣତ ହେବା ପାଇଁ ଭାରତୀୟ କନ୍‌ଷ୍ଟ୍ରକ୍ଶନ ଇକ୍ୱିପ୍‌ମେଣ୍ଟ ଇଣ୍ଡଷ୍ଟ୍ରି ପାଇଁ ସହାୟକ ହେବ ବୋଲି ମୋରେ କହିଛନ୍ତି। ଏ ସମ୍ପର୍କରେ ସିଆଇଆଇ ଓଡିଶା ଷ୍ଟେଟ୍ କାଉନ୍ସିଲ୍‌ର ଉପାଧ୍ୟକ୍ଷ ଏବଂ ଏସାର ମିନ୍‌ମେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସିଇଓ ଶଶି ଶେଖର ମହାନ୍ତି କହିଛନ୍ତି, ଭିତ୍ତିଭୂମି ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ବିଶ୍ୱସ୍ତରୀୟ ଟେକ୍ନୋଲୋଜିଗୁଡିକର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ହେଉଛି ରାଜ୍ୟର ବର୍ତ୍ତମାନର ଆବଶ୍ୟକତା। କନ୍‌ଷ୍ଟ୍ରକ୍ଶନ ଇକ୍ୱିପ୍‌ମେଣ୍ଟ ସେକ୍ଟରରେ ବିଶ୍ୱସ୍ତରୀୟ ଖେଳାଳିଙ୍କ ଉପସ୍ଥିତି ସହିତ ଏକ୍ସକନ୍ କେବଳ ମୂଲ୍ୟ ସାପେକ୍ଷ ସମାଧାନ ସହିତ ବେଷ୍ଟ-ଇନ୍-କ୍ଲାସ୍ ଟେକ୍ନୋଲୋଜି ପ୍ରଦାନ କରିବ ନାହିଁ ବରଂ ସିଇ ଶିଳ୍ପରେ ଅତ୍ୟାଧୁନିକ ବିକାଶ ଉପରେ ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ଆଣିବ।

### ସିଆଇଆଇ ଏକ୍ସକନ୍ ଦେବ ଆବଶ୍ୟକ ସହଯୋଗ



# ହିରୋ ମୋଟୋକର୍ପ ପକ୍ଷରୁ ୩୦ ଯାନ ପ୍ରଦାନ

**କଟକ, ୬।୪**

ହିରୋ ମୋଟୋକର୍ପ ଲିମିଟେଡ୍ ହେଉଛି ଦେଶର ଅଗ୍ରଣୀ ମୋଟରସାଇକେଲ୍ ଏବଂ ସ୍କୁଟର ନିର୍ମାଣକାରୀ କମ୍ପାନୀ। ଦୁଇ-ଚରିଆ ଯାନ କ୍ଷେତ୍ରରେ ଏହାର ବଜାରରେ ଏହାର ପ୍ରାୟ ୪୬% ଭାଗୀଦାରୀ ରହିଛି। କଟକର ପ୍ରଫେସରପଡ଼ାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସ ହେଉଛି ହିରୋ ଦୁଇଚକିଆ ଯାନର ଏକ ବଡ଼ ଡିଲର୍। ଏହି ଡିଲର୍ ୧,୫୦,୦୦୦ ଦୁଇଚକିଆ ଯାନ ବିକ୍ରି କରିଥିବା ସହିତ ବାର୍ଷିକ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଦୁଇଚକିଆ ଯାନର ସର୍ଭିସିଂ କରାଇଥାଏ। ହିରୋ ମୋଟୋକର୍ପ ପକ୍ଷରୁ ଜେଏମ୍‌ଜି ଅଟୋମୋବାଇଲ୍ସ ଜରିଆରେ ରାଜ୍ୟ ପରିବହନ ପ୍ରାଧିକରଣ, କଟକକୁ ୩୦ଟି ବାଇକ୍ ମାଗଣାରେ ପ୍ରଦାନ କରାଯାଇଛି। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ଆଗକୁ ବଢାଇବା ଉଦ୍ଦେଶ୍ୟରେ ସିଏସ୍‌ଆର୍ ଆକ୍ଟିଭିଟି ଜରିଆରେ ପରିବହନ ପ୍ରାଧିକରଣକୁ ଏହି ଦୁଇଚକିଆ ପ୍ରଦାନ କରାଯାଇଛି। ଏହି ଅବସରରେ ଟ୍ରାନ୍ସପୋର୍ଟ କମିଶନର ଏସ୍‌ଟିଏ ଅରୁଣ ବୋଥ୍ରା (ଆଇପିସ୍), ହିରୋ ମୋଟୋକର୍ପର ସିନିୟର ସେଲ୍ସ ଏରିଆ ମ୍ୟାନେଜର ହର୍ଷବର୍ଦ୍ଧନ ଏବଂ ଜେଏମ୍‌ଜି ଅଟୋମୋବାଇଲ୍, କଟକର ଏମ୍‌ଡି ପ୍ରଦୀପ ଅଗ୍ରୱାଲ୍ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହିରୋର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍‌ସିବିଲିଟି (ସିଏସ୍‌ଆର୍) ପ୍ଲାଟ୍‌ଫର୍ମ ଯଥା- 'ରାଇଡ୍ ସେଫ୍' କାର୍ଯ୍ୟକ୍ରମ, ଶିଶୁ କନ୍ୟା ସଶକ୍ତୀକରଣ ଏବଂ 'ହାପି ଆର୍ଥ' ଭଳି ୩ଟି ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଆସୁଛି।







ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ଏହାର ନୂଆ ମଡେଲ୍ କୁଲ୍ ନ୍ୟୁ ଗ୍ଲାନ୍‌ଜାର ଅନାବରଣ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ପଟିଆସ୍ଥିତ ଇସ୍ପିଟ୍ ଟୟୋଟାଠାରେ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କର ଡିଜିଏମ୍ ଶୋଭନ ସେନ୍‌ଗୁପ୍ତା, ଏସ୍‌ବିଆଇ ଚିଫ୍ ମ୍ୟାନେଜର ସସ୍ମିତା ଜେନା, ଇସ୍ପିଟ୍ ଟୟୋଟାର ନିର୍ଦ୍ଦେଶକ ସୁନୀଲ୍ ତନେଜା, ସିଇଓ ରାଜେଶ ଗଣ୍ଡୋତ୍ରାଙ୍କ ସମେତ ଟିକେଏମ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

### ସାମ୍‌ସଙ୍ଗର ୫ ମଡେଲ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୬।୪:** ଭାରତର ଅଗ୍ରଣୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ଏହାର ପୋର୍ଟଫୋଲିଓରେ ୫ଟି ନୂଆ ମଡେଲ୍ ଯଥା ଗ୍ୟାଲାକ୍ସି ଏ୧୩, ଏ୨୩, ଏ୩୩ ୫ଜି, ଏ୫୩ ୫ଜି,ଏ୭୩ ୫ଜି ଆଦି ସାମିଲ କରାଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ରାଜୁ ପୁଲାନ୍ କହିଛନ୍ତି,ଆମେ ଶୁଭାରମ୍ଭ କରିଥିବା ଏହି ୫ଟି ନୂଆ ମଡେଲକୁ ଉପଭୋକ୍ତାଙ୍କୁ ଷ୍ଟାଇଲ୍, ଶକ୍ତି ଓ ବିବିଧତା ସହିତ ଅନୁପ୍ରାଣିତ କରିବାକୁ ନିର୍ମାଣ କରାଯାଇଛି। ଏହି ଗ୍ୟାଲାକ୍ସି ସିରିଜ ଏ୫୩ ୫ଜି, ଗ୍ୟାଲାକ୍ସି ଏ୩୩ ୫ଜି, ଗ୍ୟାଲାକ୍ସି ଏ୨୩ ଓ ଗ୍ୟାଲାକ୍ସି ଏ୧୩ ୪ଟି ଆକର୍ଷଣୀୟ ରଙ୍ଗ- ପିଚ୍, ବ୍ଲୁ, ବ୍ଲାକ୍ ଓ ହ୍ୱାଇଟ୍‌ରେ ଉପଲବ୍ଧ ହେବ। ଗ୍ୟାଲାକ୍ସି ଏ୫୩ ୫ଜିର ମୂଲ୍ୟ ୬ଜିବି+୧୨୮ଜିବି ପାଇଁ ୩୪୪୯୯ ଟଙ୍କା ଏବଂ ୮ଜିବି+୧୨୮ଜିବି ଭାରିଆଂଟ୍ ପାଇଁ ୩୫୯୯୯ ଟଙ୍କା ରହିଛି। ଗ୍ୟାଲାକ୍ସି ଏ୨୩ର ମୂଲ୍ୟ ୬ଜିବି+୧୨୮ଜିବି ପାଇଁ ୧୯୪୯୯ ଟଙ୍କା ଏବଂ ୮ଜିବି+୧୨୮ଜିବି ଭାରିଆଂଟ୍ ପାଇଁ ୨୦୯୯୯ ଟଙ୍କା ରହିଛି। ଗ୍ୟାଲାକ୍ସି ଏ୧୩ର ମୂଲ୍ୟ ୪ଜିବି+୬୪ଜିବି ପାଇଁ ୧୪୯୯୯ ଟଙ୍କା, ୪ଜିବି+୧୨୮ଜିବି ପାଇଁ ୧୫୯୯୯ ଟଙ୍କା ଏବଂ ୬ଜିବି+୬୪ଜିବି ଭାରିଆଂଟ୍ ପାଇଁ ୧୭୪୯୯ ଟଙ୍କା ରହିଛି।

### ଦର ବଢ଼ାଇବ ମାରୁତି ସୁଜୁକି

**ନୂଆଦିଲ୍ଲୀ, ୬।୪**

ଦେଶର ଅଗ୍ରଣୀ କାର୍ ନିର୍ମାଣ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ଏପ୍ରିଲ୍‌ରେ ନିଜ ଗାଡ଼ିଗୁଡ଼ିକର ଦର ବୃଦ୍ଧି କରିବ। ମାରୁତି ସୁଜିକି ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, ଗତ ଏକ ବର୍ଷ ହେଲା କମ୍ପାନୀର ଗାଡ଼ିଗୁଡ଼ିକର ନିର୍ମାଣ ଖର୍ଚ୍ଚ ବୃଦ୍ଧି ପାଇଛି। ତେଣୁ କମ୍ପାନୀ ପକ୍ଷରୁ ଗାଡ଼ିଗୁଡିକର ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଚଳିତ ମାସରୁ କମ୍ପାନୀ ନିଜ ଗାଡ଼ିଗୁଡିକର ଦର ବୃଦ୍ଧି କରିବାକୁ ଯାଉଥିବା ବେଳେ ବିଭିନ୍ନ ମଡେଲ୍‌ର ଦର ଭିନ୍ନ ଭିନ୍ନ ରହିବ। ସୂଚନାଯୋଗ୍ୟ, ୨୦୨୧-୨୨ ଆର୍ଥିକ ବର୍ଷରେ ମାରୁତି ସୁଜୁକିର ଗାଡ଼ି ଦରରେ ସର୍ବାଧିକ ୮.୮% ବୃଦ୍ଧି ହୋଇଛି।

### ସେନ୍‌ସେକ୍ସ ୫୬୬ ପଏଣ୍ଟ ହ୍ରାସ

**ମୁମ୍ବାଇ, ୬।୪:** ସପ୍ତାହର ତୃତୀୟ କାରବାର ଦିନ ଅର୍ଥାତ୍ ବୁଧବାର ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଲଗାତାର ୨ୟ ଦିନ ପାଇଁ ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ଦିନରେ ସେନ୍‌ସେକ୍ସରେ ୫୬୬.୦୯ ଅଙ୍କ (୦.୯୪%) ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ୧୪୯.୭୦ ପଏଣ୍ଟ (୦.୮୩%) କମିଛି। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୯,୬୧୦.୪୧ ଏବଂ ୧୭,୮୦୭.୭୦ ଇନ୍‌ଡେକ୍ସରେ ବନ୍ଦ ହୋଇଛି।

1st Birthday Wishes to my Dear
ASHU




God Bless you Beti and pray for your Bright & Healthy Life ahead Lord Jagannath will keep bright your route walk always.
Best Wishes from Gudu Bhai & All Family Members.
D-047

# ୭.୫% ରହିବ ଜିଡିପି ଅଭିବୃଦ୍ଧି

**ନୂଆଦିଲ୍ଲୀ, ୬।୪**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଗ୍ଲୋବାଲ୍ ଇକୋନୋମି ସଙ୍କଟ ମଧ୍ୟରେ ଭାରତର ବିକାଶ ଦର ୭.୫% ରହିବ। ତେବେ ଦକ୍ଷିଣ ଏସିଆର ମୋଟ୍ ବିକାଶ ହାର ୭% ରହିବ ବୋଲି ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ୍ (ଏଡିବି) ପକ୍ଷରୁ ଅନୁମାନ କରାଯାଇଛି। ଏଡିବି ପକ୍ଷରୁ ଏସିଆନ୍ ଡେଭେଲପ୍‌ମେଣ୍ଟ ଆଉଟ୍‌ଲୁକ୍-୨୦୨୨ ଜାରି କରାଯାଇ କୁହାଯାଇଛି ଯେ, ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଭାରତୀୟ ଅର୍ଥବ୍ୟବସ୍ଥାରେ ବିକାଶ ହାର ୭.୫% ରହିବ। ତେବେ ଆସନ୍ତା ବର୍ଷ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ଶେଷ ଆଡ଼କୁ ଏହି ବିକାଶ ହାର ୮%କୁ ବୃଦ୍ଧି ହୋଇପାରେ ବୋଲି ମଧ କୁହାଯାଇଛି। ଏଡିବି ରିପୋର୍ଟ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆର ବିକାଶ ହାର ଧିମା ରହିବ। ଦକ୍ଷିଣ ଏସିଆର ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଥିବା ଦେଶ ଭାରତ ହୋଇଥିବା ବେଳେ ୨ୟରେ ପାକିସ୍ତାନ ରହିଛି। ତେଣୁ ଦକ୍ଷିଣ ଏସିଆର ବିକାଶ ହାର ମୋଟାମୋଟି ଭାବରେ ଏହି ଦୁଇ ଦେଶ ଉପରେ ନିର୍ଭର କରେ। ଏଡିବି ରିପୋର୍ଟ ଅନୁସାରେ ଚଳିତ ବର୍ଷ ପାକିସ୍ତାନର ବିକାଶ ହାର ୪% ରହିବ। ଘରୋଇ ଚାହିଦା କମ୍ ରହିଥିବାରୁ ଏଭଳି ସ୍ଥିତି ହେବ ବୋଲି ଏଡିବି ପକ୍ଷରୁ କୁହାଯାଇଛି। ତେବେ ସମଗ୍ର ଏସିଆ ମହାଦେଶର ଦେଶଗୁଡିକର ଘରୋଇ ଡିମାଣ୍ଡ୍‌ରେ ସୁଧାର ଆସିଛି। ଫଳରେ ଚଳିତ ବର୍ଷ ଏସିଆର ବିକାଶଶୀଳ ଦେଶଗୁଡିକର ଅର୍ଥବ୍ୟବସ୍ଥାରେ ୫.୨%ର ସାମୂହିକ ବୃଦ୍ଧି ଦେଖିବାକୁ ମିଳିବ ବୋଲି ଏଡିବି ଅନୁମାନ କରିଛି।

# ଜିଓ-ବିପି ଓ ଟିଭିଏସ୍ ମୋଟର ମଧ୍ୟରେ ସହଯୋଗିତା ସ୍ଥାପନ

**ନୂଆଦିଲ୍ଲୀ,୬।୪:** ଦେଶରେ ଦୁଇ ଓ ତିନି ଚକିଆ ଇଲେକ୍ଟ୍ରିକ୍ ଯାନ (ଇଭି) ପାଇଁ ଚାର୍ଜିଂ ଷ୍ଟେଶନ ସ୍ଥାପନ କରି ଏକ ଦୃଢ଼ ମୂଳଦୁଆ ପ୍ରସ୍ତୁତ କରିବାରେ ରହିଥିବା ସମ୍ଭାବନାର ସନ୍ଧାନ କରିବା ଲାଗି ଜିଓ-ବିପି ଓ ଟିଭିଏସ୍ ମୋଟର ମଧ୍ୟରେ ସହଯୋଗିତା ସ୍ଥାପନ ହୋଇଛି। ଏହା ଜିଓ-ବିପି ନେଟ୍‌ୱର୍କ ଉପରେ ଆଧାରିତ ରହିବ ବୋଲି କୁହାଯାଇଛି। ଏହି ପ୍ରସ୍ତାବିତ ସହଯୋଗିତା ଅନୁସାରେ ଟିଭିଏସ୍‌ର ଇଲେକ୍ଟ୍ରିକ ଗାଡ଼ିର ଗ୍ରାହକମାନେ ଜିଓ-ବିପିର ବ୍ୟାପକ ଚାର୍ଜିଂ ନେଟ୍‌ୱର୍କ ପାଖରେ ପହଞ୍ଚିପାରିବେ। ଏହି ଚାର୍ଜିଂ ଷ୍ଟେଶନଗୁଡ଼ିକ ଅନ୍ୟ ଗାଡ଼ି ପାଇଁ ମଧ ଖୋଲା ରହିବ। ଗ୍ରାହକମାନଙ୍କୁ ଏକ ବ୍ୟାପକ ଓ ବିଶ୍ୱସନୀୟ ଚାର୍ଜିଂ ଭିତ୍ତିଭୂମି ଉପଲବ୍ଧ କରାଇବା ଲାଗି ଏଭଳି ଚାର୍ଜିଂ ନେଟ୍‌ୱର୍କ ସହିତ ଡିସି ଫାଷ୍ଟ-ଚାର୍ଜିଂ ନେଟ୍‌ୱର୍କ ମଧ ପ୍ରସ୍ତୁତ କରାଯିବ। ଏହି ଦୁଇ କମ୍ପାନି ସେହି ଅଭିଜ୍ଞତାକୁ ଭାରତୀୟ ବଜାରରେ ବ୍ୟବହାର କରିବେ ଯଦ୍ୱାରା ଗ୍ରାହକମାନଙ୍କୁ ଏକ ନୂଆ ଅନୁଭବ ପ୍ରଦାନ କରାଯାଇପାରିବ। ଜିଓ-ବିପି ପକ୍ଷରୁ ଏହାର ଇଲେକ୍ଟ୍ରିକ୍ ଗାଡ଼ି ଚାର୍ଜିଂ ଓ ସ୍ୱାପିଂ ଷ୍ଟେଶନଗୁଡ଼ିକୁ ଜିଓ-ବିପି ପଲ୍‌ସ ବ୍ରାଣ୍ଡ ଅନୁସାରେ ପରିଚାଳନା କରାଯିବ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଇସିଆଇସିଆଇ ସେଣ୍ଟର ଫର୍ ଏଲଡରଲି ଆଇ କେୟାରର ଶୁଭାରମ୍ଭ

**ଭୁବନେଶ୍ୱର,୬।୪**

ଆଇସିଆଇସିଆଇ ସେଂଟର ଫର୍ ଏଲଡରଲି ଆଇ କେୟାରକୁ ଆଇସିଆଇସିଆଇ ବ୍ୟାଙ୍କ ସହାୟତାରେ ଏଲ୍.ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ମିଠୁ ତୁଳସୀ ଚନରାଇ କ୍ୟାମ୍ପସ ଭୁବନେଶ୍ୱରଠାରେ ଉଦଘାଟନ କରାଯାଇଛି। ଏହି ଅବସରରେ ସୌରଭ ସିଂ, ହେଡ୍-ଟିଏସସି, ଜିବିଜି ଓ ଆଇସିଆଇସିଆଇ ଫାଉଣ୍ଡେସନ ଏବଂ ଜୈସିଂ ଧୁମାଲ୍, ହେଡ୍ ଟେକ୍ନୋଲୋଜି ଫାଇନାନ୍ସ ଗ୍ରୁପ୍, ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଉଦଘାଟନ କରାଯାଇଛି। ଲୋକମାନଙ୍କର ଜୀବନ ହାରରେ ବୃଦ୍ଧି ଓ ଫର୍ଟିଲିଟିରେ ହ୍ରାସ ହେବା କାରଣରୁ, ୬୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ଆଗାମୀ ୩୦ ବର୍ଷ ମଧ୍ୟରେ ପ୍ରାୟ ଦୁଇ ଗୁଣା ହେବାର ଆକଳନ କରାଯାଉଛି ଅର୍ଥାତ୍ ଏହି ସଂଖ୍ୟା ୨୦୨୦ରେ ୧୦% ଥିବା ବେଳେ ୨୦୫୦ରେ ଏହା ୧୯% ହେବାକୁ ଯାଉଛି। ଏହା ସହିତ, ବୟସ୍କ ଲୋକମାନଙ୍କ ସଂଖ୍ୟା ଯେଉଁମାନେ 'ଅତିରିକ୍ତ ବୃଦ୍ଧ' ବା ୮୦ ବର୍ଷ କିମ୍ବା ତଦୁର୍ଦ୍ଧ ସେମାନଙ୍କର ସଂଖ୍ୟାରେ ମଧ ଦୃତ ବୃଦ୍ଧି ହେଉଛି।

ଏ ସମ୍ପର୍କରେ ସୌରଭ ସିଂ, ହେଡ୍ ଟିଏସସି ଓ ଜିବିଜି ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି, ଏପରି ଏକ ମହତ ପଦକ୍ଷେପରେ ସାମିଲ୍ ହେବାକୁ ସୁଯୋଗ ପ୍ରଦାନ କରିଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ଏଲ୍.ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନକୁ ଧନ୍ୟବାଦ ଜଣାଉଛି। ଏହି ସିଏସଆର ପଦକ୍ଷେପର ଅଂଶ ସ୍ୱରୂପ ବ୍ୟାଙ୍କ ଅନେକ ଗୁଡ଼ିଏ ଚକ୍ଷୁ ଯତ୍ନ ଅନୁଷ୍ଠାନକୁ ସେମାନଙ୍କର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଗୋଷ୍ଠୀ ଚକ୍ଷୁ ଯତ୍ନ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛି ଓ ଆର୍ଥିକ ଅନଗ୍ରସର ବର୍ଗର ଲୋକମାନଙ୍କ ପାଇଁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ମଧ ସହଯୋଗ ପ୍ରଦାନ କରୁଛି। ସେହିଭଳି ଡା. ଉମେଶ ଚନ୍ଦ୍ର ବେହେରା, ହେଡ୍ ଆଇସିଆଇସିଆଇ ଏଲଡରଲି ଆଇ କେୟାର ସେଂଟର, ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ କହିଛନ୍ତି, ଆଇସିଆଇସିଆଇ ଏଲଡରଲି ଆଇ କେୟାର ସେଂଟର ହେଉଛି ଓଡ଼ିଶାରେ ଏକ ସ୍ୱତନ୍ତ୍ର ବ୍ୟାପକ ସୁବିଧା କେନ୍ଦ୍ର, ଯାହାକି ବୟସ୍କ ବ୍ୟକ୍ତିମାନଙ୍କୁ ଉନ୍ନତ ଚକ୍ଷୁ ଯତ୍ନ ସୁବିଧା ପ୍ରଦାନ କରୁଛି। ଆମର ବିଶେଷଜ୍ଞଙ୍କ ଟିମ୍ ଅନେକ ଗୁଡ଼ିଏ ଚକ୍ଷୁ ରୋଗର ଚିକିତ୍ସା ପ୍ରଦାନ କରୁଛନ୍ତି। ଆମେ ଏହି ସ୍ୱତନ୍ତ୍ର ଓ ବହୁ ପ୍ରତୀକ୍ଷିତ ସେବା ପ୍ରଦାନ କରିଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ।




## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



୰ଜଳଧର ମହାପାତ୍ର
ଡିମିରି, ଅଡ଼ଶପୁର, କଟକ
ଆବିର୍ଭାବ: ଅକ୍ଟୋବର (୧୯୩୫)
ତିରୋଧାନ: ଏପ୍ରିଲ (୨୦୨୧)
ଧର୍ମନିବାସ, ଏ.ଏଲ୍.-୬୪, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୩୫୩୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଜ୍ୟୋତ୍ସ୍ନାରାଣୀ ଦିକ୍ଷିତ
ହାଟଶିଶୁଆ, ନାରପଡ଼ା, ଚୌଦ୍ୱାର, କଟକ
ଆବିର୍ଭାବ- ୦୬।୦୧।୧୯୫୦
ତିରୋଧାନ- ୨୯।୦୩।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତି ପାବକଃ ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
- ଶୋକସନ୍ତପ୍ତ -
ସ୍ୱାମୀ-ରବୀନ୍ଦ୍ରନାଥ ଦିକ୍ଷିତ, ପୁଅ, ଝିଅ, ଜ୍ୱାଇଁ, ନାତି, ଝିଆରୀ, ପୁତୁରା
ଧ-୦୫୩

### ଏକାଦଶାହ ଉପଲକ୍ଷେ



୰ସନ୍ଧ୍ୟାରାଣୀ ସାହୁ
ପଳାଶୁଣୀ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ- ୨୭।୦୪।୧୯୬୩
ତିରୋଧାନ- ୨୮।୦୩।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲାଣି। ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ସ୍ନେହ ଓ ଶ୍ରଦ୍ଧା ଆମ୍ଭମାନଙ୍କୁ ସଦାସର୍ବଦା ମାର୍ଗ ଦର୍ଶନ କରି ଏକାଦଶାହ ଉପଲକ୍ଷେ ତୁମକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ଓ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଇତି ଆପଣଙ୍କର ସ୍ମୃତିରେ ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ ଓ ପରିବାରବର୍ଗ।
ଧ-048

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ବିଚିତ୍ରାନନ୍ଦ ପଟ୍ଟନାୟକ
ଶାସ୍ତ୍ରୀନଗର, ନୟାଗଡ଼
ଆବିର୍ଭାବ: ୩୧।୦୩।୧୯୪୨
ତିରୋଧାନ: ୧୮।୦୪।୨୦୨୧
ଆପଣଙ୍କ ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ- ସୁଷମା, ପୁତ୍ର- ବାବୁ, ବୁବୁ, ବୋହୂ- ଶିଖା, ଝିଅ- କାମିନୀ, ଚିକିନା, ଜ୍ୱାଇଁ- ବାପି, ବାପୁନି, ନାତି, ନାତୁଣୀ- ଗୁଡୁ, ଗୁଡୁଲି ଏବଂ ଆତ୍ମୀୟସ୍ୱଜନ।
ଧ-୦୫୫

## ଛାଇକୁ ଡରନ୍ତି ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି ? କଥା କ'ଣ କି ନିଜ ଛାଇକୁ ଦେଖିଲେ ତାଙ୍କୁ ଭାରି ଭୟ ଲାଗେ। ଏକଦା ଏକ ଇନ୍‌ଡୋର ଶୁଟିଂ ସମୟରେ ସେ ହଠାତ୍ ନିଜ ଛାଇକୁ ଦେଖି ଚମକି ପଡ଼ିଲେ। ପରିସ୍ଥିତି ଏମିତି ହେଲା ଯେ ଏଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ନେଇ ରକୁଲ୍ କହନ୍ତି, 'ସତ କଥା ହେଲା ମୋ ଛାଇକୁ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଏକଦା ରାତିରେ ଶୁଟିଂ ଚାଲିଥାଏ। ଶଟ୍ ଦେବା ପରେ ମୁଁ ବାହାରକୁ ଆସିବା ପରେ ହଠାତ୍ ନିଜ ଛାଇକୁ ଦେଖି ଚମକି ପଡ଼ିଥିଲି। ମୁଁ ଏମିତି ପାଟିକଲି ଯେ ୟୁନିଟ୍‌ର ସଦସ୍ୟମାନେ ଦୌଡ଼ି ଆସି ମୋ ପାଖରେ ହାଜର। କିଛି ସମୟ ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି। ନୂଆ ସିନେମା 'ଡକ୍ଟର ଜୀ' (ଆୟୁଷ୍ମାନ ଖୁରାନା), 'ମେ ଡେ' (ଅଜୟ ଦେବଗନ) ଏବଂ ଇନ୍ଦର କୁମାରଙ୍କ ଏକ କମେଡି ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି।


ରକୁଲ୍

## ନୂଆ ରୂପରେ ବିଶ୍ୱରୂପ



ଅଭିନେତା ବିଶ୍ୱରୂପଙ୍କ ଖୁସି କହିଲେ ନ ସରେ। ଖୁବ୍‌ଶୀଘ୍ର ଦର୍ଶକ ତାଙ୍କୁ ନୂଆ ରୂପରେ ଦେଖିବାକୁ ପାଇବେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଜୟୀ ରାଜଗୁରୁଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସେ। ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ସେ। ତାଙ୍କର ରଣହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ତାଙ୍କର ବୀରତ୍ୱ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଜେଏଚ୍‌ବି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ଚିତ୍ରର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଲସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ବିଶ୍ୱରୂପଙ୍କ ବ୍ୟତୀତ ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ତାମିଲନାଡୁର ମୃତ୍ୟୁଲିଙ୍ଗନମ୍, ଆନ୍ଧ୍ରପ୍ରଦେଶର ଭବାନୀ, ମହାରାଷ୍ଟ୍ରର ଗୌରବ କୁମାରଙ୍କ ବ୍ୟତୀତ ଇନ୍ଦ୍ରଜିତ, ଦୀପକ, ସୁଶାନ୍ତ, ସମୀର, ଚିଓ, ବୁଲୁ, ଜିତୁ, ନିଲୁ, ଅଖିଳ, ଡ. ବିଦ୍ୟୁତପ୍ରଭା ରଥ, ସଦାମ ବିଶୋୟୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ନିଜ ଭୂମିକା ସମ୍ପର୍କରେ ବିଶ୍ୱରୂପ କହନ୍ତି, 'ଏପରି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଭୂମିକାଟିକୁ ଶତ ପ୍ରତିଶତ ସଫଳ କରିବାକୁ ଚେଷ୍ଟା କରିଛି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।

## ପେସା ଅଧ୍ୟାପନା, ନିଶା ସଙ୍ଗୀତ

ସ୍କୁଲରେ ପଢ଼ିବା ଦିନଠାରୁ ସେ ସଙ୍ଗୀତ ମାୟାରେ ପଡିଯାଇଥିଲେ। ପରବର୍ତ୍ତୀ ସମୟରେ ସେ ସିନା ଅଧ୍ୟାପନା ସହ ନିଜକୁ ଜଡିତ ରଖିଛନ୍ତି, ହେଲେ ତା' ସହ ଗୀତ ଗାଇବା ତାଙ୍କର ସତେଯେମିତ ନିଶା ପାଲଟି ଯାଇଛି। ସେ ହେଉଛନ୍ତି ଦିବ୍ୟ କୁମାର। ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ବେନୁପୁର ଗ୍ରାମରେ ତାଙ୍କର ଜନ୍ମ। ନିଜ ସଙ୍ଗୀତ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ମା' ଶାରଳାଙ୍କ ଆଶୀର୍ବାଦରୁ ଆଜି ମୋତେ ଏପରି ସଫଳତା ମିଳିଛି। ସ୍କୁଲରେ ପଢ଼ିବା ସମୟରେ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲି। ସେହି ସମୟରେ ମୋର କେତେଜଣ ସାଙ୍ଗ ମୋତେ ଗୀତ ଗାଇବାକୁ ଆହୁରି ଉତ୍ସାହିତ କରିଥିଲେ। ଇତି ମଧ୍ୟରେ କେତୋଟି ଆଧୁନିକ ଆଲବମ୍ ପାଇଁ କଣ୍ଠଦାନ କରିସାରିଛି, ଯାହାକୁ ଶ୍ରୋତା ଗ୍ରହଣ କରିଛନ୍ତି ବୋଲି କହନ୍ତି ଏହି ୩୫ ବର୍ଷ ବୟସ୍କ ଗାୟକ। କଲେଜ ସମୟରେ ସଙ୍ଗୀତ ରିୟାଲିଟି ଶୋ 'ଆଦର୍ଶ ଓଡ଼ିଶା'ରେ ଭାଗ ନେଇଥିଲେ। ୨୦୧୦ରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ (ଇଟିସି) ବିଷୟରେ ବୈଷୟିକ ଡିଗ୍ରୀ ହାସଲ କରିଥିଲେ। ବର୍ତ୍ତମାନ ସେ କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳସ୍ଥିତ ସରକାରୀ ଧନ୍ଦାମୂଳକ ଶିକ୍ଷା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ। ଓଡ଼ିଶାର ବହୁତ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀଙ୍କ ସହିତ କାମ କରିଛନ୍ତି। ବୈଦ୍ୟନାଥ ଦାସଙ୍କ ନିର୍ଦ୍ଦେଶନାରେ ଶୀତଲ କବିଙ୍କ ସହିତ 'ବୋଧେ ପ୍ରେମର ଆରମ୍ଭ' ମିଳନ କୁମାରଙ୍କ ନିର୍ଦ୍ଦେଶନାରେ ଅନ୍ତରା ଚକ୍ରବର୍ତ୍ତୀଙ୍କ ସହ 'ପ୍ରେମ ବାଣ୍ଟିବା ଧୀରେ ଧୀରେ' ଆଦି ଗୀତ ବେଶ୍ ଲୋକପ୍ରିୟତା ହାସଲ କରିଛି।


ଦିବ୍ୟ କୁମାର-ଶୀତଲ କବି

## କଥା ରଖିଲେ ସୋନାକ୍ଷୀ

ଦବଙ୍ଗ ଗର୍ଲ ସୋନାକ୍ଷୀ ଯାହା କହିଥିଲେ ତାହା ପୂରଣ କରିଛନ୍ତି। କୋଭିଡ୍ ପାଇଁ ତାଙ୍କର ଏକ ଫିଲ୍ମର ଶୁଟିଂ ବନ୍ଦ ଥିଲା। ତେବେ ଏହି ଅନଟାଇଟଲ୍‌ଡ ଚିତ୍ରଟିର ଶୁଟିଂ ନିକଟରେ ଶେଷ ହୋଇଛି। କିନ୍ତୁ ସେହି ସମୟରେ ସେ ୟୁନିଟ୍ ସଦସ୍ୟ ଏବଂ ଏଥିରେ ଅଭିନୟ କରିଥିବା ସମସ୍ତ କଳାକାରଙ୍କୁ ଏକ ଡିନର ପାର୍ଟିରେ ଆପ୍ୟାୟିତ କରିବେ ବୋଲି କଥା ଦେଇଥିଲେ, ଯାହାକୁ ସେ ପୂରଣ କରିଛନ୍ତି। ଶୁଟିଂ ଶେଷ ଦିନ ସେ ସମସ୍ତଙ୍କ ପାଇଁ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ପ୍ୟାକ୍ ଅପ୍‌ର ଠିକ୍ ପୂର୍ବରୁ ସେ ସମସ୍ତଙ୍କୁ ନିର୍ଦ୍ଦିଷ୍ଟ ହୋଟେଲକୁ ଯିବାକୁ ଆମନ୍ତ୍ରଣ କରିଥିଲେ। ଏ ନେଇ ସୋନାକ୍ଷୀ କହନ୍ତି, 'ଆପଣମାନେ ହୁଏତ ଗୋଟିଏ କଥାକୁ ମନେ ରଖିନାହାନ୍ତି। କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ର ଭୋଜନରେ ଆପ୍ୟାୟିତ କରିବି ବୋଲି କହିଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।' ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ।



## ମଧୁରେଣ ସମାପୟେତ୍

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଆଲିୟାଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ଆଲିୟା ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଆଲିୟା ଭଟ୍ଟ କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।' ତେବେ ଏହି ଭୂମିକା ଆଲିୟାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


ଆଲିୟା

## ମୋତେ ମିଳିଗଲା...

ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବାଳି-ଦ ସେଭିୟର'ରେ ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନ ଧରଣର ଭୂମିକାରେ ବଡ଼ ପରଦାରେ ଦେଖାଦେବେ। ତେବେ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ ତାହା ତାଙ୍କୁ ଏହି ଫିଲ୍ମରେ ମିଳିଯାଇଛି। ଏ ସମ୍ପର୍କରେ ସୂର୍ଯ୍ୟକାନ୍ତ କହନ୍ତି, 'ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ଅଭିନୟ କରୁଛି । ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଜଣେ ଯୁବକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ରିଲିଜ୍ ହେବ।' ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ହରିହର ମହାପାତ୍ର, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।


ସୂର୍ଯ୍ୟକାନ୍ତ

## ନିଆରା ବରୁଣ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ଏକ ଭଲ ଅଭ୍ୟାସ ଅଛି। କୌଣସି ଫିଲ୍ମର ଶୁଟିଂ ଆରମ୍ଭ ପୂର୍ବରୁ ସେ ନିକଟସ୍ଥ ମନ୍ଦିରକୁ ଯାଆନ୍ତି। ସେଠାରେ ପୂଜାର୍ଚ୍ଚନା କରନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, 'ମନ୍ଦିର ଯିବା ମୋର ପିଲାଟି ଦିନରୁ ଅଭ୍ୟାସ। ମୁଁ ଅଭିନୟ କରିବାକୁ ଯାଉଥିବା କୌଣସି ନୂଆ ସିନେମାର ଶୁଟିଂ ପୂର୍ବରୁ ଯେମିତି ହେଲେ ମନ୍ଦିର ଯାଏ। କାରଣ ଠାକୁରଙ୍କ ଆର୍ଶୀବାଦ ବିନା କିଛି ସମ୍ଭବ ନୁହେଁ ବୋଲି ଦୃଢ଼ ବିଶ୍ୱାସ ରହିଛି।' ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି ସେ। ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ। ଯେତେବେଳେ ସେ ଆମେରିକାର ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରେ ପଢୁଥିଲେ ସେତେବେଳେ ପକେଟ୍‌ମନି ପାଇଁ ବରୁଣ ନାଇଟ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ।


ବରୁଣ




# ‘କଳିଙ୍ଗରେ ଭାରତକୁ ହରାଇବା ଲକ୍ଷ୍ୟ’

ଭୁବନେଶ୍ୱର, ୬।୪ (କ୍ରୀଡ଼ା ପ୍ରତିନିଧି)



ଭୁବନେଶ୍ୱରରେ ବୁଧବାର ପହଞ୍ଚିବାପରେ ନେଦରଲାଣ୍ଡ୍ସ ମହିଳା ହକି ଦଳର ଖେଳାଳି।

**ପ୍ରୋ ଲିଗ୍ ହକି**

**■ ଭୁବନେଶ୍ୱରରେ ପହଞ୍ଚିଲା ନେଦରଲାଣ୍ଡ୍ସ ଦଳ**

କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ନେଦରଲାଣ୍ଡ୍ସ ମହିଳା ହକି ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ୨ଟି ମ୍ୟାଚ ଆସନ୍ତା ୮ ଓ ୯ ତାରିଖରେ ଅନୁଷ୍ଠିତ ହେବ। ନେଦରଲାଣ୍ଡ୍ସ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ସ୍ଥାନରେ ଅଛି। ଅନ୍ୟପକ୍ଷରେ ଭାରତ ୮ମ ସ୍ଥାନରେ ରହିଛି। ତେଣୁ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ଘରୋଇ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବ।

ୟିବି ଜାନସେନ ନେଦରଲାଣ୍ଡ୍ସ ଦଳର ନେତୃତ୍ୱ ନେଉଛନ୍ତି। ‘‘ଆମକୁ ଏଠାରେ ଅତି ସୁନ୍ଦରଭାବରେ ସ୍ୱାଗତ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଭାରତ ବିପକ୍ଷରେ ଖେଳିବାକୁ ଆମେ ବ୍ୟଗ୍ର’’ ବୋଲି ଜାନସେନ କହିଛନ୍ତି। ନେଦରଲାଣ୍ଡ୍ସ ଦଳର କୋଚ୍ ଜୁଷ୍ଟେ ବିର୍ଟଲିଂ କହିଛନ୍ତି ଯେ ‘‘ଏଠାରେ ହକି ସହ ଖେଳାଳି, ପ୍ରଶଂସକ ଏବଂ ଅନ୍ୟ ସମସ୍ତେ ଜଡ଼ିତ ହୋଇ ରହିଥାନ୍ତି। ଆମେ ଏଠାରେ ୨ଟି ଭଲ ମ୍ୟାଚ ଖେଳିବୁ ବୋଲି ଆଶା ରଖିଛୁ। ବିଶେଷ କରି ଭାରତ ବିପକ୍ଷରେ ଖେଳିବାକୁ ଆମେ ଆଗ୍ରହୀ’’।

ନେଦରଲାଣ୍ଡ୍ସ ମହିଳା ହକି ଦଳ ଷ୍ଟାଣ୍ଡିଂର ପ୍ରଥମ ସ୍ଥାନରେ ରହିଛି। ଦଳ ୬ ମ୍ୟାଚରୁ ୫ ବିଜୟ ଓ ଗୋଟିଏ ଶୁଟ୍ଆଉଟ ବିଜୟ ସହ ୧୭ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଭାରତ ୪ର୍ଥ ସ୍ଥାନରେ ରହିଛି। ଦଳ ୬ଟି ମ୍ୟାଚ ଖେଳିଥିବାବେଳେ ୩ଟିରେ ବିଜୟ ହାସଲ କରିଛି ଏବଂ ଶୁଟ୍ଆଉଟ ବିଜୟରୁ ଗୋଟିଏ ପଏଣ୍ଟ ପାଇଛି। ଗୋଟିଏ ଲେଖାଏ ପରାଜୟ ଓ ଶୁଟ୍ଆଉଟ ପରାଜୟ ସହ ଦଳ ୧୨ ପଏଣ୍ଟ ପାଇଛି। ଜର୍ମାନୀ ୮ ମ୍ୟାଚରୁ ୧୩ ଓ ଆର୍ଜେଣ୍ଟିନା ୪ ମ୍ୟାଚରୁ ୧୨ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଭାରତ-ନେଦରଲାଣ୍ଡ୍ସ ମ୍ୟାଚ ଶୁକ୍ରବାର ରାତି ୭ଟା ୩୦ ଏବଂ ଶନିବାର ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ।

‘‘ଚଳିତ ପ୍ରୋ ଲିଗ୍‌ରେ ଆମେ ଏପର୍ଯ୍ୟନ୍ତ ବିଭିନ୍ନ ଦେଶ ବିପକ୍ଷରେ ଯେତେଗୁଡ଼ିଏ ମ୍ୟାଚ ଖେଳି ଆସିଛୁ ତାହା ଭଲ ରହିଛି। ଆମେ ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଅଛୁ। ଭାରତ ବିପକ୍ଷ ମ୍ୟାଚ ପାଇଁ ଆମେ ପ୍ରସ୍ତୁତି କରିଛୁ। ଆମ ଦଳରେ କେତେକ ଯୁବ ଖେଳାଳି ସାମିଲ ହୋଇଛନ୍ତି। ଗତ ଦୁଇ ସପ୍ତାହଧରି ସେମାନେ ସିନିୟରଙ୍କ ସହ ମିଶି ଅଭ୍ୟାସ କରିଛନ୍ତି। ଏଠାରେ ଅଭ୍ୟାସ କରି ସେମାନେ ଅଭିଜ୍ଞତା ହାସଲ କରିବେ। ଭାରତ ପାଇଁ ଆମେ ଦୃଢ଼ ଯୋଜନା କରିଛି। ଘରୋଇ ପରିବେଶରେ ସେମାନଙ୍କୁ ହରାଇବା ଆମର ମୁଖ୍ୟ ଲକ୍ଷ୍ୟ ରହିବ’’ ବୋଲି ବିର୍ଟଲିଂ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ନିକଟ ଅତୀତରେ ଉନ୍ନତ ପ୍ରଦର୍ଶନ କରି ଆସିଛି। ଆମେ ସେମାନଙ୍କ ଜର୍ମାନୀ ବିପକ୍ଷ ଶେଷ ମ୍ୟାଚ ଦେଖିଥିଲୁ। ଭାରତୀୟ ଖେଳାଳିମାନେ ବହୁତ ଭଲ ଖେଳିଥିଲେ। ସ୍ପେନ ବିପକ୍ଷରେ ମଧ୍ୟ ଭାରତର ପ୍ରଦର୍ଶନ ବହୁତ ଭଲ ଥିଲା। ଏପରି ଏକ ଦଳ ବିପକ୍ଷରେ ଖେଳିବା ପାଇଁ ଆମକୁ ଭଲ ସୁଯୋଗ ମିଳିଛି ବୋଲି କୋଚ୍ କହିଛନ୍ତି।

**ସି.କେ. ନାଇଡୁ ଟ୍ରଫି**

# ଓଡ଼ିଶା ୩୪୫, ହାଇଦ୍ରାବାଦ ୨୨୬/୬

**ଭୁବନେଶ୍ୱର, ୬।୪ (କ୍ରୀଡ଼ା ପ୍ରତିନିଧି):** ତ୍ରିଭେନ୍ଦ୍ରମର ସେଣ୍ଟ ଜାଭିୟର୍ସ କେସିଏ ପଡ଼ିଆରେ ଚାଲିଥିବା ୨୫ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟର ଏଲିଟ ଗ୍ରୁପ୍-ସି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୩୪୫ ରନକରି ଅଲ୍ଆଉଟ ହୋଇଛି। ଜବାବରେ ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ହାଇଦ୍ରାବାଦ ୬ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଏଚ.କେ. ସିମ୍ହା ଶତକ (୧୦୪ ରନ) ହାସଲ କରିଥିବାବେଳେ ଜି. ଅନିକେତ ରେଡ୍ଡୀ ୫୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ୩ଟି ଓ ସୌରଭ କନୋଜିଆ ୨ଟି ଉଇକେଟ ନେଇଥିଲେ। ପୂର୍ବ ଦିନର ଅସମାପ୍ତ ସ୍କୋର ୩୦୭/୭ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୩୮ ରନ ଯୋଗକରି ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୬୯, ଦେବାଶିଷ ସାମନ୍ତରାୟ ୬୮, କାର୍ତ୍ତିକ ବିଶ୍ୱାଳ ୪୯ ଓ ଅନିଲ ପରିଡ଼ା ୪୬ ରନ ସ୍କୋର କରଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଜି. ଅନିକେତ ରେଡ୍ଡୀ ୬ଟି ଏବଂ ଅଭିରଥ ରେଡ୍ଡୀ ୩୨ ରନରେ ୨ଟି ଉଇକେଟ ନେଇଥିଲେ।

# କୋଲ୍‌କାତାକୁ ଜିତାଇଲେ କୁମିନ୍ସ

ପୁଣେ, ୬।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସବୁଠାରୁ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସିଜନ ଆରମ୍ଭରେ କ୍ରମାଗତ ୩ ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି। ପ୍ୟାଟ୍ କୁମିନ୍ସଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ବୁଧବାର ଅନୁଷ୍ଠିତ ମ୍ୟାଚରେ ୫ ଉଇକେଟରେ ମୁମ୍ବାଇକୁ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୪ ଉଇକେଟ ହରାଇ ୧୬୧ ରନ କରଥିଲା। ଜବାବରେ କୋଲକାତା ୧୬ ଓଭରରେ ୫ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିନେଇଥିଲା। କୋଲକାତା ୧୦୧ ରନରେ ୫ମ ଉଇକେଟ ହରାଇଥିଲେ ହେଁ ପ୍ୟାଟ୍ କୁମିନ୍ସ ମାତ୍ର ୧୫ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ୫୬ ଏବଂ ଭେଙ୍କଟେଶ ଆୟାର ୫୦ (୪୧ ବଲ, ୬ ଚୌକା, ୧ ଛକା) ରନରେ ଅପରାଜିତ ରହି ୪ ଓଭର ପୂର୍ବରୁ ଦଳକୁ ଜିତାଇଥିଲେ। ୧୬ତମ ଓଭରରେ ମୁମ୍ବାଇର ଡାନିଏଲ ସାମ୍ସ ୩୫ ରନ ବ୍ୟୟ କରିଥିଲେ। ୧୪ ବଲ୍‌ରୁ ୫୦ ରନ ପୂରଣ କରି କୁମିନ୍ସ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡର ସମକକ୍ଷ ହୋଇଥିଲେ। ପୂର୍ବରୁ ୨୦୧୮ରେ ମୋହାଲିଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଲୋକେଶ ରାହୁଲ ୧୪ ବଲ୍‌ରୁ ୫୦ ରନ ସଂଗ୍ରହ କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୬ ରନରେ ଅଧିନାୟକ ରୋହିତ ଶର୍ମା (୩)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସୂର୍ଯ୍ୟକୁମାର ଯାଦବ ଚଳିତ ସିଜନରେ ନିଜର ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ ସହ ଇନିଂସ ସମ୍ଭାଳିଥିଲେ। ସେ ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୨ ରନ କରିଥିଲେ। ତିଳକ ବର୍ମା ୨୭ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୩୮ ଏବଂ ଡେବ୍ୟୁ କରିଥିବା ଡେୱାଲ୍ଡ ବ୍ରେଭିସ ୨୯ରନ କରିଥିଲେ। କୋଲକାତା ପକ୍ଷରୁ ପ୍ୟାଟ୍ କୁମିନ୍ସ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**

ସ୍ଥାନ: ପୁଣେ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ମୁମ୍ବାଇ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୧/୪ (ସୂର୍ଯ୍ୟକୁମାର ଯାଦବ-୫୨, ତିଳକ ବର୍ମା-୩୮*, ଡିୱାଲ୍ଡ ବ୍ରେଭିସ-୨୯, କିରନ ପୋଲାର୍ଡ-୨୨, ପ୍ୟାଟ୍‌କୁମିନ୍ସ-୨/୪୯, ଉମେଶ ଯାଦବ-୧/୨୫, ବରୁଣ ଚକ୍ରବର୍ତ୍ତୀ-୧/୩୨)। କୋଲକାତା ନାଇଟ ରାଇଡର୍ସ ୧୬ ଓଭରରେ ୧୬୨/୫ (ପ୍ୟାଟ୍ କୁମିନ୍ସ-୫୬*, ଭେଙ୍କଟେଶ ଆୟାର-୫୦*, ମୁରୁଗାନ ଅଶ୍ୱିନ-୨/୨୫, ଟାଇମଲ ମିଲ୍ସ-୨/୩୮, ଡାନିଏଲ ସାମ୍ସ-୧/୫୦)।

# ଜାତୀୟ କ୍ଲାସିକ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ



ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୬।୪ (କ୍ରୀଡ଼ା ପ୍ରତିନିଧି)

କେରଳର ଆଲାପୁଝାଠାରେ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବର୍ଗର ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ଉଭୟ ମହିଳା ଓ ପୁରୁଷ ବର୍ଗରେ ଆୟୋଜନ କରାଯିବ। ଏଥିପାଇଁ ଘୋଷିତ ଓଡ଼ିଶା ଦଳରେ ୧୧ ମହିଳା, ୨୭ ପୁରୁଷ, ୨ ଅଫିସିଆଲଙ୍କ ସହ ମୋଟ ୪୦ ଜଣିଆ ଦଳ କେରଳ ଯାତ୍ରା କରିଛି। ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ (ପୁରୁଷ): ତେଜାବ କୁମାର ସୋନା, ଅଭିଷେକ ମହନ୍ତ, ପ୍ରଦୀପ କୁମାର ପାତ୍ର, ବାଦଲ ବେହେରା, ରାକେଶ ଶତପଥୀ, ଆଶିଷ ମଲିଆ, ପ୍ରିୟବ୍ରତ ବିଶୋଇ, ରାକେଶ ଭୁକ୍ତା, ଦୁଃଖୀରାମ ମାରାଣ୍ଡି, ଗଗନ କୁମାର ମହାନ୍ତ, ରିକୁ ମହାନ୍ତ, ରାଜେଶ ବେହେରା, ପବିତ୍ର କୁମାର ପୃଷ୍ଟି, ଚନ୍ଦନ ମହାନ୍ତ, ଆଦିତ୍ୟ ପରିଡ଼ା, ଅଭିଷେକ ମହାନ୍ତି, ଲଳିତ କୁମାର ସାହୁ, ସୁଜିତ ଗିରି, ପ୍ରଫୁଲ୍ଲ ଅମାଲତିଆ, ରାମଚନ୍ଦ୍ର ରଥ, କୃଷ୍ଣ ସାମଲ, ବାବୁଲା ସାମଲ, ନାରାୟଣ ସେଠୀ, ଆଲୋକ ନାୟକ, ବିଜୟ କୁମାର ଜେନା। ମହିଳା: ଧନମଣି ଟୁଡୁ, ଅନୁପମା ସ୍ୱାଇଁ, ସ୍ୱାଗତିକା ଖଟେଇ, ମଧୁସ୍ମିତା ମହାନ୍ତି, ତନୟା ପଣ୍ଡା, ନଗମା ଆର୍ୟା ବେଗମ, ଅନୀତା ବେହେରା, ଶ୍ରାବଣୀ ଜେନା, ଦିବ୍ୟଲେଖା ମିଶ୍ର, ସର୍ମିଷ୍ଠା ସେନାପତି, ଗୀତାଞ୍ଜଳି ନାୟକ। କୋଚ୍ ଓ ମ୍ୟାନେଜର: ଗଙ୍ଗାଧର ବିଶୋୟୀ ଓ ପ୍ରଦୀପ କୁମାର ପାତ୍ର।

# ବାତ୍ରାଙ୍କ ନାମରେ ପାଣ୍ଠି ଅପବ୍ୟବହାର ଅଭିଯୋଗ

**ନୂଆଦିଲ୍ଲୀ, ୬।୪ (ପି.ଟି.):** ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରାଙ୍କ ନାମରେ ହକି ଇଣ୍ଡିଆ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ଅପବ୍ୟବହାର ଅଭିଯୋଗ ହୋଇଛି। ଏହା ଉପରେ ସିବିଆଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ବାତ୍ରା ହକି ଇଣ୍ଡିଆ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ବ୍ୟକ୍ତିଗତ ଫାଇଦା ଉଦ୍ଦେଶ୍ୟରେ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବାତ୍ରାଙ୍କର ହକି ଇଣ୍ଡିଆ ପ୍ରତି ଆଗ୍ରହକୁ ନେଇ ଅଲିମ୍ପିଆନ ତଥା ୧୯୭୫ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଅସଲାମ ଶେର ଖାଁ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ମୁଖ୍ୟ ହୋଇଥିଲେ ହେଁ ବାତ୍ରା ହକି ଇଣ୍ଡିଆର ପରିଚାଳନାରେ ହସ୍ତକ୍ଷେପ କରିବା ‘ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ’କୁ ବୁଝାଉଛି ବୋଲି ସେ କହିଛନ୍ତି। ‘ଏଫ୍ଆଇଏଚ୍ ସଭାପତି ହୋଇଥିବାରୁ ସେ କୌଣସି ଜାତୀୟ ଫେଡେରେଶନର କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା କଥା ନୁହେଁ’ ବୋଲି ଅସଲାମ କହିଛନ୍ତି। ହକି ଇଣ୍ଡିଆରେ କେତେକ ଅନିୟମିତ ନିଯୁକ୍ତିକୁ ସେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ବାତ୍ରା ଆଜୀବନ ସଦସ୍ୟ ହେବାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

# ଥାଇଲାଣ୍ଡ ଓପନ ବକ୍ସିଂ: ଭାରତର ୪ ବକ୍ସର ଫାଇନାଲରେ

ନୂଆଦିଲ୍ଲୀ, ୬।୪ (ପି.ଟି.)

ଭାରତୀୟ ବକ୍ସର ଆଶିଷ କୁମାର, ଗୋବିନ୍ଦ ସାହାଣୀ, ବରିନ୍ଦର ସିଂ ଓ ମୋନିକା ଥାଇଲାଣ୍ଡ ଓପନ ଅନ୍ତର୍ଜାତୀୟ ବକ୍ସିଂ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଥାଇଲାଣ୍ଡର ଫୁକେଟଠାରେ ଅନୁଷ୍ଠିତ ପ୍ରତିଯୋଗିତାର ୮୧ କେଜି ପୁରୁଷ ବର୍ଗ ସେମିଫାଇନାଲରେ ଆଶିଷ ଇଣ୍ଡୋନେସିଆର ମାଇକେଲ ରୋବେର୍ଡ ମୁସ୍କିତାଙ୍କୁ ୫-୦ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଗତ ସଂସ୍କରଣରେ ଆଶିଷ ୭୫ କେଜି ବର୍ଗରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୪୮ କେଜିରେ ଗୋବିନ୍ଦ ଭିଏତନାମର ଏନ୍‌ଗୁଏନ ଲିନ୍ ଫୁଙ୍ଗ୍‌ଙ୍କୁ ୪-୧ ପଏଣ୍ଟରେ ହରାଇଛନ୍ତି। ଉଭୟ ବକ୍ସରଙ୍କ ମଧ୍ୟରେ କ୍ରମାଗତ ପଞ୍ଚ୍ ବିନିମୟ ପରେ ଫଳାଫଳ ଭାରତୀୟ ପ୍ରତିଯୋଗୀଙ୍କ ସପକ୍ଷରେ ଯାଇଥିଲା। ପୁରୁଷ ୬୦ କେଜି ସେମିଫାଇନାଲରେ ବରିନ୍ଦର ୱାକଓଭର ପାଇଛନ୍ତି। ସେ ପାଲେଷ୍ଟାଇନର ଆବଦେଲ ରହମାନ ଆବୁନାବଙ୍କ ବିପକ୍ଷରେ ଲଢ଼ିବାର ଥିଲା। ମହିଳାଙ୍କ ମଧ୍ୟରେ ପୂର୍ବ ରାଉଣ୍ଡରେ ୨ ଥର ବିଶ୍ୱ ଚାମ୍ପିୟନଶିପ୍ ମେଡାଲିଷ୍ଟ ଜୋସି ଗାବୁକୋଙ୍କୁ ହରାଇଥିବା ୨୬ ବର୍ଷୀୟା ମୋନିକା ୪୮ କେଜି ବର୍ଗର ସେମିଫାଇନାଲରେ ଭିଏତନାମର ଟ୍ରାନ୍ ଥି ଡିଏମ କିଉଙ୍କ ବିପକ୍ଷରେ ନିର୍ବିବାଦରେ ବିଜୟୀ ହୋଇଥିଲେ।

ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ଭାରତର ଅମିତ ପଙ୍ଘାଲ ବିଜୀ ହୋଇଥିବାବେଳେ ୫୭ କେଜିରେ ରୋହିତ ମୋର ଥାଇଲାଣ୍ଡର ଱ୁଜାକ୍ରାନ ଜୁନଟ୍ରୋଙ୍ଗ୍‌ଙ୍କଠାରୁ ୦-୫ରେ ହାରି ଯାଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ପଙ୍ଘାଲ ପୁରୁଷ ୫୨ କେଜି ବର୍ଗରେ ଥାଇଲାଣ୍ଡର ଥାନାକୋନ ଆଓନେମଙ୍କୁ ନିର୍ବିବାଦୀୟ ନିଷ୍ପତ୍ତିରେ ବିଜୟୀ ହୋଇଥିଲେ। ମହିଳା ୭୫ କେଜିରେ ଭାଗ୍ୟବତୀ କଚାରୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



ଲଢ଼େଇ ଅବସରରେ ଭାରତର ମୋନିକା (ଡାହାଣ)।

# ପ୍ରିୟଙ୍କାଙ୍କ ଗୋଲରେ ଭାରତ ବିଜୟୀ

**ନୂଆଦିଲ୍ଲୀ, ୬।୪:** ଜୋର୍ଡାନର ଜାରକ୍ୱାସ୍ଥିତ ପ୍ରିନ୍ସ ମହମ୍ମଦ ଷ୍ଟାଡିୟମରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମହିଳା ଫୁଟବଲ ମ୍ୟାଚରେ ଭାରତୀୟ ସିନିୟର ଦଳ ୧-ଗୋଲରେ ଇଜିପ୍ଟକୁ ହରାଇ ଦେଇଛି। ଭାରତ ପକ୍ଷରୁ ଯୁବ ଖେଳାଳି ପ୍ରିୟଙ୍କା ଦେବୀ ୩୦ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଇଜିପ୍ଟ ବିପକ୍ଷରେ ପ୍ରିୟଙ୍କାର ଏହାଥିଲା ପ୍ରଥମ ଗୋଲ। ମନୀଷାଙ୍କ କ୍ରସ୍ ପାସ୍‌କୁ ନିୟନ୍ତ୍ରଣରେ ରଖି ଡାଲିମା ଚିବର ଚତୁରତାର ସହ ପ୍ରିୟଙ୍କାଙ୍କ ନିକଟକୁ ବଲ୍ ବଢ଼ାଇ ଦେଇଥିଲେ। ଗୋଲପୋଷ୍ଟ ଫାଙ୍କା ଥିବାର ସୁଯୋଗକୁ ହାତଛଡ଼ା କରି ନ ଥିଲେ ପ୍ରିୟଙ୍କା। ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ଆସିଥିବା ଓଡ଼ିଆ ଖେଳାଳି ପ୍ୟାରୀ ଖାଖା ୫୩ତମ ମିନିଟରେ ଗୋଲ ଦେବାର ନିକଟତର ହୋଇଥିଲେ ହେଁ ସଫଳ ହୋଇ ନ ଥିଲେ।

# ପ୍ରି-କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

**ସୁନ୍‌ଚେଅନ, ୬।୪ (ପି.ଟି.):** ଭାରତର ପି.ଭି. ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇଥର ଅଲିମ୍ପିକ୍ ମେଡାଲିଷ୍ଟ ସିନ୍ଧୁ ଆମେରିକାର ଲେରେନ ଲାମଙ୍କୁ ୨୧-୧୫, ୨୧-୧୪ରେ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ମାଲେସିଆର ଡାରେନ ଲିଉଙ୍କୁ ୨୨-୨୦, ୨୧-୧୧ରେ ହରାଇ ଦେଇଛନ୍ତି। ନିକଟରେ ସୁଇସ୍ ଓପନ ଟାଇଟଲ ଜିତିଥିବା ସିନ୍ଧୁ ପରବର୍ତ୍ତୀ ରାଉଣ୍ଡରେ ଜାପାନର ଆୟା ଓହୋରିଙ୍କୁ ଭେଟିବେ ଓ ଶ୍ରୀକାନ୍ତ ଇସ୍ରାଏଲର ମିଶା ଜିବେର୍ମାନଙ୍କ ସହ ମୁକାବିଲା କରିବେ।

**ଆପଣଙ୍କ ଆଖିରେ ମଧ ପାଣି ଝରିବା, କ୍ଳାନ୍ତି, ଜ୍ୱାଳା ଓ କେଞ୍ଚି ହେବାରେ ସମସ୍ୟା ରହୁଛି କି?**

ରାହୁଲ ଯୋଶୀ, ବୟସ 45 ବର୍ଷ, କହନ୍ତି ଯେ, ମୋତେ ସବୁବେଳେ ଆଖିରୁ ପାଣି ଝରିବାର ସମସ୍ୟା ରହୁଥିଲା ଓ ଖରାଦିନେ ଆଖି ଲାଲ୍ ହେବା ସହିତ ଆଖିରେ କ୍ଳାନ୍ତି ଦେଖାଦେଉଥିଲା । ଅନେକଗୁଡ଼ିଏ Eye Drops ବ୍ୟବହାର କଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋର ମିତ୍ର ଅନମୋଲ ସାୱନ୍ତ ମୋତେ ଓକୋନ୍ ଫାର୍ମାର ଆୟୁର୍ବେଦିକ ଆଇଟିସ୍ Eye Drops ବ୍ୟବହାର କରିବାର ପରାମର୍ଶ ଦେଲେ, ଯାହାର ମୂଲ୍ୟ ମାତ୍ର 67 ଟଙ୍କା ଥିଲା । ଦୁଇ ମାସ ତାହାକୁ ବ୍ୟବହାର କରିବା ପରେ, ମୋତେ ବହୁତ ଲାଭ ମିଳିଲା ଏବଂ ଆଖିରୁ ପାଣି ଝରିବା ମଧ କମିଗଲା ତଥା ଆଖି ନାଲି ପଡ଼ିବା, ତାହାର କ୍ଳାନ୍ତି ମଧ ହ୍ରାସିତ ହେଲା । ଆଇଟିସ୍ Eye Drops ହଳଦୀ, ନିମ, ତ୍ରିଫଳା, ଦାରୁହଳଦୀ, ପୁର୍ନନବା, ତୁଳସୀ, ପୋଦିନା, କର୍ପୂର, କୁଆଁଣି, ପଳାଶ ସହିତ ଗୋଲାପଜଳ ଓ ମହୁରେ ନିର୍ମିତ ଅଟେ, ଯାହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ହେଲ୍‌ପଲାଇନ ମୋ. 7328008854, 8127080666 ସହିତ ଯୋଗାଯୋଗ କରନ୍ତୁ ।




ମେଡିକାଲ ଷ୍ଟୋରରେ ନ ମିଳିଲେ ଆପଣ ଅନଲାଇନ Flipkart | amazon ରୁ ମଧ କିଣିପାରିବେ ।

ITIS-ହର୍ବାଲ ଆଇ ଡ୍ରପ୍ ଯାହାର ସଫଳ ଚିକିତ୍ସକୀୟ ପରୀକ୍ଷଣ କରାଯାଇଛି




ଉତ୍କଳ କରାଟେ ସ୍କୁଲ ପରିସରରେ ଆତ୍ମରକ୍ଷା ପ୍ରଶିକ୍ଷଣର ୩ୟ ବ୍ୟାଚ୍ ଶିବିରପରେ ପ୍ରମାଣପତ୍ର ସହ ପ୍ରଶିକ୍ଷାର୍ଥୀମାନେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୬।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍କଳ କରାଟେ ସ୍କୁଲ୍ ପରିସରରେ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଡିଗ୍ରୀ କଲେଜ ଛାତ୍ରୀ ମାନଙ୍କୁ ଦିଆ ଯାଉଥିବା ଆତ୍ମରକ୍ଷା ପ୍ରଶିକ୍ଷଣର ୩ୟ ବ୍ୟାଚ୍ ଶିବିର ଶେଷ ହୋଇଛି। ଏହି ଶିବିରରୁ ୧୨୨ ଛାତ୍ରୀ ପ୍ରଶିକ୍ଷଣ ପାଇ ପ୍ରମାଣପତ୍ର ହାସଲ କରିଛନ୍ତି। ଶିବିରର ଅନ୍ତିମ ଦିବସରେ ଉଚ୍ଚ ଶିକ୍ଷା ବିଭାଗର ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ମାନପତ୍ର ଓ ରିଆକ୍ଟ ବୁଲେଟ ପ୍ରଦାନ କରିଥିଲେ। ସେନ୍‌ସାଇ ରାଜୀବ କୁମାର ସିଂ, ସୁସ୍ମିନୀ ପାଲଟା ସିଂ, ଅନୁରାଧା ପାତ୍ର, ମହେଶ ଡୋରା, କୃଷ୍ଣଚନ୍ଦ୍ର ମହାରଣା, ଅନୁପମା ସ୍ୱାଇଁ, କ୍ରୀଷ୍ଣା ଶିକାରୀ, ମଧୁପ୍ରୀୟା ବାଇ, ମୋନାଲି ସାହୁ ଓ ନାଶ୍ୟା କୁମାରୀ ପ୍ରମୁଖ ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ମରାମତି ହେବ ନଳକୂପ, ଖୋଲିବ କଣ୍ଟ୍ରୋଲରୁମ୍

**ଖୋର୍ଦ୍ଧା ଅଫିସ,୬।୪:**

ଦିନକୁ ଦିନ ଖରାର ପ୍ରଖରତା ବଢ଼ିବା ସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଅଂଶୁଘାତ ସମ୍ଭାବନା ରହିଛି। ବୁଧବାର ଅଂଶୁଘାତ ମୁକାବିଲା ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ କହିଥିଲେ, ଅଂଶୁଘାତ ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ସମସ୍ତ ସିଏଚ୍‌ସି, ପିଏଚ୍‌ସି ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ, ଥଣ୍ଡା ପାନୀୟଜଳ ବ୍ୟବସ୍ଥା, ଜରୁରୀ ଜୀବନ ରକ୍ଷାକାରୀ ଔଷଧ, ପର୍ଯ୍ୟାପ୍ତମାତ୍ରାରେ ଓଆରଏସ୍ ପ୍ୟାକେଟ, ସାଲାଇନ ରଖାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ପାରାମେଡିକାଲ ଷ୍ଟାଫ, ନର୍ସ, ଅଙ୍ଗନୱାଡି କର୍ମୀ, ଆଶା ଦିଦିମାନଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ। ହସ୍ପିଟାଲମାନଙ୍କରେ ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଆପଦ୍‌କାଳୀନ ସେବା ପାଇଁ ମୋବାଇଲ ୟୁନିଟ ପ୍ରସ୍ତୁତ ହୋଇରହିବ। ୧୦୮ କର୍ମୀଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲାର ଗ୍ରାମାଞ୍ଚଳରେ ଅଚଳ ରହିଥିବା ନଳକୂପ ମରାମତି କରାଯିବ। ଜଳ କଷ୍ଟ ସମସ୍ୟା ରହିଥିବା ଗ୍ରାମାଞ୍ଚଳରେ ଟ୍ୟାଙ୍କର ବ୍ୟବସ୍ଥା ରହିବ। ଗୋରୁଗାଈଙ୍କ ପାଇଁ ଗାଁଗୁଡ଼ିକରେ ଗାଡ଼ିଆ ନିକଟରେ ପାଣିକୁଣ୍ଡ ବ୍ୟବସ୍ଥା ହେବ। ପ୍ରାଣୀଧନ ବିଭାଗ ପକ୍ଷରୁ ଏକ ମୋବାଇଲ ୟୁନିଟ୍ କାର୍ଯ୍ୟ କରିବ। ଅଂଶୁଘାତରେ ଆଘାତ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ବ୍ୟବସ୍ଥା କରିବେ। ଖରାରେ କୋଠାବାଡି ଆଦି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସଚେତନ ଲାଗି ଶ୍ରମ ବିଭାଗ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରହିବ। ଶ୍ରମିକମାନେ କାର୍ଯ୍ୟ କରୁଥିବା ଅଞ୍ଚଳରେ ଥଣ୍ଡା ପାଣି ଏବଂ ଛାଇ ଜାଗା ନିରୂପଣ ଲାଗି ସମ୍ପୃକ୍ତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବାକୁ ଶ୍ରମ ବିଭାଗକୁ ଜିଲାପାଳ ମହାପାତ୍ର କହିଥିଲେ। ବିଦ୍ୟାଳୟଗୁଡିକରେ ପିଲାଙ୍କ ସୁବିଧା ପାଇଁ ସ୍କୁଲରେ ଥଣ୍ଡା ପାନୀୟଜଳ ଯୋଗାଇ ଦିଆଯିବ। ପିଲାମାନେ ନିଜ ୱାଟର ବୋତଲ ସହ ଛତା ଧରି ସ୍କୁଲକୁ ଆସିବେ। ଘରୋଇ ବସ୍, ଟ୍ରକରେ ମଧ୍ୟ ପାନୀୟଜଳ ବ୍ୟବସ୍ଥା କରିବେ। ଜାତୀୟ ରାଜପଥ ଏବଂ ବସଷ୍ଟାଣ୍ଡରେ ଜଳ କିଓସ୍କୋ ନିର୍ମାଣ କରାଯିବ। ବେସରକାରୀ ସଂସ୍ଥାମାନେ ଯେକୌଣସି ସ୍ଥାନରେ ଜଳଛତ୍ର ଖୋଲିପାରିବେ। ପୌରସଂସ୍ଥା, ବ୍ଲକ ଓ ତହସିଲ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରିବେ। ଖରାଦିନେ ପାୱାରକଟ ପାଇଁ ଏକ ସ୍ୱତନ୍ତ୍ର ନୀତି ସ୍ଥିର କରିବେ। ବିଜୁଳି କାଟ ଦିନକ ପୂର୍ବରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜଣାଇବେ। ବିଦ୍ୟୁତ ସଂରକ୍ଷଣ ପାଇଁ ଲୋକଙ୍କୁ ସଚେତନ କରାଯିବ। ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷ ନିଜ ବିଭାଗରେ ଅଂଶୁଘାତ ମୁକାବିଲା ଲାଗି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅନୁଜ ଦାସ ପଟ୍ଟନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅଧିକାରୀମାନେ।

## ଅଂଶୁଘାତ ମୁକାବିଲା ବୈଠକ

## ସଂକ୍ଷେପରେ

### କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ଜାଗୁଳାଈ



**ଜଟଣୀ,୬।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଗ୍ରାମଦେବୀ ମା'ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଜାରି ରହିଛି। ବୁଧବାର ସକାଳେ ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ମହାସ୍ନାନ କରାଯାଇ ମା'ଙ୍କୁ କାତ୍ୟାୟନୀ ବେଶରେ ସଜ୍ଜିତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁ ମା'ଙ୍କର ଏହି ବେଶ ଦର୍ଶନ କରିଥିଲେ। ଷୋଡ଼ଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀପାଠ କରାଯିବା ସହିତ ହୋମଯଜ୍ଞ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଶୁକ୍ରବାର ମହାସପ୍ତମୀ ପଡୁଥିବାରୁ ଗୁରୁବାରକୁ ବିଶ୍ରାମ ଦିବସ ରଖାଯାଇଛି। କୌଣସି ବେଶ ନ ହେଲେ ମଧ ସମସ୍ତ ନୀତିକାନ୍ତି କରାଯିବ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି। ପରିଚାଳନା କମିଟି ସମ୍ପାଦକ ଏଲ୍.ଡି. ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ପଣ୍ଡା, ଉପସଭାପତି ପବିତ୍ର ମୋହନ ରଣସିଂହ, ତ୍ରିନାଥ ପାଟ୍ଟଶାଣୀ, କୋଷାଧ୍ୟକ୍ଷ ଅଶୋକ କୁମାର ଦାସ, ବାଉରିବନ୍ଧୁ ସାହାଣୀ, ସତୀଶ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଶଶିକାନ୍ତ, ଲିପା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସରିଲା ବୋଲଗଡ଼ ପନ୍ଦର ଦୋଳ ମେଳଣ

**ବୋଲଗଡ଼,୬।୪(ଡି.ଏନ୍.ଏ.):** ବୋଲଗଡ଼ ତୃତୀୟାପଡାସ୍ଥିତ ପନ୍ଦରଦୋଳ ପଡ଼ିଆରେ ଚାଲିଥିବା ବାରପଲ୍ଲୀ ଦୋଳ ମହୋତ୍ସବ ପନ୍ଦର ଦୋଳ ମେଳଣ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ପନ୍ଦରଦୋଳ ଯାତ୍ରା ଶନିବାର ରାତିରୁ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆତସବାଜି ପ୍ରଦର୍ଶନ ଦେଖିବା ପାଇଁ ବହୁ ଶ୍ରଦ୍ଧାଳଙ୍କ ସମାଗମ ହୋଇଥିଲା। ଖଙ୍ଗୁରିଆସ୍ଥିତ ଶ୍ରୀଅମୃତେଶ୍ୱର ଦେବଙ୍କ ଏହି ଦୋଳ ଯାତ୍ରାରେ ସ୍ଥାନୀୟ ବାରପଲ୍ଲୀ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୪୧ଟି ଦୋଳରେ ନିମନ୍ତ୍ରିତ ହୋଇଆସିଥିବା ଦେବଦେବୀଙ୍କୁ ଶନିବାର ରାତିରୁ ପନ୍ଦର ଦୋଳ ପଡିଆରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୬।୪:**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅସରଳାସ୍ଥିତ ହରିହର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କେଦାର ନାଥ ପାଟ୍ଟଯୋଶୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ସୁବଳ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଅକ୍ଷୟ ସୁନ୍ଦରାୟ ଓ ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର ନାଥ ପାଣ୍ଡେ, ଫକୀର ଚରଣ ସ୍ୱାଇଁ, ରବି ନାରାୟଣ ବରାଡ଼, ଲକ୍ଷ୍ମଣ ବରାଡ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାଟ୍ଟଯୋଶୀଙ୍କୁ ନେଇ ପୁରାତନ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବିଦ୍ୟାଳୟର ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ। ଶିକ୍ଷକ ସୁଶାନ୍ତ ବେହେରା, ସୂର୍ଯ୍ୟକାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରୋପକାରୀ ଥିଲେ ବିଜୟ

**ନିରାକାରପୁର,୬।୪(ଡି.ଏନ୍.ଏ.):** ପରୋପକାରୀ ଓ ମେଳାପି ଉଦୀୟମାନ ଯୁବକ ଥିଲେ ସ୍ୱର୍ଗତ ବିଜୟ କୁମାର ପରିଡ଼ା। ନିଜର ସରଳ ସ୍ୱଭାବରେ ସମସ୍ତଙ୍କ ମନ ଜିଣି ପାରୁଥିବା ବିଜୟ ଅଞ୍ଚଳବାସୀଙ୍କ ମନରେ ସଦାସର୍ବଦା ରହିବେ ବୋଲି ତାଙ୍କ ଏକାଦଶ ତିଥିରେ ନିରାକାରପୁର ରାଉଳହଜ ବାସଭବନ ନିକଟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ନେତା ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ, ପ୍ରଶାନ୍ତ ପାଟ୍ଟଶାଣୀ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ , ଅରକ୍ଷିତ ଦଳେଇ, ଶିକ୍ଷକ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଜୟ ପରିଡ଼ାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ହାତଗୁଞ୍ଜା ନେଇ ପଥର ଗାଡ଼ି ଛାଡିଦେଲେ

**ଖୋର୍ଦ୍ଧା ଅଫିସ,୬।୪:**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବଢିଚାଲିଛି। ଜିଲାପାଳ ବେଆଇନ ଲଘୁ ଖଣିଜ, ମାଙ୍କଡ଼ା ଚାଲାଣ ରୋକିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେତେଜଣ ଅସାଧୁ କର୍ମଚାରୀ ହାତଗୁଞ୍ଜା ନେଇ ଗାଡ଼ିକୁ ଛାଡି ଦେଉଥିବା ଅଭିଯୋଗ ହେଉଛି। ବୁଧବାର ଏହି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ଥାନା ଅଧୀନ ଚଟୁଆ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ମିନିଟ୍ରକର କାଗଜପତ୍ର ନ ଥିବା ଦେଖି ପୋଲିସ ଜବତ କରି ଥାନାକୁ ଆଣିଥିଲା। ଖବରପାଇ ଗାଡ଼ି ମାଲିକ ଥାନାରେ ପହଞ୍ଚିଥିଲେ। କିଛି ସମୟରେ ବିନା ଫାଇନରେ ପୋଲିସ ଉକ୍ତ ଗାଡ଼ିକୁ ଛାଡି ଦେଇଥିଲା। ତେବେ ହାତଗୁଞ୍ଜା ନେଇ ପୋଲିସ ଗାଡ଼ିକୁ ଛାଡ଼ିଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ୩ଦଫା ଦାବିରେ ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦୌଡ଼ରେ ବିଜେଡିର ୪ କାଉନସିଲର

**ଖୋର୍ଦ୍ଧା ଅଫିସ,୬।୪ :**

ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହେବ। ୨୨ ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌରପାଳିକାରେ ବିଜେଡି ୧୩ଟି ଆସନରେ ବିଜୟ ଲାଭ କରିଥିବା ବେଳେ ଭାଜପା ୪ଟି ଏବଂ ସ୍ୱାଧୀନ ପ୍ରାର୍ଥୀ ୫ଟିରେ ବିଜୟୀ ହୋଇଥିଲେ। ବୁଧବାର ସମସ୍ତ ସ୍ୱାଧୀନ କାଉନସିଲର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଫଳରେ ଦଳର ସଂଖ୍ୟା ୧୮ରେ ପହଞ୍ଚିଛି। ତେବେ ଉପାଧ୍ୟକ୍ଷ ପଦ ପାଇଁ ବିଜେଡିରୁ ୪ଜଣ କାଉନସିଲର ଅମିୟ କୁମାର ମହାନ୍ତି, ଅଜିତ ମହାପାତ୍ର, ସୌର୍ଯ୍ୟରଞ୍ଜନ ମହାନ୍ତି, ପ୍ରବୀଣା ଜଗଦେବ ରାୟ ଆଶାୟୀ ରହିଛନ୍ତି।

ପୌର ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉପାଧ୍ୟକ୍ଷ ପାଇଁ ନିର୍ବାଚିତ କାଉନସିଲରମାନେ ମତଦାନ କରିବେ। ଏହି ପଦବୀ ସାଧାରଣ ବର୍ଗ ପାଇଁ ସଂରକ୍ଷିତ ରହିଛି। ତେଣୁ ଏହି ଆସନରେ ନିଜ ସମର୍ଥକଙ୍କୁ ବସାଇବା ପାଇଁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ମଧ୍ୟରେ ଛକାପଞ୍ଝା ଲାଗିଥିବା ଜଣାପଡ଼ିଛି। ପୂର୍ବରୁ ନିର୍ବାଚିତ ଦଳୀୟ କାଉନସିଲରଙ୍କ ମଧ୍ୟରୁ ଏକାଧିକ ବିଧାୟକ ସାହୁଙ୍କ ସମର୍ଥକ ଏବଂ ସ୍ୱାଧୀନ କାଉନସିଲର ମଧ୍ୟ ତାଙ୍କ ହାତରେ ରହିଥିବା ଚର୍ଚ୍ଚା ହେଉଥିଲା। ଫଳରେ ବିଧାୟକ ସାହୁଙ୍କ ନିକଟରେ ଅଧିକ କାଉନସିଲରଙ୍କ ସମର୍ଥନ ରହିଥିବା ଆଲୋଚନା ହେଉଥିଲା। ଏପରି କି ସେ ନିର୍ବାଚିତ ପ୍ରବୀଣା ଜଗଦେବଙ୍କ ପାଇଁ ଲବି କରୁଥିବା କୁହାଯାଉଛି। ତେବେ ବିଧାୟକ ସାହୁ ଏହାକୁ ଖଣ୍ଡନ କରିଛନ୍ତି। ଉପାଧ୍ୟକ୍ଷ କିଏ ହେବ ଦଳ ନିଷ୍ପତ୍ତି ନେବ ବୋଲି କହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଖୋର୍ଦ୍ଧା ଏବଂ ଟାଙ୍ଗୀ ବ୍ଲକର ଚେୟାରମ୍ୟାନ ପଦବୀରେ ବିଧାୟକ ସାହୁ ନିଜ ସମର୍ଥକଙ୍କୁ ବସାଇବାରେ ସକ୍ଷମ ହୋଇଛନ୍ତି। ତେଣୁ ଉପାଧ୍ୟକ୍ଷ ମଧ୍ୟ ହାତେଇବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ସ୍ୱାଧୀନ କାଉନସିଲର ବିଜେଡିରେ ସାମିଲ ପରେ ସବୁ କିଛି ଓଲଟପାଲଟ ହୋଇଯାଇଛି। ଏବେ ଦଳ ଯାହା ଉପରେ ମୋହର ମାରିବ, ସେ ଉପାଧ୍ୟକ୍ଷ ହେବା ନିଶ୍ଚିତ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଉପାଧ୍ୟକ୍ଷ ପାଇଁ ୪ ଆଶାୟୀଙ୍କ ନାଁ ଆସିଛି। ଏ ସମ୍ପର୍କରେ ଦଳ ଯାହା ନିଷ୍ପତ୍ତି ଗ୍ରହଣ କରିବ। ଅନ୍ୟପଟେ ବିଧାୟକ ମିତ୍ର ଦଳୀୟ ଟିକେଟରୁ ନିର୍ବାଚିତ ହୋଇଥିବା ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କୁ ଉପାଧ୍ୟକ୍ଷ ଆସନରେ ବସାଇବା ପାଇଁ ଲବି କରିଥିବା ଚର୍ଚ୍ଚା ହେଉଛି। ବିଧାୟକ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମୁଁ କାହା ପାଇଁ ଦଳ ସହିତ କଥାବାର୍ତ୍ତା କରିନାହିଁ। ତେବେ ଗୁରୁବାର ଦଳ କାହା ଉପରେ ଭରସା କରିବ, ତାହାକୁ ନେଇ ସବୁଠି ଉତ୍କଣ୍ଠା ରହିଛି।

## ଆଜି ପୌର ଉପାଧ୍ୟକ୍ଷ ନିର୍ବାଚନ

## ଲବଣଗିରି ମହିମା ଆଶ୍ରମର ବାର୍ଷିକ ମହୋତ୍ସବ

**ଜଟଣୀ,୬।୪(ଡି.ଏନ୍.ଏ.):**

ଜଟଣୀ ବ୍ଲକ ଅନ୍ତର୍ଗତ ଜାମୁକୋଳି ନିକଟ ଲବଣଗିରି ମହିମା ଆଶ୍ରମର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ସାଧୁ ଅନାମ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିମା ସମାଜର ସଭାପତି ହରେକୃଷ୍ଣ ବାବା, ହରମୋହନ ଦାସ, ପବିତ୍ର ଦାସ ଏବଂ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ। ହିନ୍ଦୁ ଧର୍ମର ଅଦ୍ୱୈତ ଧର୍ମବାଦ ହେଉଛି ମହିମା ଧର୍ମ। ବିପଥଗାମୀ ବ୍ୟକ୍ତିଙ୍କୁ ଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ଏହି ଆଶ୍ରମରେ ଦୈନିକ ଜ୍ଞାନ ଚର୍ଚ୍ଚା, ସାଧୁବାଣୀ, ଶାସ୍ତ୍ର ଆଲୋଚନା ହୋଇଥାଏ। ଲବଣଗିରି ମହିମା ଆଶ୍ରମରେ ଏହି ବ୍ରହ୍ମ ଯଜ୍ଞ ପାଇଁ ବୁଧବାର ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଜ୍ୟୋତି ଅର୍ପଣ କରାଯାଇଥିଲା। ବ୍ରହ୍ମ ଧ୍ୱନିରେ ଘୃତାହୁତି, ବ୍ରାହ୍ମନାମ ଭଜନ ସହ ସନ୍ଧ୍ୟା ସମୟରେ ସମୂହ ପ୍ରାର୍ଥନା ଓ ଜ୍ୟୋତି ଅର୍ପଣ କରାଯାଇଥିଲା। ଗୁରୁବାର ପୂର୍ଣ୍ଣାହୁତି ଏବଂ ବାଲ୍ୟଲୀଳା କାର୍ଯ୍ୟକ୍ରମ ରହିଥିବା ଆଶ୍ରମ ପକ୍ଷରୁ ସୂଚନା ମିଳିଛି।

## ବିଜେଡିରେ ମିଶିଲେ ୫ ସ୍ୱାଧୀନ କାଉନସିଲର


ମିଶ୍ରଣ ପର୍ବରେ ରାଜ୍ୟସଭା ସଦସ୍ୟ ମୁନା ଖାଁ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୬।୪:**

ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର କାର୍ଯ୍ୟାଳୟରେ ବୁଧବାର ଖୋର୍ଦ୍ଧା ପୌର ପରିଷଦର ନବ ନିର୍ବାଚିତ ୫ଜଣ ସ୍ୱାଧୀନ କାଉନସିଲର ବିଜେଡିରେ ଯୋଗଦେଇଛନ୍ତି। ୮ନମ୍ବର ୱାର୍ଡର ସୁଶାନ୍ତ ଜେନା, ୯ନଂ. ୱାର୍ଡର ରଶ୍ମିତା ବେହେରା, ୧୦ନଂ. ୱାର୍ଡର ମୋନାଲିସା ସିଂ, ୧୪ନଂ. ୱାର୍ଡର ନର୍ମଦା ଦାସ ଓ ୨୦ନଂ. ୱାର୍ଡର ଅନିଲ କୁମାର ରାମ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। ରାଜ୍ୟସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ସଭାପତି ବିଭୂତି ବଳବନ୍ତରାୟ, ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଶାଣୀ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସ୍ୱାଧୀନ କାଉନସିଲରଙ୍କ ବିଜେଡିରେ ଯୋଗଦାନ ପରେ ବିଜେଡିର ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ମିତ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସ୍ୱାଧୀନ କାଉନସିଲରମାନେ କହିଛନ୍ତି।

## ପଣ୍ଡିତ ମଖନଲାଲଙ୍କ ଜୟନ୍ତୀ

**ଜଟଣୀ,୬।୪(ଡି.ଏନ୍.ଏ.):**

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି ତଥା ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମଖନଲାଲ ଚତୁର୍ବେଦୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଅଶୋକ କୁମାର ଅତିଥିଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରି କହିଥିଲେ, ରାଜଭାଷା ହେଉଛି ଏକ ଭାଷା, ଯାହା ସମଗ୍ର ଦେଶକୁ ଏକତ୍ର କରିଥାଏ। ଜଣେ ଭାରତୀୟ କବି, ଲେଖକ, ପ୍ରବନ୍ଧକ, ନାଟ୍ୟକାର, ସାମ୍ବାଦିକଙ୍କୁ ତାଙ୍କର ଦେଶପ୍ରେମ ଏବଂ ବୈପ୍ଳବିକ କବିତା ମାଧ୍ୟମରେ ଭାରତର ସ୍ୱାଧୀନତା ପାଇଁ ଜାତୀୟ ସଂଗ୍ରାମରେ ଅଂଶଗ୍ରହଣ ଲାଗି ସ୍ମରଣ କରାଯାଇଥାଏ। କାର୍ଯ୍ୟକ୍ରମରେ ରେଳ କର୍ମଚାରୀମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମଣ୍ଡଳ ରାଜଭାଷା ଅଧିକାରୀ ଶ୍ରୀମତୀ ଉଷାରାଣୀ ସଂଯୋଜନା କରିଥିଲେ।

## ଭାଜପାର ପ୍ରତିଷ୍ଠା ଦିବସ



**ଖୋର୍ଦ୍ଧା ଅଫିସ,୬।୪:**

ଭାରତୀୟ ଜନତା ପାର୍ଟିର ୪୩ତମ ପ୍ରତିଷ୍ଠା ଦିବସ ଭାଜପା, ଖୋର୍ଦ୍ଧା କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ସଂଯୋଜନା କରିଥିଲେ। ଏହି ଅବସରରେ ତିନି ବରିଷ୍ଠ କାର୍ଯ୍ୟକର୍ତ୍ତା ଗଗନ ବିହାରୀ ମଲ୍ଲ, ସୂର୍ଯ୍ୟ ନାରାୟଣ ଦାଶ, ଅଶୋକ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ ଭାଜପାର ଦୀର୍ଘ ୪୨ବର୍ଷର ସଂଗ୍ରାମୀ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। କୁନିଲତା ସ୍ୱାଇଁ ସଙ୍ଗଠନ ବଢ଼ାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ତ୍ରିଲୋଚନ ଦାସ, ରଜତ ଚୌଧୁରୀ, ଅଭିମନ୍ୟୁ ଘଟୁଆଳ, ଜିତୁ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏକାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ

**ବୋଲଗଡ଼,୬।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ପଞ୍ଚାୟତ ସମିତି ପାଇଁ ନବନିର୍ବାଚିତ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ଓ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ବୁଧବାର ଦାୟିତ୍ୱ ଗ୍ରହଣ କରିବା ସହ କାର୍ଯ୍ୟାଳୟ ଗୃହ ପ୍ରବେଶ କରିଛନ୍ତି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଗୃହ ଦୁଇଟିକୁ ରୀତିନୀତି ଅନୁଯାୟୀ ପୂଜାପାଠ ପରେ ଉଭୟେ ଆସନ ଗ୍ରହଣ କରିଥିଲେ। ସ୍ଥାନୀୟ ବିଡିଓ ଧୋବେଇ ନାୟକ ଉଭୟଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ୩ଟି ଜିଲା ପରିଷଦ ଜୋନର ନବନିର୍ବାଚିତ ପ୍ରତିନିଧି ସୁନନ୍ଦିତା ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ ଛୋଟରାୟ ପ୍ରମୁଖଙ୍କ ସମେତ ୧୯ଟି ପଞ୍ଚାୟତର ବହୁ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।

# ଦେଢ଼ମାସ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

**ବୋଲଗଡ଼,୬।୪(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଏକ ରାସ୍ତା କାମରେ ମିଥ୍ୟା ବିଲ୍ କରି ଅର୍ଥ ତୋସରପାତ କରାଯାଇଥିବା ନେଇ ନାରାୟଣୀପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଗତ ଫେବୃୟାରୀ ୧୨ରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗକୁ ପ୍ରାୟ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ନାରାୟଣୀପଡା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗୌଡ଼ପାଟଣା ପୂର୍ତ୍ତ ବିଭାଗ ସଂଯୋଗ ଆର୍‌ଡି ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଚାଲୁରହିଛି। ନିର୍ମାଣାଧୀନ ଆର୍‌ଡି ରାସ୍ତା ଉପରେ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଅନାବଶ୍ୟକ ମେଣ୍ଟାଲିଂ କରାଯାଇ ଅର୍ଥ ତୋସାରପାତ କରିବାର ଉଦ୍ୟମକୁ ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏଥିସହ ପଞ୍ଚାୟତ ପକ୍ଷରୁ ବିଛାଯାଇଥିବା ମେଣ୍ଟାଲ ଗ୍ରାମବାସୀ ଜବତ କରିଛନ୍ତି। ଏହା ସତ୍ତ୍ୱେ ମିଥ୍ୟା ବିଲ୍ କରି ୮ଲକ୍ଷ ଟଙ୍କା ଉଠାଇ ନେଇଥିବା ନେଇ ଗ୍ରାମବାସୀ ସ୍ଥାନୀୟ ବିଡିଓ, ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗକୁ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ, ବିଜୟ କୁମାର ଚୌଧୁରୀ, ବାନାମ୍ବର ରାଉତ, ପ୍ରଶାନ୍ତ ବିଶ୍ୱାଳ, ମାଧବ ରାଉତ, ପ୍ରଫୁଲ୍ଲ ପ୍ରମୁଖ କହିଛନ୍ତି। ନିର୍ମାଣାଧୀନ ଆର୍‌ଡି ରାସ୍ତା ପୂର୍ବରୁ ପଞ୍ଚାୟତ ଅଧୀନରେ ରହିଥିଲା, ତେଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ବ୍ୟୟ ହୋଇଛି ବୋଲି ପଞ୍ଚାୟତର କେତେଜଣ କର୍ମଚାରୀ କହିଛନ୍ତି। ବୋଲଗଡ଼ ପଞ୍ଚାୟତ ସମିତି ଉକ୍ତ ରାସ୍ତାକୁ ୨୦୧୮ରୁ ଆର୍‌ଡି ବିଭାଗକୁ ହସ୍ତାନ୍ତର କରିସାରିଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅନ୍ୟପଟେ ଅଭିଯୋଗ ସମ୍ପର୍କରେ ଅବଗତ ଅଛି ବୋଲି ଗୋପାଳପୁରର ନୂତନ ସରପଞ୍ଚ ପ୍ରଦୀପ କୁମାର ବାରିକ କହିଛନ୍ତି। ଏନେଇ ସ୍ଥାନୀୟ ବିଡିଓ ଧୋବେଇ ନାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମିଥ୍ୟା ବିଲ୍ କରି ଅର୍ଥ ତୋସରପାତ ଅଭିଯୋଗ ଘଟଣା



## ଅମୃତ ଉତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୬।୪(ଡି.ଏନ୍.ଏ.):**

ବୋଲଗଡ଼ ତୃତିୟାପଡ଼ା ସ୍ଥିତ ପନ୍ଦର ଦୋଳ ପଡିଆରେ ଚାଲିଥିବା ବରପଲ୍ଲୀ ଦୋଳ ମହୋତ୍ସବ ଅବସରରେ ଅମୃତ ଉତ୍ସବ-୨୦୨୨ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ଉତ୍ସବର ସାଧାରଣ ସଭାରେ ସଭାପତି ପ୍ରଭାତ କୁମାର ପରିଡା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସାଧାରଣ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ବିଜୟ କୁମାର ସେଠୀ ଓ ଜଳଧର ମହାନ୍ତି, ସମିତିସଭ୍ୟା ବିନୋଦିନୀ ଦତ୍ତ, କଂଗ୍ରେସ ନେତା ଲୋକନାଥ ମହାରଥା, ସାମାଜିକ କର୍ମୀ ଶିଶିର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ରତିରଞ୍ଜନ ଷଣ୍ଢ ଏବଂ ଓଡ଼ିଶୀ କଳାକାର ସୁଲଗ୍ନା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଯାତ୍ରୀଙ୍କଠାରୁ ଲୁଟ୍: ୩ ଗିରଫ**

ପୁରୀ ଅଫିସ : ଟ୍ରେନ୍ ଯାତ୍ରୀଙ୍କୁ ଖାଦ୍ୟ ଓ ପାନୀୟରେ ନିଶାଦ୍ରବ୍ୟ ଦେଇ ଲୁଟ୍ କରିବା ଅଭିଯୋଗରେ ଜିଆର୍‌ପି ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଗୋପିନାଥପୁରର ସରୋଜ କୁମାର ରଥ ଓ କଟକ ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଅତୁଲ୍ୟ ଗୋଛାୟତ। ଏ ନେଇ ଜିଆର୍‌ପି ପୋଲିସ ଏକ କେସ୍ (ନଂ. ୨୬/୨୨) ରୁଜୁ କରିଛି। ସେହିପରି ଅଭିଯୁକ୍ତମାନଙ୍କଠାରୁ ଟ୍ରେନ ଟିକେଟ, ୧୦ଟି ନିଦବଟିକା, କେକ୍, ବିସ୍କୁଟ, ୨ଟି ଥଣ୍ଡା ପାନୀୟ, ୧ଟି କଳା ବ୍ୟାଗ ଜବତ କରିଛି। ଏଏସଆଇ ଅରୁଣ ପଣ୍ଡା ଏବଂ ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତମାନଙ୍କୁ ଟ୍ରେନରୁ ଧରିଥିଲେ। ସେହିପରି ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ଜିଆର୍‌ପି ପୋଲିସ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାଲି ଉପର ଲେପର୍ସ କଲୋନୀର ରଞ୍ଜନ ଚମ୍ପତିଙ୍କୁ ଗିରଫ କରିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୪।୨୦୨୨

| | |
|---|---|
| ୩,୪୫,୮୦୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଶ୍ରୀରାମ ମହୋତ୍ସବ

ନିମାପଡ଼ା,୬।୪(ଡି.ଏନ୍.ଏ.): ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ଶ୍ରୀରାମ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ସମାରୋହରେ ଅତିଥି ଭାବେ ଭିଏଚ୍‌ପିର ଅନ୍ତଃରାଷ୍ଟ୍ରୀୟ ମହାମନ୍ତ୍ରୀ ବିନାୟକ ରାଓ ଦେଶପାଣ୍ଡେ, ଆନନ୍ଦ କୁମାର ଦେଶପାଣ୍ଡେ, ଶୁଭ୍ରଜିତ ବାରିକ, ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଜିଲା ସଂଯୋଜକ ରାଜେନ୍ଦ୍ର ମହାନ୍ତି, ସହସମ୍ପାଦକ ରଘୁନାଥ ମହାପାତ୍ର, ନିମାପଡ଼ା ବ୍ଲକ ସମ୍ପାଦକ ସଞ୍ଜୟ ବାରିକ, ବିଜୟ ବେହେରା, ବିଶ୍ୱରଞ୍ଜନ ସ୍ୱାଇଁ, ନୀହାର ମହାରଣା, ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ଏହି ଉତ୍ସବ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ୪୦ମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନ, ଘଣ୍ଟୁଆଳଙ୍କ ଘଣ୍ଟବାଦ୍ୟରେ ଏକ ଶୋଭାଯାତ୍ରା ସହର ପରିକ୍ରମା ହୋଇଥିଲା। ଶୋଭାଯାତ୍ରାରେ ଭିଏଚ୍‌ପି ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସଂକୀର୍ତ୍ତନ ଓ ଘଣ୍ଟବାଦ୍ୟରେ ସହର ବଜାର ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀରାମ ମହୋତ୍ସବ ଅବସରରେ ପ୍ରଭୁ ଶ୍ରୀରାମଙ୍କ ଆଳତି ଓ ହନୁମାନ ଚାଳିଶା, ରାମଧୁନ ଆଦି ଅନୁଷ୍ଠିତ ହୋଇଥିଲା।

### ସମାଜର ଦର୍ପଣ ଦିବ୍ୟାଙ୍ଗ

ଗୋପ,୬।୪(ଡି.ଏନ୍.ଏ.): ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ସରକାର ସବୁବେଳେ ଚେଷ୍ଟିତ। ଭିନ୍ନକ୍ଷମ ସମାଜର ଦର୍ପଣ ବୋଲି ବୁଧବାର ଗୋପ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ଭୀମଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାଶ କହିଥିଲେ। ବ୍ଲକ ସାମାଜିକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅଶୋକ ବେହେରାଙ୍କ ନେତୃତ୍ୱରେ ଚାଲିଥିବା ଏହି ସାମର୍ଥ୍ୟ ଶିବିରରେ ଗୋପ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମମାନଙ୍କୁ ସହାୟତା ଯୋଗାଇ ଦେଇଥିଲେ। ଏହି ଶିବିରକୁ ୩୦୪ଜଣ ଅସ୍ଥିଶଲ୍ୟ, ୬୬ଜଣ ଚକ୍ଷୁ, ଗଳା, ନାସା, ୮୪ଜଣ ପାଟି ଏବଂ ୧୦୨ଜଣ ମାନସିକ ବିକାରଗ୍ରସ୍ତ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ଡାକ୍ତର ଶିବିରରେ ଭିନ୍ନକ୍ଷମଙ୍କୁ ଚିକିତ୍ସା କରିଥିଲେ। ଶିବିରକୁ ଆସିଥିବା ଭିନ୍ନକ୍ଷମମାନଙ୍କ ଯୋଗ୍ୟତା ଅନୁସାରେ ଏକ ମାସ ମଧ୍ୟରେ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ପଙ୍କଜ ରାଜ ମଞ୍ଜ, ଭବାନୀ ଶଙ୍କର ପୋଥାଳ, ମାର୍କଣ୍ଡ ପ୍ରଧାନ, ରୁବିଲତା ଓଝା ପ୍ରମୁଖ ପରିଚାଳନା କରିଥିଲେ।

### ଅପରାଧ ନିୟନ୍ତ୍ରଣ ପାଇଁ ୩ ପାଟ୍ରୋଲିଂ ଭ୍ୟାନ୍

ସାକ୍ଷୀଗୋପାଳ,୬।୪(ସ୍ୱ.ପ୍ର): ଅପରାଧ ନିୟନ୍ତ୍ରଣ କରିବା ପାଇଁ ବୁଧବାର ସତ୍ୟବାଦୀ ଥାନା ପରିସରରେ ୩ଟି ନୂତନ ରାଜପଥ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ୩ ପାଟ୍ରୋଲିଂ ଭ୍ୟାନ୍‌କୁ ପିପିଲି ଏସଡିପିଓ ଦେବଦତ୍ତ ବରାଳ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ସତ୍ୟବାଦୀ ଆଇଆଇସି ଦିଲୀପ ଧଳ, ଏଏସଆଇ କୃଷ୍ଣଚନ୍ଦ୍ର ବେହେରା ଓ ଏସ୍‌ପିଓ ରାମକୃଷ୍ଣ କରଙ୍କ ସମେତ ସମସ୍ତ ପାଟ୍ରୋଲିଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପିସିଆର ପାଟ୍ରୋଲିଂ ଭ୍ୟାନ ପକ୍ଷରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯିବ। ଏଥିନିମନ୍ତେ ୯ ଜଣ ସ୍ପେସିଆଲ ପୋଲିସ ଅଫିସର ଓ ୧୮ ଜଣ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ଭ୍ୟାନ୍ ଉତ୍ତରାଠାରୁ ତରାକାଜ, ଦ୍ୱିତୀୟ ଭ୍ୟାନ୍ ତରାକାଜଠାରୁ ସତ୍ୟବାଦୀ ଓ ତୃତୀୟ ଭ୍ୟାନ୍ ସତ୍ୟବାଦୀଠାରୁ ବାଟ ମଙ୍ଗଳା ପର୍ଯ୍ୟନ୍ତ ପାଟ୍ରୋଲିଂ କରିବ। ନୂତନ ଭ୍ୟାନଗୁଡିକରେ ଜିପିଏସ୍, ସ୍ପିଡ଼ ବ୍ରେକର, ସାଇରନ, ଭିଏଚ୍‌ଏଫ୍ ଓ ରେଡିଓ ବ୍ୟବସ୍ଥା ସହିତ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି ବୋଲି ପିପିଲି ଏସଡିପିଓ ବରାଳ କହିଛନ୍ତି।

# ଖନନ ମାଟି ଚାଷଜମିରେ ମାଡ଼ିଗଲା

- ■ କ୍ଷତିପୂରଣ ଦାବି କଲା ନୀଳାଞ୍ଚଳ କୃଷକ ମହାସଂଘ
- ■ କ୍ଷେତ୍ର ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

ଡେଲାଙ୍ଗ/କଣାସ, ୬।୪(ଡି.ଏନ.ଏ/ସ୍ୱ.ପ୍ର.)

ଡେଲାଙ୍ଗ ଓ କଣାସ ବ୍ଲକରେ ପ୍ରବାହିତ ଲୁଣା ନଦୀ ଶଯ୍ୟା ଖନନ ପାଇଁ ଅନେକଦିନ ଧରି ସ୍ଥାନୀୟ ଚାଷୀଙ୍କ ସମେତ ନୀଳାଞ୍ଚଳ କୃଷକ ମହାସଂଘ ଦାବିକରି ଆସୁଥିଲା। ଏ ନେଇ ଡ୍ରେନେଜ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇ ନରଣପୁରଠାରୁ ଜୁଇଲୁଣ୍ଡା ପର୍ଯ୍ୟନ୍ତ ୫କିମିରୁ ଊର୍ଦ୍ଧ୍ୱ ନଦୀ ଶଯ୍ୟା ଖନନ ହୋଇଛି। କିନ୍ତୁ ନଦୀ ଖନନରେ ଡିଜାଇନ ହୋଇ ନ ଥିବାବେଳେ ଚାଷଜମିକୁ ଖନନ ମାଟି ଭାସିଯାଇ ଚାଷ ଜମି ଓ କେନାଲ ଏକାକାର ହୋଇଯାଇଛି। ଏହି ସମସ୍ୟାର ସମାଧାନ କରିବା ସହ କ୍ଷତିପୂରଣ ଦାବିରେ କୃଷକ ସଙ୍ଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ନଦୀ ପଠାରେ ସ୍ଥାନେସ୍ଥାନେ ଜମି



ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

ରହିଥିବା ଖନନ ମାଟିକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ଅଭିଯୋଗ ଦର୍ଶାଯାଇଛି। ଅଭିଯୋଗ ପରେ ଖନନ କାର୍ଯ୍ୟକୁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଛି। ଏ ନେଇ ବୁଧବାର ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ଡ୍ରେନେଜ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପି.କେ. ଜେନା, ଓସିସିରୁ କିଶୋରୀ ମୋହନ ଦାଶ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚାଷ ଜମି, ନଦୀ ପଠା, କେନାଲ ପ୍ରଭୃତିକୁ ପ୍ରଶାସନିକ ଅଧିକାରୀମାନେ ବୁଲି ଦେଖିଛନ୍ତି। ଠିକ୍ ତଦନ୍ତ ରିପୋର୍ଟ ତହସିଲ ପକ୍ଷରୁ ଉପଜିଲାପାଳଙ୍କୁ ହସ୍ତଗତ କରା ନ ଗଲେ କୃଷକ ସଂଗଠନ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଗୋପୀନାଥ ମିଶ୍ର ଚେତାବନୀ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଥାନାଧିକାରୀ ସୁଜିତ ଦାଶ, ସତ୍ୟବାଦୀ ଥାନାଧିକାରୀ ଦିଲୀପ କୁମାର ଧଳ, ଏଏସଆଇ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୃଷକ ସଙ୍ଗଠନର ସମନ୍ୱୟ କମିଟି ଅଧ୍ୟକ୍ଷ ଗୁଣନିଧି ପାତ୍ର, ଚାଷୀ ଶରତ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ପ୍ରମୋଦ ସାହୁ, ଗୁଣନିଧି ସ୍ୱାଇଁ, ପ୍ରକାସ ନାୟକ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, କେଦାର ପରିଡା, ସର୍ବେଶ୍ୱର ନାୟକ, ଉଲ୍ଲାସ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।




ପୁରୀ ସଂସ୍କୃତି ଭବନରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଅତିଥି ଏବଂ ସମ୍ବର୍ଦ୍ଧିତ ପ୍ରତିଭା ।

## ୬ ଜଣଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନ

ପୁରୀ ଅଫିସ, ୬।୪:

ସ୍ଥାନୀୟ ସଂସ୍କୃତି ଭବନ ସଭାକକ୍ଷରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଷୋଡ଼ଶତମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଗଙ୍ଗାଧର ମହାପାତ୍ର ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ନୀଳକଣ୍ଠ ପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ, ଗଙ୍ଗାଧର ମହାପାତ୍ରଙ୍କ ସମୟରେ ଶିକ୍ଷା ଓ ପର୍ଯ୍ୟଟନର ବିକାଶ ହୋଇପାରିଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ବିଚାରପତି ବିଶ୍ୱନାଥ ରଥ ଯୋଗଦେଇ କହିଥିଲେ, ସ୍ୱର୍ଗତ ମହାପାତ୍ର ତାଙ୍କ ବାପାଙ୍କ କଥା ନ ମାନି ଗାନ୍ଧିଜୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ପୁରୀ ଓ ଭୁବନେଶ୍ୱରରେ ତାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବା ଦରକାର। ମୁଖ୍ୟବକ୍ତା ଭାବେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକ୍ ଏବଂ ଜିଲାପାଳ ସମର୍ଥ ବର୍ମା ମଞ୍ଚାସୀନ ଥିଲେ। ସଙ୍ଗଠନ ସମ୍ପାଦକ ଚକ୍ରଧର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ଓ ଉମାବଲ୍ଲଭ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆଇନଜୀବୀ ରାମପ୍ରସାଦ ଦାଶ, ମାନସ ରଞ୍ଜନ ମହାପାତ୍ର, ଅଶୋକ କୁମାର ମିଶ୍ର, ବ୍ରଜବନ୍ଧୁ ନନ୍ଦ, ସଖୀମଣି ବରାଳ, ଡା. ବରେନ ଚନ୍ଦ୍ର ପଟ୍ଟନାୟକଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ପ୍ରିୟଦର୍ଶନୀ ସାହୁ, ଲୋପାମୁଦ୍ରା ପ୍ରଧାନ, ଗୀତାଞ୍ଜଳି ସାହୁଙ୍କୁ ପ୍ରସଂଶାପତ୍ର ପ୍ରଦାନ କରାଯାଇଥିଲା। ବିପିନ ବିହାରୀ ଦଳାଇ, ଶ୍ୟାମ ପ୍ରକାଶ ସେନାପତି, ପୁଷ୍କର ମହାପାତ୍ର, ସତ୍ୟବ୍ରତ ରଥ ଏବଂ ବୀରେନ୍ଦ୍ର ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଗୌରହରି ପ୍ରଧାନ ଧନ୍ୟବାଦ ଦେଇଥିଲେ।

## କଟକଣାମୁକ୍ତ ହେଉ ରଥଯାତ୍ରା

### ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟିଲେ ଦଇତାପତି

ପୁରୀ ଅଫିସ,୬।୪:

ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ବୁଧବାର ଦାୟିତ୍ୱ ନେବା ପରେ ଦଇତାପତି ନିଯୋଗର ସଦସ୍ୟମାନେ ତାଙ୍କୁ ଭେଟି ସ୍ୱାଗତ କରିବା ସହ ଭକ୍ତଙ୍କ ପାଇଁ ରଥଯାତ୍ରା କଟକଣାମୁକ୍ତ ହେଉ ବୋଲି ଦାବି ଜଣାଇଛନ୍ତି। ଦଇତାପତି ବିନାୟକ ଦାସମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର ଏବଂ ହରପ୍ରସାଦ ଦାସ ମହାପାତ୍ର ପ୍ରମୁଖ ମୁଖ୍ୟ ପ୍ରଶାସକଙ୍କୁ ଭେଟି ଏଭଳି ଦାବି ଜଣାଇଛନ୍ତି। ବିନାୟକ କହିଛନ୍ତି, ଶ୍ରୀକ୍ଷେତ୍ର ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ତେବେ ଗତ ଦୁଇ ବର୍ଷ ଧରି କୋଭିଡ୍ କାରଣରୁ ବିନା ଭକ୍ତରେ ରଥଯାତ୍ରା ହେଉଛି। ଏବେ ସାରା ରାଜ୍ୟରେ ସଂକ୍ରମଣ ସର୍ବନିମ୍ନ ସ୍ତରରେ ରହିଛି। ଏଣୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ ରଥଯାତ୍ରା ଦେଖିବାର ସୁଯୋଗ ଦିଅନ୍ତୁ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା କଟକଣା ହଟୁ ଓ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ପୁଣି ଭକ୍ତମୟ ହେଉ। ଲୀଳାଖେଳାର ଠାକୁର ଭକ୍ତଙ୍କ ବିନା ସବୁବେଳେ ଅସମ୍ପୂର୍ଣ୍ଣ, କେବଳ ଭକ୍ତଙ୍କ ଭକ୍ତିରେ ବିମୋହିତ ହୋଇ ଶ୍ରୀମନ୍ଦିର ଛାଡ଼ି ନବଦିନାତ୍ମକ ଯାତ୍ରାରେ ଆସନ୍ତି। ଏଣୁ ଭକ୍ତଙ୍କ ଭାବବେଗକୁ ଧ୍ୟାନରେ ରଖି କଟକଣାମୁକ୍ତ ରଥଯାତ୍ରା କରାଯାଉ ବୋଲି ବିନାୟକ ମତ ରଖିଛନ୍ତି। ଦଇତାପତିମାନଙ୍କ ପ୍ରସ୍ତାବ ଉପରେ ବିଚାର କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେଇଛନ୍ତି।

## ଜେଟିପି, ବଡ଼ବଡ଼ିଆ ଖସିଗଲେ

**ଚୁଲିଭଙ୍ଗା ଘଟଣା**

ପୁରୀ ଅଫିସ: ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ଘଟଣାରେ ଜେଟିପି, ବଡ଼ବଡ଼ିଆ ବାବୁ ଖସିଗଲେ ବୋଲି ଚର୍ଚ୍ଚା ହେଉଛି। ଘଟଣା ଦିନ ଦାୟିତ୍ୱରେ ଥିବା ଜେଟିପି ଏବଂ କୌଣସି ସରକାରୀ ଅଧିକାରୀଙ୍କୁ ଏପର୍ଯ୍ୟନ୍ତ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ଅନ୍ତରୀଣ ତଦନ୍ତ ନାମରେ ପ୍ରଶାସନ ପ୍ରଶାସନିକ ଅପାରଗତାକୁ ଲୁଚାଇବାରେ ବ୍ୟସ୍ତ। ଶ୍ରୀମନ୍ଦିର କମାଣ୍ଡାଣ୍ଟ, ସୁରକ୍ଷା ଅଧିକାରୀଙ୍କ ସମେତ ଦାୟିତ୍ୱରେ ଥିବା ଜେଟିପି ଏବଂ କଣ୍ଟ୍ରୋଲ ରୁମ୍ କର୍ମଚାରୀଙ୍କ ମଧ୍ୟରୁ କାହା ଅବହେଳାରୁ ଏଭଳି ଅଘଟଣ ଘଟିଗଲା ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଯୁଗ୍ମ ତଦନ୍ତରେ ଶ୍ରୀମନ୍ଦିର ପ୍ରଶାସନ ନିଜ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କେତେ କଠୋର କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ଲୋକେ ଅପେକ୍ଷା କରି ରହିଛନ୍ତି। ରୋଷଘର ଚାବି ପକାଇ ନ ଥିବା କର୍ମଚାରୀ, ଅଭିଯୁକ୍ତଙ୍କୁ ଦେଖି ମଧ୍ୟ ବାହାରକୁ ପଠାଇ ଦେଇଥିବା ଜେଟିପି ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ତଦନ୍ତ ପରିସରଭୁକ୍ତ ହେବା ସହ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି।

### ଅଭିଯୁକ୍ତଙ୍କ ବୟାନକୁ ନେଇ ସନ୍ଦେହ

ଅଭିଯୁକ୍ତଙ୍କ ବୟାନକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଆଶଙ୍କା ରହୁଛି। ଅଭିଯୁକ୍ତ ଅପରାଧ ଘଟାଇବାର କାରଣ ସ୍ପଷ୍ଟ ଭାବେ କହିପାରୁନାହାନ୍ତି। ଫଳରେ ତାଙ୍କ କଥାକୁ ଲୋକେ ଭରସାଯୋଗ୍ୟ ବୋଲି ଭାବିପାରୁନାହାନ୍ତି। ଜଣେ ବିନା କାରଣରେ ଏତେ ବଡ଼ କାଣ୍ଡ ଘଟାଇବା କଥାକୁ ସହଜେ ଗ୍ରହଣ କରିହେଉନାହିଁ। ଘଟଣା ପଛରେ କିଛି ବଡ଼ ଚକ୍ରାନ୍ତ ଥିବା ସନ୍ଦେହ ହେଉଛି। ଅଭିଯୁକ୍ତଙ୍କ କଥାରେ ତାଳମେଳ ରହୁନାହିଁ। ସେ କେତେବେଳେ କହୁଛନ୍ତି ଅଭିମାନରେ ଚୁଲି ଭାଙ୍ଗିଛି ତ ଆଉ କେତେବେଳେ କହୁଛନ୍ତି ଜାଣିନାହିଁ। ସେ ଜାଣିଶୁଣି ଏଭଳି ବାଚାଳାମି କରୁଛନ୍ତି ନା ଅନ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ତାହା ସ୍ପଷ୍ଟ ହେଉନାହିଁ। ପୋଲିସକୁ ଦେଇଥିବା ବୟାନରେ ସେ ଦୋଷ ମାନିଥିଲେ ମଧ୍ୟ ଏହାକୁ ଲୋକେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ଜଣେ ବ୍ୟକ୍ତି କିପରି ବଡ଼ ବଡ଼ ଚୁଲିକୁ ହାତରେ ଭାଙ୍ଗିଦେଲେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

### ରୋଷଶାଳା ସୁରକ୍ଷାକୁ ଅଣଦେଖା

ରୋଷଘରକୁ ସବୁ ବର୍ଗର ସେବାୟତ କିମ୍ବା ଭକ୍ତଙ୍କୁ ପ୍ରବେଶ ଅନୁମତି ନ ଥାଏ। ଏହା ଏକପ୍ରକାର ନିଷିଦ୍ଧାଞ୍ଚଳ। ମା' ଲକ୍ଷ୍ମୀଙ୍କ ରୋଷଶାଳାକୁ ସୀମିତ ପ୍ରବେଶ ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରାର ଅଂଶବିଶେଷ। ମାତ୍ର ମହାପ୍ରସାଦ ପ୍ରସ୍ତୁତି ସରିବା ପରେ ରାତିରେ ରୋଷଶାଳାରେ କାହିଁକି ତାଲା ପଡ଼ି ନ ଥିଲା ତାହାକୁ ନେଇ ପ୍ରଶ୍ନ ଉଠୁଛି। ରୋଷଶାଳାରେ ଏଭଳି ଦୁର୍ବଳ ସୁରକ୍ଷା ବ୍ୟବସ୍ଥା କିଏ କଲା ଓ କାହା ବେପରୁଆପଣ ଯୋଗୁ ଏଭଳି ଅଘଟଣ ଘଟିଗଲା, ରୋଷ ପାଇକଙ୍କ କାର୍ଯ୍ୟ ରୋଷଘର ତାଲା ପକାଇବା ହୋଇଥିବାବେଳେ କାହିଁକି ତାଲା ପଡ଼ି ନ ଥିଲା, ଦୁର୍ବୃତ୍ତ ରୋଷଘରେ ପଶିବା ବେଳେ ରୋଷ ଅମିନ କେଉଁଠାରେ ଥିଲେ ପ୍ରଭୃତି ପ୍ରଶ୍ନର ଉତ୍ତର ଶ୍ରୀମନ୍ଦିର ପ୍ରଶାସନ ଦେବା ଦରକାର। ଶ୍ରୀମନ୍ଦିରରେ ଅଘଟଣ ଘଟିବା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ପ୍ରଶାସନ ଦୋଷ ଘୋଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏଭଳି ହେବାକୁ ଦିଆଯିବ ନାହିଁ ବୋଲି ଜଗନ୍ନାଥପ୍ରେମୀ ତଥା ସାମାଜିକ କର୍ମୀ ଶରତ ରାୟଗୁରୁ କହିଛନ୍ତି।

## ସିଆର୍‌ପି, ଏମବିକେ ନିଯୁକ୍ତି ପାଇଁ ମସୁଧା

କାକଟପୁର,୬।୪(ଡି.ଏନ୍.ଏ.)

କାକଟପୁର ବ୍ଲକ ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତରେ ବ୍ଲକ ଜୀବିକା ମିଶନ ଅଧିକାରୀ ସରକାରୀ ଆଇନର ଖୋଲା ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀର ପ୍ରରୋଚନାରେ କ୍ଲଷ୍ଟର ରିସୋର୍ସ ପର୍ସନ(ସିଆର୍‌ପି) ଓ ମାଷ୍ଟର ବୁକ୍ କିପର(ଏମ୍‌ବିକେ) ନିଯୁକ୍ତି ପାଇଁ ମସୁଧା କରୁଥିବା କାଦୁଆ ନୂଆଗାଁ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକାଶ ଯେ, କାଦୁଆ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିଜ ଗୋଷ୍ଠୀର କେତେଜଣ ମହିଳା ଗ୍ରୁପଙ୍କୁ ନେଇ ଏକପାଖିଆ ଭାବେ ମହିଳା ମହାସଂଘ ଗଠନ କରି ବ୍ଲକ ଜୀବିକା ମିଶନ ଅଧିକାରୀ ଓ ପଞ୍ଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହାତବାରିସି କରି ସିଆରପି ଓ ଏମ୍‌ବିକେ ନିଯୁକ୍ତି ପାଇଁ ପ୍ରସ୍ତୁତ କରିଥିବା ତାଲିକା ସଂପ୍ରତି କାର୍ଯ୍ୟକାରୀ କରିବା ପାଇଁ ମସୁଧା ଚାଲିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଅନ୍ୟ ଗୋଷ୍ଠୀ ମହିଳାମାନେ ବିରୋଧ କରୁଛନ୍ତି। ଜୀବିକା ମିଶନ ପକ୍ଷରୁ କେତେ ତାରିଖରେ କାଦୁଆ ନୂଆଗାଁ ପଞ୍ଚାୟତରେ ସିଆରପି ଓ ଏମବିକେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା ଓ ଏହାର ଅବଧି କେତେଦିନ ଥିଲା ? ପ୍ରକାଶିତ ବିଜ୍ଞପ୍ତି ସମ୍ବନ୍ଧରେ କେଉଁ କେଉଁ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା ଓ ତାହାର ବିଧିବଦ୍ଧ ତଦନ୍ତ ପାଇଁ ପୁରୀ ଜିଲାପାଳ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦୃଷ୍ଟି ଦେବାକୁ ମହିଳା ସଂଗଠନ ଓ କାଦୁଆ ନୂଆଗାଁ ବିକାଶ ପରିଷଦ ପକ୍ଷରୁ ଦାବି ହେଉଛି। ଏ ନେଇ ପଞ୍ଚାୟତର ଶତାଧିକ ମହିଳା ବିଡିଓ ଓ ବ୍ଲକ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଠିକ୍ ତଦନ୍ତ କରି ଯୋଗ୍ୟ ପ୍ରାର୍ଥିନୀଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ନାଏବ ସରପଞ୍ଚ ମିନାକ୍ଷୀ ଦାସ, କାଦୁଆ ନୂଆ ଗାଁ ବିକାଶ ପରିଷଦ ସଭାପତି ତଥା ଖବରଦାତା ଭାଗୀରଥି ସ୍ୱାଇଁ, ଯୁବ ସଂଗଠକ ଅକ୍ଷୟ ମଲ୍ଲ, ନାରାୟଣ ରାଉତ, ମାଧବାନନ୍ଦ ପାତ୍ର ସମେତ ବିଭିନ୍ନ ମହିଳା ଗୋଷ୍ଠୀର କର୍ମକର୍ତ୍ତା ଜିଲାପାଳ, ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, କାକଟପୁର ବିଡିଓ ଓ ଜୀବିକା ମିଶନର ଅଧିକାରୀ ପ୍ରମୁଖଙ୍କ ନିକଟରେ ଦାବି କରିଛନ୍ତି।

## ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ ସମ୍ମିଳନୀ

ପୁରୀ ଅଫିସ, ୬।୪:

ଶରଧାବାଲିସ୍ଥିତ ଶରଧା ମଣ୍ଡପରେ ଚାଲିଥିବା ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏବଂ ରାଜ୍ୟ ଗୃହନିର୍ମାଣ ନିଗମର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ସର୍ବନିମ୍ନ ମାସିକ ପେନସନ୍ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବର୍ଦ୍ଧିତ ପେନସନ୍ ଦେବା, ସମସ୍ତ ଇପିଏଫ୍ ପେନସନ୍‌ଭୋଗୀ ପରିବାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଭୁକ୍ତ କରିବା ପ୍ରଭୃତି ଦାବି ନେଇ ଆଲୋଚନା ହୋଇଥିଲା। ରଞ୍ଜନ କୁମାର ଖୁଣ୍ଟିଆ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଦିନର ଅଧିବେଶନରେ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସମ୍ପାଦକୀୟ ବିବରଣୀ ଏବଂ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ପରେ ଜିଲା ପ୍ରତିନିଧିମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଉଠାଜଳସେଚନ ନିଗମ ଫେଡେରେଶନ୍ ରାଜ୍ୟ ସମ୍ପାଦକ ଗୌରାଙ୍ଗ ପାଣିଗ୍ରହୀ ଆନ୍ଦୋଳନକୁ ଜୋରଦାର କରିବା ଲାଗି ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ବିଜୟ କୁମାର ଜେନା, ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଆଗାମୀ ୨ବର୍ଷ ଲାଗି ୭୧ଜଣିଆ ରାଜ୍ୟ କମିଟି ଗଠନ କରାଯାଇଥିଲା। ବିଜୟ କୁମାର ଜେନା ସଭାପତି, ଭାଗ୍ୟଧର ବ୍ରହ୍ମା ସାଧାରଣ ସମ୍ପାଦକ ଏବଂ କୃଷ୍ଣଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କସ୍ତୁରି ଚରଣ ସୁବୁଦ୍ଧି, ବିକ୍ରମ ଛୋଟରାଏ, ପ୍ରଫୁଲ୍ଲ କୁମାର ଦାସ, ସଚ୍ଚିଦାନନ୍ଦ ସାମନ୍ତରାଏ, ମାୟାଧର ମଲ୍ଲିକ, ସରୋଜ ମଲ୍ଲିକ, ରମେଶ ଚନ୍ଦ୍ର ଘଡେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀ ଜିଲା ସଭାପତି କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ଛାମୁ ଖୁଣ୍ଟିଆ ନିଯୋଗ ପକ୍ଷରୁ ଏସ୍‌ପି କନୱର ବିଶାଲ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମାନସିକ ଯନ୍ତ୍ରଣା ଦେଉଛି ବିଦ୍ୟୁତ୍ ବିଲ୍

ପିପିଲି,୬।୪(ସ୍ୱ.ପ୍ର.)

ବିଦ୍ୟୁତ୍ ବିଲ୍‌କୁ ନେଇ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି ପରିବାର। ୫ଟି ଏଲଇଡି ବଲବ୍, ୨ଟି ଫ୍ୟାନ ଏବଂ ୧ଟି ଫ୍ରିଜ ପାଇଁ ମାସକୁ ୫ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବିଲ୍ ଉଠୁଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ପ୍ରଶ୍ନ କଲେ ଉପଭୋକ୍ତାଙ୍କ ଲାଇନ କାଟି ଦିଆଯାଉଛି । ଫଳରେ ଉପଭୋକ୍ତା ଅନ୍ଧାରରେ ଜୀବନ ବିତାଉଛନ୍ତି। ଏଭଳି ଘଟଣା ପିପିଲି ପୌରାଞ୍ଚଳରେ ଘଟିଥିବା ବେଳେ ଏନେଇ ପଣ୍ଡାବଜାରସ୍ଥିତ ରାମ ଦୟାଲ ଗୁପ୍ତା ପିପିଲି ଥାନାଠାରୁ ଆରମ୍ଭ କରି ଏସ୍‌ପି ଓ ଡିଜିପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗରେ ଅନୁଯାୟୀ, ଗତ କିଛି ମାସ ହେବ ଆଶାଠାରୁ ଅତ୍ୟାଧିକ ବିଲ୍ ଆସୁଛି। ଏନେଇ ସେ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ଏପରିକି ସମାଧାନ କରିବା ବଦଳରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି । ଏ ସମ୍ପର୍କରେ ସେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରିବାର ଏବେ ଅନ୍ଧାରରେ ଥିବାବେଳେ ୩ଟି ସନ୍ତାନ ପାଠପଢାରୁ ବଞ୍ଚିତ ହେଉଛନ୍ତି ବୋଲି ରାମ ଦୟାଲ କହିଛନ୍ତି। ଏ ନେଇ ପିପିଲି ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିପିନ କୁମାର ସାହୁଙ୍କୁ ପଚାରିବାରେ ତାଙ୍କ ମିଟର ରିଡିଂ ଅନୁସାରେ ମାର୍ଚ୍ଚ ସୁଦ୍ଧା ବିଦ୍ୟୁତ୍ ବିଲ୍ ୩୧ହଜାର ଟଙ୍କା ହୋଇଛି। କିସ୍ତି ଅନୁଯାୟୀ ତାଙ୍କୁ ୧୦ହଜାର ଟଙ୍କା ମଗା ଯାଇଥିଲା କିନ୍ତୁ ରାମ ଦୟାଲ ନ ଦେବାରୁ ତାଙ୍କ ଲାଇନ୍ କଟାଯାଇଥିବା ଏସଡିଓ ସାହୁ କହିଛନ୍ତି।

## 'ଶ୍ରେଷ୍ଠ ଭାରତ ଗଠନ ପାଇଁ ଏକାଠି କାର୍ଯ୍ୟ କର'

ପୁରୀ ଅଫିସ/ପିପିଲି/ନିମାପଡ଼ା/ବଳଙ୍ଗା/ କାକଟପୁର/କଣାସ, ୬।୪(ସ୍ୱ.ପ୍ର./ଡି.ଏନ୍.ଏ.):

ପୁରୀ ଜିଲା ଭାଜପା ପକ୍ଷରୁ ବୁଧବାର ଭାଜପା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳେ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା। ପରେ ସଂସ୍କୃତି ଭବନରେ ଦଳୀୟ ପତାକା ଉତ୍ତୋଳନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଦଳର ବିଜୟୀ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମଣ୍ଡଳ ସଭାପତି ରବିନାରାୟଣ ଦାଶ, ସଞ୍ଜୀବ ମୁଖାର୍ଜୀ, ମନୋରଞ୍ଜନ ପ୍ରଧାନ, ଉମାକାନ୍ତ ନାୟକ, ଜ୍ୟୋତି ମହାପାତ୍ର, ମଧୁ ସିଂହାରୀ, ଜୟନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲିରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ କ୍ରିଷ୍ଣା ଗାର୍ଡେନରେ ଭାଜପା ପ୍ରତିଷ୍ଠା ଦିବସ ପାଳନ ହୋଇଛି। ମୁଖ୍ୟ ଅତିଥି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାକୁ ଅଗ୍ରସର କରି ଶ୍ରେଷ୍ଠ ଭାରତ ଗଠନରେ ସମସ୍ତେ ସାମିଲ ହେବା ପାଇଁ କର୍ମକର୍ତ୍ତାଙ୍କୁ କହିଥିଲେ। ଅନ୍ୟତମ ଅତିଥି ଓମ୍ ପ୍ରକାଶ ମିଶ୍ର, ନେତା ନବକିଶୋର ରାଉତ, ପୁରୀ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକୁ ପିପିଲି ଏନ୍‌ଏସି ମଣ୍ଡଳ ସଭାପତି ସୁକାନ୍ତ ଭଞ୍ଜ, ପର୍ଶୁରାମ ମହାପାତ୍ର, ସୁଧୀର ବିଶ୍ୱାଳ, ପ୍ରଦୀପ ପାତ୍ର, ସୁଧାଂଶୁ ଶେଖର ପରିଡା, ସୌମ୍ୟକାନ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

ନିମାପଡ଼ା ସାଇଁସଶାସନ ପଞ୍ଚାୟତର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଭାଜପା ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଯୋଗଦେଇ ଦେଶର ବିକାଶ ପାଇଁ ଭାଜପା ସଂକଳ୍ପବଦ୍ଧ ବୋଲି କହିଛନ୍ତି। ନିମାପଡ଼ାରେ ଏକଛତ୍ରବାଦୀ ଶାସନ ହଟାଇବା ସହ ସ୍ୱାଭିମାନ ନିମାପଡ଼ା ଗଠନ ପାଇଁ ଭାଜପା ନେତୃବୃନ୍ଦ ଏକାଠି ହୋଇ କାର୍ଯ୍ୟ କରିବାକୁ ଯୁବନେତା ଗଙ୍ଗାଧର ଜେନା, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି। ସମ୍ମାନିତ ଅତିଥି ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ଦିଲୀପ ନାୟକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ, ଗଙ୍ଗାଧର ଜେନା,




ପୁରୀ ଜିଲା ଭାଜପା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି ।

**ଭାଜପା ପ୍ରତିଷ୍ଠା ଦିବସ**

ସ୍ୱର୍ଣ୍ଣଲତା ମାଝୀ, ସରପଞ୍ଚ ଜୟନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସମସ୍ତ ନୂତନ ସରପଞ୍ଚ, ସମିତିସଭ୍ୟ, ବରିଷ୍ଠ କର୍ମୀ ଓ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମସ୍ତେ ବଳଙ୍ଗା ମଣ୍ଡଳ ତରଫରୁ ନିକଟସ୍ଥ ଭଗତୀପୁରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇଥିଲେ। କାକଟପୁରର ଲତାହରଣ ମଣ୍ଡଳ ଭାଜପା ସଭାପତି ସରୋଜ ମିଶ୍ରଙ୍କ ସଭାପତିତ୍ୱରେ ସୁହାଗପୁର, ପାଟସୁନ୍ଦରପୁର ଓ ନୀଳକଣ୍ଠପୁର ମନ୍ଦିରରେ ଭାଜପାର ପ୍ରତିଷ୍ଠା ଦିବସ ପାଳନ ହୋଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ମୁଖ୍ୟବକ୍ତା ଉପସଭାପତି ରତିକାନ୍ତ ବେହେରା, ଗଗନ ବିହାରୀ ପୃଷ୍ଟି, ଚିତ୍ତରଞ୍ଜନ ମିଶ୍ର, ଜଳନ୍ଧର ନାୟକ,ବିଷ୍ଣୁଚରଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କଣାସ ବ୍ଲକ ବକୁ ହାଟଠାରେ ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଅଜୟ ପ୍ରଧାନ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱଜିତ୍ ବଡଜେନା, ବାଲୁଙ୍କି ବିଶ୍ୱାଳ, ଆଦିକନ୍ଦ ଶ୍ରୀଚନ୍ଦନ, ତରୁଣସେନ ସ୍ୱାଇଁ, ମହେଶ୍ୱର ବୈରିଗଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ୨ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ତିଗିରିଆ,(ଡି.ଏନ୍.ଏ.): ତିଗିରିଆ ବ୍ଲକ ବିଦ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନୂଆପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପାଞ୍ଚଗାଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାୟାକଳ୍ପ ପୁରସ୍କାର ଦିଆଯାଇଛି। ଉକ୍ତ ୨ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ପରିବେଶ, ଔଷଧୀୟ ଉଦ୍ୟାନ ସୃଷ୍ଟି, ସୁନ୍ଦର ସଚେତନତା ବାର୍ତ୍ତା ପ୍ରଦାନ, ମନୋରମ ପୁଷ୍ପ, ପରିଷ୍କାର ପରିଚ୍ଛନ୍ନତା, ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଇତ୍ୟାଦି ସୁବିଧା ଉପଲବ୍ଧ ଥିବାରୁ ଏହି ପୁରସ୍କାର ଦିଆଯାଇଥିବା ତିଗିରିଆ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱ ବିକାଶ ରାଉତରାୟ କହିଛନ୍ତି। ୨ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାସ୍ତରର ଅଧିକାରୀମାନେ ପରିଦର୍ଶନ କରିଥିଲେ। ନୂଆପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ହଜାର, ପାଞ୍ଚଗାଁ ସ୍ୱାସ୍ଥ୍ୟ ଆରୋଗ୍ୟକେନ୍ଦ୍ରକୁ ୨୫ ହଜାର ଟଙ୍କା ସହ ମାନପତ୍ର ଦିଆଯାଇଛି।

**ସଂକ୍ଷେପରେ**

## ଭୂତଳ ରାସ୍ତା ନିର୍ମାଣ ଯୋଗୁ ଉପୁଜୁଛି ଟ୍ରାଫିକ ସମସ୍ୟା

### ଟ୍ରାଫିକ ଏସିପିଙ୍କୁ ଦାବିପତ୍ର

କଟକ ଅଫିସ, ୬।୪- କଟକ ଶିଖରପୁରଠାରେ ଭୂତଳ ରାସ୍ତା ନିର୍ମାଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଣୁ ଉକ୍ତ ସ୍ଥାନରେ ଦେଖାଯାଇଥିବା ଅସୁବିଧାର ତୁରନ୍ତ ପ୍ରତିକାର ପାଇଁ ସିପିଆଇ(ଏମ୍) କଟକ ଆଞ୍ଚଳିକ କମିଟି ପକ୍ଷରୁ ଟ୍ରାଫିକ୍ ଏସିପିଙ୍କୁ ବୁଧବାର ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଶିଖରପୁର କଟକ ସହରର ପ୍ରବେଶ ଦ୍ୱାର। ଏଥିସହ ଶିଖରପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବାରୁ ଭୂତଳ ରାସ୍ତା ନିର୍ମାଣ ଯୋଗୁ ଯାନବାହନ ଓ ସାଧାରଣ ଜନତା ରାସ୍ତା ଜାମର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉକ୍ତ ଅଞ୍ଚଳରେ ୬ଟି ସାହି ଓ ୨ଟି ହାଇସ୍କୁଲ ଥିବାରୁ ଛାତ୍ରୀଛାତ୍ରମାନେ ବିପଦର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଣୁ ରାସ୍ତା ଜାମ ଦୂର କରିବା ପାଇଁ ଅଧିକ ସଂଖ୍ୟକ ଟ୍ରାଫିକ କର୍ମଚାରୀ ମୁତୟନ କରିବା ସହ ସାହି ସଂଯୋଗ ମୁହଁରେ ହମ୍ପସ ନିର୍ମାଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଦଳର ଆଞ୍ଚଳିକ କମିଟି ସମ୍ପାଦକ ପ୍ରତାପ ମହାପାତ୍ରଙ୍କ ନେତୃତ୍ୱରେ ଜିଲା କମିଟି ସଭ୍ୟ ଇଂ. ମନମୋହନ ପତି, ଭାଗ୍ୟଧର ନାୟକ ଓ ସୁଧାଂଶୁ ଶେଖର ସିଂ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ

ଚୌଦ୍ୱାର/କଣ୍ଟାପଡା,୬।୪(ଡି.ଏନ୍.ଏ.)- ଚୌଦ୍ୱାର ମଣ୍ଡଳ ପକ୍ଷରୁ ଭାଜପାର ପ୍ରତିଷ୍ଠା ଦିବସ ସ୍ଥାନୀୟ ୟୁନିୟନ ସ୍ପୋର୍ଟିଂ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରା, ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡଜେନା, ଅନ୍ନପୂର୍ଣ୍ଣା ପଣ୍ଡା, କୃତିରାଣୀ ସାହୁ, ମାଳତି ନାଥ, ମମତା ବେହେରା, କ୍ରୀଷ୍ଣା ରାଓ, ଦିଲୀପ ନାୟକ, ରବୀନ୍ଦ୍ର ଦଳାଇ, ସଞ୍ଜୟ ନାୟକ, କମଳ ମହାନ୍ତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଦଳକୁ ମଜଭୁତ କରିବା ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନୁରୂପ ଭାବେ କଳିଙ୍ଗ ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ଦଳର ଦେବସ୍ମିତା ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ସେହିପରି କଣ୍ଟାପଡା ଭାଜପା ପକ୍ଷରୁ ସ୍ଥାନୀୟ ବଟଗାଡି ପୀଠରେ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଭାଜପା କଣ୍ଟାପଡା ମଣ୍ଡଳ ସଭାପତି ପ୍ରଭାତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଦଳୀୟ ନେତା ଛବୀନ୍ଦ୍ର ମଲିକ, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇ, ଉପାଧକ୍ଷ ଯତୀନ୍ଦ୍ର ବରାଳ, ରବିନାରାୟଣ ମହାପାତ୍ର, ବିଶ୍ୱମ୍ଭର ଜେନା, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# ଆଜି ସିଏମ୍‌ସି ଡେପୁଟି ମେୟର ନିର୍ବାଚନ

କଟକ ଅଫିସ, ୬।୪

କଟକ ମହାନଗର ନିଗମ(ସିଏମ୍‌ସି)ର ଡେପୁଟି ମେୟର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ସିଏମ୍‌ସି ମେୟର ଓ କର୍ପୋରେଟର ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ। ନିର୍ବାଚିତ ଦଳୀୟ କର୍ପୋରେଟରଙ୍କ ସଂଖ୍ୟା ଦୃଷ୍ଟିରୁ ବିଜେଡିର ପ୍ରାର୍ଥୀ ହିଁ ଡେପୁଟି ମେୟର ପଦ ହାସଲ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏଣୁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ଲାଗି ବାରବାଟୀ-କଟକର ପୂର୍ବତନ ବିଧାୟକ ତଥା ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ନିର୍ବାଚନ ପାଇଁ ଦେବାଶିଷଙ୍କୁ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ହୁଇପ୍ ଭାବେ ନିଯୁକ୍ତି କରିଛନ୍ତି। ଫଳରେ ଦେବାଶିଷଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ବିଜେଡିର ବହୁ ବରିଷ୍ଠ ନେତାଙ୍କ ସହିତ ୩୮ ଜଣ ନବ ନିର୍ବାଚିତ କର୍ପୋରେଟର ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦେବାଶିଷ ଏହି ହୁଇପ ଜାରି କରିଛନ୍ତି। ଏହାଛଡା ଦଳୀୟ କର୍ପୋରେଟରମାନେ ହୁଇପ୍‌ରେ ଦସ୍ତଖତ କରିଥିଲେ। ହୁଇପ ଅନୁସାରେ ବିରୋଧୀଙ୍କ ପକ୍ଷରୁ ଯଦି କେହି ଡେପୁଟି ମେୟର ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରନ୍ତି, ତେବେ ନିର୍ବାଚନ କରାଯିବ। ଅଥବା ଦଳ ଯାହାଙ୍କ ନାମ ଘୋଷଣା କରିବ,ସମସ୍ତେ ତାଙ୍କୁ ଭୋଟ ଦେବେ। ଡେପୁଟି ମେୟର ପାଇଁ ପ୍ରାର୍ଥୀଙ୍କ ନାମ ମୁଖ୍ୟମନ୍ତ୍ରୀ ଏକ ବନ୍ଦ ଲଫାପାରେ ପଠାଇଛନ୍ତି। କର୍ପୋରେଟରମାନେ ଦେବାଶିଷଙ୍କୁ ଦେଖାଇ ଭୋଟ ଦେବେ ବୋଲି ହୁଇପ ଜାରି କରାଯାଇଛି। ହୁଇପକୁ ଅମାନ୍ୟ କଲେ ନିୟମ ଅନୁଯାୟୀ କର୍ପୋରେଟର ପଦ ହରାଇବେ ବୋଲି ଦେବାଶିଷ କଡାକଡି ଚେତାବନୀ ଦେଇଛନ୍ତି। କର୍ପୋରେଟର ପଦ ହରାଇଲେ ସେହି ୱାର୍ଡରେ ପୁନର୍ବାର ନିର୍ବାଚନ ହେବ ବୋଲି ସେ କହିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ଡେପୁଟି ମେୟର ପଦବୀ ଲାଗି ନାମାଙ୍କନ ଦାଖଲ ହେବ। ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ଯଦି କେହି ଚାହିଁବେ ତା' ହେଲେ ସେମାନେ ଅପରାହ୍ନ ୧ଟା ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ଅପରାହ୍ନ ସାଢ଼େ ଗୋଟାଏରୁ ମତଦାନ



ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି ମେୟର, କର୍ପୋରେଟର ଓ ଅନ୍ୟମାନେ।

**ଦଳୀୟ ହୁଇପ୍ ଜାରି**

ଆରମ୍ଭ ହେବ। ଏହାପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୨ରୁ ଅଧିକ ପ୍ରାର୍ଥୀ ରହିଲେ, ରାଉଣ୍ଡ ୱାରି ଭୋଟିଂ ହେବ। ପ୍ରତି ରାଉଣ୍ଡରେ କମ୍ ଭୋଟ ପାଉଥିବା ଜଣେ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିବେ। ଶେଷ ଦୁଇ ଜଣଙ୍କ ମଧ୍ୟରେ ଚୂଡ଼ାନ୍ତ ଲଢ଼େଇ ହେବ। ଦୁଇଜଣଙ୍କ ଭୋଟ ସମାନ ସ୍ଥିତିରେ ରହିଲେ ଲଟେରି ମାଧ୍ୟମରେ ଜଣକୁ ବିଜୟୀ ଘୋଷଣା କରାଯିବ। ସିଏମ୍‌ସି ଡେପୁଟି ମେୟର ନିର୍ବାଚନ ନ ହେବାର ସମ୍ଭାବନା ରହିଛି। କାରଣ ସିଏମ୍‌ସିର ୫୯ ୱାର୍ଡରୁ ବିଜେଡି ୩୮ ଜଣ କର୍ପୋରେଟର ବିଜୟୀ ହୋଇଥିଲାବେଳେ କଂଗ୍ରେସର ୮ ଓ ଭାଜପାର ୭ ଜଣ ବିଜୟୀ ହୋଇଛନ୍ତି। ବିରୋଧୀ ଦୁଇ ଦଳର କର୍ପୋରେଟରଙ୍କ ସଂଖ୍ୟା କମ୍ ରହିଥିବାବେଳେ ଦଳୀୟ ହୁଇପ୍ ବ୍ୟବସ୍ଥା ରହିଛି। ଏଣୁ ଡେପୁଟି ମେୟର ନିର୍ବାଚନରେ କଂଗ୍ରେସ ଓ ଭାଜପା ଭାଗନେବାର ସମ୍ଭାବନା କ୍ଷୀଣ ରହିଛି।

### ଶପଥ ନେବେ ମେୟର, ୫୯ କର୍ପୋରେଟର

କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନରେ ବିଜୟୀ ହୋଇଥିବା ମେୟର ସୁବାସ ସିଂ ଓ ୫୯ ଜଣ କର୍ପୋରେଟର ଗୁରୁବାର ଶପଥ ଗ୍ରହଣ କରିବେ। କଟକ ସହିଦ ଭବନରେ ପୂର୍ବାହ୍ନ ୯ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମେୟର ସିଂ ଶପଥ ଗ୍ରହଣ କରିବା ପରେ କାର୍ଯ୍ୟଭାର ଗ୍ରହଣ କରିବେ। ଏହାପରେ ପୂର୍ବାହ୍ନ ୧୦ଟାରେ ଡେପୁଟି ମେୟର ପାଇଁ ନିର୍ବାଚନ ହେବ। ତେବେ ଏହି ପଦବୀ ପାଇଁ ଅନେକ ଆଶାୟୀ ଥିବାବେଳେ ୪୯ ନଂ. ୱାର୍ଡର ବିଜେଡି କର୍ପୋରେଟର ଦମୟନ୍ତୀ ମାଝୀ ଏହି ଦୌଡରେ ସବୁଠାରୁ ଆଗରେ ଥିବା ଆଲୋଚନା ହେଉଛି। ଡେପୁଟି ମେୟର ନିର୍ବଚନ ବୈଠକରେ ପୌର ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଅଧକ୍ଷତା କରିବା କାର୍ଯ୍ୟକ୍ରମ ରହିଛି।

## ଆବାସ ଯୋଜନା ଦୁର୍ନୀତିର ତଦନ୍ତ ଦାବି

### ଭିଜିଲାନ୍ସ ନିର୍ଦ୍ଦେଶାଳୟ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ, ୬।୪

ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ବିରୋଧରେ ହିତାଧିକାରୀମାନଙ୍କ ପକ୍ଷରୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଏହି ଦୁର୍ନୀତିର ନିରପେକ୍ଷ ତଦନ୍ତ ପାଇଁ ଭିଜିଲାନ୍ସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏଆଇଜି ଅନିଲ କୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କଟକ ମହାନଗର ନିଗମ ଅନ୍ତର୍ଗତ ୪୬ ନମ୍ବର ୱାର୍ଡରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏପରି କି ଆବାସ ଯୋଜନାରେ ଘର ଯୋଗାଇବା ନିମନ୍ତେ ହିତାଧିକାରୀଙ୍କଠାରୁ ୨୦ହଜାର ଲେଖାଏ ଟଙ୍କା ଲାଞ୍ଚ ନିଆଯାଇଛି। ରେଭେନ୍‌ଶା ଛାତ୍ର ସଂସଦର ପୂର୍ବତନ ସଭାପତି ଜ୍ୟୋତିରଞ୍ଜନ ରାୟଙ୍କ ନେତୃତ୍ୱରେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ହିତାଧିକାରୀ ବିଜୟ ବେହେରା, ପ୍ରମିଳା ବେହେରା ପ୍ରମୁଖ ଭିଜିଲାନ୍ସ ଏଆଇଜିଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।





କଟକ ତୁଳସୀପୁର ଓଡ଼ିଶା ପୋଲିସ ହାଇସ୍କୁଲରେ ଜିଲାସ୍ତରୀୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଜାତୀୟ ସଂହତି ଶିବିର ଓ ଜିଲାସ୍ତରୀୟ କ୍ୟାମ୍ପୋରିର ବୁଧବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ପେନ୍‌ସନ୍‌ଭୋଗୀଙ୍କ ସମସ୍ୟା ଦୂର ହେଉନି**

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା କେନ୍ଦ୍ରୀୟ କମିଟି

କଟକ ଅଫିସ, ୬।୪

ରାଜ୍ୟର ୩ ଲକ୍ଷ ପେନ୍‌ସନ୍‌ଭୋଗୀଙ୍କ ବିଭିନ୍ନ ମୌଳିକସମସ୍ୟା ସମାଧାନ କରାଯାଉନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ କେନ୍ଦ୍ରୀୟ କମିଟି ପକ୍ଷରୁ ଦାବି କରାଯାଇଛି। ମହାସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭା ଯୋବ୍ରା ରୋଡସ୍ଥିତ ଏସ୍.ଏନ୍. ସରକାର ସ୍ମୃତି ଭବନରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରା ଯୋଗଦେଇ କହିଥିଲେ, ପେନ୍‌ସନ୍‌ଭୋଗୀଙ୍କୁ ଚିକିତ୍ସା ଭତ୍ତା ଓ ୧୮ ମାସର ବକେୟା ମହଙ୍ଗା ଭତ୍ତା ମିଳିନାହିଁ। ତୈଳ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ପେନ୍‌ସନ୍‌ଭୋଗୀମାନେ ପ୍ରଭାବିତ ହେଉଛନ୍ତି। ଅନ୍ୟପକ୍ଷରେ ରେଳ ଯାତ୍ରା ନିମନ୍ତେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିକୁ ପ୍ରତ୍ୟାହାର କରାଯାଇଛି। ଇପିଏଫ୍‌ର ସୁଧ ହାର ହ୍ରାସ କରାଯାଇଛି। କରୋନା ମହାମାରୀ ମଧ୍ୟରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରାପ୍ୟ ମିଳିବାରେ ବିଳମ୍ବ ହେଉଛି ବୋଲି ବେହେରା କହିଥିଲେ। ମହାସଂଘ ସଭାପତି ପ୍ରତାପ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭକ୍ତ ବଲ୍ଲଭ ଦାସ, ପ୍ରଫୁଲ୍ଲ ମହାପାତ୍ର, ମହାସଂଘର କୋଷାଧକ୍ଷ ପ୍ରେମାନନ୍ଦ ଜେନା, ଦ୍ୱାରିକାନାଥ ମହାନ୍ତି, ଚିତ୍ତରଞ୍ଜନ ଦାସ, ସୁବୋଧ ମହାନ୍ତି, ରଜନୀକାନ୍ତ ଚୌଧୁରୀ, ଜ୍ୟୋତ୍ସ୍ନାମୟୀ ଦେଇ, ବିଭୂତି ଭୂଷଣ ମହାନ୍ତି, ସୁବୋଧ କୁମାର ରାୟ, କୈଳାସ ଚନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଜ୍ଞାନମେଳାରେ ୪୬୬ ପ୍ରକଳ୍ପ ପ୍ରଦର୍ଶିତ

ଆଠଗଡ଼/ ତିଗିରିଆ/ ବାଙ୍କୀ/ କଣ୍ଟାପଡା,୬।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଆଠଗଡ଼ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବିଶ୍ୱନାଥ ବିଦ୍ୟାପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ୬ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ ହୋଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ଓ ପୌରାଧକ୍ଷା ସସ୍ମିତା ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଅଧ୍ୟାପିକା ପ୍ରିୟମ୍ବଦା ଷଡ଼ଙ୍ଗୀ ବିଚାରକ ଭାବେ ଯୋଗଦେଇଥିଲେ। ସେହିପରି ତିଗିରିଆରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ମୁଖ୍ୟବକ୍ତା ସହଶିକ୍ଷା ଅଧିକାରୀ ରସାନନ୍ଦ ଲେଙ୍କା ଯୋଗଦେଇ ଥିଲେ। ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଆୟୋଜିତ ଡମପଡ଼ା ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ ପଟେଲ ଉଦ୍‌ଘାଟନ କରିଥିଲେ। ଏଠାରେ ୯୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବାଙ୍କୀ ବ୍ଲକସ୍ତରୀୟ ବିଜ୍ଞାନ ମେଳା କେନ୍ଦୁପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମେଳାକୁ ବାଙ୍କୀ ବ୍ଲକ ଅଧକ୍ଷ ପୁଷ୍ପଲତା ସାମନ୍ତ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ଅଡଶପୁର ପ୍ରାଚୀ ଏକାଡେମୀ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନମେଳାରେ ମୋଟ୍ ୮୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି ଯୋଗ ଦେଇଥିଲେ।

## ଗୋଚର ଜମିରେ ଶବଦାହ ଗୃହ ନିର୍ମାଣ ବେଆଇନ

କଟକ ସଦର, ୬।୪(ଡି.ଏନ୍.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୋଚର ଜମିରେ ଶବଦାହ ଗୃହ ନିର୍ମାଣ ମାମଲାର ଶୁଣାଣି ବୁଧବାର କଟକ ସଦର ବ୍ଲକ କାର୍ଯ୍ୟାଳୟରେ ହୋଇଥିଲା। ବିଡିଓ ରାଜୀବ ଲୋଚନ ପରିଡ଼ା ଏହାର ଶୁଣାଣି କରିଥିଲେ। ଏହି ସମୟରେ ୪ ଜଣ ଆବେଦନକାରୀଙ୍କ ମଧ୍ୟରୁ ୩ ଓ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ବିକାଶ ଭୂୟାଁ ଉପସ୍ଥିତ ଥିଲେ। ଗୋଚର ଜମିରେ ନିର୍ମାଣ ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ନିର୍ମାଣ କାମ ବ୍ଲକ ପ୍ରଶାସନ କରିନାହିଁ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ଭୂୟାଁ ବିଡ଼ିଓଙ୍କୁ ଜଣାଇଥିଲେ। ରାଜସ୍ୱ ବିଭାଗର ପୂର୍ବାନୁମତି ବିନା କାର୍ଯ୍ୟ କରାଯାଇଥିବାରୁ ଏହି ନିର୍ମାଣ ବେଆଇନ ବୋଲି ବିଡିଓ ପରିଡ଼ା କହିଛନ୍ତି। ଏ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯିବ ବୋଲି ଆବେଦନକାରୀଙ୍କୁ କୁହାଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୬-୧୭ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନ ଅଢେଇ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ମୌଜାରେ ବିଭାଗୀୟ ତତ୍ତ୍ୱାବଧାନରେ ଏକ ଶବଦାଦ ଗୃହ ନିର୍ମାଣ ପାଇଁ ସରପଞ୍ଚ କାର୍ଯ୍ୟାଦେଶ ଦେଇଥିଲେ। ଏହି ନିର୍ମାଣ କାର୍ଯ୍ୟର ତଦାରଖ ଓ ବୈଷୟିକ ସହାୟତା ବ୍ଲକର କନିଷ୍ଠ ଓ ସହକାରୀ ନିର୍ବାହୀଯନ୍ତ୍ରୀ କରିବା ପାଇଁ ନିୟମ ରହିଛି। ନିର୍ମାଣ ସ୍ଥଳୀର ଖାତା ନଂ. ୫୨୧ ଓ ପ୍ଲଟ୍ ନଂ. ୧୩୨୯ କିସମ ଗୋଚର ଥିଲା। ତେଣୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ହେଲେ ବ୍ଲକ ପ୍ରଶାସନ କିଛି ନ ଶୁଣିବାରୁ ଗ୍ରାମର ୪ ଜଣ ସାମାଜିକ କର୍ମୀ ହାଇକୋର୍ଟରେ ୨୦୨୦ରେ ମାମଲା ଦାଏର କରିଥିଲେ। କୋର୍ଟରୁ ନୋଟିସ୍ ଆସିବା ପରେ ବିଡିଓ ଉକ୍ତ କାମ ବନ୍ଦ କରିବା ପାଇଁ ୧୧।୩।୨୦ରେ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ମାମଲାର ଫଇସଲା କରି ଆବେଦନକାରୀଙ୍କୁ ନ୍ୟାୟ ଦେବା ପାଇଁ ହାଇକୋର୍ଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଗୋଚର ଜମିରେ କୌଣସି ନିର୍ମାଣ ପାଇଁ ଅନୁମତି ଦେବା କ୍ଷମତା ରାଜସ୍ୱ ଅଧିକାରୀମାନଙ୍କର ନାହିଁ ବୋଲି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ ୨୦୧୩ରେ ଉଲ୍ଲେଖ ଥିବା କଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପତ୍ର ସଂଖ୍ୟା ନଂ. ୩୯୪୦୩/୧୫।୧୨।୨୦୧୬ରେ ସୂଚନା ଦେଇସାରିଛି। ଏପରି କି ୨୦୧୭ରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ବିଚାରାଧୀନ ଦ୍ୱିତୀୟ ଅପିଲ ମାମଲା ନଂ. ୨୨୨୩/୨୦୧୭ରେ ତତ୍କାଳୀନ ବିଡିଓ, ସହକାରୀ ନିର୍ବାହୀଯନ୍ତ୍ରୀ ଜବାବ ଦାଖଲ କରିଥିଲେ। ଗୋଚର ଜମିରେ କୌଣସି ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନ କରେ ନାହିଁ ବୋଲି ଜବାବରେ ଉଲେଖ୍ୟ ଥିଲା।

## ଭାଜପାର ପ୍ରତିଷ୍ଠା ଦିବସରେ ଶୋଭାଯାତ୍ରା

କଟକ ଅଫିସ, ୬।୪

ଭାଜପାର ପ୍ରତିଷ୍ଠା ଦିବସ ଅବସରରେ କଟକ ନଗର ଭାଜପା ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ଘରେ ଘରେ ପତାକା ଲଗାଯାଇଥିଲା। ଏଥିସହ ସହରରେ ସାମୂହିକ ପଦଯାତ୍ରା, ସ୍ୱାସ୍ଥ୍ୟ ଶିବିର ଓ ମଣ୍ଡଳ ସ୍ତରରେ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଅପରାହ୍ନରେ କଲେଜଛକଠାରୁ ଏକ ଶୋଭାଯାତ୍ରା ବାହାରି ମଙ୍ଗଳାବାଗ, ବକ୍ସିବଜାର ଦେଇ ଗୌରୀଶଙ୍କର ପାର୍କଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ କୁମାର ମହାନ୍ତି, ନୟନ କିଶୋର ମହାନ୍ତି, ବିନୋଦ ଦାଶ, ଶ୍ରୀତମ ଦାସ, ସ୍ମୃତି ପଟ୍ଟନାୟକ, ସିକନ୍ଦର ଅଲ୍ଲୀ, ଲକ୍ଷ୍ମୀଧର ପ୍ରଧାନ, କଳ୍ପନା ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଦୁର୍ଯ୍ୟୋଧନ ଲେଙ୍କା, ନାରାୟଣ ପ୍ରସାଦ ମହାନ୍ତି, ସତ୍ୟବ୍ରତ ମିଶ୍ର, ବିବେକାନନ୍ଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ବାଲିଘାଟ ନିଲାମକୁ ନେଇ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

ବାଙ୍କୀ,୬।୪(ସ୍ୱ.ପ୍ର.)

ବାଙ୍କୀ ତହସିଲ ପରିସରଭୁକ୍ତ ପଟୁଗଦାଧରପୁରରେ ଥିବା ୨୦.୨୩୫ ହେକ୍ଟର ପରିମିତ ବାଲିଘାଟ ନିଲାମକୁ ନେଇ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସ୍କୁଲ ନିକଟରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ କଟକ ଜିଲା ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରିଣୀ ରଶ୍ମିତା ପ୍ରିୟଦର୍ଶିନୀ, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ତହସିଲଦାର ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବାଲିଘାଟଟି ୨ବର୍ଷ ଧରି ସରକାରୀସ୍ତରରେ ନିଲାମ ପ୍ରକ୍ରିୟାରେ ସମ୍ପନ୍ନ ନହୋଇ ପଡି ରହିଥିଲା। ଯେଉଁଥିପାଇଁକି ଏଠିକାର ଅଧିବାସୀ ଘର ନିର୍ମାଣ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବାଲି ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇ ଦୂରରେ ରହିଥିବା ଜାତମୁଣ୍ଡିଆ, କାଳିକା ପ୍ରସାଦ ଓ ବୈଦେଶ୍ୱର ବାଲିଘାଟ ଉପରେ ନିର୍ଭର କରୁଥିଲେ।

## ସିଏମ୍‌ସି: ୮ରୁ ସ୍ୱଚ୍ଛ ସର୍ବେକ୍ଷଣ

**କଟକରେ ପହଞ୍ଚିଲେ ୫ କେନ୍ଦ୍ରୀୟ ଟିମ୍**

କଟକ ଅଫିସ,୬।୪

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ଟି ୱାର୍ଡରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ପାଇଁ ବୁଧବାର ୫ଟି କେନ୍ଦ୍ରୀୟ ଦଳ କଟକ ଆସିଛନ୍ତି। ଆସନ୍ତା ୮ ତାରିଖରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସିଏମ୍‌ସି ଲୋକମାନଙ୍କୁ ସେବା ଯୋଗାଇ ଦେଉଛି କି ନାହିଁ, କ'ଣ ଅସୁବିଧା ରହିଛି ସେ ସମ୍ପର୍କରେ ଟିମ୍‌ର ସଦସ୍ୟମାନେ ଲୋକମାନଙ୍କଠାରୁ ପଚାରିବୁଝିବେ। ଉକ୍ତ ଟିମ୍‌ରେ ୨ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି। ସିଏମ୍‌ସିର ଅଧିକାରୀମାନେ ଉକ୍ତ ଟିମ୍‌କୁ ସହଯୋଗ କରିବେ। ବିଶେଷକରି ଯାଞ୍ଚ ସମୟରେ ୩ଟି ମାନଦଣ୍ଡକୁ ଗୁରୁତ୍ୱ ଦିଆଯିବ। ସେବାସ୍ତର ପ୍ରଗତି, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଓ ମ୍ୟାଟେରିଆଲ ରିକୋଭରି ଫ୍ୟାସିଲିଟି(ଏମ୍‌ଆର୍‌ଏଫ୍)ର ଅନୁଧ୍ୟାନ, ମଳମୁକ୍ତ ଅଞ୍ଚଳର ବାସ୍ତବ ସ୍ଥିତି ଏବଂ ଶୌଚାଳୟ ବ୍ୟବସ୍ଥାକୁ ଯାଞ୍ଚ କରାଯିବ। ଏହି ଯାଞ୍ଚରେ ନାଗରିକମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ। ଫଳରେ ସିଏମ୍‌ସି ସେବାରେ ସହରବାସୀ ସନ୍ତୁଷ୍ଟ କି ନାହିଁ ତାହା ଜଣାପଡିବ। ସିଏମ୍‌ସି ଗତ ୬ଟି ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ପ୍ରଦର୍ଶନ କରିପାରିନାହିଁ। ବର୍ତ୍ତମାନ ସୁଦ୍ଧା କଟକ ସ୍ୱଚ୍ଛ ସହର ତାଲିକାରେ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇନାହିଁ। ସହରରେ ନିୟମିତ ସଫେଇ କରାଯାଉଥିଲେ ମଧ୍ୟ କିଛି ବ୍ୟବସ୍ଥା ଯୋଗୁ ସିଏମ୍‌ସି ବହୁ ପଛରେ ରହିଛି। ଜଳବନ୍ଦୀ ସମସ୍ୟା, ଫୁଟୁଳା ଡ୍ରେନ୍, ଅଧାପନ୍ତରିଆ ବକ୍ସଡ୍ରେନ ନିର୍ମାଣ ଆଦି କାର୍ଯ୍ୟ ସର୍ଭେବେଳେ ସିଏମ୍‌ସିର ମାର୍କ ଉପରେ ପ୍ରଭାବ ପକାଇବ। ଚଳିତଥର ଭଲ ପ୍ରଦର୍ଶନ ନିମନ୍ତେ ଆଶା ରହିଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି।

## ଧାନ ବିକ୍ରି କରି ନ ପାରି ଚାଷୀଙ୍କ ରାସ୍ତାରୋକୋ

- ଧାନ ବସ୍ତାରେ ନିଆଁ ଲଗାଇ ପ୍ରତିବାଦ
- ନିଲମ୍ବିତ ହେଲେ ସମ୍ପାଦକ

ନିଶ୍ଚିନ୍ତକୋଇଲି, ୬।୪(ସ୍ୱ.ପ୍ର.)

ଟୋକନ ଥିବା ସତ୍ତ୍ୱେ ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ କରି ଚାଷୀମାନେ ନିଶ୍ଚିନ୍ତକୋଇଲି ବ୍ଲକ ବଡ଼ଖୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁରସ୍ଥିତ କଟକ-ଚାନ୍ଦବାଲି ରାସ୍ତାକୁ ପଣସପଡ଼ିଆ ଛକରେ ଅବରୋଧ କରିଥିଲେ। ଏପରିକି ଧାନ ବସ୍ତା ରଖି ପୋଡି ଦେଇଥିଲେ। ଫଳରେ ଦୀର୍ଘ ୪ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣାରେ ବାଲିଆପଦା ସେବା ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ କରିବାକୁ ସେମାନେ ଦାବି କରିଥିଲେ। ବାଧ୍ୟ ହୋଇ ଶେଷରେ ସମ୍ପାଦକ ଦିବାକର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଏହି ସେବା ସମିତି ରହିଛି। ଏହି ସମିତି ମାଧ୍ୟମରେ ସ୍ଥାନୀୟ ବାଲିଆପଦା, ସରପଡା ପଞ୍ଚାୟତ ସମେତ ବୁହାଳୋ ପଞ୍ଚାୟତର ବହୁ ଚାଷୀ ଧାନ ବିକ୍ରି କରିଥାନ୍ତି। ଚଳିତ ଖରିଫ ଋତୁରେ ଏହି ମଣ୍ଡିରେ ୨୮୩ ଜଣ ଚାଷୀଙ୍କଠାରୁ ୮୧୬୪ କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର କେବଳ ୧୧୪ ଜଣ ଚାଷୀଙ୍କ ଠାରୁ ୩୮୧୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ ମଣ୍ଡି ବନ୍ଦ କରି ଦିଆଯାଇଛି। ଚାଷୀଙ୍କ ଟୋକନ ବ୍ୟବସାୟୀମାନଙ୍କୁ ଦିଆଯାଇ ସେମାନଙ୍କଠାରୁ ଧାନ କିଣାଯାଇଛି। ଫଳରେ ବହୁ ଚାଷୀ ବଳକା ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିରେ ସମ୍ପାଦକ ସାହୁଙ୍କ ଭୂମିକା ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୂର୍ବରୁ କଟକ ଜିଲାପାଳ, ସମବାୟ ବିଭାଗ ଅଧିକାରୀ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସେମାନେ କହିଛନ୍ତି। ପ୍ରତିବାଦରେ ସରପଡା କୃଷକ ନେତା ରାୟଗୁରୁ ବିଜୟ କିଶୋର ମିଶ୍ରଙ୍କ ନେତୃତ୍ୱରେ ବହୁ ଚାଷୀ ପଣସପଡ଼ିଆରେଠାରେ ଏକତ୍ରିତ ହୋଇ ବିରୋଧ କରିଥିଲେ। ଖବରପାଇ ଏଆରସିସି ଅନିତା ବେହେରା, ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାତ୍ରୀ, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ଏଆରସିସି ଏକ କମିଟି ଗଠନ କରି ଚାଷୀଙ୍କ ଧାନ କ୍ରୟ ନିମନ୍ତେ ସରକାରଙ୍କ ନିକଟକୁ ସୁପାରିସ ପତ୍ର ପଠାଇବା ସହ ସମ୍ପାଦକ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଗଲା ବୋଲି ଘୋଷଣା କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ କୃଷକ ନେତା ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ରାମଚନ୍ଦ୍ର ମଲିକ ଓ ରମାକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ନିଲମ୍ବନ ସମ୍ପର୍କରେ ସମ୍ପାଦକ ସାହୁଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଧାନବସ୍ତାରେ ନିଆଁ ଲଗାଇ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।